# ମଡ୍ୟୁଲ – ୧
# ଯୁଗେ ଯୁଗେ ଭାରତ ଓ ପୃଥିବୀ


ମୁଖବନ୍ଧ

ପାଠ – ୧ : ପୁରାତନ ଯୁଗ

ପାଠ – ୨ : ମଧ୍ୟଯୁଗ

ପାଠ – ୩ : ଆଧୁନିକ ପୃଥିବୀ – ୧

ପାଠ – ୪ : ଆଧୁନିକ ପୃଥିବୀ – ୨

ପାଠ – ୫ : ଭାରତ ଉପରେ ବ୍ରିଟିଶ ଶାସନର ପ୍ରଭାବ : ଆର୍ଥିକ, ସାମାଜିକ ଏବଂ ସାଂସ୍କୃତିକ (୧୭୫୭–୧୮୫୭)

ପାଠ – ୬ : ଭାରତୀୟ – ଉପନିବେଶରେ ଧାର୍ମିକ ଓ ସାମାଜିକ ଜାଗରଣ

ପାଠ – ୭ : ଇଂରେଜ ଶାସନର ପ୍ରତିରୋଧ

ପାଠ – ୮ : ଭାରତୀୟ ଜାତୀୟ ଆନ୍ଦୋଳନ

# ସାମାଜିକ ବିଜ୍ଞାନ
# ମୁଖବନ୍ଧ

## ମୁଖବନ୍ଧ

ମନେ ମନେ କଳ୍ପନା କର ଯେ, ତୁମ ନିକଟରେ ଏକ ସମୟ ମେସିନ (ଯନ୍ତ୍ର) ଥିଲା, ଯାହା ତୁମକୁ ବହୁ ପୁରାତନ ଅତୀତକୁ ନେଇ ଯାଇଥିଲା, ଯେତେବେଳେ ତୁମର ପୂର୍ବ ପୁରୁଷମାନେ ଛୋଟ ପିଲା ଥିଲେ । ତୁମେ ଦେଖିଲ ଯେ, ତୁମର ଘର ଓ ପାରିପାର୍ଶ୍ୱ ସମ୍ପୂର୍ଣ୍ଣ ଅଲଗା ଥିଲା । ଯଦି ତୁମେ ଆହୁରି ଦୂର ଅତୀତକୁ ଯାତ୍ରା କରିବ, ତୁମର ପୂର୍ବ ପୁରୁଷମାନେ ବ୍ୟବହାର କରୁଥିବା ଖାଦ୍ୟ, ପୋଷାକ ଓ ଭାଷାର ବ୍ୟବହାର ଦେଖି, ତୁମେ ସମ୍ପୂର୍ଣ୍ଣ ଭାବେ ଆଶ୍ଚର୍ଯ୍ୟ ହୋଇଯିବ । ତେଣୁ ଆମର ଅତୀତ ସମ୍ପର୍କରେ ଜାଣିବା ପାଇଁ ଆମେ ସର୍ବଦା ଆଗ୍ରହୀ ନ ହେବୁ କାହିଁକି ? ତୁମେ ବିବେଚନା କରୁଛ ଯେ, ଆମ୍ଭେ ବର୍ତ୍ତମାନ ଅତୀତ ସଙ୍ଗେ ସମ୍ପର୍କ ସ୍ଥାପନ କରି ପାରିବା । ଏହା ବୁଝି ହେଉ ନଥିବା ବିଷୟ ବା ଘଟଣା ସଦୃଶ ହେଉଅଛି କି, ଯାହା ଆମେ ନିଶ୍ଚିତ ଭାବେ ସମାଧାନ କରିବା ଜରୁରୀ ? ଏହା କରିବା ପାଇଁ, ଆମକୁ ଏହାର ଉତ୍ପତ୍ତି ଓ ବିକାଶର ସାହାଯ୍ୟ ନେଇ ବୁଝିବାକୁ ହେବ ଯେ, ମଣିଷ ଜୀବନ କିପରି ପ୍ରାକ୍ ଐତିହାସିକ ଯୁଗରୁ ବର୍ତ୍ତମାନ ସୁଦ୍ଧା କ୍ରମ ବିକାଶ ପଥରେ ଆଗେଇ ଚାଲିଛି ।

## ଉଦ୍ଦେଶ୍ୟ

ଏହି ବିଷୟଟି ପଢ଼ି ସାରିବା ପରେ ତୁମେମାନେ –

- ସାମାଜିକ ବିଜ୍ଞାନରେ, ଇତିହାସ, ଭୂଗୋଳ, ଅର୍ଥନୀତି, ରାଜନୀତି ବିଜ୍ଞାନ ଓ ସମାଜ ବିଜ୍ଞାନ ପ୍ରଭୃତି ବିଷୟକୁ ଅନ୍ତର୍ଭୁକ୍ତ କରାଯାଇଛି ବୋଲି ବୁଝିବାକୁ ସକ୍ଷମ ହେବ ।
- ଉପର ଲିଖିତ ସମସ୍ତ ବିଷୟର ଘଟଣା ସମୂହ ସାମାଜିକ ବିଜ୍ଞାନ ସହ ସମ୍ବନ୍ଧିତ ବୋଲି ପ୍ରମାଣ କରାଯାଇପାରିବ ।
- ମନୁଷ୍ୟ ସମାଜ ବିଭିନ୍ନ ସ୍ତରର ବିକାଶ କିପରି ସମ୍ଭବ ହୋଇଛି ତାହା ଆଲୋଚନା କରିପାରିବ ।
- ବର୍ତ୍ତମାନର ସମାଜ ପାଇଁ ଥିବା ସୁଯୋଗ ଓ ଆହ୍ୱାନଗୁଡ଼ିକର ସୂଚନାଗୁଡ଼ିକୁ ପର୍ଯ୍ୟାଲୋଚନା କରାଯାଇପାରିବ ।

## ୦.୧ ଶିକ୍ଷାଦାନ କ୍ଷେତ୍ରରେ ସାମାଜିକ ବିଜ୍ଞାନର ଭୂମିକା

ସାମାଜିକ ବିଜ୍ଞାନ ସର୍ବଦା ସମାଜ ସଙ୍ଗେ ସମ୍ପୃକ୍ତ ବୋଲି ଏହାର ନାମକରଣ ଏପରି କରାଯାଇଛି । ଏହା ସମାଜର ସମସ୍ତ ଦିଗକୁ ବୁଝିବାର ଲକ୍ଷ ରଖିବା ସଙ୍ଗେ ସଙ୍ଗେ ସମାଜର ପ୍ରତ୍ୟେକ ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରିଅଛି । ଏହାର ଜ୍ଞାନର ପରିସୀମା ସୁଦୂର ପ୍ରସାରୀ ଓ ଏହା ଅନେକ ବିଷୟଗତ ଜ୍ଞାନର ଅଧିକାରୀ । ଏମାନଙ୍କ ମଧ୍ୟରେ ଇତିହାସ ଓ ପ୍ରତ୍ନତତ୍ତ୍ୱ ବିଦ୍ୟା, ଭୂଗୋଳ, ରାଜନୀତି ବିଜ୍ଞାନ, ସମାଜ ବିଜ୍ଞାନ ଓ ଅର୍ଥଶାସ୍ତ୍ର ପ୍ରଭୃତି ମୁଖ୍ୟ ଅଟେ । ଆମ୍ଭମାନଙ୍କ କ୍ଷେତ୍ରରେ ଉକ୍ତ ବିଷୟରେ ଜ୍ଞାନ ଆହରଣ କରିବା ଆବଶ୍ୟକ ଅଟେ । ସାମାଜିକ ବିଜ୍ଞାନ ସମ୍ପର୍କିତ ବିଭିନ୍ନ ଭାଗ ଓ ମଡ୍ୟୁଲର ପାଠ୍ୟବସ୍ତୁ ଉକ୍ତ ବିଷୟଗୁଡ଼ିକ ସହ ସଂପୃକ୍ତ ।

ଏହି ୟୁନିଟ୍‌ରେ ଆମେ ସାମାଜିକ ବିଜ୍ଞାନ ଓ ସ୍ୱତନ୍ତ୍ରଭାବେ ଇତିହାସର ପାଠ୍ୟବସ୍ତୁ ବୁଝିବାକୁ ଚେଷ୍ଟା କରିବା । ଆମ୍ଭେମାନେ ମଧ୍ୟ ସାମାଜିକ ବିଜ୍ଞାନ ପଠନର ଗୁରୁତ୍ୱ, ଯାହା ଆମ ଜୀବନ ସହିତ ଅତି ନିବିଡ଼ଭାବେ ସଂପୃକ୍ତ ଅଟେ, ତାହାକୁ ସରଳ ଭାବେ ବୁଝିପାରିବା । ଆମେ ମଧ୍ୟ ଦେଖିବା ଯେ, ମଣିଷ ଜୀବନ କିପରି ବିଭିନ୍ନ ସ୍ତର ଦେଇ ଅତୀତର ଜଙ୍ଗଲି ଜୀବନଠାରୁ ବର୍ତ୍ତମାନର ସହରୀ ଜୀବନରେ ପହଞ୍ଚିପାରିଛି । ଆମେ, ଇତିହାସର କେବଳ ଅତୀତ ଘଟଣା ସମୂହକୁ ନ ପଢ଼ି, ସେଥିରେ ଥିବା ଉପାଦେୟତା ଓ ଆବଶ୍ୟକ ଜ୍ଞାନ ସମ୍ପର୍କରେ ପରିଚିତ ହେବା । ସାମାଜିକ ବିଜ୍ଞାନ, ବିଭିନ୍ନ ବିଷୟ ମଧ୍ୟରେ ପରସ୍ପର ସଂଯୋଗ କରିବା ପାଇଁ ଆବଶ୍ୟକୀୟ ଦକ୍ଷତା ବଢ଼ାଇବାରେ ଆମକୁ ସାହାଯ୍ୟ କରିବ । ଉକ୍ତ ବିଷୟ ଦ୍ୱାରା, ବିଭିନ୍ନ ଘଟଣା ଓ ବିକାଶ ପ୍ରକ୍ରିୟା ମଧ୍ୟରେ ସଂଯୋଗ ସ୍ଥାପନର କୌଶଳ ସମ୍ପର୍କରେ ଶିକ୍ଷା ଲାଭ କରିହେବ । ଏହା ମଧ୍ୟ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ମଧ୍ୟରେ ସମ୍ପର୍କ ସ୍ଥାପନରେ ଆମକୁ ସହାୟକ ହେବ । ବର୍ତ୍ତମାନ, ଉକ୍ତ ବିଷୟଗୁଡ଼ିକ ସମ୍ବନ୍ଧରେ ଅଧିକ ଜାଣିବା ଓ ଏହା ମଣିଷ ଜୀବନ ଉପରେ କିପରି ପ୍ରଭାବ ସୃଷ୍ଟି କରୁଛି ତାହା ବୁଝିବାକୁ ଚେଷ୍ଟା କରିବା ।

ତୁମେ କାହିଁକି ଭାବୁଛ, ମାଧ୍ୟମିକସ୍ତରର ସାମାଜିକ ବିଜ୍ଞାନ ପାଠ୍ୟବସ୍ତୁ ତୁମ ଚତୁଃପାର୍ଶ୍ୱରେ ଥିବା ସମାଜକୁ ଉତ୍ତମଭାବେ ବୁଝିବାରେ ସାହାଯ୍ୟ କରିବ ? ଅତି କମ୍‌ରେ ଦୁଇଟି କାରଣ ସହ ଆଲୋଚନା କର ।

. . . . . . . . . . . . . . . . . . . . . . . . . . . . . . . . . . . . . . . . . . . . . . . . . . . . . . . . . . . . . . .

. . . . . . . . . . . . . . . . . . . . . . . . . . . . . . . . . . . . . . . . . . . . . . . . . . . . . . . . . . . . . . .

. . . . . . . . . . . . . . . . . . . . . . . . . . . . . . . . . . . . . . . . . . . . . . . . . . . . . . . . . . . . . . .

. . . . . . . . . . . . . . . . . . . . . . . . . . . . . . . . . . . . . . . . . . . . . . . . . . . . . . . . . . . . . . .

## ୦.୨ ସାମାଜିକ ବିଜ୍ଞାନ ପଠନ

କୌଣସି ଶିକ୍ଷାଗତ ବିଭାଗ କିମ୍ବା ଅଧ୍ୟୟନ କ୍ଷେତ୍ର ଜ୍ଞାନର ଏକ ଉପବିଭାଗ ଅଟେ ଯାହା ଶିକ୍ଷାର ବିଭିନ୍ନ ସ୍ତରରେ ପଢ଼ାଯାଏ ଓ ବିଶ୍ୱବିଦ୍ୟାଳୟ ସ୍ତରରେ ତତ୍ତ୍ୱର ପରୀକ୍ଷା ନିରୀକ୍ଷା କରାଯାଏ । ଯେ କୌଣସି ପଠନ କ୍ଷେତ୍ରର ଅନେକ ଉପବିଭାଗ କିମ୍ବା ଶାଖା ଥାଏ । ଏଗୁଡ଼ିକ ବେଳେ ବେଳେ ଅନ୍ୟର ନକଲ ସଦୃଶ ହୋଇପାରେ । ସାମାଜିକ ବିଜ୍ଞାନର କେତେକ ପ୍ରଧାନ ଶାଖା କିମ୍ବା ଉପବିଭାଗ ମଧ୍ୟରେ ଅର୍ଥନୀତି, ଇତିହାସ ଏବଂ ପ୍ରତ୍ନତତ୍ତ୍ୱ ବିଦ୍ୟା, ଭୂଗୋଳ, ରାଜନୀତି ବିଜ୍ଞାନ ଓ ସମାଜ ବିଜ୍ଞାନ ମୁଖ୍ୟ ଅଟେ ।





ତୁମେ ଜାଣିଲେ ଆଶ୍ଚର୍ଯ୍ୟ ହେବ ଯେ, ଆରମ୍ଭରେ କେବଳ ଗୋଟିଏ ବିଭାଗ ଥିଲା । ତାହା ଦର୍ଶନ ଶାସ୍ତ୍ର ଅଟେ । ଦର୍ଶନ ଶାସ୍ତ୍ର ସର୍ବଦା ଜ୍ଞାନ ଓ ବିଜ୍ଞତାର ପୂଜାରୀ ଅଟେ । ସେଥିଯୋଗୁଁ ବର୍ତ୍ତମାନ ସୁଦ୍ଧା ପିଏଚ୍.ଡ଼ି ଉପାଧିକୁ ପ୍ରତ୍ୟେକ ବିଷୟରେ ଉଚ୍ଚ ଉପାଧି ଭାବେ ଗ୍ରହଣ କରାଯାଉଛି । ପରବର୍ତ୍ତୀ ସମୟରେ, ଯେତେବେଳେ ଜ୍ଞାନର ସୀମା ବୃଦ୍ଧି ହେଲା, ଏହାକୁ ବିଭିନ୍ନ ବିଭାଗରେ ବିଭକ୍ତ କରିବାର ଆବଶ୍ୟକତା ଉପଲବ୍ଧ ହେଲା । ବିଜ୍ଞାନ ଓ ସାମାଜିକ ବିଜ୍ଞାନ ମଧ୍ୟରେ ପାର୍ଥକ୍ୟ ସୃଷ୍ଟି ହେଲା । ଉଭୟ ବାସ୍ତବତାର ବିଭିନ୍ନ ଦିଗକୁ ବିଚାର କରନ୍ତି । ପରିବେଶ ବିଜ୍ଞାନ ପ୍ରାକୃତିକ ଓ ଭୌତିକ ଜ୍ଞାନର ଆଧାର ଅଟେ । କିନ୍ତୁ, ଅନ୍ୟପକ୍ଷରେ ସାମାଜିକ ବିଜ୍ଞାନ ମନୁଷ୍ୟ ଓ ସମାଜର ବିଭିନ୍ନ ଦିଗର ଜ୍ଞାନ ସମ୍ପର୍କରେ ପର୍ଯ୍ୟାଲୋଚନା କରେ । ଆମ୍ଭେ ବର୍ତ୍ତମାନ ଇତିହାସରୁ ଆରମ୍ଭ କରିବା ।

## ୦.୨.୧ ଇତିହାସ ଓ ପ୍ରତ୍ନତତ୍ତ୍ୱ ବିଦ୍ୟା

ଇତିହାସ କ'ଣ ? ଏହା ଅତୀତ ଘଟଣାମାନଙ୍କ ସମାହାର । ଏହା ମନୁଷ୍ୟର ଅଭିଜ୍ଞତା ଓ କୃତିତ୍ୱର ଏକ ଗାଥା । ଏହା ମଧ୍ୟ ପ୍ରକୃତ ମଣିଷ ଓ ବସ୍ତୁମାନଙ୍କର କାହାଣୀ ଅଟେ । ଏହା କୌଣସି ନିର୍ଦ୍ଦିଷ୍ଟ ଧାରଣା ଓ ଆଦର୍ଶ ପଠନର ଅଭିବ୍ୟକ୍ତ କ'ଣ ଥିଲା କିମ୍ବା କ'ଣ ହେବା ଉଚିତ୍, ତାହା କୁହେ ନାହିଁ । ଏହା କେବଳ ଅତୀତରେ କ'ଣ ହୋଇଛି ତାହାର ସୂଚନା ଦିଏ । ଏହା କେବଳ ବ୍ୟକ୍ତି ବିଶେଷର କଥନ ନହୋଇ ଜାତି ଓ ସମାଜର ଦର୍ପଣ ସଦୃଶ ଅଟେ । ଜାତି, ଧର୍ମ, ବର୍ଣ୍ଣ, ଗୋଷ୍ଠୀ, ଧନୀ, ଦରୀଦ୍ର ପ୍ରଭୃତି ଅବସ୍ଥାର ବିଚାର ନକରି, ଏହା ସମଗ୍ର ମନୁଷ୍ୟ ଜାତିର ଉତ୍ଥାନ ଓ ପତନ ସଂପର୍କରେ ଅବଗତ କରାଇଥାଏ । ପୂର୍ବକାଳରେ ଆମ ପୂର୍ବ ପୁରୁଷମାନଙ୍କ ଜୀବନରେ କ'ଣ ଘଟୁଥିଲା, ସେ ବିଷୟରେ ତୁମେ କେବେ ବିସ୍ମୟଭାବ ପ୍ରକଟ କରିଅଛ କି ? ଏହି ପୁସ୍ତକରେ ତୁମେ ସେ ବିଷୟରେ ଶିକ୍ଷାଲାଭ କରିବ । ଉକ୍ତ ବିଷୟ ବସ୍ତୁର ପଠନ ସମୟରେ ଯେଉଁ ଘଟଣାଗୁଡ଼ିକ ତୁମମାନଙ୍କୁ ପସନ୍ଦ ହେଲା, ତାହା ନୋଟ୍ ଖାତାରେ ନିଶ୍ଚୟ ଲେଖିବ । ତୁମେ ଯଦି ଏ ବିଷୟରେ ଅଧିକ ଜ୍ଞାନର ଅଧିକାରୀ ହେବାକୁ ଚାହୁଁଥାଅ, ତେବେ ପୁସ୍ତକାଗାର ଯାଇପାର କିମ୍ବା ଇଣ୍ଟରନେଟ୍‌ର ସାହାଯ୍ୟ ନେଇପାର ।

## ଆମେ କାହିଁକି ଇତିହାସ ଅଧ୍ୟୟନ କରିବା

ଇତିହାସ ଅଧ୍ୟୟନ ଆମର ଉତ୍ପତ୍ତି, ବଳ ଓ କୀର୍ତ୍ତି ସମ୍ପର୍କରେ ଜାଣିବା ପାଇଁ ସାହାଯ୍ୟ କରେ । ଯଦି ଆମର ଅତୀତ ଘଟଣା ଉପରେ ସଠିକ ଜ୍ଞାନ ଓ ଧାରଣା ନାହିଁ, ତେବେ ଆମର ବିକାଶର ସ୍ଥିତିକୁ ବୁଝିବା ସମ୍ଭବପର ହୋଇ ନଥାଏ । ଏହା ଏକ ସାଧାରଣ ବିଶ୍ୱାସ ଯେ, ଇତିହାସ ଅତୀତ ଘଟଣାବଳୀର ମୂକସାକ୍ଷୀ ଯାହାକୁ ଆମେ ମୃତ ବୋଲି ଭାବୁଛେ । ପ୍ରକୃତରେ, ବର୍ତ୍ତମାନ ଓ ଭବିଷ୍ୟତ ପାଇଁ ଅତୀତରୁ ଅନେକ ବିଷୟ ଶିକ୍ଷା ଲାଭ ହୋଇଥାଏ । ଆମ ଜୀବନ ପାଇଁ ଯାହା ଅବଶ୍ୟକ ତାହା ଅତୀତ ଇତିହାସ ହିଁ ସୂଚିତ କରିବାର ଦାୟିତ୍ୱ ନେଇଥାଏ । ସୁସ୍ଥ ଜୀବନ ପାଇଁ ପୁରୁଷ ଓ ମହିଳାମାନଙ୍କ ମିଳିତ ସହଯୋଗକୁ ଇତିହାସ ହିଁ ଲିପିବଦ୍ଧ କରିଥାଏ । ଯେତେବେଳେ ଆମେ ଭାବିବା ସୁଦୂର ଅତୀତ ସମ୍ପର୍କରେ ଜାଣିବା କିପରି ? ଆମକୁ ପ୍ରତ୍ନତତ୍ତ୍ୱ ବିଦ୍ୟା ସଙ୍ଗେ ସମ୍ପର୍କ ସ୍ଥାପନ କରିବାକୁ ହେବ । ଏହି ସମ୍ପର୍କକୁ ଭବିଷ୍ୟତ ବଂଶଧରମାନଙ୍କ ପାଇଁ ସଂରକ୍ଷିତ କରିବାକୁ ହେବ ।

ଅତି ପୁରୁଣାକାଳର ସମାଜ ଓ ସଂସ୍କୃତିକୁ ଅଧ୍ୟୟନ କରିବାକୁ ପ୍ରତ୍ନତତ୍ତ୍ୱ ବିଦ୍ୟା କୁହାଯାଏ । ଅତୀତ ଘଟଣାବଳୀର ଚିହ୍ନଗୁଡ଼ିକୁ ସେ ସମୟର ଅବଶିଷ୍ଟାଂଶ ପଦାର୍ଥରୁ ଦେଖି ଜାଣିହୁଏ । ସେଗୁଡ଼ିକ ମଧ୍ୟରେ କଳାକୃତି ଅଂଶ, ମାଟିରେ ମିଶିଯାଇଥିବା ପଦାର୍ଥ, ଭଗ୍ନ ଗୃହ, ସ୍ମାରକ ସ୍ତମ୍ଭ ବା ଗୃହ ପ୍ରଭୃତି ମୁଖ୍ୟ ଅଟେ ଯାହା ପ୍ରତ୍ନତତ୍ତ୍ୱବିତ୍‌ମାନଙ୍କ ଦ୍ୱାରା ପଠନ କରାଯାଏ । ଉକ୍ତ ପଦାର୍ଥଗୁଡ଼ିକ କେଉଁ ସମୟର, ଏ ବିଷୟରେ ଧାରଣା କେବଳ ସେହିମାନେ ହିଁ ଦେଇ ପାରନ୍ତି । ପୁରାତନ କାଳର, ପଢ଼ି ଓ ବୁଝିହେଉ ନଥିବା ଲେଖାଗୁଡ଼ିକ ମଧ୍ୟ ପ୍ରତ୍ନତତ୍ତ୍ୱ ବିଦ୍ୟାର ଅନ୍ତର୍ଭୁକ୍ତ ଅଟେ । ଉକ୍ତ ଲେଖାଗୁଡ଼ିକ ବିଶ୍ୱାସନୀୟ ଧାରଣା ଦେଇଥାଏ ।

ଅଧିକାଂଶ ସମୟରେ ପୁରାତନକାଳର ଚିହ୍ନଗୁଡ଼ିକ ଭୂମିତଳେ ପୋତିହୋଇ ଯାଉଥିବାର ଦେଖାଯାଏ ଯାହାକୁ ଖୋଳି ବାହାର କରାଯାଏ । ଏହାକୁ ପ୍ରତ୍ନତାତ୍ତ୍ୱିକ ଖନନ କୁହାଯାଏ । ମହେଞ୍ଜୋଦାରୋ ହରପ୍ପା ଓ ନାଳନ୍ଦା ପ୍ରଭୃତି ପ୍ରତ୍ନତାତ୍ତ୍ୱିକ ଖନନ ମୁଖ୍ୟ ଅଟେ । ଯେଉଁଠାରୁ ଅନେକ ମୂଲ୍ୟବାନ ପଦାର୍ଥ ମିଳି ପାରିଥିଲା । ଗୁଜୁରାଟ ଉପକୂଳରୁ ଏକ ପୁରାତନ ନଗରର ଧ୍ୱଂସାବଶେଷ ବର୍ତ୍ତମାନ ଆବିଷ୍କୃତ ହୋଇଛି । ହିନ୍ଦୁମାନଙ୍କ ଦେବତା ଭଗବାନ ଶ୍ରୀକୃଷ୍ଣଙ୍କ ସହର ଦ୍ୱାରକା ଓ ହରିୟାନାର ରକ୍ଷିଗାଢ଼ି ସହରର ଖନନ ଖୁବ୍ କମ୍ ଦିନର ଆବିଷ୍କାର ଅଟେ । ଏହି ସହର ଗୁଡ଼ିକ ଦେଖିବାର ସୁଯୋଗ ମିଳିଲେ ଆମର ପୁରାତନ ସଭ୍ୟତାର ରୂପରେଖ ସମ୍ପର୍କରେ ଜାଣିବାର ଆଗ୍ରହ ବୃଦ୍ଧି ଘଟନ୍ତା । ପ୍ରତ୍ନତାତ୍ତ୍ୱିକ କାର୍ଯ୍ୟକ୍ରମ ଭିତରେ ଶିଳାଲିପି, ସ୍ତମ୍ଭ, ଧାତୁନିର୍ମିତ ଥାଳି, ମୁଦ୍ରା, ମୋହର, କୀର୍ତ୍ତିସ୍ତମ୍ଭ, ଯନ୍ତ୍ରପାତି, ବିଭିନ୍ନ ପ୍ରକାର ପାତ୍ର, ଖେଳନା ଓ ଛବି ପ୍ରଭୃତିର ଆବିଷ୍କାରକୁ ଅନ୍ତର୍ଭୁକ୍ତ କରାଯାଇଛି । ରଙ୍ଗ କରିବା, ମୂର୍ତ୍ତି ଗଠନ କାରୁକାର୍ଯ୍ୟ ଓ ସ୍ଥାପତ୍ୟ ବିଦ୍ୟା ପ୍ରଭୃତି କଳାକୃତି ଏକ ନିର୍ଦ୍ଦିଷ୍ଟ ସମୟର ସଂସ୍କୃତି ବିଷୟରେ ସୂଚନା ଦେଇଥାଏ । ତୁମେ ତୁମର ନଗର କିମ୍ବା ସହରରେ ଥିବା ସଂଗ୍ରହାଳୟକୁ ଯାଇ ଦେଖ କିମ୍ବା କୌଣସି ବ୍ୟକ୍ତି ସଂଗ୍ରହ କରିଥିବା କଳାକାରୁକାର୍ଯ୍ୟକୁ ବି ଦେଖ । ଏହାର ଏକ ତାଲିକା ପ୍ରସ୍ତୁତ କର ଏବଂ ଏଗୁଡ଼ିକ କେଉଁ ସମୟର ବୋଲି ଉତ୍ତର ଖୋଜିବାକୁ ଚେଷ୍ଟା କର । ତୁମେ ଏ ବିଷୟରେ ଯଥେଷ୍ଟ ଜ୍ଞାନ ଆହରଣ ପାଇଁ କୌଣସି ପୁସ୍ତକାଗାର କିମ୍ବା ଇଣ୍ଟରନେଟ୍‌ର ସାହାଯ୍ୟ ନେଇପାର । ବିଭିନ୍ନ ବହି, ଖବରକାଗଜ ଓ ମାଗାଜିନ୍‌ରୁ ମଧ୍ୟ ଅନେକ ସୂଚନା ମିଳିବାର ସମ୍ଭାବନାକୁ ଅସ୍ୱିକାର କରାଯାଇ ପାରିବ ନାହିଁ ।

## ? ତୁମେ ଜାଣ କି

ସଂସ୍କୃତି ବିଭାଗ ଦାୟିତ୍ୱରେ ଥିବା ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା ଅତୀତର ସାଂସ୍କୃତିକ ଐତିହ୍ୟର ସୁରକ୍ଷା ନିମିତ୍ତ ଉଦ୍ଦିଷ୍ଟ ଏକ ପୁରାତନ ଅନୁଷ୍ଠାନ ଅଟେ । ପୁରାତନ କାଳର କୀର୍ତ୍ତି ଓ ବିଭିନ୍ନ ପ୍ରତ୍ନତାତ୍ତ୍ୱିକ କ୍ଷେତ୍ରର ସୁରକ୍ଷା କରିବା ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥାର ଦାୟିତ୍ୱ ଅଟେ । ସମଗ୍ର ଦେଶର ପ୍ରତ୍ନତାତ୍ତ୍ୱିକ କ୍ଷେତ୍ରକୁ ୨୪ଟି ମଣ୍ଡଳରେ ବିଭକ୍ତ କରାଯାଇଛି । ଉକ୍ତ ସଂସ୍ଥାରେ ପ୍ରତ୍ନତାତ୍ତ୍ୱିକ କାର୍ଯ୍ୟକ୍ରମ ଓ ଗବେଷଣା ପାଇଁ ଅନେକ ପ୍ରତ୍ନତତ୍ତ୍ୱବିତ୍ , ପରିବେଶ ସଂରକ୍ଷଣକାରୀ, ସ୍ଥାପତ୍ୟ ବିଦ୍ୟାବିତ୍ ଓ ବୈଜ୍ଞାନିକମାନଙ୍କୁ ନିଯୁକ୍ତି ଦିଆଯାଇଛି । ଏହି ସଂସ୍ଥାର ୱେବସାଇଟ୍‌ରୁ (www.asi.nic.in) ଅନେକ ସୂଚନା ମଧ୍ୟ ମିଳିପାରିବ ।

## ପାଠଗତ ପ୍ରଶ୍ନାବଳୀ –୦.୧

୧. ସାମାଜିକ ବିଜ୍ଞାନ ବିଷୟରେ ବିଶେଷ ଜ୍ଞାନ ପାଇଁ ଆବଶ୍ୟକ ମୁଖ୍ୟ ବିଷୟଗୁଡ଼ିକର ଏକ ତାଲିକା ପ୍ରସ୍ତୁତ କର ।

୨. ତୁମେ ଭାବୁଛ କି, ଇତିହାସ ପଠନର ଆବଶ୍ୟକତା ଅଛି ? ଦୁଇଟି କାରଣ ସହ ବର୍ଣ୍ଣନା କର ।

୩. ଇତିହାସ ଓ ପ୍ରତ୍ନତତ୍ତ୍ୱ ବିଦ୍ୟା ମଧ୍ୟରେ ଗୋଟିଏ ପାର୍ଥକ୍ୟ ବିଷୟରେ ଆଲୋଚନା କର ।

୪. ଆମର ଅତୀତକୁ ଅଧ୍ୟୟନ କରିବା ପାଇଁ ୫ଟି ଉତ୍ସ ସଂପର୍କରେ ଲେଖ ।

୫. ଭାରତର ୫ଟି ପ୍ରତ୍ନତାତ୍ତ୍ୱିକ କ୍ଷେତ୍ର ବିଷୟରେ କିଛି ସୂଚନା ପ୍ରଦାନ କର ।

## ୦.୨.୨ ଭୂଗୋଳ

କୌଣସି ସ୍ଥାନର ଭୌଗୋଳିକ ପରିବେଶ ନଜାଣି, ତାହାର ଇତିହାସ ଓ ପ୍ରତ୍ନତତ୍ତ୍ୱ ବିଦ୍ୟା ଅଧ୍ୟୟନକୁ ଅସମ୍ପୂର୍ଣ୍ଣ ପାଠ୍ୟକ୍ରମ କୁହାଯାଏ । ପୃଥିବୀର ମୃତ୍ତିକା, ଅଧିବାସୀ, ବିଭିନ୍ନ ସ୍ଥାନ ଓ ପରିବେଶର ଅଧ୍ୟୟନକୁ ଭୂଗୋଳ କୁହାଯାଏ । ସରଳ ଭାବେ କହିଲେ, ଆମ୍ଭେମାନେ ଯେଉଁଠାରେ ବାସକରୁ, ସେ ବିଷୟରେ କିଛି ଜ୍ଞାନ ଆହରଣ କରିବା । ଭୂଗୋଳ, ସାମାଜିକ ବିଜ୍ଞାନ (Human Geography) ଓ ପ୍ରାକୃତିକ ବିଜ୍ଞାନ (Physical Geography) ମଧ୍ୟରେ ସେତୁ ସଦୃଶ କାର୍ଯ୍ୟ କରିଥାଏ । ସାମାଜିକ ଜୀବନ ଓ ଇତିହାସକୁ ନିର୍ଣ୍ଣୟ କରିବାରେ ଭୂଗୋଳ ଏକ ପ୍ରଧାନ ଭୂମିକା ଗ୍ରହଣ କରିଥାଏ । ପୃଥିବୀକୁ ଘେରି ରହିଥିବା ସଂସ୍କୃତି, ରାଜନୈତିକ ଅବସ୍ଥା, ଅର୍ଥନୀତି, ବିଭିନ୍ନ ସ୍ଥାନ ଓ ପରିବେଶ ମଧ୍ୟରେ ଥିବା ସମ୍ପର୍କ ଓ ପାର୍ଥକ୍ୟକୁ ଚିହ୍ନିବାରେ ଭୂଗୋଳ ଆମକୁ ଏକ ଆଦର୍ଶ ତଥ୍ୟଭିତିକ ବିବରଣୀ ପ୍ରଦାନ କରିଥାଏ । ଯଦି କୌଣସି ଦେଶର ଭୌଗୋଳିକ ସ୍ଥିତି ଆମକୁ ଜଣାଥାଏ, ସେ ଦେଶର ଇତିହାସର ଘଟଣାବଳୀ ଜାଣିବା ସହଜ ହୁଏ । ତୁମେ ଏହି ପାଠ୍ୟକ୍ରମରେ ପୁରୁଣା ଅସ୍ତ୍ର ଧନୁଶର ବିଷୟରେ ଜାଣିବ । ଏହା କେବଳ ଭୂଗୋଳ ପଠନ ଦ୍ୱାରା ସମ୍ଭବ ଓ ସହଜ ହେବ । ବରଫ ଯୁଗ ପରେ ପୃଥିବୀର ପରିବେଶରେ ନିଶ୍ଚୟ ବଡ଼ ଧରଣର ପରିବର୍ତ୍ତନ ଆସିଥିବ । ବହୁତ ଘଞ୍ଚ ଜଙ୍ଗଲ ହୁଏତ ତୃଣଭୂମିରେ ପରିଣତ ହୋଇଥିବ । ତୁମେ କଳ୍ପନା କରିପାରୁଛ କି, ସେଠାରେ କ'ଣ ହୋଇଥିବ ? ଏଠାରେ ତୃଣଭୋଜୀ ପ୍ରାଣୀ ଯଥା – ହରିଣ, ଛେଳି, ମେଣ୍ଢା ପ୍ରଭୃତିଙ୍କ ସଂଖ୍ୟା ନିଶ୍ଚୟ ବୃଦ୍ଧି ଘଟିଥିବ । ତୁମେ ଜାଣ ଯେ, ଉକ୍ତ ପ୍ରାଣୀମାନେ ଖୁବ୍ ଶୀଘ୍ର ଦୌଡ଼ି ପାରନ୍ତି । ତେଣୁ ଭାରି ଅସ୍ତ୍ରଶସ୍ତ୍ରରେ ଏମାନଙ୍କୁ ଶିକାର କରିବା ସମ୍ଭବ ନୁହେଁ । ତେଣୁ ଖୁବ୍ କମ୍ ଓଜନ ବିଶିଷ୍ଟ ପଥର ଖଣ୍ଡର ଅସ୍ତ୍ର, ଯାହା ପୁରାତନ ଯୁଗର ଲୋକମାନେ ବ୍ୟବହାର କରୁଥିଲେ ଓ ତାହା ସେମାନଙ୍କ ଜୀବନ ନିରାପତ୍ତା ପାଇଁ ମଧ୍ୟ ସାହାଯ୍ୟ କରୁଥିଲା ।

ତୁମେ ଜାଣ କି, ଭାରତର ଗାଙ୍ଗେୟ ସମତଳ ଭୂମି ସବୁଠାରୁ ଉର୍ବର ଭୂମି । ସେଠାରେ ପ୍ରବାହିତ ଗଙ୍ଗାନଦୀ ଭଳି ବୃହତ୍ତମ ନଦୀଗୁଡ଼ିକ ପିଇବା ପାଣି ଓ ଜଳସେଚନ ପାଇଁ ପ୍ରଚୁର ଜଳ ଯୋଗାଇଥାନ୍ତି । ସେଥିପାଇଁ ମୌର୍ଯ୍ୟ, ଗୁପ୍ତ ଓ ମୋଗଲ ସାମ୍ରାଜ୍ୟମାନ ଉକ୍ତ ସ୍ଥାନରେ ଗଢ଼ି ଉଠିଥିଲା । ଏଠାରେ ଲୌହର ସୁଲଭତା ମଧ୍ୟ ଉକ୍ତ ସାମ୍ରାଜ୍ୟ ବିସ୍ତାରକୁ କେତେକାଂଶରେ ସାହାଯ୍ୟ କରିଥିଲା । ଏହା କିପରି ଓ କାହିଁକି ବୋଲି ତୁମେ ଅନୁମାନ କରିପାରୁଛ ? ତୁମେ ପାଠ–୪ରେ ଏ ସମ୍ପର୍କରେ ଅଧିକା ଜାଣିବ ।

## ତୁମ ପାଇଁ କାର୍ଯ୍ୟ – ୦.୧

ଆଗ୍ରା, ନାସିକ୍, ପାଟନା ଓ କୋଲକାତା ଭଳି ମୁଖ୍ୟ ସହରଗୁଡ଼ିକ ନଦୀ କୂଳରେ ବିକାଶଲାଭ କରିଥିଲା । ତୁମେ ଜାଣି ଆଶ୍ଚର୍ଯ୍ୟ ହେବ ଯେ, ଏହିମାନଙ୍କ ଉପରେ ହିଁ ଇତିହାସ ସୃଷ୍ଟି ହୋଇପାରିଛି । ବାଣିଜ୍ୟ ଓ ପ୍ରଶାସନ ଦୃଷ୍ଟିରୁ ଉକ୍ତ ସହରଗୁଡ଼ିକର ବିକାଶ ପାଇଁ ତିନୋଟି କାରଣ ଲେଖ ।

## ୦.୨.୩ ରାଜନୀତି ବିଜ୍ଞାନ

''ସରକାର'' ଶବ୍ଦ ସମସ୍ତଙ୍କର ପରିଚିତ ଓ ଏହାକୁ ସମସ୍ତେ ଅଳ୍ପ ବହୁତ ଉଚ୍ଚାରଣ କରନ୍ତି । ତୁମେମାନେ ଉକ୍ତ ଶବ୍ଦକୁ ଦୈନିକ ଖବର କାଗଜ ଓ ଦୂରଦର୍ଶନ ପରଦାରେ ଦେଖୁଛ । କିନ୍ତୁ, ତୁମେ କେବେ ଚିନ୍ତା କରିଅଛ କି, ସରକାର କ'ଣ ? ତୁମେ ଜାଣ କି, ଆମ ଜୀବନରେ ଉକ୍ତ ଶବ୍ଦର ଭୂମିକା ଓ ଏହା ଲୋକମାନଙ୍କର କି ଉପକାରରେ

ଆସେ । କୌଣସି ଦେଶର ସରକାର ଆଇନ ତିଆରି କରନ୍ତି ଓ ସେ ଦେଶର ଜନସାଧାରଣ ଉକ୍ତ ଆଇନକୁ ମାନନ୍ତି । ଗଣତନ୍ତ୍ରରେ ଲୋକମାନେ ହିଁ ସରକାରଙ୍କୁ କ୍ଷମତା ଦେଇଥାନ୍ତି । ଏହିଭଳି ଭାବେ ସଂସଦକୁ ଆଇନ ପ୍ରଣୟନ କ୍ଷମତା ଦିଆଯାଇଥାଏ । କିନ୍ତୁ କୌଣସି ଏକଛତ୍ରବାଦୀ ଶାସନ ବ୍ୟବସ୍ଥାରେ ରାଜା କିମ୍ବା ରାଣୀ ଯେ କୌଣସି ନିଷ୍ପତ୍ତି ନେଇ ଏହାକୁ କାର୍ଯ୍ୟକାରୀ କରନ୍ତି । ଆମେ କିପରି ଶାସିତ ହେଉ, ତାହା ସାମାଜିକ ବିଜ୍ଞାନରେ ପଠନ କରାଯାଏ । ଶାସନରେ ଜନସାଧାରଣଙ୍କ ଭୂମିକା ସମ୍ପର୍କରେ ମଧ୍ୟ ଉକ୍ତ ବିଷୟ ସୂଚନା ଦିଏ । ଏହାକୁ ଆମେ ରାଜନୀତି ବିଜ୍ଞାନ କହୁ । ରାଜନୀତି ବିଜ୍ଞାନ ବାସ୍ତବରେ ସାମାଜିକ ବିଜ୍ଞାନର ତତ୍ତ୍ୱ ବା ସିଦ୍ଧାନ୍ତରେ ପର୍ଯ୍ୟବେସିତ ଓ ଏହା ରାଜନୈତିକ ପ୍ରକ୍ରିୟା ଓ ବ୍ୟବସ୍ଥାର ବିଷୟବସ୍ତୁ ଅଟେ । ଏହା ରାଜନୈତିକ ଘଟଣା ଓ ଅବସ୍ଥାକୁ ଅଧ୍ୟୟନରେ ସ୍ଥାନ ଦିଏ । ଏହା ମଧ୍ୟ ରାଜନୈତିକ ନୀତି, ଧାରା, ପ୍ରକ୍ରିୟା ଓ ବ୍ୟବହାରକୁ ଅନ୍ତର୍ଭୁକ୍ତ କରେ । ଯଦି ତୁମେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରାଜନୀତି ବିଜ୍ଞାନ ପଢ଼ିବାର ନିଷ୍ପତ୍ତି ନେବ, ତେବେ ରାଜନୈତିକ ତତ୍ତ୍ୱ, ଦର୍ଶନ, ଅର୍ଥନୀତି ବିଷୟରେ ଜାଣିବାର ସୁଯୋଗ ପାଇବ ଯାହା ଏହି ବିଷୟର ମୂଖ୍ୟ ଅଂଶ ଅଟେ ।

## ୦.୨.୪ ସମାଜ ବିଜ୍ଞାନ

ସମାଜ ବିଜ୍ଞାନ ସାମାଜିକ ବିଜ୍ଞାନର ମୁଖ୍ୟ ଅଂଶ ଅଟେ । ଏହା ସମାଜ ସମ୍ପର୍କିତ ମନୁଷ୍ୟ ଆଚରଣର ଅଧ୍ୟୟନ ଅଟେ । ଉକ୍ତ ଶବ୍ଦ ଲାଟିନ ଶବ୍ଦ ସୋସିଓଲୋଜି (Sociologie) ରୁ ଆସିଛି ଓ ଏହାର ଅର୍ଥ 'ସାଥୀ'ମାନଙ୍କର ପଠନକୁ ବୁଝାଇଥାଏ । ସମାଜ ବିଜ୍ଞାନ, ସମାଜର ଗଠନ ଓ ଏହାର କାର୍ଯ୍ୟ ପ୍ରକ୍ରିୟାକୁ ଗୁରୁତ୍ୱ ଦିଏ । ସମାଜ ଗଠନରେ ସମ୍ପୃକ୍ତ ବିଭିନ୍ନ ଉପାଦାନର ଭୂମିକା ସମ୍ପର୍କରେ ମଧ୍ୟ ଉକ୍ତ ବିଷୟ ଆଲୋଚନା କରେ । ଏହା ଜାତି, ଶ୍ରେଣୀ, ଲିଙ୍ଗ, ସଂସ୍କୃତି, ଧର୍ମ, ବିଶ୍ୱାସ ଓ ସରକାରକୁ ମଧ୍ୟ ଅନ୍ତର୍ଭୁକ୍ତ କରେ । ମନୁଷ୍ୟ ଓ ସମାଜର ଚିନ୍ତାଧାରା କିପରି ସମାଜକୁ ଚଳେଇ ନିଏ, ଏହା ମଧ୍ୟ ଅଧ୍ୟୟନରେ ସ୍ଥାନ ପାଇଥାଏ ।

## ୦.୨.୫ ଅର୍ଥନୀତି

ସମାଜରେ ବାସ କରିବା ଅର୍ଥ, ଜୀବନକୁ କିପରି ନିୟନ୍ତ୍ରିତ କରାଯାଏ, ତାହା ଜାଣିବ । ଆମର ସିମୀତ ଆୟ, ସମୟ ଓ ସମ୍ପଦର ଉତ୍ସକୁ କିପରି ସ୍ୱଳ୍ପ ବ୍ୟବହାରରେ ଲଗାଯାଇପାରିବ, ତାହା ଆମ୍ଭେମାନେ ଜାଣିବା ଉଚିତ୍ । ତୁମର ଇପିସିତ୍ ବସ୍ତୁ ପାଇବା ପାଇଁ ତୁମେ ସମୟର ବ୍ୟବହାରିକ କୌଶଳ ଶିକ୍ଷା ଲାଭ କରିବା ଦରକାର । ସେହିଭଳି, ଆମେ ଘରର ବଜେଟ୍ ତିଆରି କରିବାବେଳେ, ଆମର ଉପସ୍ଥିତ ସମ୍ବଳର ବ୍ୟବହାର ସମ୍ପର୍କରେ ଅଧିକ ନଜର ଦେଉ । ବିଭିନ୍ନ ସମସ୍ୟାକୁ ମଧ୍ୟ ଆମେ ଏଡ଼ାଇଦେଉ । ଏହାକୁ ଅର୍ଥନୀତି ଅଧ୍ୟୟନ କୁହାଯାଏ । ଏହା ବଜେଟ୍ ତିଆରି କରିବା ଅପେକ୍ଷା ଅଧିକ କିଛି ହୋଇପାରେ । ଏହା ବିଜ୍ଞାନ ସମନ୍ଧିତ ଏକ ପାଠ ଯେଉଁଥିରେ ଉତ୍ପାଦନ ବ୍ୟବହାର କରିବା ପ୍ରକ୍ରିୟା ଓ ସମ୍ପଦ ପ୍ରଭୃତିରେ ମନୁଷ୍ୟର ପସନ୍ଦ ଥାଏ । ସିମୀତ ସମ୍ବଳ ବ୍ୟବହାରରେ ଏହାର ଆବଶ୍ୟକତା ଯଥେଷ୍ଟ ବେଶି । ଏହା ଏକ ସାମାଜିକ ବିଜ୍ଞାନ, ଯାହା ଆବଶ୍ୟକତା ଓ ଉପସ୍ଥିତ ସମ୍ପଦ ମଧ୍ୟରେ ସମତୁଲ ଅବସ୍ଥା ରକ୍ଷା କରିଥାଏ । ଉକ୍ତ ବିଷୟର ପଠନ ଆମକୁ ଆନନ୍ଦ ଦିଏ, ଯଦି ଏହାର ଉପଯୋଗିତାକୁ ଆମେ ଆମର ପ୍ରକୃତ ଜୀବନରେ ଲଗାଇ ପାରିବା । ଆମର ଘରୋଇ ବଜେଟ୍‌ରେ ମଧ୍ୟ ଏହା ପ୍ରତିଫଳିତ ହେବା ଏକ ଉଦାହରଣ ଅଟେ । ମଣିଷର ସମ୍ପୂର୍ଣ୍ଣ ବିକାଶ ପ୍ରକ୍ରିୟା କିପରି ହେବ, ଉକ୍ତ ସମସ୍ତ ବିଷୟ ଆମକୁ ଏହା ବୁଝିବାକୁ ସାହାଯ୍ୟ କରେ । ଏହା ପାଇଁ ଆମକୁ ଅତୀତକୁ ଯିବାକୁ ହେବ । ପର୍ଯ୍ୟାୟକ୍ରମେ, ଆମେ ପୃଥିବୀପୃଷ୍ଠରେ ମଣିଷର ବିବର୍ତ୍ତନ ପ୍ରକ୍ରିୟା ସମ୍ବନ୍ଧରେ ଜ୍ଞାନ ଆହରଣ କରିବା । ତୁମେ ଜାଣ କି, ଆମେ ବିଜ୍ଞାନର କ୍ରମ ବିକାଶ ସମ୍ବନ୍ଧରେ ମଧ୍ୟ ପଢୁଅଛେ ? ଆମେ ପ୍ରକୃତିରେ କିପରି ବିବର୍ତ୍ତନ ପ୍ରକ୍ରିୟା ଚାଲିଛି, ତାହା ମଧ୍ୟ ଶିକ୍ଷା କରୁଅଛେ ।

ଉଦ୍ଭିଦ ଓ ପ୍ରାଣୀଜଗତ କିପରି ବିକଶିତ ? ତୁମେ ଜାଣ କି ଆମ ଜାତିର ଜୀବ ବିଜ୍ଞାନ ସମ୍ବନ୍ଧୀୟ ନାମକୁ ହୋମ ସାପିଏନସ୍ (Homo Sapiens) କୁହାଯାଏ । ଅନ୍ୟ ଅଧ୍ୟାୟରେ ଆମେ ଏ ସମ୍ପର୍କରେ ପଢ଼ିବା ।

## ପାଠଗତ ପ୍ରଶ୍ନାବଳୀ ୦.୨

୧. ଭୌଗୋଳିକ ପାଠ, ଇତିହାସକୁ ବୁଝିବାରେ କିପରି ସାହାଯ୍ୟ କରୁଛି ?

୨. ରାଜନୀତି ବିଜ୍ଞାନର ମୁଖ୍ୟ ଉପାଦାନ ଗୁଡ଼ିକ ଲେଖ ।

୩. ସମାଜ ବିଜ୍ଞାନ ଆମ ଉପରେ କ'ଣ ପ୍ରଭାବ ପକାଇଥାଏ ?

୪. ଅର୍ଥନୀତି କେଉଁ ଉପାଦାନ ସହ ସମ୍ପୃକ୍ତ ଅଟେ ।

୫. ତୁମେ କାହିଁକି ଭାବୁଛ, ରାଜନୀତି ବିଜ୍ଞାନ, ସମାଜ ବିଜ୍ଞାନ ଓ ଅର୍ଥଶାସ୍ତ୍ର ପ୍ରଭୃତିର ପଠନ, ସମାଜର କାର୍ଯ୍ୟକୁ ବୁଝିବାରେ ସାହାଯ୍ୟ କରେ ?

## ୦.୩ ମନୁଷ୍ୟର କ୍ରମ ବିକାଶ

ପ୍ରାୟ ୨୦ ଲକ୍ଷ ବର୍ଷ ପୂର୍ବେ ପ୍ରଥମ ମନୁଷ୍ୟାକୃତି ପ୍ରାଣୀ ପୃଥିବୀ ପୃଷ୍ଠକୁ ଆସିଥିଲେ । ସେମାନେ ଲାଙ୍ଗୁଡ଼ ନଥିବା ବାନର ସଦୃଶ ଥିଲେ । ଜୀବବିଜ୍ଞାନୀମାନେ ସେମାନଙ୍କୁ ହୋମୋସାପିଏନ୍ସ ନାମରେ ନାମିତ କରିଥିଲେ । ସେମାନେ ଜମି ଚାଷ ଓ ଖାଦ୍ୟ ଉତ୍ପାଦନ ପ୍ରକ୍ରିୟା ଜାଣି ନଥିଲେ । ନିଜର ଆଶ୍ରୟ ପାଇଁ ଗୃହ ନିର୍ମାଣ କୌଶଳ ସେମାନଙ୍କୁ ଜଣା ନଥିଲା । ସେମାନେ ଗୁମ୍ଫା କିମ୍ବା ଗଛର ଅଗ୍ରଭାଗରେ ବସା ବାନ୍ଧି ରହୁଥିଲେ । ସେମାନେ ଲେଖିବା ପ୍ରଣାଳୀ ଶିକ୍ଷା କରିବାର ବହୁ ପୂର୍ବରୁ ପୃଥିବୀ ପୃଷ୍ଠରେ ବାସ କରୁଥିଲେ । ଲେଖା ପ୍ରଣାଳୀର ଉଦ୍ଭାବନ ଯୋଗୁଁ ଇତିହାସକୁ ଲିପିବଦ୍ଧ କରିବା ସହଜ ହେଲା ଓ ଅତୀତ ସମ୍ପର୍କରେ ଜ୍ଞାନ ଆହରଣ ପଥ ସୁଗମ ହୋଇଥିଲା । ଅତୀତର ଲିପିବଦ୍ଧ ହୋଇ ନଥିବା ଘଟଣାବଳୀକୁ ପୂର୍ବ ଇତିହାସ (prehistory) କୁହାଯାଏ । ଉକ୍ତ ପୂର୍ବ ଇତିହାସର ସମୟସୀମା ଲିପିବଦ୍ଧ ଇତିହାସର ସମୟସୀମାଠାରୁ ଯଥେଷ୍ଟ ବେଶୀ ଅଟେ । ତେଣୁ ଲିପିବଦ୍ଧ ଇତିହାସର ପୂର୍ବ ଘଟଣାବଳୀ ଜାଣିବା ପାଇଁ ଐତିହାସିକମାନେ ବିଭିନ୍ନ ସଭ୍ୟତାରୁ ମିଳିଥିବା ଅସ୍ତ୍ର, ଅଳଙ୍କାର, ପଥର ଖୋଦନ ଶିଳାଲିପି ଓ ଅନ୍ୟାନ୍ୟ ସରଞ୍ଜାମ ପ୍ରଭୃତି ବିଷୟରେ ଗବେଷଣା କରି ସିଦ୍ଧାନ୍ତରେ ପହଞ୍ଚିଥାନ୍ତି । ଇତିହାସ କେବଳ ଲିଖିତ ଇତିହାସ ସମୟକୁ ବୁଝାଇଥାଏ । ଉକ୍ତ ଲେଖାଗୁଡ଼ିକ ପଥର, ସ୍ତମ୍ଭ, ତମ୍ବାପାତ୍ର ଓ ଅନ୍ୟାନ୍ୟ ମାଧ୍ୟମରେ ଦେଖାଯାଏ ।

### ୦.୩.୧ ବାରବୁଲା ଜୀବନ, ପ୍ରସ୍ତରଯୁଗ

ପ୍ରାଚୀନ ଯୁଗର ମଣିଷ ଯାଯାବର ଜାତିର ଥିଲେ । ସେମାନେ ଖାଦ୍ୟ ପାଇଁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବା ପାଇଁ ବାଧ୍ୟ ହେଉଥିଲେ । ସେମାନେ ନିଜର ନିରାପତ୍ତା ଓ ସାମାଜିକ ନିରାପତ୍ତା ପାଇଁ ଦଳଗତ ଭାବେ ବାସ କରୁଥିଲେ । ପଥରର ଆକୃତି ପରିବର୍ତ୍ତନ କରି ବିଭିନ୍ନ ଅସ୍ତ୍ରଶସ୍ତ୍ର ସେମାନେ ନିର୍ମାଣ କରୁଥିଲେ । ତେଣୁ ଉକ୍ତ ଯୁଗକୁ ପୁରାତନ ପ୍ରସ୍ତର ଯୁଗ ବୋଲି କୁହାଯାଏ । ଏହି ଯୁଗର ବିଭିନ୍ନ ସ୍ତର ଥିଲା ।

## (କ) ପୁରାତନ ପ୍ରସ୍ତର ଯୁଗ

ପାଲିଓଲିଥିକ୍ ଯୁଗ (୫୦୦,୦୦୦ – ୧୦୦,୦୦୦ B.C ) ପୁରାତନ ପ୍ରସ୍ତର ଯୁଗରେ, ଅଧିବାସୀମାନେ ପର୍ବତର ପାଦଦେଶରେ ମୁଖ୍ୟତଃ ନଦୀ କୂଳରେ ବାସ କରୁଥିଲେ । ନଦୀଗୁଡ଼ିକ ସେମାନଙ୍କୁ ପିଇବା ପାଣିର ସୁବିଧା ଦେବା ସଙ୍ଗେ ସଙ୍ଗେ, ନଦୀକୁ ଜଳପାନ ପାଇଁ ଆସୁଥିବା ବିଭିନ୍ନ ଜୀବଜନ୍ତୁମାନଙ୍କୁ ଶିକାର କରିବାର ସୁବିଧା ଯୋଗାଇଥିଲା । ପର୍ବତ ପାର୍ଶ୍ୱରେ ଥିବା ଗୁମ୍ଫାରେ ସେମାନେ ଆଶ୍ରୟ ନେଉଥିଲେ । ତେଣୁ ସେମାନଙ୍କର ଖାଦ୍ୟ, ଜଳ, ବାସଗୃହ ପ୍ରଭୃତି ମୌଳିକ ଆବଶ୍ୟକତା ପୂରଣ ହେଉଥିଲା । ତୁମେ ଜାଣ କି, ପୁରାତନ ମନୁଷ୍ୟ ନିଜର ବାସଗୃହ ପାଇଁ ଦୁର୍ଦ୍ଧଷ ବାଘ୍‌ହାମାନଙ୍କୁ ଗୁମ୍ଫାରୁ ବିତାଡ଼ିତ କରୁଥିଲା । ସେ ସମୟରେ ଲୋକମାନଙ୍କ ଜୀବନଯାପନ କି ବିପଦ ସଙ୍କୁଳ ଥିଲା ?

ପୁରାତନ ଯୁଗର ଲୋକମାନେ, ଉତ୍ତାପ ଓ ଶୀତର ପ୍ରକୋପରୁ ରକ୍ଷା ପାଇବା ପାଇଁ ଗଛର ବକ୍‌ଳ ଓ ପଶୁ ଚମଡ଼ାକୁ ପୋଷାକ ଭାବେ ବ୍ୟବହାର କରୁଥିଲେ । ତେଣୁ ପ୍ରକୃତି ଅତୀତରେ କିମ୍ବା ବର୍ତ୍ତମାନରେ ହେଉ ମଣିଷମାନଙ୍କୁ ବଞ୍ଚିବାରେ କିପରି ସାହାଯ୍ୟ କରୁଛି ? ଭାରତରେ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ଭଳି ସ୍ଥାନର ଅଧିବାସୀମାନେ ପୁରାତନ ଯୁଗର ଅଧିବାସୀମାନଙ୍କ ସଦୃଶ ବର୍ତ୍ତମାନ ବି ଜୀବନଯାପନ କରୁଛନ୍ତି ।

ପୁରାତନ ଯୁଗର ମଣିଷମାନେ ଗୁମ୍ଫାରେ ରହୁଥିଲେ ଓ ବିଭିନ୍ନ ଶିକାର କରିବାର ଦୃଶ୍ୟକୁ ଏହାର କାନ୍ଥରେ ଖୋଦନ କରୁଥିଲେ । ସେମାନେ ବୃହତ ପ୍ରାଣୀ ବାଇସନ ଓ ହରିଣମାନଙ୍କୁ ମାରିବାର ଦୃଶ୍ୟ ଏବେ ମଧ, ମଧ୍ୟପ୍ରଦେଶର ଭୀମ ବେଟ୍‌କା ଗୁମ୍ଫାରେ ଦେଖିବାକୁ ମିଳୁଛି । ତେଣୁ ଉକ୍ତ ଛବି ଖୋଦନ ଅଭ୍ୟାସ ଏକ ପ୍ରକାର କ୍ରୀୟାବିଧି ଥିଲା ଯାହା ସଫଳ ଶିକାର କାର୍ଯ୍ୟକ୍ରମର ଦୃଷ୍ଟାନ୍ତ ହୋଇଥିବ ବୋଲି ଅନୁମାନ କରାଯାଏ । ଏହାମଧ ସେମାନଙ୍କର ସୃଜନଶୀଳତା ଗୁଣ ହୋଇପାରେ ଯାହା ସେମାନଙ୍କର ପରିବେଶକୁ ସୌନ୍ଦର୍ଯ୍ୟପୂର୍ଣ୍ଣ କରିବାରେ ସାହାଯ୍ୟ କରୁଥିଲା ।





ଚିତ୍ର – ୦.୧ ବିମବେଟ୍‌କା ଗୁମ୍ଫାର ଚିତ୍ର

### ତୁମେ ଜାଣ କି

ବିମବେଟ୍‌କା ଏକ ପ୍ରତ୍ନତାତ୍ତ୍ୱିକ ଐତିହ୍ୟ କ୍ଷେତ୍ର ଅଟେ, ଯାହା ମଧ୍ୟପ୍ରଦେଶର ରାଇସେନ୍ ଜିଲ୍ଲାରେ ଅବସ୍ଥିତ । ଉକ୍ତ ଆଶ୍ରୟସ୍ଥଳୀ, ପୁରାତନ ମନୁଷ୍ୟ ଜୀବନଶୈଳୀର ଏକ ନିଦର୍ଶନ ଅଟେ, ଯାହା ଲିପିବଦ୍ଧ ଇତିହାସର ପୂର୍ବ ଘଟଣା ଥିଲା । ଅନେକ ଆଲୋଚନା ଓ ଗବେଷଣା ଦ୍ୱାରା ଏହା ସ୍ଥିରୀକୃତ ହୋଇଅଛି ଯେ, ଉକ୍ତ ସ୍ଥାନରେ ପ୍ରାୟ ୧୦,୦୦୦ ବର୍ଷ ପୂର୍ବେ ଅଧିବାସୀମାନେ ବାସ କରୁଥିଲେ । ଉକ୍ତ ସ୍ଥାନର ପଥରଖୋଦନ କାର୍ତ୍ତିକୁ ଆକଳନ କରାଯାଇ, ଏହା ପ୍ରାୟ ୩୦,୦୦୦ ହଜାର ବର୍ଷର ଚିତ୍ର ବୋଲି କୁହାଯାଉଛି ।

ପାଲିଓଲିଥିକ୍ ମାନବ କେତେକ ଅଭ୍ୟାସ ଜାରି ରଖିଥିଲେ, ଯାହା ସେମାନଙ୍କର ଧାର୍ମିକ ବିଶ୍ୱାସ ବୋଲି କୁହାଯାଉଛି । ସେମାନେ ପୂର୍ବ ପୁରୁଷମାନଙ୍କୁ ପୂଜା କରୁଥିଲେ ଓ ମୃତ୍ୟୁ ପରେ ସେମାନଙ୍କୁ ଅସ୍ତ୍ର ଓ ଖାଦ୍ୟ ସାମଗ୍ରୀ ସହ ସମାଧିସ୍ଥ କରୁଥିଲେ । ସେମାନେ ବିଜୁଳି ଓ ଘଡ଼ଘଡ଼ି ପ୍ରଭୃତି ପ୍ରାକୃତିକ କ୍ରିୟାକୁ ଭୟ କରୁଥିଲେ । ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତକୁ ସେମାନେ ବୁଝିପାରୁ ନଥିଲେ । କିନ୍ତୁ ସେମାନେ ଜାଣିଥିଲେ, ସୂର୍ଯ୍ୟୋଦୟ ପରେ ଗରମ ଅନୁଭୂତ ହୁଏ ଓ ରାତିରେ ଚନ୍ଦ୍ରାଲୋକ ଶାନ୍ତି ଓ ଶୀତଳ ଅନୁଭୂତି ଦିଏ । ଏହିସବୁ ଘଟଣା ଅଲୌକିକ ବୋଲି ସେମାନେ ଭାବୁଥିଲେ ଓ ସୂର୍ଯ୍ୟ, ଚନ୍ଦ୍ର, ବିଜୁଳି, ଘଡ଼ଘଡ଼ି ପ୍ରଭୃତିଙ୍କୁ ପୂଜା କରୁଥିଲେ । ସେମାନେ କିନ୍ତୁ ପ୍ରକୃତି ଓ ଏହାର ସ୍ଥିରତାକୁ ନଷ୍ଟ କରିବାକୁ ଦେଉ ନଥିଲେ । ନିଜର ଆବଶ୍ୟକ ମୁତାବକ ପ୍ରକୃତିକୁ ବ୍ୟବହାର କରୁଥିଲେ । ତେଣୁ ପୃଥିବୀ ଏକ ସୁନ୍ଦର ବାସସ୍ଥଳୀ ହୁଅନ୍ତା, ଯଦି ଆଧୁନିକ ମାନବ ପୁରାତନ ମଣିଷର ପ୍ରକୃତି ପ୍ରତି ଥିବା ବ୍ୟବହାରକୁ ଅନୁସରଣ କରନ୍ତା । ପୁରାତନ ପ୍ରସ୍ତର ଯୁଗ ପରେ ମଧ୍ୟ ପ୍ରସ୍ତର ଯୁଗ (Mesolithic Age)ର ଆରମ୍ଭ ହୋଇଥିଲା । ମଧ୍ୟପ୍ରସ୍ତର ଯୁଗକୁ ପାଲିଓଲିଥିକ୍ ଓ ନିଓଲିଥିକ୍ ଯୁଗ ମଧ୍ୟରେ ଏକ ପରିବର୍ତ୍ତିତ ଅବସ୍ଥାର ଯୁଗ ବୋଲି କୁହାଯାଏ ।



ଚିତ୍ର – ୦.୨ ମେସୋଲିଥିକ୍ ଅସ୍ତ୍ର

## (ଖ) ମଧ୍ୟ ପ୍ରସ୍ତର ଯୁଗ – (Mesolithic Age 10,000 BC - 8000 B.C)

ମଧ୍ୟପ୍ରସ୍ତର ଯୁଗର ମଣିଷ କିପରି ନିଆଁର ବ୍ୟବହାର ଶିକ୍ଷା କଲେ, ତାହା ଆମେ ପଢ଼ିବା । ଏହା ସମ୍ଭବ ଯେ ଦୁଇଟି ଫିଙ୍ଗା ଯାଉଥିବା ପଥରଖଣ୍ଡ ମଧ୍ୟରେ ଘର୍ଷଣ ଦ୍ୱାରା ଅଗ୍ନିର ଝଲକ ସୃଷ୍ଟି ହେଉଥିଲା । ଉକ୍ତ ଆଲୋକ କଣା ହୁଏତ ଶୁଷ୍କ ପତ୍ର ଉପରେ ପଡ଼ି ନିଆଁ ସୃଷ୍ଟି କରିପାରିଥିଲା । ପୁରାତନ ମାନବକୁ ଏହା ଭୟଭୀତ କରିଥିଲା ଓ ମନୁଷ୍ୟ ଉକ୍ତ ନିଆଁର ସୃଷ୍ଟିକୁ ନେଇ ବ୍ୟବହାରରେ ଲଗାଇଥିଲା । ସେମାନେ ଦେଖିଲେ ଯେ ନିଆଁ ଅନ୍ୟ ପ୍ରାଣୀମାନଙ୍କୁ ଭୟଭୀତ କରିବାରେ ଓ ସେମାନଙ୍କୁ ନିରାପଦ ରଖିବାରେ ସାହାଯ୍ୟ କରୁଛି । ରାତିରେ ଆଲୋକ ପାଇବାରେ ଓ ସୁସ୍ୱାଦୁ ଖାଦ୍ୟ ରାନ୍ଧିବାରେ ଏହା ମଧ୍ୟ ସାହାଯ୍ୟ କଲା । ଥଣ୍ଡାରୁ ରକ୍ଷା ପାଇବା ପାଇଁ ସେମାନେ ନିଆଁର ସାହାଯ୍ୟ ନେଲେ, ଯାହା ବର୍ତ୍ତମାନର ମନୁଷ୍ୟ ଶୀତରୁ ରକ୍ଷା ପାଇଁ ନିଆଁର ବ୍ୟବହାର କରୁଛି । ପୁରାତନ ମାନବଙ୍କର ନିଆଁର ବ୍ୟବହାର ଇତିହାସର ଏକ ଅବିସ୍ମରଣୀୟ ଘଟଣା ଅଟେ । ତୁମେ ଅନୁମାନ କରିପାରୁଛ କି, ପୁରାତନ ଯୁଗର ମନୁଷ୍ୟ ଗଛର ଉପରିଭାଗରେ ବାସସ୍ଥାନ କରିବାର ଦୃଷ୍ଟାନ୍ତଠାରୁ ନିଆଁର ବ୍ୟବହାର ପର୍ଯ୍ୟନ୍ତ ହୋଇଥିବା ବିକାଶଧାରା କିପରି ସଂଗଠିତ ହୋଇଥିଲା ? ଏହି ବିକାଶ ଗୋଟିଏ ଦିନ ବା ରାତ୍ରିରେ ହେବା ସମ୍ଭବ ହୋଇ ନଥିଲା । ସତରେ କହିବାକୁ ଗଲେ, ଏଥିପାଇଁ ହଜାର ହଜାର ବର୍ଷ ସମୟ ଲାଗିଥିଲା । ବିନାଦ୍ୱିଧାରେ ଉକ୍ତ ନିଆଁର ଆବିଷ୍କାର ଆଶ୍ଚର୍ଯ୍ୟର ଏକ ପ୍ରତୀକ ଅଟେ ।

ଟିପ୍ପଣୀ

## ତୁମ ପାଇଁ କାର୍ଯ୍ୟ ୦.୨


ମନେ ମନେ କଳ୍ପନା କର ଯେ, ତୁମେ ଯେଉଁ ସ୍ଥାନ ପରିଦର୍ଶନ କରୁଅଛ, ସେଠାରେ ବିଦ୍ୟୁତ୍ ଶକ୍ତି ନାହିଁ । ରାତିରେ ପ୍ରବଳ ଥଣ୍ଡା ଅନୁଭୂତ ହେଉଛି । ମନେପକାଅ, ପୁରାତନ ଯୁଗର ମଣିଷମାନେ ଉତ୍ତାପ ପାଇବା ପାଇଁ କ'ଣ କରିଥିବେ । ତୁମେ ବର୍ତ୍ତମାନ ୩ଟି ଉପାୟ ଲେଖ ଯଦ୍ୱାରା ନିଜେ ଗରମ ପରିବେଶ ମଧ୍ୟରେ ରହିପାରିବ । ନିଆଁ ସଦୃଶ ଅସ୍ତ୍ରଶସ୍ତ୍ର ବ୍ୟବହାର ପୁରାତନ ଯୁଗର ମଣିଷମାନଙ୍କ ପାଇଁ ଏକ ପ୍ରଧାନ ଆବଶ୍ୟକତା ଥିଲା । ଏ ଯୁଗରେ ବ୍ୟବହୃତ ଅସ୍ତ୍ରକୁ ମାଇକ୍ରୋଲିଥସ୍ (Microliths) କୁହାଯାଉଥିଲା । ଏଗୁଡ଼ିକ ଅତ୍ୟନ୍ତ ତୀକ୍ଷ୍ଣ ଓ ପ୍ରଭାବଶାଳୀ ଥିଲା । ବିଭିନ୍ନ ପ୍ରାଣୀମାନଙ୍କ ଅସ୍ଥିରେ ସେମାନେ ରାଞ୍ଜୁଡ଼ିବା ଅସ୍ତ୍ର, ଧନୁଶର, ହାତୁଡ଼ି ଓ ବଙ୍କା ମୁଣ୍ଡ ଥିବା ହୁକ ପ୍ରଭୃତି ନିର୍ମାଣ କରୁଥିଲେ । ସେମାନେ ଗଛ କାଟିବା ପାଇଁ କୁରାଢ଼ି ଓ ଛୁରୀ ପ୍ରଭୃତି ବ୍ୟବହାର କରୁଥିଲେ । ପ୍ରାଣୀମାନଙ୍କୁ ମାରିବା ଓ ବାସସ୍ଥାନ ନିର୍ମାଣ ପାଇଁ ମଧ୍ୟ ଉକ୍ତ ଅସ୍ତ୍ର ବ୍ୟବହାର କରାଯାଉଥିଲା । ସେମାନେ ଛୁରୀ ସଦୃଶ ଛୋଟ ପଥର ଖଣ୍ଡର ଧାରୁଆ ଅସ୍ତ୍ର ବ୍ୟବହାର କରୁଥିଲେ । ସେମାନେ ମଧ୍ୟ ନିଜକୁ ନିରାପଦ ଦୂରତାରେ ରଖି ଶିକାର କରୁଥିଲେ । ପଞ୍ଜାବ ଓ କାଶ୍ମୀରୀ ଉପତ୍ୟକାରେ ଉକ୍ତ ଅସ୍ତ୍ରର ନମୁନା ଦେଖାଯାଇଛି । ତୁମେ ଯଦି ଇଣ୍ଟରନେଟ୍ କିମ୍ବା ପୁସ୍ତକ ଖୋଜିବ, ପୃଥିବୀର ଅନ୍ୟ ଅଂଶରେ ଏଭଳି ଅସ୍ତ୍ର ମିଳିଥିବାର ସୂଚନା ପାଇପାରିବ ।

### (ଗ) ନୂତନ ପ୍ରସ୍ତର ଯୁଗ – ନିଓଲିଥିକ୍ ଯୁଗ (Neolithic Age, 8000 B.C - 4000 B.C)

ଉକ୍ତ ଯୁଗର ଆରମ୍ଭରେ ଅଧିବାସୀମାନେ ଶିକାରୀ ଓ ଖାଦ୍ୟ ଅନ୍ୱେଷଣକାରୀ ଥିଲେ । ସେମାନେ ଖାଦ୍ୟ ଉତ୍ପାଦନକାରୀ ହେବାକୁ ହଜାର ହଜାର ବର୍ଷ ଲାଗିଥିଲା । ଏହାହିଁ ଥିଲା ନୂତନ ପ୍ରସ୍ତର ଯୁଗର ଆରମ୍ଭ । ସେମାନେ ନିଜର ଖାଦ୍ୟ ଉତ୍ପାଦନ କରୁଥିଲେ ଓ ଅନିଶ୍ଚିତ ଶିକାର ଓ ଖାଦ୍ୟ ଅନ୍ୱେଷଣ କରିବାକୁ ଯାଉ ନଥିଲେ । ଏହା କିପରି ଘଟିଲା ବୋଲି ତୁମେ ଭାବୁଛ ? ନିଆଁର ଆବିଷ୍କାର ଭଳି ଏହା ସମ୍ଭବ ହୋଇଥିଲା । ହୁଏତ କିଛି ମଞ୍ଜି ଭୂମିରେ ପଡ଼ି ଗଜା ବାହାରିଥିଲା ଓ ଫସଲ ଉତ୍ପାଦନ ପ୍ରକ୍ରିୟାର ସୂତ୍ରପାତ ହୋଇଥିଲା । ସେମାନେ ମଞ୍ଜି ବୁଣି ଶସ୍ୟ ଉତ୍ପାଦନ କରୁଥିଲେ । ଏହା କୃଷିର ଅୟମାରମ୍ଭ ବୋଲି କୁହାଗଲା । ଅଧିବାସୀମାନେ କୃଷି ପାଇଁ ନିର୍ଦ୍ଦିଷ୍ଟ ସ୍ଥାନରେ ବସବାସ କଲେ ଓ ବଞ୍ଚିବାର ଆଶା ଉଜ୍ଜ୍ୱଳ ହେଲା । କୃଷି, ଅଧିବାସୀମାନଙ୍କ ଜୀବନରେ ଏକ ବିରାଟ ପରିବର୍ତ୍ତନ ସୃଷ୍ଟି କଲା । ସେମାନେ ନିରାପଦ ବାସଗୃହ ନିର୍ମାଣ କରି ନିକଟରେ ଶସ୍ୟ କ୍ଷେତ୍ରମାନ ସୃଷ୍ଟିକଲେ । ଏହାଦ୍ୱାରା ସେମାନେ ଏକତ୍ର ବାସ କରି ଗ୍ରାମ୍ୟ ଜୀବନ ଆରମ୍ଭ କଲେ ଓ ପରସ୍ପର ପାଇଁ ନିରାପତ୍ତା ବଳୟ ସୃଷ୍ଟି କରିବାକୁ ଲାଗିଲେ । ସେହି ସମୟରେ ସେମାନେ ନିଜେ କିଛି ଗୃହପାଳିତ ପଶୁ ରଖିବାର ଆବଶ୍ୟକତା ଅନୁଭବ କଲେ । କୃଷି ଯୋଗୁଁ ଏହା ସମ୍ଭବ ହୋଇଥିଲା । ସେମାନେ ଖାଦ୍ୟଶସ୍ୟ ନିଜେ ବ୍ୟବହାର କଲେ ଓ ଚକ୍ଷୁ ବା ଚୋପା ଗୃହପାଳିତ ପଶୁମାନଙ୍କୁ ଖାଇବାକୁ ଦେଲେ । କୁକୁର ପ୍ରଥମ ଗୃହପାଳିତ ପ୍ରାଣୀ ଥିଲା । ପରବର୍ତ୍ତୀକାଳରେ ଛେଳି, ଗୋ ସମ୍ପଦ ଓ ମେଣ୍ଢା ପ୍ରଭୃତିକୁ ସେମାନେ ଗୃହପାଳିତ ପଶୁ ଭାବେ ରଖିଲେ । ସେମାନେ ପ୍ରାଣୀମାନଙ୍କ ଚମଡ଼ା ଓ ଲୋମକୁ ପୋଷାକ ଭାବେ ଗ୍ରହଣ କରୁଥିଲେ । ଏହାଦ୍ୱାରା ସେମାନେ ମିଶ୍ରିତ କୃଷି ଉପରେ ଅଧିକ ଗୁରୁତ୍ୱ ଦେଲେ । କୃଷି ସେମାନଙ୍କୁ ଖାଦ୍ୟ ଯୋଗାଉଥିବାବେଳେ, ଗୃହପାଳିତ ପଶୁମାନେ ମାଂସ, ଦୁଗ୍ଧ ଓ ଲୋମ ଯୋଗାଉଥିଲେ । ପୁରାତନ ମାନବମାନେ ଦେଖିଲେ ଯେ, ଗଛ ସବୁ ମଞ୍ଜିରୁ ଉତ୍ପନ୍ନ ହୋଇ ମା ସଦୃଶ ଖାଦ୍ୟ ପଦାର୍ଥ ଦେଇ ସେମାନଙ୍କ ଜୀବନ ରକ୍ଷା କରୁଛନ୍ତି । ତେଣୁ ସେମାନେ ଭୂମିକୁ ପୂଜା କରିବାକୁ ଲାଗିଲେ । ନୂତନ ପ୍ରସ୍ତର ଯୁଗର ଲୋକମାନେ ପୁରାତନ ପ୍ରସ୍ତର ଯୁଗର ଲୋକମାନଙ୍କ ସଦୃଶ ପ୍ରାକୃତିକ ଶକ୍ତି ଆଗରେ ଭକ୍ତି ଓ ଭୟ ମିଶ୍ରିତ ପ୍ରଶଂସାଭାବ ପରିପ୍ରକାଶ କରୁଥିଲେ । ସମୟକ୍ରମେ, ପରିବେଶ ସମ୍ପର୍କରେ ସେମାନଙ୍କର ଜ୍ଞାନ ବୃଦ୍ଧି

ହେବା ଯୋଗୁଁ, ଆରାମଦାୟକ ଜୀବନଯାପନ ପ୍ରତି ଆଗ୍ରହ ସୃଷ୍ଟି ହୋଇଥିଲା । ପୁରାତନ ମନୁଷ୍ୟମାନେ ଚିନ୍ତାକଲେ ଯେ, ତୀକ୍ଷ୍ଣ ଅସ୍ତ୍ରଶସ୍ତ୍ରର ଆବଶ୍ୟକତା ଜୀବନରେ ଯଥେଷ୍ଟ ବେଶୀ । ଏହାଦ୍ୱାରା ସେମାନେ ଗଛ କାଟି ପାରୁଥିଲେ । ଉକ୍ତ ତୀକ୍ଷ୍ଣ ଅସ୍ତ୍ର କଠିନ ପଥର ଖଣ୍ଡରେ ନିର୍ମିତ ହୋଇଥିଲା ଓ ଏଥିରେ ଏକ କାଠ ବାଡ଼ି ସଂଯୁକ୍ତ କରାଯାଇଥିଲା । ଉକ୍ତ ଚିକ୍‌ଣ ଅସ୍ତ୍ର ଦ୍ୱାରା ସଫାକରାଯାଇ କୃଷିକାର୍ଯ୍ୟ କରାଗଲା । ଏହି ଅସ୍ତ୍ର ଦ୍ୱାରା ଆମେ ଆଜି ମଧ୍ୟ ବଗିଚା କାମ କରୁଛେ ।

ଚକ (wheel) ଏହି ଯୁଗର ଅନ୍ୟଏକ ଆବିଷ୍କୃତ ପଦାର୍ଥ ଥିଲା । କେହି ବିଶ୍ୱାସ କରି ନଥିଲେ ଯେ, ଏହା ବିଭିନ୍ନ ପ୍ରକାର କାର୍ଯ୍ୟ ସମାପନରେ ସାହାଯ୍ୟ କରିବ । ଚକ ପୁଲି ସଦୃଶ ଗଭୀର କୂପରୁ ଜଳ କାଢ଼ିବାରେ ବ୍ୟବହୃତ ହେଉଥିଲା । ସୂତା କାଟି ଲୁଗା ବୁଣିବାରେ ଏହା ମଧ୍ୟ ବ୍ୟବହୃତ ହେଉଥିଲା । ଯାହାକୁ ବୁଣିବା ଚକ ବା ଚରଖା କୁହାଯାଉଥିଲା । ମାଟିର ପାତ୍ର ନିର୍ମାଣରେ ଏହାକୁ କୁମ୍ଭାର ଚକ କୁହାଯାଉଥିଲା । ଉକ୍ତ କୁମ୍ଭାର ଚକ ରନ୍ଧା ଖାଦ୍ୟ ପ୍ରସ୍ତୁତ କରିବାରେ ମଧ୍ୟ ସାହାଯ୍ୟ କରୁଥିଲା । ମାଟିପାତ୍ରଗୁଡ଼ିକ ଗଛର ଛୋଟ ଡ଼ାଳ ଟୋକେଇ ସଦୃଶ ଥିଲା ଓ ମାଟିରେ ତାହାର ବାହାରକୁ ପଲିସ୍ କରାଯାଉଥିଲା । ଉକ୍ତ ପାତ୍ରଗୁଡ଼ିକ ବିଭିନ୍ନ ଆକାରର ଥିଲା ଓ ଏହା ବାହାରକୁ ଅତ୍ୟନ୍ତ ସୁନ୍ଦର ଦେଖାଯାଉଥିଲା । ଉକ୍ତ ଚକଗୁଡ଼ିକ ମୁଖ୍ୟତଃ ବିଭିନ୍ନ ଗାଡ଼ି ବା ଯାନରେ ବ୍ୟବହୃତ ହୋଇ ସ୍ଥାନାନ୍ତର ପ୍ରକ୍ରିୟାରେ ସାହାଯ୍ୟ କରୁଥିଲା । ବର୍ତ୍ତମାନ ଯୁଗରେ ମଧ୍ୟ ଚକ ବହୁ ମୁଖ୍ୟକାର୍ଯ୍ୟରେ ବ୍ୟବହୃତ ହେଉଅଛି ।



ଚିତ୍ର ୦.୩ ନୂତନ ପ୍ରସ୍ତର ଯୁଗର ପାତ୍ର

## ତୁମ ପାଇଁ କାର୍ଯ୍ୟ ୦.୩

ତୁମ ପଠନ ବେଳେ ନିଶ୍ଚୟ ଚିନ୍ତା କରିଥିବ ଯେ, ମାନବ ଜୀବନ ଶୈଳୀ, ପୁରାତନ ପ୍ରସ୍ତର ଯୁଗରୁ ନୂତନ ପ୍ରସ୍ତର ଯୁଗକୁ କିଭଳି ଶୀଘ୍ର ବିକାଶ ଲାଭ କରିଥିଲା । ପୁରାତନ ମନୁଷ୍ୟମାନଙ୍କ ଅବସ୍ଥାକୁ ବର୍ତ୍ତମାନର ଅବସ୍ଥାସହ ତୁଳନା କର । ନିମ୍ନଲିଖିତ ଶବ୍ଦଗୁଡ଼ିକୁ ବ୍ୟବହାର କର । ନିଆଁ, ଅସ୍ତ୍ର, କୃଷି, ମିଶ୍ରିତ କୃଷି, ଚକ, ଧର୍ମ, ପ୍ରକୃତି ସଙ୍ଗେ ସମଝୋତା ।

## ପାଠଗତ ପ୍ରଶ୍ନାବଳୀ ୦.୩ (କ)

୧. ପୁରାତନ ମନୁଷ୍ୟମାନଙ୍କୁ କାହିଁକି ଯାଯାବର କୁହାଯାଉଥିଲା ?


୨. ପୁରାତନ ପ୍ରସ୍ତର ଯୁଗ ଓ ନୂତନ ପ୍ରସ୍ତର ଯୁଗରେ ବ୍ୟବହୃତ ଅସ୍ତ୍ର ମଧ୍ୟରେ ଥିବା ୨ଟି ପାର୍ଥକ୍ୟ ଲେଖ ।

୩. ନୂତନ ପ୍ରସ୍ତର ଯୁଗର ଦୁଇଟି ଆବିଷ୍କାର ଲେଖ ।

୪. 'ଚକ'ର ଆବିଷ୍କାର ମାନବ ସଭ୍ୟତା ପାଇଁ ଏକ ଅତୁଳନୀୟ ଅବଦାନ, ଏହାର ତିନୋଟି ବ୍ୟବହାରିକ ଅବସ୍ଥା ବର୍ଣ୍ଣନା କର ।

## ୦.୩.୨. ଧାତୁର ବ୍ୟବହାର – ଚାଲ୍‌କୋଲିଥିକ୍ ଯୁଗ

ମଣିଷ ଦୀର୍ଘଦିନ ଧରି ଖାଦ୍ୟ ଅନ୍ୱେଷଣ ଓ ପ୍ରସ୍ତରଯୁଗ ସଭ୍ୟତାରେ ଦିନ ବିତାଇଥିଲା । ଉକ୍ତ ଜୀବନଶୈଳୀରେ ସନ୍ତୁଷ୍ଟ ନହୋଇ ସେ ଧାତୁର ବ୍ୟବହାର ଶିକ୍ଷାଲାଭ କରିଥିଲା । ତମ୍ବା ଧାତୁ ପ୍ରଥମେ ବ୍ୟବହାର ପରିସରକୁ ଆସିଥିଲା । ପ୍ରସ୍ତର ଓ ତମ୍ବାର ବ୍ୟବହାର ଉପରେ ଆଧାରିତ ଯୁଗକୁ ଚାଲକୋଲିଥିକ୍ ସଂସ୍କୃତି କୁହାଯାଏ । ଲୋକମାନେ ବିଭିନ୍ନ ପଦାର୍ଥ ନିର୍ମାଣରେ ତମ୍ବା ବ୍ୟବହାର କରୁଥିଲେ ।



ଚିତ୍ର ୦.୪ ଧାତୁରେ ନିର୍ମିତ ଅସ୍ତ୍ରଶସ୍ତ୍ର

ପୂର୍ବକଳାର ଅଧିବାସୀମାନେ ଧାତୁର ବ୍ୟବହାର ସମ୍ପର୍କରେ ଅନେକ ପରୀକ୍ଷା ନିରୀକ୍ଷା ମଧ୍ୟ କରୁଥିଲେ । ତମ୍ବା ଧାତୁକୁ ଟିଣ, ସୀସା ଓ ଜିଙ୍କ୍ ଧାତୁ ସଙ୍ଗେ ମିଶାଯାଇ ବ୍ରୋଞ୍ଜ ଧାତୁ ପ୍ରସ୍ତୁତ କରିଥିଲେ । ଏହାକୁ ବ୍ରୋଞ୍ଜଯୁଗ ମଧ୍ୟ କୁହାଯାଏ । ଧାତୁରେ ନିର୍ମିତ ଅସ୍ତ୍ରଶସ୍ତ୍ର ପଥରରେ ନିର୍ମିତ ଅସ୍ତ୍ରଠାରୁ ଅନେକ ଗୁଣରେ ଶ୍ରେଷ୍ଠ ଥିଲା । କ୍ରମଶଃ ଲୋକମାନେ ପଥର, ହାଡ଼ ଓ କାଠ ପରିବର୍ତ୍ତେ ତମ୍ବା ଓ ବ୍ରୋଞ୍ଜ ବ୍ୟବହାର କରି ଅସ୍ତ୍ରଶସ୍ତ୍ର ଓ ସରଞ୍ଜାମ ତିଆରି କଲେ । ଉକ୍ତ ଚାଲକୋଲିଥିକ୍ ଯୁଗର ଅସ୍ତ୍ର ମହୀଶୂରର ବ୍ରହ୍ମଗିରି, ନିର୍ମଦା ନଦୀ ନିକଟସ୍ଥ ନଓ୍ୱାବଟୋଲି ଓ ଛୋଟ ନାଗପୁର ମାଳଭୂମି ଅଞ୍ଚଳରେ ଦେଖାଯାଇଥିଲା ।

## ୦.୩.୩. ଗୋଷ୍ଠୀଗତ ଜୀବନ ଆରମ୍ଭ

କୃଷି, ମିଶ୍ରିତ କୃଷି, ଅସ୍ତ୍ରଶସ୍ତ୍ର ନିର୍ମାଣର ବିକାଶ, ଚକର ଆବିଷ୍କାର ପ୍ରଭୃତି ବ୍ୟବସ୍ଥା ପୁରାତନ ମନୁଷ୍ୟମାନଙ୍କୁ ଏକତ୍ର ରହିବାର ସୁଯୋଗ ସୃଷ୍ଟି କରିଥିଲା । ଏହାକୁ ଗ୍ରାମ୍ୟ ଜୀବନର ଅୟମାରମ୍ଭ ବୋଲି କୁହାଯାଉଛି । ଦଳଗତ ଜୀବନଯାପନ ପ୍ରଣାଳୀର ପରିସର କ୍ରମଶଃ ବୃଦ୍ଧି ଘଟିବାରୁ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଥିଲା । ଏସବୁକୁ ଶୃଙ୍ଖଳାର ସହ ତୁଲାଇବା ପାଇଁ ଦଳ ମଧ୍ୟରେ ଦଳପତିର ଆବଶ୍ୟକତା ଅନୁଭବ କରାଗଲା । ତେଣୁ ବିଭିନ୍ନ ଦଳର ଲୋକମାନେ ସେମାନଙ୍କର ନେତାଙ୍କୁ ବାଛିଲେ ଓ ଉକ୍ତ ନେତା ଦଳଗତ ସମସ୍ୟାର ସମାଧାନରେ ମୁଖ୍ୟ ଭୂମିକା ଗ୍ରହଣ କରୁଥିଲେ । ସମୟକ୍ରମେ ସହର ଭିତ୍ତିକ ସଭ୍ୟତାମାନ ଗଢ଼ି ଉଠିଲା ତୁମେ ଜାଣ କି, ସିନ୍ଧୁ ଓ ସରସ୍ୱତୀ ନଦୀ କୂଳରେ ପ୍ରଥମ ଭାରତୀୟ ସହର ପ୍ରାୟ ୨୫୦୦ B.C.ରେ ଗଢ଼ି ଉଠିଥିଲା । ଏହାକୁ ଐତିହାସିକମାନେ ସିନ୍ଧୁ ଉପତ୍ୟକା ସଭ୍ୟତା ନାମରେ ନାମିତ କରିଥିଲେ ।

**ଧର୍ମ –** ପୃଥିବୀର ସମଗ୍ର ମାନବ ସମାଜ ଅଜଣା ବସ୍ତୁକୁ ଭୟ କରନ୍ତି । ଯେକୌଣସି କଥା ଯଦି ସେମାନଙ୍କୁ ବୁଝାପଡ଼ିଲା ନାହିଁ, ଭୟ ଓ ମିଶ୍ରିତ ପ୍ରଶଂସା ଆରମ୍ଭ ହେଲା ଓ ଏହା ଶୀଘ୍ର ପବିତ୍ର ଭାବେ ଗଣ୍ୟ ହେଲା । ପୁରାତନ ଅଧିବାସୀମାନଙ୍କ କ୍ଷେତ୍ରରେ ମଧ୍ୟ ଏହିଭଳି ଘଟିଥିଲା । ପୃଥିବୀକୁ ମାତାରୂପେ ଗ୍ରହଣ କରାଗଲା, ଯାହା ସମଗ୍ର ଜଗତକୁ ଖାଦ୍ୟ ଯୋଗାଉଥିଲା । ଲୋକମାନେ ସୂର୍ଯ୍ୟ, ଚନ୍ଦ୍ର, ନକ୍ଷତ୍ରମାନଙ୍କୁ ସେମାନଙ୍କର ଅବଦାନ ପାଇଁ ପୂଜା କରୁଥିଲେ । ସେତେବେଳେ କିଛି ଯାଦୁକରମାନେ ମନୁଷ୍ୟ ସମାଜର ମଙ୍ଗଳ ପାଇଁ ଉତ୍ସର୍ଗୀକୃତ ମନୋବୃତ୍ତି ପୋଷଣ କରି କାର୍ଯ୍ୟ କରୁଥିଲେ, ସେମାନଙ୍କୁ ଧର୍ମଯାଜକ କୁହାଯାଉଥିଲା ।

ଲୋକମାନେ ଭାବୁଥିଲେ ଯେ, ମୃତ୍ୟୁ ଏକ ଯାତ୍ରା ସଦୃଶ ଯେଉଁଠାରୁ କେବେ ଫେରିହେବ ନାହିଁ । ତେଣୁ ସେମାନେ ମୃତ ବ୍ୟକ୍ତିମାନଙ୍କ ପାଇଁ ସମାଧି ନିର୍ମାଣ କରୁଥିଲେ ଓ ଏହାକୁ ବିରାଟ ପ୍ରସ୍ତର ଖଣ୍ଡ ଦ୍ୱାରା ଘୋଡ଼ାଇ ଦେଉଥିଲେ । ଏଥିରେ ମୃତବ୍ୟକ୍ତି ବ୍ୟବହାର ପାଇଁ ବିଭିନ୍ନ ଦରକାରୀ ପଦାର୍ଥ ରଖିଦେଉଥିଲେ । ତୁମେ ଭାବୁଛ କି, ମୃତ ବ୍ୟକ୍ତିମାନଙ୍କ ପ୍ରତି ଏଭଳି ସମ୍ମାନ, ବର୍ତ୍ତମାନ ସମାଜରେ ବି ପ୍ରଚଳିତ ଅଛି ? ତୁମେ ନିଶ୍ଚୟ ଆଶ୍ଚର୍ଯ୍ୟ ହେବ, ଆମର ପୂର୍ବପୁରୁଷମାନଙ୍କ କାର୍ଯ୍ୟ ସମୁହ ଆମମାନଙ୍କ କାର୍ଯ୍ୟଧାରା ସଙ୍ଗେ ମିଶି ଯାଉଛି ।

## ୦.୩.୪. ଲୌହଯୁଗ / ତାପରବର୍ତ୍ତି

ତୁମେ ଶିକ୍ଷା କରିଅଛ ଯେ, ମଣିଷ ସଭ୍ୟତା ଓ ସଂସ୍କୃତି ବିକାଶର ବିଭିନ୍ନ ସ୍ତର ଦେଇ ଅଗ୍ରଗତି କରିଅଛି । ପୁରାତନ ଅଧିବାସୀମାନେ ଅସ୍ତ୍ରଶସ୍ତ୍ରମାନଙ୍କୁ ପଥରରେ ନିର୍ମାଣ କରୁଥିଲେ । ପରେ ଧାତୁର ଆବିଷ୍କାର ହେଲା ଓ ଦରକାରୀ ପଦାର୍ଥ ନିର୍ମାଣ ସହଜ ଓ ମଜ୍‌ଭୁତ ହେଲା । ତମ୍ବା, ବ୍ରୋଞ୍ଜ, ଲୌହ ପ୍ରଭୃତି ଧାତୁ ଗୋଟିଏ ପରେ ଗୋଟିଏ ଆବିଷ୍କାର ହୋଇଥିଲା । ମାନବ ସଭ୍ୟତା ପାଇଁ ଲୌହର ଆବିଷ୍କାର ଏକ ଯୁଗାନ୍ତକାରୀ ଘଟଣା ଥିଲା । ଏହା ଦୀର୍ଘକାଳ ସ୍ଥାୟୀ ପଦାର୍ଥ ନିର୍ମାଣରେ ବ୍ୟବହୃତ ହେଉଥିଲା । ଲୋକମାନେ କାଳକ୍ରମେ ମିଶ୍ରଧାତୁ ତିଆରି କରିବାର କୌଶଳ ଶିକ୍ଷାଲାଭ କଲେ । ପିତଳ ମିଶ୍ର ଧାତୁର ଏକ ଉଦାହରଣ ଅଟେ । ଲୌହ ସଙ୍ଗେ ଅଙ୍ଗାର ମିଶାଇ ଇସ୍ପାତ କିପରି ତିଆରି ହୁଏ, ସେମାନେ ଶିକ୍ଷାଲାଭ କଲେ । ଦୀର୍ଘଦିନ ପରେ ବୈଜ୍ଞାନିକମାନେ ଆମମାନଙ୍କୁ ଏକ ନୂତନ ପଦାର୍ଥ ଦେଲେ, ଯାହାକୁ ପ୍ଲାଷ୍ଟିକ୍ କୁହାଯାଏ । ଦୈନନ୍ଦିନ ବ୍ୟବହୃତ ସମସ୍ତ ପଦାର୍ଥ ପ୍ରାୟ ପ୍ଲାଷ୍ଟିକ ଦ୍ୱାରା ନିର୍ମିତ । ଅନ୍ୟ ବସ୍ତୁ ଅପେକ୍ଷା ଉକ୍ତ ପଦାର୍ଥର ଅନେକ ଗୁଣ ରହିଛି । ବହୁଦିନ ପରେ ଉକ୍ତ ବସ୍ତୁର ପରିବେଶ ଉପରେ ନକାରାତ୍ମ ପ୍ରଭାବ ରହିଛି ବୋଲି କୁହାଯାଉଛି । ତେଣୁ ପ୍ଲାଷ୍ଟିକ୍ ଦ୍ୱାରା ନିର୍ମିତ ବିଭିନ୍ନ ପଦାର୍ଥର ବ୍ୟବହାର ଉପରେ ନିଷେଧାଜ୍ଞାଜାରି କରାଯାଇଛି । ବର୍ତ୍ତମାନ ବୈଜ୍ଞାନିକମାନେ ଅନ୍ୟ ଏକ ପ୍ଲାଷ୍ଟିକ ନିର୍ମାଣ କରିବାର ଯୋଜନା

କରୁଛନ୍ତି । ଯାହା ସହଜରେ ଅନ୍ୟ ଜୈବ ପଦାର୍ଥ ଦ୍ୱାରା ସଢ଼ି ଯାଇପାରୁଥିବ । ମନୁଷ୍ୟମାନେ ପ୍ରତି ଯୁଗରେ ବିଭିନ୍ନ ଆହ୍ୱାନର ସମ୍ମୁଖୀନ ହୋଇ ମଧ୍ୟ ସୁନ୍ଦରଭାବେ ବିକାଶ ଆଡ଼କୁ ଅଗ୍ରସର କରି ଚାଲିଛନ୍ତି । ବର୍ତ୍ତମାନ ଆମେ ବିକାଶର ବିଭିନ୍ନ ସ୍ତର ସମ୍ପର୍କରେ ଆଲୋଚନା କରିବା ।

## ତୁମ ପାଇଁ କାର୍ଯ୍ୟ ୦.୪

ଆମ୍ଭେ ପାଳନ କରୁଥିବା କିଛି ଧାର୍ମିକ ନୀତିର ଏକ ତାଲିକା ପ୍ରସ୍ତୁତ କର । ଉକ୍ତ ନୀତି ସମ୍ପର୍କରେ ନିଜର ପରିବାର ଓ ବନ୍ଧୁମାନଙ୍କ ସହ ଆଲୋଚନା କର । ଉକ୍ତ ଆଲୋଚନାରୁ ପ୍ରାପ୍ତ ନୂତନ ଧାର୍ମିକ ଚିନ୍ତାଧାରା ସମ୍ପର୍କରେ ଏକ ଚିଠି ତୁମ ବନ୍ଧୁଙ୍କ ନିକଟକୁ ଲେଖ । ଆଧୁନିକ ଯୁଗରେ ଉକ୍ତ ଚିନ୍ତାଧାରାର ପ୍ରଭାବ ଅଛି କି ନାହିଁ, ଉଲ୍ଲେଖ କର ।

## ପାଠଗତ ପ୍ରଶ୍ନାବଳୀ ୦.୩ (ଖ)

୧. ଧାତୁ ନିର୍ମିତ ଅସ୍ତ୍ରଶସ୍ତ୍ରର ଯୁଗ ପ୍ରସ୍ତର ଯୁଗର ଅସ୍ତ୍ରଶସ୍ତ୍ରଠାରୁ ଉନ୍ନତ ବୋଲି ଆମେ କାହିଁକି କହିବା ।

୨. ପୁରାତନ ମାନବର ସ୍ଥାୟୀ ବସବାସ ପାଇଁ କେଉଁ କାରଣଗୁଡ଼ିକ ଦାୟୀ ? ଉକ୍ତ କାରଣଗୁଡ଼ିକର ବର୍ତ୍ତମାନ ସମୟରେ ପ୍ରଭାବ କ'ଣ ?

୩. ଗୋଷ୍ଠୀ ଜୀବନ ଓ ଧର୍ମ ପୁରାତନ ମାନବର ସମାଜ ଗଠନରେ କିପରି ସହାୟକ ଥିଲା ?

୪. ଲୌହ ଆବିଷ୍କାର ଦ୍ୱାରା ପୁରାତନ ମାନବ ଜୀବନରେ କିଭଳି ପରିବର୍ତ୍ତନ ଆସିଥିଲା ?

## ୦.୪ ମାନବିକ ବିକାଶର ବିଭିନ୍ନ ସ୍ତର

ଉପରୋକ୍ତ ଆଲୋଚନାକୁ ଭିତ୍ତିକରି, ମନୁଷ୍ୟ ସଭ୍ୟତାର ବିଭିନ୍ନ ବିକାଶ ସ୍ତରକୁ, ଯାହା ପୃଥିବୀର ସମଗ୍ର ମାନବ ସଭ୍ୟତା ପାଇଁ ପ୍ରଯୁଜ୍ୟ, ଆମେ ଚିହ୍ନିତ କରି ପାରିବା । ଅତୀତର ସମସ୍ତ ଆବିଷ୍କୃତ ପଦାର୍ଥ ବର୍ତ୍ତମାନର ସଭ୍ୟତା ସଙ୍ଗେ ସମ୍ପୃକ୍ତ ବୋଲି, ଚକ (wheel)କୁ ଉଦାହରଣ ଭାବେ ଆମେ ଗ୍ରହଣ କରିବା ।

### (କ) ଶିକାର ପର୍ଯ୍ୟାୟ

ପ୍ରତ୍ନତତ୍ତ୍ୱ ବିଦ୍ୟା ଲିପିବଦ୍ଧ ଇତିହାସର ପୂର୍ବ ଘଟଣାବଳୀକୁ ସଜାଡ଼ିବାରେ ବହୁତ ସାହାଯ୍ୟ କରିଅଛି । ଉକ୍ତ ସମୟର ଜୀବନଯାପନକୁ ପ୍ରାଚୀନ ବା ଆଦିମ କୁହାଯଉଥିଲା, କାରଣ ଅଧିବାସୀମାନେ ବଞ୍ଚିବା ପାଇଁ ପ୍ରକୃତି ଉପରେ ନିର୍ଭର କରୁଥିଲେ । ଉକ୍ତ ଆଦିମ ଅଧିବାସୀମାନେ ନିଜର ଖାଦ୍ୟ ପାଇଁ ବିଭିନ୍ନ ପଶୁ, ପକ୍ଷୀ, ମାଛ ଓ କୀଟ ପତଙ୍ଗମାନଙ୍କୁ ଶିକାର କରି ଶିକାରୀ ଜୀବନଯାପନ କରୁଥିଲେ । ସେମାନେ ହଜାର ହଜାର ବର୍ଷ ଧରି ଶିକାରୀ ଥିଲେ । ଏହି ଯୁଗକୁ ପ୍ରସ୍ତର ଯୁଗ କୁହାଯାଏ । ଉକ୍ତ ସମୟରେ ସେମାନେ ମଧ୍ୟ ଅନେକ ଗୃହପାଳିତ ପଶୁ ରଖି କ୍ଷୀର, ଘିଅ ଓ ଛେନା ପ୍ରଭୃତି ନୂତନ ଖାଦ୍ୟ ଉପଭୋଗ କରିବାର ସୁଯୋଗ ପାଇଥିଲେ । ଶିକାର ଅପେକ୍ଷା


ନିରାପଦ ସ୍ଥାୟୀ ବସବାସ ଜୀବନ ଉନ୍ନତ ଥିଲା । ତଥାପି ସେମାନେ ଯାଯାବର ଜୀବନରୁ ମୁକ୍ତି ପାଇ ନଥିଲେ । ଖାଦ୍ୟ ପାଇଁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବାର ଆବଶ୍ୟକତା ଅନେକ ସମୟରେ ଆସୁଥିଲା ।

## (ଖ) ଗ୍ରାମ୍ୟ ଜୀବନ

କୃଷି ଯୋଗୁଁ ଗ୍ରାମ୍ୟ ଜୀବନର ସୂତ୍ରପାତ ହୋଇଥିଲା । ସମସ୍ତେ ସ୍ଥାୟୀ ଭାବେ ରହିବାକୁ ପସନ୍ଦ କଲେ । ମାଟିରେ ମଞ୍ଜିବୁଣି ଗଛ ସୃଷ୍ଟି କରିବାର ପ୍ରଣାଳୀ ଶିକ୍ଷାଲାଭ କରି ନିଜର ଖାଦ୍ୟ ଯୋଗାଡ଼ କରି ପାରିଲେ । ତେଣୁ ଅଧିବାସୀମାନେ ନିର୍ଦ୍ଧିଷ୍ଟ ସ୍ଥାନରେ ରହି ଜୀବନଯାପନ କରିବାକୁ ଚାହିଁଲେ । ସମୟ କ୍ରମେ ଗ୍ରାମ୍ୟ ଜୀବନ ଆରମ୍ଭ ହୋଇଥିଲା ।

## (ଗ) ସହର ଜୀବନ

ଗ୍ରାମ୍ୟ ଜୀବନ ଓ କୃଷିକାର୍ଯ୍ୟ ଛାଡ଼ି ଅଧିବାସୀମାନେ ସହର ଆଡ଼କୁ ଯିବା କାର୍ଯ୍ୟ ଆରମ୍ଭ କଲେ । ଏହି ସ୍ତରରେ ଜନସଂଖ୍ୟା ବୃଦ୍ଧି ବ୍ୟାପକ ଭାବେ ହୋଇଥିଲା । ତେଣୁ ଲୋକମାନେ ଅଧିକ ଉତ୍ପାଦନ ପାଇଁ ଚିନ୍ତା କଲେ । ପରିବାର ବୃଦ୍ଧି ସଙ୍ଗେ ଜନସଂଖ୍ୟାର ମଧ୍ୟ ବୃଦ୍ଧି ଘଟିଲା । ଅଧିକ ଖାଦ୍ୟର ଆବଶ୍ୟକତା ଦରକାର ହୋଇଥିଲା । ସମସ୍ତ ଅଧିବାସୀ କୃଷି କାର୍ଯ୍ୟରେ ନିୟୋଜିତ ହୋଇ ନଥିଲେ । ଯେଉଁମାନେ ବୁଣାଳୀ, ପାତ୍ର ନିର୍ମାଣକାରୀ ଓ ବଢ଼େଇ କାର୍ଯ୍ୟ କରୁଥିଲେ, ସେମାନେ ଖାଦ୍ୟ ପାଇଁ ପଦାର୍ଥମାନଙ୍କୁ ବଦଳ କରୁଥିଲେ । ଧାତୁର ବ୍ୟବହାର ଦ୍ୱାରା ସେମାନଙ୍କର ଉନ୍ନତ ଜୀବନଯାପନ କରିବା ସହଜ ହୋଇଥିଲା । ଅଧିବାସୀମାନଙ୍କ କଳା କୁଶଳତାର ବୃଦ୍ଧି ଘଟିଲା । ସେମାନେ ତମ୍ବା ଓ ବ୍ରୋଞ୍ଜ ଧାତୁ ବ୍ୟବହାର କରି ନିଜର ଦକ୍ଷତା ପ୍ରତିପାଦନ କରିଥିଲେ । ଲୋକମାନେ ଏକ ନିର୍ଦ୍ଧିଷ୍ଟ ସ୍ଥାନକୁ ଯାଇ ସେମାନଙ୍କ ଦ୍ୱାରା ନିର୍ମିତ ପଦାର୍ଥକୁ ବଦଳ କରି ଅନ୍ୟ ବସ୍ତୁ ଆଣିବାର ସୁଯୋଗ ପାଉଥିଲେ । କୃଷକମାନେ ମଧ୍ୟ ଉକ୍ତ ପନ୍ଥା ଅନୁସରଣ କରିଥିଲେ। ଲୋକମାନେ ବୁଣିବା, କାଠକାର୍ଯ୍ୟ ଓ ଧାତୁରେ ପଦାର୍ଥ ନିର୍ମାଣ ପ୍ରଭୃତି ଧନ୍ଦାମୂଳକ କାର୍ଯ୍ୟ କରି ଜୀବିକା ଚଳାଉଥିଲେ । ଲୌହର ବ୍ୟବହାର ଫଳରେ କାର୍ଯ୍ୟର ବିଭିନ୍ନ





ଚିତ୍ର ୦.୫ ହରପ୍ପା ଶିଳାଲିପି

ବିଭାଗ ସୃଷ୍ଟି ହୋଇଥିଲା । ସମୟ ସଙ୍ଗେ ତାଳ ଦେଇ ଅଧିବାସୀମାନେ ବିକାଶ ଧାରାରେ ଆଗେଇ ଚାଲିଥିଲେ । ଲେଖିବାର କୌଶଳ ଶିକ୍ଷାଲାଭ ପରେ, ଜ୍ଞାନ ପରିସର ଗୋଟିଏ ପିଢ଼ିରୁ (Generation) ଅନ୍ୟ ପିଢ଼ିକୁ ହସ୍ତାନ୍ତର ହୋଇଥିଲା । ଯେଉଁଲୋକମାନେ ନଗର, ସହର ଓ ଗ୍ରାମମାନଙ୍କର ଆଇନ ଶୃଙ୍ଖଳା ଦାୟିତ୍ୱରେ ଥିଲେ, ସେମାନଙ୍କ ପାଇଁ ଲେଖିବା କୌଶଳ ଅପରିହାର୍ଯ୍ୟ ଥିଲା ।

## (ଘ) ନଗର ସଭ୍ୟତା

କିଛି ବର୍ଷ ପରେ, ଲୋକମାନେ ଅଧିକ ଫସଲ ଉତ୍ପାଦନ କରି ଭବିଷ୍ୟତ ପାଇଁ ସଞ୍ଚୟ କରି ରଖିଲେ । ଏହାଦ୍ୱାରା ସେମାନେ ଅଧିକ ସମୟ ଅବସର ପାଇଲେ ଯାହା ସଭ୍ୟତା ଓ ସଂସ୍କୃତିର ବିକାଶରେ ସହାୟକ ହୋଇଥିଲା । କଳା, ଚିତ୍ରାଙ୍କନ, ସଙ୍ଗୀତ, ସ୍ଥାପତ୍ୟ ଓ ପ୍ରତ୍ନତତ୍ତ୍ୱ ବିଦ୍ୟାର ଉନ୍ନତି ମଧ୍ୟ ସମ୍ଭବପର ହେଲା । ବିଭିନ୍ନ ଧାତବ ପଦାର୍ଥ ଓ ଅଳଙ୍କାର ନିର୍ମାଣ କ୍ଷେତ୍ରରେ ନୂତନ ଯୁଗ ଆରମ୍ଭ ହୋଇଥିଲା । ବର୍ତ୍ତମାନ ଲୋକମାନଙ୍କର ନିରାପତ୍ତା ଓ ମୌଳିକ ଆବଶ୍ୟକତା ପୂରଣ ହୋଇସାରିଥିଲା । ତେଣୁ ସେମାନେ ଉନ୍ନତ ସାମାଜିକ ବ୍ୟବସ୍ଥା ଓ ପସନ୍ଦଯୋଗ୍ୟ କଳାକୃତି ଉପରେ ମନୋନିବେଶ କରିଥିଲେ । ଏହି ସମୟରେ ବିଭିନ୍ନ ଜାତି ଓ ଶ୍ରେଣୀର ସୃଷ୍ଟି ହୋଇଥିଲା । ସହରଠାରୁ ଉନ୍ନତ ନଗର ସଭ୍ୟତା ଆରମ୍ଭ ହେଲା । ସବୁଠାରୁ ପୁରାତନ ସଭ୍ୟତାର ମୂକସାକ୍ଷୀ ହରପ୍ପା ଓ ମହେଞ୍ଜୋଦାରୋ ଅଧୁନା ପାକିସ୍ଥାନରେ ଅବସ୍ଥିତ । ଭାରତରେ ଅବସ୍ଥିତ ଉକ୍ତ ନଗର ସଭ୍ୟତାର କ୍ଷେତ୍ରଗୁଡ଼ିକ ମଧ୍ୟରେ ଚଣ୍ଡିଗଡ଼ ନିକଟରେ ଥିବା ରୋପାର, ଅହମଦାବାଦ ନିକଟରେ ଥିବା ଲୋଥାଲ ଓ ରାଜସ୍ଥାନ ନିକଟରେ ଥିବା କାଳି ବଙ୍ଗମ ପ୍ରଭୃତି ପ୍ରଧାନ ଅଟେ । ଏଗୁଡ଼ିକ ଯୋଜନାବଦ୍ଧ ନଗର ଥିଲା । ରାସ୍ତାଘାଟ, ଜଳ ନିଷ୍କାସନ ଓ ଅନ୍ୟାନ୍ୟ ସୁବିଧା ସୁଯୋଗର ମଧ୍ୟ ବନ୍ଦୋବସ୍ତ କରାଯାଇଥିଲା ।

ଚିତ୍ର – ୦.୬ ସିନ୍ଧୁ ସଭ୍ୟତାର ଭଗ୍ନାବଶେଷ, ଲୋଥାଲ, ଗୁଜୁରାଟ

ବିଜ୍ଞାନ ଓ କାରିଗରୀ ବିଦ୍ୟା କ୍ଷେତ୍ରରେ ଅଗ୍ରଗତି ଯୋଗୁଁ, ନୂତନ ପଦାର୍ଥ ନିର୍ମାଣ ଦ୍ରୁତତର ହେବା ସଙ୍ଗେ ସଙ୍ଗେ କିଛି ଲୋକଙ୍କ ପାଇଁ ଜୀବନ ଆରାମ ଦାୟକ ଓ ପ୍ରାଚୁର୍ଯ୍ୟପୂର୍ଣ୍ଣ ହୋଇଥିଲା । ତେଣୁ ନଗର ସଭ୍ୟତାର ଗୁରୁତ୍ୱ ବୃଦ୍ଧି ହେଲା । କେତେକ ସହର ମହାନଗର ନାମରେ ନାମିତ ହେଲା ଯେଉଁଠାରେ ଆମେ ଉଚ୍ଚ ବହୁତଳ ବିଶିଷ୍ଟ କୋଠାଘର, ମୁଖ୍ୟ ଅନୁଷ୍ଠାନ, ବଡ଼ ବଡ଼ ବାଣିଜ୍ୟ କେନ୍ଦ୍ର ଓ ଅନେକ ଶିଳ୍ପାଞ୍ଚଳମାନ ଦେଖିବାକୁ ପାଉ । ଆମ୍ଭେ ଅନେକ ଆବିଷ୍କାର, ଉଦ୍ଭାବନ ଓ ପରିବର୍ତ୍ତନ କରି ଜୀବନକୁ ଆରାମଦାୟକ ଓ ଅର୍ଥପୂର୍ଣ୍ଣ କରିଅଛୁ, କିନ୍ତୁ ଆମ ଭିତରେ ଅନେକ ଲୋକଙ୍କର ପିଇବା ପାଣି, ବିଦ୍ୟୁତ୍ ଶକ୍ତି, ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥାର ସୁବିଧା ଆଦୌ ନାହିଁ । ଉକ୍ତ ଅବ୍ୟବସ୍ଥା ଅନେକ ସମସ୍ୟା ସୃଷ୍ଟି କରୁଛି, ଯାହାର ସମାଧାନ ଆମକୁ କରିବାକୁ ହେବ । ଏହି ପାଠ୍ୟକ୍ରମରେ ଆମେ ଉକ୍ତ ବିଷୟରେ ଅଧିକ ଜାଣିବା ।

## ପାଠଗତ ପ୍ରଶ୍ନାବଳୀ ୦.୪

୧. ମାନବୀୟ ବିକାଶର ବିଭିନ୍ନ ସ୍ତରରୁ ଦୁଇଟି ଉପାଦାନ ବିଷୟରେ ଲେଖ ।

୨. ଖାଦ୍ୟପାଇଁ ପୁରାତନ ମାନବର ଶିକାରୀ ବୃତ୍ତି ଆଧୁନିକ ମନୁଷ୍ୟର ଶିକାର ଅଭ୍ୟାସଠାରୁ କିପରି ଭିନ୍ନ ଥିଲା ?

୩. ସହରାଞ୍ଚଳ ସୃଷ୍ଟି ପାଇଁ କେଉଁ ଉପାଦାନଗୁଡ଼ିକ ଦାୟୀ ?

୪. ମନୁଷ୍ୟ ସଭ୍ୟତାର ବିକାଶ ପାଇଁ ଲେଖା କୌଶଳ ଶିକ୍ଷା କିପରି ସାହାଯ୍ୟ କରିଥିଲା ?

## ୦.୫ ସାମାଜିକ ବିଜ୍ଞାନ ଏବଂ ବର୍ତ୍ତମାନ ସମାଜର ସମସ୍ୟା

ପୁରାତନ ମାନବର ଜଙ୍ଗଲରେ ଶିକାରୀ ଜୀବନଠାରୁ ଆଧୁନିକ ମାନବର ଅନ୍ୟ ଗ୍ରହକୁ ଉପଗ୍ରହ ପ୍ରେରଣ ସମ୍ବନ୍ଧୀୟ ବୈଜ୍ଞାନିକ ଜୀବନ ପର୍ଯ୍ୟନ୍ତ ପହଞ୍ଚିବା ଏକ ଦୀର୍ଘକାଳୀନ ଯାତ୍ରା ଥିଲା । ବର୍ତ୍ତମାନ ସମସ୍ତ ତଥ୍ୟକୁ ଭବିଷ୍ୟତରେ ବ୍ୟବହାର ପାଇଁ ରଖାଯାଇପାରୁଛି ଓ କମ୍ପ୍ୟୁଟର ଦ୍ୱାରା ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ପଠାଯାଇପାରୁଛି । ଆମ୍ଭେ ବର୍ତ୍ତମାନ ସୂଚନା ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରକୁ ପ୍ରବେଶ କରୁଅଛି । ନଗରଗୁଡ଼ିକ ମହାନଗରରେ ପରିଣତ ହେଉଅଛି । ତଥାପି ଆମ୍ଭେମାନେ ପରିବର୍ତ୍ତନ ବିକାଶ ଓ ଅଗ୍ରଗତି ପଥରେ ଆଗେଇ ଚାଲିଅଛୁ । ଆମ୍ଭେ ଅନେକ ଆହ୍ୱାନ ଓ ସୁବିଧାର ଉପଯୋଗ କରି ପୁରାତନ ମାନବର ଜଙ୍ଗଲ ଜୀବନରୁ ଆଧୁନିକ ମନୁଷ୍ୟର ବୈଜ୍ଞାନିକ ଜୀବନ ପର୍ଯ୍ୟନ୍ତ ଏକ ଲମ୍ବା ଯାତ୍ରା ଶେଷ କରିଅଛୁ । ମନୁଷ୍ୟ, ପ୍ରକୃତି ଓ ସମାଜ କ୍ଷେତ୍ରରେ ଏକ ନୂତନ ସମ୍ପର୍କ ସ୍ଥାପିତ ହୋଇଛି ଯାହା ଦ୍ୱାରା ଆମେ ଏକ ରୁଚିପୂର୍ଣ୍ଣ ଜୀବନଯାପନ କରିବାକୁ ସକ୍ଷମ ହୋଇଛେ ।

ଆମେ ବର୍ତ୍ତମାନ ନିମ୍ନଲିଖିତ ସମସ୍ୟା ପାଇଁ ସମାଧାନର ପନ୍ଥା ଆଲୋଚନା କରିବା ।

(କ) ଦାରିଦ୍ର୍ୟ ଓ କ୍ଷୁଧା

(କ) ସମ୍ପଦର ଅସମ ବଣ୍ଟନ

(ଗ) ବେକାରୀ ଓ ଅର୍ଦ୍ଧବେକାରୀ

(ଘ) ସମାନ୍ତରାଳ ଅର୍ଥ ବ୍ୟବସ୍ଥା, ଟିକସ ଛାଡ଼ ଓ କଳା ଟଙ୍କା

(ଙ) ସାଧାରଣ ଜୀବନରେ ଦୁର୍ନିତି

(ଚ) ପ୍ରଦୂଷଣ ଓ ପରିବେଶ ଅବନତି

(ଛ) ଦେଶପ୍ରେମ ଓ ଜାତୀୟତା ଭାବର ଅଭାବ

(ଜ) ଲିଙ୍ଗଭିତ୍ତିକ ସମସ୍ୟା, ମହିଳାମାନଙ୍କ ବିରୁଦ୍ଧରେ ପକ୍ଷପାତ ନୀତି ଓ ଅପରାଧୀକରଣ, ଯୌତୁକ ପ୍ରଥା, ଶିଶୁ ମୃତ୍ୟୁ ଓ ଗର୍ଭନଷ୍ଟ, ବେଶ୍ୟାବୃତ୍ତି

(ଝ) ହିଂସା, ଉଗ୍ରବାଦ, ନକ୍ସାଲବାଦ

(ଟ) ଜାତୀୟ ସଂହତି ପ୍ରତିଷ୍ଠାରେ ପ୍ରତିବନ୍ଧକ – ଭାଷା ବିବାଦ, ଆଞ୍ଚଳିକବାଦ, ଜାତିପ୍ରଥା, ଉପନିବେଶବାଦ

## ପାଠଗତ ପ୍ରଶ୍ନାବଳୀ ୦.୫

୧. ତୁମେ ସମ୍ମୁଖୀନ ହୋଇଥିବା କେତେକ ସାମାଜିକ ସମସ୍ୟାର ଏକ ତାଲିକା ପ୍ରସ୍ତୁତକର ଯାହା ତୁମ ପାଠ୍ୟ ବିଷୟରେ ନାହିଁ ।

୨. ତୁମର ସମସ୍ୟା ସମାଧାନରେ ସାମାଜିକ ବିଜ୍ଞାନ କିପରି ସାହାଯ୍ୟ କରୁଛି ? ଆଲୋଚନା କର ।

୩. ‘‘ମାନବ ସଭ୍ୟତାର ବିକାଶ ସଙ୍ଗେ ସମସ୍ୟାର ବି ବୃଦ୍ଧି ଘଟିଛି’’ ସହରୀକରଣ ଓ ଶିଳ୍ପାୟନ ଦ୍ୱାରା ସୃଷ୍ଟି ହୋଇଥିବା କିଛି ସମସ୍ୟା ଲେଖ ।

## ତୁମେ କ’ଣ ଶିଖିଲ ?

- ସାମାଜିକ ବିଜ୍ଞାନ ପଢ଼ିବାର ଗୁରୁତ୍ୱ ଓ ଆବଶ୍ୟକତାକୁ ବୁଝିବା ସଙ୍ଗେ ସଙ୍ଗେ ଏହା କିପରି ବିଭିନ୍ନ ବିଷୟ ସାଙ୍ଗେ ସଂପୃକ୍ତ, ସେ ବିଷୟରେ ବୁଝିବା ଦକ୍ଷତା ହାସଲ କରିଛ ।
- ମାନବ ଜାତିର ଅଭ୍ୟୁତ୍‌ଥାନ ଓ ଜୀବନଚର୍ଯ୍ୟାର ଅଗ୍ରଗତି ହିଁ ଇତିହାସ ।
- ପ୍ରତ୍ନତତ୍ତ୍ୱବିତ୍‌ମାନେ ସଭ୍ୟତାର ଧ୍ୱଂସାବଶେଷର ସଂଗୃହୀତ ଶିଳା ଲିପି, କଳାକୃତି, ଭଗ୍ନଗୃହ ଓ ସମାଧି ସମ୍ପର୍କରେ ଅଧ୍ୟୟନ କରନ୍ତି । କିନ୍ତୁ ଭୂଗୋଳ ପୃଥିବୀର ଭୂମିରୂପ, ଅଧିବାସୀ, ବିଭିନ୍ନ ସ୍ଥାନର ପରିବେଶ ସମ୍ପର୍କରେ ଅଧ୍ୟୟନ କରିଥାଏ ।
- ରାଜନୀତି ବିଜ୍ଞାନ ରାଜନୈତିକ ପ୍ରକ୍ରିୟା ଓ ବ୍ୟବହାର ବିଷୟରେ ପଠନ କରେ ।
- ସମାଜର ଗଠନ ଓ କାର୍ଯ୍ୟ ସଂପର୍କରେ ସମାଜ ବିଜ୍ଞାନ ଧାରଣା ଦିଏ । ଅର୍ଥନୀତି, ବୈଜ୍ଞାନିକ ପଦ୍ଧତିରେ ମନୁଷ୍ୟର ପସନ୍ଦକୁ ଉତ୍ପାଦନ ଉପଭୋଗ ଓ ସମ୍ପଦ ପ୍ରଭୃତି କ୍ଷେତ୍ରରେ ନିୟନ୍ତ୍ରିତ କରିଥାଏ ।
- ବିଭିନ୍ନ ପ୍ରସ୍ତର ଯୁଗରେ ମଣିଷ ନିଆଁର ଆବିଷ୍କାର କରିଥିଲା ବୋଲି ଆମେ ଶିକ୍ଷା କଲୁ । ସେମାନେ ହାତୁଡ଼ି, ଛୋଟ ଟାଙ୍ଗିଆ ଓ ଅନ୍ୟାନ୍ୟ ତୀକ୍ଷ୍ଣ ଅସ୍ତ୍ରମାନ ନିର୍ମାଣ କରି, ଗଛ କାଟିବା, ପ୍ରାଣୀମାନଙ୍କୁ ଶିକାର କରିବା ପ୍ରଭୃତି କାର୍ଯ୍ୟ କରୁଥିଲେ । ମୃତ୍ୟୁପରେ ସେମାନେ ପୂର୍ବପୁରୁଷମାନଙ୍କୁ ପୂଜା କରୁଥିଲେ ଓ ସେମାନଙ୍କର ସାମଧି ନିକଟରେ ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥମାନ ମଧ୍ୟ ରଖୁଥିଲେ ।
- ନୂତନ ପ୍ରସ୍ତର ଯୁଗରେ ଅଧିବାସୀମାନେ ସେମାନଙ୍କ ଜୀବନଯାପନକୁ ଅଧିକ ଆରାମଦାୟକ କରିଥିଲେ । ‘ଚକ’ର ଆବିଷ୍କାର ଅନେକ କାର୍ଯ୍ୟ ସମ୍ପାଦନ କରିବାରେ ସାହାଯ୍ୟ କରିଥିଲା । କୃଷି ସେମାନଙ୍କୁ ସ୍ଥାୟୀଭାବେ ବସବାସ କରିବା ପାଇଁ ସାହାଯ୍ୟ କରିଥିଲା । ଏହାଦ୍ୱାରା ଗୋଷ୍ଠୀ ଜୀବନ ଆରମ୍ଭ ହେବା ସଙ୍ଗେ ସଙ୍ଗେ ଗ୍ରାମ, ସହର ଓ ନଗର ସଭ୍ୟତାର ସୃଷ୍ଟି ହୋଇଥିଲା ।

## ଅନ୍ତିମ ପ୍ରଶ୍ନାବଳୀ

୧. ସାମାଜିକ ବିଜ୍ଞାନର ବିଭିନ୍ନ ବିଭାଗ ପରସ୍ପର ସମ୍ପର୍କିତ । ଉଦାହରଣ ସହ ଆଲୋଚନା କର ।

୨. ତୁମେ ଭାବୁଛ କି, ଇତିହାସ ଅଧ୍ୟୟନର ଗୁରୁତ୍ୱ ଓ ଆବଶ୍ୟକତା ଅଛି ? ଯୁକ୍ତି ସହ ସତ୍ୟତା ପ୍ରତିପାଦନ କର ।

୩. ପ୍ରତ୍ନତତ୍ତ୍ୱ ବିଦ୍ୟା ଓ ଇତିହାସ ମଧ୍ୟରେ ସମ୍ପର୍କ କ'ଣ ?

୪. ସାମାଜିକ ବିଜ୍ଞାନର ଅନ୍ୟ ଉପବିଭାଗଗୁଡ଼ିକ ମନୁଷ୍ୟ ସଭ୍ୟତା ବୁଝିବାରେ କିପରି ସାହାଯ୍ୟ କରୁଛି ?

୫. ଧାତୁ ଓ ବ୍ରୋଞ୍ଜ ଯୁଗରେ କେଉଁ ଉପାଦାନଗୁଡ଼ିକ ଗୋଷ୍ଠୀ ଓ ସାମାଜିକ ଜୀବନ ସୃଷ୍ଟି କରିବାରେ ସହାୟକ ଥିଲା ? ଉକ୍ତ ବିଷୟରେ ସଂକ୍ଷିପ୍ତ ଟିପ୍ପଣୀ ପ୍ରଦାନ କର ।

୬. 'ନିଆଁ' ଆବିଷ୍କାରର ଗୁରୁତ୍ୱ କ'ଣ ଥିଲା ?

୭. ଅର୍ଥନୀତି ବିଷୟବସ୍ତୁ ସମ୍ପର୍କରେ ଏକ ସଂକ୍ଷିପ୍ତ ସୂଚନା ଦିଅ ।

୮. ଅର୍ଥନୀତିଜ୍ଞମାନଙ୍କ ଗୁରୁତ୍ୱ ଦେଶରେ ଅଛି । ତୁମେ ଯଦି ଏକମତ କାରଣ ଲେଖ ।

୯. ପ୍ଲାଷ୍ଟିକ୍ ନିର୍ମିତ ବ୍ୟାଗର ବ୍ୟବହାର ଉପରେ କଟକଣା ଲଗାଯାଇଛି କାହିଁକି ? ଧାତୁ ଓ ପ୍ଲାଷ୍ଟିକ୍‌ର ଭଲ ଓ ମନ୍ଦ ଗୁଣକୁ ନେଇ, ଏକ ପ୍ରୋଜେକ୍ଟ ପ୍ରସ୍ତୁତ କର ।

## ପାଠଗତ ପ୍ରଶ୍ନାବଳୀର ଉତ୍ତର

**୦.୧**

୧. ଅର୍ଥଶାସ୍ତ୍ର, ଇତିହାସ ଓ ପ୍ରତ୍ନତତ୍ତ୍ୱ ବିଦ୍ୟା, ଭୂଗୋଳ, ରାଜନୀତି ବିଜ୍ଞାନ ଓ ସମାଜ ବିଜ୍ଞାନ

୨. ଇତିହାସ ପଠନ, ଆମ ସଭ୍ୟତାର ସୃଷ୍ଟି, ଶକ୍ତି ଓ ଲକ୍ଷ ହାସଲ ସମ୍ପର୍କରେ ଜଣାଇବା ସଙ୍ଗେ, ଉଚିତ୍ ଦିଗ୍‌ଦର୍ଶନ ଦେଇଥାଏ ।

୩. ଅତୀତରେ ଘଟିଥିବା ମଣିଷମାନଙ୍କ ଜୀବନ କାହାଣୀକୁ ଇତିହାସ କୁହାଯାଏ । କିନ୍ତୁ ପ୍ରତ୍ନତତ୍ତ୍ୱ ବିଦ୍ୟା ଅତୀତ ସଭ୍ୟତାର ଧ୍ୱଂସାବଶେଷରୁ ମିଳିଥିବା ପଦାର୍ଥମାନଙ୍କୁ ବୈଜ୍ଞାନିକ ପଦ୍ଧତିରେ ଅଧ୍ୟୟନ କରି ଆମକୁ ଉକ୍ତ ବିଷୟରେ ସୂଚନା ଦେଇଥାଏ ।

୪. ଶିଳାଲିପି, ମୁଦ୍ରା, କିର୍ତ୍ତୀସ୍ତମ୍ଭ, ମୋହର, ସଭ୍ୟତାର ଧ୍ୱଂସାବଶେଷ

୫. ହରପ୍ପା, ମହେଞ୍ଜୋଦାରୋ, ରାକ୍ଷିଗାରିହି, ଦ୍ୱାରକା, ନାଳନ୍ଦା

**୦.୨**

୧. କୌଣସି ସ୍ଥାନର ଭୌଗୋଳିକ ପରିବେଶ, ସେ ସ୍ଥାନର ଐତିହାସିକ ବିକାଶ ପାଇଁ ଗୁରୁତ୍ୱ ବହନ କରିଥାଏ । ଯେପରିକି ସିନ୍ଧୁ ନଦୀର ଉପତ୍ୟକା ସିନ୍ଧୁ ସଭ୍ୟତା ସୃଷ୍ଟି କରିବାରେ ସହାୟକ ହୋଇଥିଲା ।

୨. ରାଜନୀତି ବିଜ୍ଞାନ ରାଜନୈତିକ ତତ୍ତ୍ୱ ଓ ଅଭ୍ୟାସ ସମ୍ବନ୍ଧୀୟ ସାମାଜିକ ବିଜ୍ଞାନ ଅଟେ । ଏହା ମଧ୍ୟ ରାଜନୈତିକ ପ୍ରକ୍ରିୟା ଓ ଆଭିମୁଖ୍ୟର ବିଶ୍ଳେଷଣ ବୋଲି କୁହାଯାଇପାରେ ।

୩. ମଣିଷମାନଙ୍କ ବିଭିନ୍ନ ଦଳ ଉପରେ ସମାଜ ବିଜ୍ଞାନ ଗୁରୁତ୍ୱ ଦିଏ ।

୪. ମଣିଷମାନଙ୍କ ବିଭିନ୍ନ ଉତ୍ପାଦନ, ଉପଭୋଗ ଓ ସମ୍ପଦ ଉପରେ ଥିବା ପସନ୍ଦକୁ ବୈଜ୍ଞାନିକ ପଦ୍ଧତିରେ ଅଧ୍ୟୟନ କରି ଆବଶ୍ୟକ ତତ୍ତ୍ୱ ବା ଉପାୟମାନ ସ୍ଥିର କରିବାକୁ ଅର୍ଥନୀତିକ ଅଧ୍ୟୟନ କୁହାଯାଏ ।

୫. ଉକ୍ତ ବିଷୟଗୁଡ଼ିକ ପରସ୍ପର ସହ ସଂପୃକ୍ତ ଓ ଏହା ସମାଜିକ ବ୍ୟବସ୍ଥା ସମ୍ପର୍କରେ ଆମକୁ ବୁଝିବାରେ ସାହାଯ୍ୟ କରେ ।

୦.୩ (କ) ୧. କାରଣ, ସେମାନେ ଖାଦ୍ୟ ପାଇଁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାତ୍ରା କରୁଥିଲେ ।

୨. ନୂତନ ପ୍ରସ୍ତର ଯୁଗର ଅସ୍ତ୍ରଶସ୍ତ୍ର ପୁରାତନ ପ୍ରସ୍ତର ଯୁଗର ଅସ୍ତ୍ରଶସ୍ତ୍ର ଅପେକ୍ଷା ଅଧିକ ତୀକ୍ଷ୍ଣ ପଲିସ୍ ଥିଲା ।

୩. ଚକ ଓ ମିଶ୍ରିତ କୃଷିର ପ୍ରଚଳନ ହୋଇଥିଲା ।

୪. କୁମ୍ଭାର ଚକର ବ୍ୟବହାର କରୁଥିଲା ଓ ଗମନାଗମନ ପାଇଁ ମଧ୍ୟ ଚକର ବ୍ୟବହାର କରାଯାଉଥିଲା ।

୦.୩(ଖ) ୧. ଧାତୁରେ ନିର୍ମିତ ଅସ୍ତ୍ରଶସ୍ତ୍ର ପଥରରେ ନିର୍ମିତ ଅସ୍ତ୍ରଶସ୍ତ୍ର ଅପେକ୍ଷା ଫଳପ୍ରଦ ଥିଲା । ଧାତୁରେ ତିଆରି ଛୁରୀ ଓ ଟାଙ୍ଗିଆ ଦ୍ୱାରା ଜଙ୍ଗଲ ସଫା କରିବାରେ ସୁବିଧା ହେଉଥିଲା ।

୨. ନିଆଁ, ଚକ ଓ ଧାତୁର ଆବିଷ୍କାର ଓ କୃଷିର ଉପଯୋଗିତା ମଣିଷଙ୍କୁ ସ୍ଥାୟୀଭାବେ ରହିବା ପାଇଁ ଆଗ୍ରହ ସୃଷ୍ଟି କରିଥିଲା । ବର୍ତ୍ତମାନର ଶିଳ୍ପଭିତ୍ତିକ ସମାଜରେ ମନୁଷ୍ୟର ବିକାଶ ପାଇଁ ଉକ୍ତ ଆବିଷ୍କାରର ଗୁରୁତ୍ୱ ଅତ୍ୟନ୍ତ ମୂଲ୍ୟବାନ ଅଟେ ।

୩. ଗୋଷ୍ଠୀଗତ ଜୀବନ ଓ ଧର୍ମ, ପାରିବାରିକ ଜୀବନ ଓ ସାଧାରଣ ଧର୍ମ ବିଶ୍ୱାସ, ସୃଷ୍ଟି କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା । ଏହାମଧ୍ୟ ବାଣିଜ୍ୟ, ରାଜନୀତି ଓ ନିରାପତ୍ତା ରକ୍ଷାରେ ପରସ୍ପର ନିର୍ଭରଶୀଳତା ଓ ସଦ୍‌ଭାବକୁ ମଧ୍ୟ ବଜାଇ ରଖିଥିଲା ।

୪. ଲୌହ ଆବିଷ୍କାର ଫଳରେ ଅସ୍ତ୍ରଶସ୍ତ୍ରଗୁଡ଼ିକ ମଜଭୁତ୍ ଓ ଦୀର୍ଘସ୍ଥାୟୀ ହୋଇଥିଲା । ମଣିଷର କାର୍ଯ୍ୟଦକ୍ଷତା ମଧ୍ୟ ବୃଦ୍ଧି ହେବା ଦେଖାଯାଇଥିଲା ।

୦.୪ ୧. ୧.୩ ଓ ୧.୪ ର ବିଷୟ ଦେଖ ।

୨. ପୁରାତନ ମାନବ ଜୀବନ ବଞ୍ଚାଇବା ପାଇଁ ଶିକାର କରୁଥିଲା । କିନ୍ତୁ ଆଧୁନିକ ମଣିଷ ଆନନ୍ଦ ପାଇଁ ଶିକାର କରୁଛି ।

୩. ଶାସନଗତ ସମସ୍ୟା ଓ ବାଣିଜ୍ୟ ବ୍ୟବସାୟ ସହରାଞ୍ଚଳ ସୃଷ୍ଟି ପାଇଁ ଦାୟୀ ।

୪. ଦୂରଦୂରାନ୍ତକୁ ଖବର ପଠାଇବା ଓ ସମସ୍ତ ଘଟଣାବଳୀର ରେକର୍ଡ଼ ରଖିବାରେ ଏହା ସାହାଯ୍ୟ କରିଥିଲା ।

୦.୫ ୧. ନାରୀଶିକ୍ଷା ସମାଜର ଦୁର୍ବଳଶ୍ରେଣୀ ଲୋକଙ୍କ ଉପରେ ଅତ୍ୟାଚାର ।

୨. ସାମାଜିକ ବିଜ୍ଞାନ ଆମକୁ ବିଭିନ୍ନ ସମସ୍ୟା ସମାଧାନରେ ସାହାଯ୍ୟ କରୁଛି । ସମାଜରେ ବିଭିନ୍ନ ସୁବିଧା ଓ ସୁଯୋଗକୁ ଚିହ୍ନିତ କରି ଏହାକୁ କାର୍ଯ୍ୟରେ ଲଗାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରୁଛି ।

୩. ସହରୀକରଣର ଉପକାର ଓ ଅପକାରକୁ ନିଜେଚିନ୍ତା କରି ଲେଖ ।





# ୧
# ପୁରାତନ ଯୁଗ

ବଜାରକୁ ଯାଅ କିମ୍ବା ରେଳ ଷ୍ଟେସନକୁ ଯାଅ, ଘରେ ବସ କିମ୍ବା ରାସ୍ତା ଉପରେ ଠିଆ ହୋଇ ଚତୁଃପାର୍ଶ୍ୱକୁ ଦେଖ । ତୁମେ ଅନେକ ପଦାର୍ଥ ଦେଖିବ ଯାହା ଧାତୁରେ ତିଆରି ହେଉଅଛି । ଉକ୍ତ ଧାତୁଗୁଡ଼ିକ ତମ୍ବା, ବ୍ରୋଞ୍ଜ, ଲୌହ କିମ୍ବା ଇସ୍ପାତ ବି ହୋଇପାରେ । ଲୌହର ବିଶୁଦ୍ଧ ରୂପକୁ ଇସ୍ପାତ କୁହାଯାଏ । ଧାତୁର ଆବିଷ୍କାର ମଣିଷ ଜୀବନରେ ଏକ ଗଭୀର ଓ ନାଟକୀୟ ପରିବର୍ତ୍ତନ ଆଣିଥିଲା ।

ସାମାଜିକ ବିଜ୍ଞାନ ପାଠ ମୁଖବନ୍ଧରେ ତୁମେ ପ୍ରାକ୍ ଐତିହାସିକ ଯୁଗ (Pre-History) ସମ୍ବନ୍ଧରେ ପଢ଼ିଅଛ । ପ୍ରସ୍ତର ଯୁଗର ଅଧିବାସୀମାନେ ସେମାନଙ୍କର ଅସ୍ତ୍ରଶସ୍ତ୍ର ପଥର, ଅସ୍ଥି ଓ କାଠରେ ତିଆରି କରୁଥିଲେ ବୋଲି ତୁମେ ପଢ଼ିଅଛ । ସେମାନେ ଗୁମ୍ଫାରେ ବାସ କରୁଥିଲେ ଓ ଶିକାର କରି ଖାଦ୍ୟ ପଦାର୍ଥ ଯୋଗାଡ଼ କରୁଥିଲେ । ପରବର୍ତ୍ତୀ କାଳରେ ସେମାନେ କୃଷିର ବ୍ୟବହାର ଜାଣିଲେ ଓ ଗୃହପାଳିତ ପଶୁ ରଖି ଏକ ସ୍ଥାୟୀ ଜୀବନ ଆରମ୍ଭ କରିଥିଲେ । ପ୍ରସ୍ତର ଯୁଗ ପରେ ଧାତୁଯୁଗ, ବ୍ରୋଞ୍ଜ ଯୁଗ ଓ ଲୌହଯୁଗ କ୍ରମାନୁସାରେ ପୃଥିବୀରେ ଆରମ୍ଭ ହୋଇଥିଲା । କେବଳ ଧାତୁର ଆବିଷ୍କାର ଯୋଗୁଁ ମାନବ ସଭ୍ୟତାର ବିକାଶ ଘଟିଥିଲା । ବ୍ରୋଞ୍ଜ ଯୁଗରେ ମେସୋପଟାମିଆ, ଚୀନ, ଇଜିପ୍ଟ ଓ ଭାରତରେ ଉନ୍ନତ ସଭ୍ୟତା ପରିଲକ୍ଷିତ ହୋଇଥିଲା । ଉକ୍ତ ସଭ୍ୟତାମାନଙ୍କ ସମ୍ପର୍କରେ ଆମେ ଏହି ଅଧ୍ୟାୟରେ ପଢ଼ିବା । ଆମେ ମଧ୍ୟ ଗ୍ରୀସ୍, ରୋମ୍, ପର୍ସିଆ ଏବଂ ଭାରତରେ ଆବିଷ୍କୃତ ଲୌହ ଯୁଗ ସଭ୍ୟତା ବିଷୟରେ ପଠନ କରିବା ।

ବହୁ ପୁରାତନ କାଳର ଅଧିବାସୀମାନେ ଲୌହର ବ୍ୟବହାର ଜାଣିବା ଏକ ଆଶ୍ଚର୍ଯ୍ୟଜନକ କଥା ନୁହେଁ କି ? ଆଜି ମଧ୍ୟ ଆମେ ଲୌହର ବ୍ୟବହାର କିଛି ନା କିଛି କାର୍ଯ୍ୟରେ କରୁଅଛେ, ନୁହେଁ କି ? ତୁମେ ତୁମ ଚତୁଃପାର୍ଶ୍ୱକୁ ଦେଖ, ଦେଖିବ ଅଧିକାଂଶ ପଦାର୍ଥ ଲୌହ କିମ୍ବା ଇସ୍ପାତରେ ନିର୍ମାଣ କରାଯାଇଛି । ଆମ ବାସଗୃହରେ ଇସ୍ପାତ ନିର୍ମିତ ବାସନକୁସନ ମଧ୍ୟ ବ୍ୟବହାର କରାଯାଉଛି ।

ବର୍ତ୍ତମାନ, ଆମେ ପ୍ରାଚୀନ ଭାରତର ସମ୍ରାଟ ଓ ରାଜବଂଶ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଅଧ୍ୟୟନ କରିବା । ତୁମେ ନିଶ୍ଚୟ ଏକମତ ହେବ ଯେ, ମାନବ ସଭ୍ୟତାକୁ ଭାରତର ଅବଦାନ ଅତୁଳନୀୟ ଅଟେ । ଆମର ଅତୀତ ଐତିହ୍ୟ ସମ୍ପର୍କରେ ଜାଣିବା, ଏକ କୌତୁହଳ ଓ ଉତ୍ତେଜନାପୂର୍ଣ୍ଣ ବିଷୟ ନୁହେଁ କି ? ଅତୀତକୁ ଚାଲ ଯିବା ଓ ଜାଣିବା ଯେ, ଆମ୍ଭେ, ମାନବ ଜାତି ବହୁ ଯୁଗ ଅତିକ୍ରମ କରି ଆସିଅଛେ ଏବଂ ଏକ ମାର୍ଜିତ, ରୁଚି ସମ୍ପନ୍ନ, ଉନ୍ନତ ଓ ସଭ୍ୟ ମାନବ ହେବା ପାଇଁ ଅହରହ ଉଦ୍ୟମ କରି ଚାଲିଛେ ।

## ଉଦ୍ଦେଶ୍ୟ

ଏହି ବିଷୟଟି ଅଧ୍ୟୟନ ପରେ, ତୁମେମାନେ –

- ମେସୋପଟାମିଆ, ଚୀନ, ଇଜିପ୍ଟ ଓ ଭାରତୀୟ ଉପତ୍ୟକାରେ ଗଢ଼ି ଉଠିଥିବା ପୁରାତନ ବ୍ରୋଞ୍ଜଯୁଗୀୟ ସଭ୍ୟତାର ଅବଦାନ ବିଷୟରେ ବର୍ଣ୍ଣନା କରିପାରିବ
- ଗ୍ରୀକ୍, ରୋମ ଓ ପାର୍ସିଆନ୍ ପ୍ରଭୃତି ଲୌହଯୁଗ ସଭ୍ୟତାର ଅବଦାନ ସମ୍ପର୍କରେ ମତାମତ ଦେଇପାରିବ ।
- ବୈଦିକ ଯୁଗଠାରୁ ହର୍ଷଯୁଗ ପର୍ଯ୍ୟନ୍ତ ଭାରତ ଇତିହାସର ମୁଖ୍ୟ ବିକାଶଧାରା ସମ୍ପର୍କରେ ବର୍ଣ୍ଣନା କରିପାରିବ ।
- ପୃଥିବୀ ସଭ୍ୟତାକୁ ଭାରତର ଅବଦାନ ଓ ଏହାର ବିଭିନ୍ନ ଦିଗକୁ ପରୀକ୍ଷା କରିପାରିବ ।


## ୧.୧ ବ୍ରୋଞ୍ଜଯୁଗ

ନୂତନ ପ୍ରସ୍ତର ଯୁଗର ଶେଷରେ, ଧାତୁର ବ୍ୟବହାର ଆରମ୍ଭ ହୋଇଥିଲା ଓ ଏହି ଯୁଗର ଲୋକମାନେ ପ୍ରଥମେ ତମ୍ବା ଧାତୁ ବ୍ୟବହାର କରିଥିଲେ । ପ୍ରସ୍ତର ଓ ତମ୍ବାର ବ୍ୟବହାର ଉପରେ ଆଧାରିତ ସଂସ୍କୃତକୁ ଚାଲ୍‌କୋଲିଥିକ୍ ସଂସ୍କୃତି କୁହାଯାଏ । ଉକ୍ତ ଯୁଗକୁ ମଧ ବ୍ରୋଞ୍ଜ ଯୁଗ କୁହାଯାଏ, କାରଣ ବ୍ରୋଞ୍ଜ ଯାହାକି ତମ୍ବା ଓ ଟିଣର ମିଶ୍ରଧାତୁ ଅଟେ, ତାହା ଏହି ସମୟରେ ଉଦ୍ଭାବନ ହୋଇଥିଲା । କ୍ରମଶଃ ଲୋକମାନେ ପଥର, କାଠ ଓ ଅସ୍ଥି ପରିବର୍ତ୍ତେ ତମ୍ବା ଓ ବ୍ରୋଞ୍ଜ ବ୍ୟବହାର କରି ଅସ୍ତ୍ରଶସ୍ତ୍ର ଓ ସରଞ୍ଜାମମାନ ତିଆରି କଲେ । ସମୟକ୍ରମେ ଲୋକମାନେ ଇଟା ତିଆରି କୌଶଳ ଶିକ୍ଷା କରି ନିର୍ମାଣ କାର୍ଯ୍ୟରେ ବ୍ୟବହାର କଲେ । ଉକ୍ତ ଇଟାଗୁଡ଼ିକ ନିଆଁ ଓ ସୂର୍ଯ୍ୟାଲୋକ ସାହାଯ୍ୟରେ ପ୍ରସ୍ତୁତ କରାଯାଉଥିଲା । ନଦୀ ଉପତ୍ୟକା ଗୁଡ଼ିକରେ ସହରଭିତ୍ତିକ ସଭ୍ୟତାମାନ ପ୍ରଥମଥର ପାଇଁ ଗଢ଼ି ଉଠିଲା । ଏହି ସହରଗୁଡ଼ିକ ବାଣିଜ୍ୟ ବ୍ୟବସାୟ, ଶାସନ ପରିଚାଳନାର ମୁଖ୍ୟ କେନ୍ଦ୍ର ଥିଲା । ବ୍ରୋଞ୍ଜଯୁଗର ଲୋକମାନେ ସେଠାରେ ବୃହତ୍ତ ସାମ୍ରାଜ୍ୟମାନ ଗଢ଼ିଥିଲେ ଓ ଏହା ତାଙ୍କର ଏକ ମହତ ଅବଦାନ ଥିଲା । ଏହି ପାଠରେ ଆମେ, ମେସୋପଟାମିଆ, ଇଜିପ୍ଟ, ଭାରତ ଓ ଚୀନ ପ୍ରଭୃତି ପୃଥିବୀର ମୁଖ୍ୟ ବ୍ରୋଞ୍ଜ ଯୁଗୀୟ ସଭ୍ୟତା ବିଷୟରେ ପଠନ କରିବା ।

### ୧.୧.୧ ମେସୋପଟାମିଆଁ ସଭ୍ୟତା

ମେସୋପଟାମିଆ ଯଥାଯଥ ଭାବେ ଦୁଇଟି ନଦୀର ମଧ୍ୟବର୍ତ୍ତୀ ଦେଶକୁ କୁହାଯାଏ । ଏହା ଟାଇଗ୍ରୀସ୍ ଓ ୟୁଫ୍ରେଟିସ ନଦୀ ମଧ୍ୟରେ ଅବସ୍ଥିତ ଯାହାକୁ ଅଧୁନିକ ଇରାକ୍ କହନ୍ତି । ଏହି ନଦୀଗୁଡ଼ିକରେ ବାରମ୍ବାର ବନ୍ୟା ଆସି ଏହାର ପାରିପାର୍ଶ୍ୱରେ ପଟୁ ଜମା ହୋଇ ଏକ ଉର୍ବର ଉପତ୍ୟକାରେ ପରିଣତ ହୋଇଥିଲା ଫଳରେ, ଏହା ଶସ୍ୟ ଉତ୍ପାଦନ ବୃଦ୍ଧିରେ ସହାୟକ ହୋଇଥିଲା । ଉକ୍ତ କୃଷି ଉତ୍ପାଦନର ପ୍ରାଚୁର୍ଯ୍ୟ ଅନେକ କାରିଗର ଯଥା – ଧାତୁଶିଳ୍ପୀ, କୁମ୍ଭକାର, ରାଜମିସ୍ତ୍ରୀ, ବୁଣାକାର, ବଢ଼େଇ ପ୍ରଭୃତି କୁଶଳୀ ଲୋକଙ୍କର ଅଭିବୃଦ୍ଧି ଘଟାଇଥିଲା । ସେମାନେ ସେମାନଙ୍କର ଉତ୍ପନ୍ନ ଦ୍ରବ୍ୟକୁ ଅନ୍ୟମାନଙ୍କ ନିକଟରେ ବଦଳ କରି ନିଜର ଆବଶ୍ୟକୀୟ ପଦାର୍ଥ ପାଇପାରୁଥିଲେ । ସେମାନେ ଭାରତ ଭଳି ଦୂରବର୍ତ୍ତୀ ଦେଶ ସହ ବାଣିଜ୍ୟ ବ୍ୟବସାୟ କରୁଥିଲେ । ଗମନାଗମନ ଓ ପରିବହନ ନିମିତ୍ତ ଶଗଡ଼ଗାଡ଼ି ନୌକା, ଜାହାଜ ଆଦିର ବ୍ୟବହାର କରୁଥିଲେ । ସେମାନେ ଲେଖିବାର କଳା ହାସଲ କରିଥିଲେ । ସେମାନଙ୍କର ଲିପି ବିଭିନ୍ନ ପ୍ରକାର ସାଙ୍କେତିକ ଚିହ୍ନ ଓ ଚିତ୍ରର ଏକ ସମଷ୍ଟି ଥିଲା । ସେମାନେ କୀଳକ ସଦୃଶ ରେଖାମାନ ଅଙ୍କିତ କରୁଥିବାରୁ ଏହି ଲିପିକୁ କ୍ୟୁନିଫର୍ମ ଲିପି ନାମରେ ନାମିତ କରାଯାଇଛି ।

ମେସୋପଟାମିଆର ପ୍ରାରମ୍ଭିକ ସହରଗୁଡ଼ିକ ଛୋଟ ଛୋଟ ରାଜ୍ୟ ସଦୃଶ ଥିଲା ଓ ପ୍ରତ୍ୟେକଙ୍କର ନିଜର ଶାସନ ପ୍ରଣାଳୀ ରହିଥିଲା । ପୂଜକ, ରାଜା ଓ ସମ୍ଭ୍ରାନ୍ତ ବଂଶୀୟ ବ୍ୟକ୍ତିମାନେ ଶାସନର ମୁଖ୍ୟ ଥିଲେ । ସେମାନଙ୍କ ବ୍ୟତୀତ ବ୍ୟବସାୟୀ, ସାଧାରଣ ବ୍ୟକ୍ତି ଓ କ୍ରୀତଦାସମାନେ ମଧ୍ୟ ଶାସନରେ ଅଂଶ ଗ୍ରହଣ କରୁଥିଲେ । ମେସୋପଟାମିଆର ଲୋକମାନେ ବିଭିନ୍ନ ଦେବଦେବୀଙ୍କୁ ପୂଜା କରୁଥିଲେ । ସେମାନଙ୍କ ମଧ୍ୟରେ ଆକାଶ, ସୂର୍ଯ୍ୟ, ଚନ୍ଦ୍ର, ଉତ୍ପାଦକ ଶକ୍ତି ଅନ୍ୟତମ । ପ୍ରତ୍ୟେକ ସହରର ନିଜସ୍ୱ ଦେବଦେବୀମାନେ ଥିଲେ ।




ଚିତ୍ର – ୧.୧ କ୍ୟୁନିଫର୍ମ ଲିପି

## ୧.୧.୨ ଇଜିପ୍ଟ ସଭ୍ୟତା

ଇଜିପ୍ଟର ନୀଳ ନଦୀ କୂଳରେ ଅନ୍ୟ ଏକ ନୂତନ ସଭ୍ୟତା ସୃଷ୍ଟି ହୋଇଥିଲା ଉକ୍ତ ନଦୀ ଦ୍ୱାରା ଆନୀତ ପଟୁମାଟି ଦ୍ୱାରା ଦେଶର ଅନେକ ଅଞ୍ଚଳର ଉର୍ବରତା ବୃଦ୍ଧି ପାଇଥିଲା । ଇଜିପ୍ଟର ରାଜାମାନଙ୍କୁ 'ଫାରୋ' କୁହାଯାଉଥିଲା । ବିଭିନ୍ନ ମନ୍ତ୍ରୀ ଓ ଅନ୍ୟ କର୍ମଚାରୀମାନେ ରାଜାଙ୍କ ନିକଟରେ କାର୍ଯ୍ୟରତ ଥିଲେ ଓ ସେମାନେ ରାଜାଙ୍କ ଆଦେଶାନୁଯାୟୀ ଭୂ-ସମ୍ପତ୍ତିର ପରିଚାଳନା କରିବା ସହିତ କର ମଧ୍ୟ ଆଦାୟ କରୁଥିଲେ । ଧର୍ମଯାଜକମାନେ ଏକ ଉଚ୍ଚ ଓ ସମ୍ମାନନୀୟ ପଦ ଉପଭୋଗ କରୁଥିଲେ । ପ୍ରତ୍ୟେକ ସହରରେ ମନ୍ଦିରଗୁଡ଼ିକୁ ଏକ ସ୍ୱତନ୍ତ୍ର ଦେବତାଙ୍କୁ ସମର୍ପିତ କରାଯାଇଥିଲା ପ୍ରାଚୀନ ଇଜିପ୍ଟର ଲିପିକୁ ହାଇରୋଗ୍ଲାଇଫିକ୍ କୁହାଯାଏ । ବ୍ୟବସାୟୀ ଓ ସୌଦାଗରମାନେ ସେମାନଙ୍କ ବ୍ୟବସାୟରେ ଉଭୟ ସ୍ଥଳ ଓ ଜଳଭାଗକୁ ବ୍ୟବହାର କରୁଥିଲେ । ସେମାନେ ପଥର କଟାଳି ଓ ବଢ଼େଇ ପ୍ରଭୃତି ଦକ୍ଷ କାରୀଗର ଗୋଷ୍ଠୀର ଅନ୍ତର୍ଭୁକ୍ତ ଥିଲେ । ପ୍ରାଚୀନ ଇଜିପ୍ଟ ବାସୀଙ୍କର ଗଣିତ ବିଦ୍ୟା, ଓଜନ ଓ ପରିମାପ ଉପରେ ବହୁତ ଜ୍ଞାନ ଥିଲା । ଫାରୋମାନେ ପ୍ରାଚୀନ ବିଶ୍ୱରେ ପିରାମିଡ଼ ନାମରେ ବିଖ୍ୟାତ ସମାଧି ସୌଧମାନ ନିର୍ମାଣ କରିଥିଲେ । ଯେହେତୁ ସେମାନେ ପୂର୍ବଜନ୍ମରେ ବିଶ୍ୱାସ କରୁଥିଲେ, ତେଣୁ ମୃତ ଶରୀରକୁ ସାଇତି ରଖୁଥିଲେ ଯାହାକୁ 'ମମି' କୁହାଯାଏ । ଉକ୍ତ ପିରାମିଡ଼ଗୁଡ଼ିକୁ ସମାଧି ସୌଧରେ ପରିଣତ କରି ସେଥିରେ ରାଜାମାନଙ୍କର ମୃତ ଶରୀରକୁ ମମି କରି ରଖାଯାଉଥିଲା ।








୧.୨ ଚିତ୍ର – ହାଇରୋଗ୍ଲାଇଫିକ୍ ଲିପି

## ୧.୧.୩ ଚୀନ୍ ସଭ୍ୟତା

ଚୀନ୍ ସଭ୍ୟତା ଉତ୍ତର ଚୀନ୍‌ର ହ୍ୱାଙ୍ଗ ହୋ ନଦୀ ଉପତ୍ୟକାରେ ଗଢ଼ି ଉଠିଥିଲା । 'ସାଙ୍ଗ' (ଖ୍ରୀ:ପୂ: ୧୫୨୩ – ୧୧୨୨) ଉକ୍ତ ସଭ୍ୟତାର ପ୍ରଥମ ଶାସକ ଥିଲେ ଓ ଚୀନ୍‌ର ପ୍ରଥମ ସହର ନିର୍ମାଣ କରିଥିଲେ । ପ୍ରାଚୀନ ଚୀନର କଳା ଓ ସଂସ୍କୃତିକୁ ସାଙ୍ଗ ଶାସକଙ୍କ ଅବଦାନ ଥିଲା । ସେମାନଙ୍କ ଶାସନ କାଳରେ ଚୀନ ଲେଖନ ପ୍ରଣାଳୀ ସୃଷ୍ଟି ହୋଇଥିଲା । ଏହି ସମୟରେ ଶିଳ୍ପୀମାନଙ୍କର ବିଶେଷ କରି ବ୍ରୋଞ୍ଜ ଶିଳ୍ପୀମାନଙ୍କର କାର୍ଯ୍ୟ କ୍ଷେତ୍ରରେ ବିଶେଷ ଦକ୍ଷତା ରହିଥିଲା ।

'ସାଙ୍ଗ' ରାଜବଂଶ 'ଝୋଉ'ମାନଙ୍କ ଦ୍ୱାରା ବିତାଡ଼ିତ ହୋଇଥିଲେ । ସେମାନେ ନିଜର ସୁରକ୍ଷା ଓ ବାହ୍ୟ ଆକ୍ରମଣରୁ ରକ୍ଷା ପାଇବା ପାଇଁ ଶକ୍ତିଶାଳୀ ଦୁର୍ଗ ଓ ପ୍ରାଚୀର ବନ୍ଧ ସହରମାନ ନିର୍ମାଣ କରିଥିଲେ । ଝୋଉ ଶାସନର ପରବର୍ତ୍ତୀ କାଳରେ ଲୌହର ପ୍ରଚଳନ ହୋଇଥିଲା ଏବଂ ପରେ ପରେ ଚୀନ୍‌ରେ ବ୍ରୋଞ୍ଜ ଯୁଗର ଅବସାନ ଘଟିଥିଲା ।

ଖ୍ରୀଷ୍ଟପୂର୍ବ ୨୨୧ରେ ଚୀନ୍ ଶାସକମାନେ ଚୀନରେ କ୍ଷମତାସୀନ ହେଲେ । ସମଗ୍ର ସାମ୍ରାଜ୍ୟରେ ଏକ ପ୍ରକାରର ଭାଷା, ଆଇନ୍ ଏବଂ ଓଜନ ଓ ପରିମାପକ ବ୍ୟବସ୍ଥାର ପ୍ରଚଳନ ପାଇଁ ସେମାନେ ଆଦେଶ ଜାରି କଲେ । ତୁମେ ଜାଣ କି, ସେମାନେ ଏଭଳି ଶାସକ ଥିଲେ, ଯେଉଁମାନେ ଚୀନର ପ୍ରସିଦ୍ଧ ବୃହତ୍ ପ୍ରାଚୀର (Great wall) ମଧ୍ୟ ନିର୍ମାଣ କରିଥିଲେ ?

ଚୀନ୍‌ମାନଙ୍କ ପରେ 'ହୁନ୍' ରାଜବଂଶ ଖ୍ରୀ:ଅ : ୨୨୦ରେ କ୍ଷମତାକୁ ଆସିଥିଲେ । ଏହି ସମୟରେ ଚୀନ୍‌ର ବ୍ୟବସାୟୀମାନେ ରେଶମ ପଥ ଦେଇ (ଯାହା ମଧ୍ୟ ଏସିଆ ଓ ପର୍ସିଆ ମଧ୍ୟ ଦେଇ ଗତି କରୁଥିଲା) ପାଶ୍ଚାତ୍ୟମାନଙ୍କ ସହିତ ନିୟମିତ ସମ୍ପର୍କ ସ୍ଥାପନ କରୁଥିଲେ ।

ଚୀନ୍ ଦେଶର ଲୋକମାନେ ବିଭିନ୍ନ ଦେବଦେବୀଙ୍କର ପୂଜା କରୁଥିଲେ । ମୃତ ବ୍ୟକ୍ତିଙ୍କର ପୂଜା ଓ ପ୍ରକୃତିର ଆରାଧନା ଏକ ସାଧାରଣ ବିଧି ଥିଲା । ଚୀନ୍‌ରେ କନ୍‌ଫୁସିଅସ୍ ନାମକ ଜଣେ ଧର୍ମ ପ୍ରଚାରକ ସଦାଚାରର ମୁଖ୍ୟ ପ୍ରବକ୍ତା ଥିଲେ ଯାହା ଚୀନ୍‌ର ସମାଜ ଓ ଶାସନ ପ୍ରଣାଳୀକୁ ବିଶେଷ ପ୍ରଭାବିତ କରିଥିଲା । ସେ ନୈତିକତା,

ବୟୋଜ୍ୟେଷ୍ଠ ପ୍ରତି ସମ୍ମାନ, ପରିବାର ପ୍ରତି ବିଶ୍ୱସ୍ତତା ଏବଂ ଆଇନ ବ୍ୟବସ୍ଥା ପ୍ରତି ମାନ୍ୟତା ଉପରେ ଗୁରୁତ୍ୱ ଆରୋପ କରିଥିଲେ ।

## ତୁମ ପାଇଁ କାର୍ଯ୍ୟ ୧.୧


ନଦୀ କୂଳରେ ଗଢ଼ି ଉଠିଥିବା ସମସ୍ତ ସଭ୍ୟତାକୁ ପାଠ କଲ କି ? ନଦୀମାନଙ୍କ କୂଳରେ ସୃଷ୍ଟି ହୋଇଥିବା କେତେକ ମୁଖ୍ୟ ସହରର ଠିକଣା ଲେଖ । ତୁମେ ଦୁଇଟି କାରଣ ଭାବି ପାରୁଛ କି, ନଦୀ କୂଳିଆ ସଭ୍ୟତା, ଅନ୍ୟସ୍ଥାନରେ ଥିବା ସଭ୍ୟତା ଅପେକ୍ଷା ଅଧିକ ଉନ୍ନତ ଓ ସଫଳ ଅଟେ ।

## ୧.୨ ଭାରତ : ସିନ୍ଧୁ ସଭ୍ୟତା

ତୁମେ ଜାଣ କି, ଭାରତ ବ୍ରୋଞ୍ଜ ଯୁଗୀୟ ସଭ୍ୟତାର ଅଂଶ ବିଶେଷ ଥିଲା ଓ ଏହା ସିନ୍ଧୁନଦୀ ଓ ତାର ପାରିପାର୍ଶ୍ୱିକ ଅଞ୍ଚଳରେ ବିକଶିତ ହୋଇଥିଲା । ଏହି ପ୍ରାଚୀନ ସଭ୍ୟତା ଆବିଷ୍କୃତ ହୋଇଥିଲା । କାରଣ ପ୍ରତ୍ନତତ୍ତ୍ୱବିତ୍‌ମାନେ ୧୯୨୦ ମସିହାରେ କେତେକ ଅଞ୍ଚଳର ମାଟି ଖନନ କାର୍ଯ୍ୟ ଆରମ୍ଭକରି କିଛି ସୂଚନା ପାଇଥିଲେ । ହରପ୍ପା ଓ ମହେଞ୍ଜୋଦାରୋ ପ୍ରଭୃତି କ୍ଷେତ୍ରଗୁଡ଼ିକର ଖନନ କାର୍ଯ୍ୟ ପ୍ରଥମେ ଆରମ୍ଭ ହୋଇଥିଲା । ସେଥିଯୋଗୁଁ ଉକ୍ତ ସଭ୍ୟତାକୁ ହରପ୍ପା ସଭ୍ୟତା କୁହାଯାଏ । ବର୍ତ୍ତମାନ ଏହି ସଭ୍ୟତାର ଶତାଧିକ ଅଞ୍ଚଳ ଆବିଷ୍କୃତ ହୋଇସାରିଛି । ହରପ୍ପା (ପଶ୍ଚିମ ପଞ୍ଜାବ), ମହେଞ୍ଜୋଦାରୋ (ସିନ୍ଧ), ଲୋଥାଲ (ଗୁଜୁରାଟ), କାଲିବଙ୍ଗନ (ରାଜସ୍ଥାନ), ରୋପାର (ପଞ୍ଜାବ), ବନୱାଲି, ରକ୍ଷିଗାଡ଼ି (ହରିୟାନା) ଏବଂ ଢ଼ୋଲାଭିରା (ଗୁଜୁରାଟ) ପ୍ରଭୃତି ନଗର ସଭ୍ୟତା ମୁଖ୍ୟ ଥିଲା ।

### ୧.୨.୧ ସହର ଯୋଜନା

ଦକ୍ଷିଣ ଏସିଆରେ ପ୍ରଥମ ସହରାଞ୍ଚଳ ସମାଜ ପ୍ରତିଷ୍ଠା, ଉକ୍ତ ସଭ୍ୟତାର ଏକ ପ୍ରଧାନ ନିଦର୍ଶନ ଥିଲା । ଉନ୍ନତ ରୁଚି ସମ୍ପୂର୍ଣ୍ଣ ସହର ଯୋଜନା, କାରୁକାର୍ଯ୍ୟ ଓ ସଂସ୍କୃତି ଉକ୍ତ ସଭ୍ୟତାର ଅସାଧାରଣ ବୈଶିଷ୍ଟ୍ୟ ଥିଲା । ଏହି ଲୋକମାନେ ସୁପରିକଳ୍ପିତ ସହରମାନଙ୍କରେ ବାସ କରୁଥିଲେ । ଏହି ସଭ୍ୟତାର ଏକ ବିଶେଷ ଉପାଦାନ ହେଉଛି, ଏହାର ସୁଦୃଢ଼ ଦୁର୍ଗ ଯେଉଁଠାରେ ଅନେକ ସାର୍ବଜନୀନ ଅଟାଳିକା ରହିଥିଲା । ଏହି ସହରଗୁଡ଼ିକରେ ପରସ୍ପରକୁ ସମକୋଣରେ ଅତିକ୍ରମ ପ୍ରଶସ୍ତ ରାସ୍ତାମାନ ରହିଥିଲା । ଘରଗୁଡ଼ିକ ଇଟାରେ ନିର୍ମିତ ଓ ଦ୍ୱିତଳ ବିଶିଷ୍ଟ । ପ୍ରତ୍ୟେକ ଗୃହରେ କୂଅ, ସ୍ନାନାଗାର, ନାଳ ଏବଂ ଜଳ ନିଷ୍କାସନ ପ୍ରଣାଳୀ ରହିଥିଲା । ସ୍ୱାସ୍ଥ୍ୟ ବ୍ୟବସ୍ଥା ଓ ପରିମଳ ବ୍ୟବସ୍ଥାର ମାନ ଅତ୍ୟନ୍ତ ଉନ୍ନତ ଥିଲା । ପକ୍କା ରାସ୍ତା ଓ ତାହାର ଆଲୋକିକରଣ ବ୍ୟବସ୍ଥା ବି ଥିଲା । ଏହି ସହରର ନିମ୍ନବର୍ତ୍ତି ବାସଗୃହଗୁଡ଼ିକ ବ୍ୟତୀତ ବହୁ ସ୍ତମ୍ଭ ବିଶିଷ୍ଟ ବଡ଼ ପ୍ରକୋଷ୍ଠମାନ ମହେଞ୍ଜୋଦାରୋ ଦୁର୍ଗସ୍ଥ ଅଞ୍ଚଳରେ ଆବିଷ୍କୃତ ହୋଇଛି । ବୃହତ ସ୍ନାନାଗାର ଏଠାର ସବୁଠାରୁ ଦର୍ଶନୀୟ ଚିତାକର୍ଷକ ବୈଶିଷ୍ଟ୍ୟ ଅଟେ । ଏହାର ଲମ୍ବା ୧୮୦ ଫୁଟ ଏବଂ ପ୍ରସ୍ଥ ୧୦୮ ଫୁଟ । ଏଠାରେ ଥିବା ସ୍ନାନ କୁଣ୍ଡଟି ୩୯ ଫୁଟ ଲମ୍ବ, ୨୩ ଫୁଟ ପ୍ରସ୍ଥ ଓ ୮ ଫୁଟ ଗଭୀର । ହରପ୍ପାର ଶସ୍ୟ ଭଣ୍ଡାର ମଧ୍ୟ ଏକ ବିରାଟ ଅଟ୍ଟାଳିକା । କୃଷକମାନଙ୍କ ଦ୍ୱାରା ଉତ୍ପାଦିତ ବଳକା ଶସ୍ୟକୁ ସେଠାରେ ସଂରକ୍ଷିତ କରାଯାଉଥିଲା ।





## ୧.୨.୨ ସମାଜ ଓ ଅର୍ଥନୀତି

ହରପ୍ପାର ଅଧିବାସୀମାନେ କୃଷି, ପଶୁପାଳନ, କଳା ଓ ଶିଳ୍ପବୃତ୍ତି, ବ୍ୟବସାୟ ଏବଂ ବାଣିଜ୍ୟ ଆଦି କାର୍ଯ୍ୟ କରୁଥିଲେ । ସେମାନେ ଉତ୍ପାଦନ କରୁଥିବା ମୁଖ୍ୟ ଶସ୍ୟଗୁଡ଼ିକ ଗହମ, ବାର୍ଲି, ଯବ ଓ ମଟର ଥିଲା । ଧାନଚାଷ କରୁଥିବାର ପ୍ରମାଣ ଲୋଥାଲ ଓ ରାଙ୍ଗାପୁରଠାରେ ଦେଖିବାକୁ ମିଳିଛି । କାଳିବଙ୍ଗନଠାରେ ଦେଖାଯାଇଥିବା ଲଙ୍ଗଳଗାରରୁ ସେମାନେ ଜମିକୁ ହଳ କରୁଥିବାର ପ୍ରମାଣ ଦେଖାଯାଇଛି । ଫସଲ ଅମଳରେ ଦାଆର ବ୍ୟବହାର କରାଯାଉଥିଲା । ବିଭିନ୍ନ ପ୍ରକାର ଜଳସେଚନ ପ୍ରଣାଳୀ ସେମାନେ ଅବଲମ୍ବନ କରୁଥିଲେ । କପା, ଏକ ଉତ୍ପନ୍ନ ଦ୍ରବ୍ୟ ରୂପେ ପରିଚିତ ଥିଲା । ଗାଈ, ଛେଳି, ମେଣ୍ଢା, କୁକୁର, ବିରାଡ଼ି, ଓଟ, ଗଧ, କୁବ୍‌ଜ ଷଣ୍ଢ ଆଦି ପଶୁମାନେ ଗୃହପାଳିତ ପଶୁଭାବେ ପାଳିତ ହେଉଥିଲେ । ଲୋକମାନେ ଗହମ ଜାତୀୟ ଖାଦ୍ୟ, ମାଛ, ମାଂସ, ଦୁଗ୍ଧ, ଅଣ୍ଡା ଏବଂ ଫଳ ଆଦି ଭକ୍ଷଣ କରୁଥିଲେ । ମୁଖ୍ୟତଃ ବ୍ରୋଞ୍ଜ ଓ ତମ୍ବା ନିର୍ମିତ ବିଭିନ୍ନ ଉପକରଣ ଓ ଅସ୍ତ୍ରଶସ୍ତ୍ର ବ୍ୟବହୃତ ହେଉଥିଲା । ସୁନା, ରୂପା, ମୂଲ୍ୟବାନ ପଥର, ଶଙ୍ଖ ଓ ହସ୍ତୀ ଦନ୍ତରେ ଅଳଙ୍କାରମାନ ତିଆରି କରାଯାଉଥିଲା । କିନ୍ତୁ ଲୌହର ବ୍ୟବହାର ସେମାନଙ୍କୁ ଜଣା ନଥିଲା । କଳାକାର ଓ ଶିଳ୍ପୀମାନଙ୍କ ମଧ୍ୟରେ କୁମ୍ଭକାର, ବୁଣାକାର, ରାଜମିସ୍ତ୍ରୀ, ବଢ଼େଇ, ଧାତୁଶିଳ୍ପୀ, ଅଳଙ୍କାର ବ୍ୟବସାୟୀ, ମୂର୍ତ୍ତିକାର, ପଥରଖୋଦନକାରୀ, ଇଟା ପ୍ରସ୍ତୁତକାରୀ ଅନ୍ୟତମ ଥିଲେ । ଉଭୟ ଅନ୍ତଃବାଣିଜ୍ୟ ଓ ବହିଃବାଣିଜ୍ୟ ଦେଶ ଭିତରେ ଓ ବାହାରେ ଚାଲିଥିଲା । ମେସୋପଟାମିଆ ସହିତ ହରପ୍ପାର ବାଣିଜ୍ୟ ସମ୍ପର୍କରେ ଅନେକ ଦୃଷ୍ଟାନ୍ତ ରହିଛି । ମୁଖ୍ୟ ଆମଦାନୀ ପଦାର୍ଥମାନଙ୍କ ମଧ୍ୟରେ ସୁନା, ଟିଣ, ତମ୍ବା ଓ ବିଭିନ୍ନ ମୂଲ୍ୟବାନ ରତ୍ନ ପ୍ରଧାନ ଥିଲା । ସେହିପରି କୃଷିଜାତ ପଦାର୍ଥ, କପା, ମାଟିପାତ୍ର, ଅଳଙ୍କାର, ହାତୀଦାନ୍ତ ନିର୍ମିତ ପଦାର୍ଥ ଏବଂ ଅନ୍ୟ ହସ୍ତ ନିର୍ମିତ ଦ୍ରବ୍ୟମାନ ରପ୍ତାନୀ କରାଯାଉଥିଲା । ହରପ୍ପାର ମୋହର (seal)କୁ ବାଣିଜ୍ୟିକ ଉଦ୍ଦେଶ୍ୟରେ ବ୍ୟବହାର କରାଯାଉଥିବା ଅନୁମାନ କରାଯାଏ । ସମାଜ ଦୁଇଟି ଶ୍ରେଣୀରେ ବିଭକ୍ତ ହୋଇଥିଲା ।

## ୧.୨.୩ ଧର୍ମ ଏବଂ ସଂସ୍କୃତି

ଅନେକ ନାରୀ ମୂର୍ତ୍ତିମାନଙ୍କୁ ଦେଖି ଅନୁମାନ କରାଯାଉଛି ଯେ, ହରପ୍ପା ବାସୀ ମାତୃଶକ୍ତି ବା ଦେବୀ ଶକ୍ତିର ଆରାଧନା କରୁଥିଲେ । ଗୋଟିଏ ସିଲ୍ ଉପରେ ଏକ ଦେବ ମୂର୍ତ୍ତିର ପ୍ରତିକୃତି ଦେଖିବାକୁ ମିଳିଥିଲା ଯାହାଙ୍କର ପରିପାର୍ଶ୍ୱ ପଶୁମାନଙ୍କ ଦ୍ୱାରା ପରିବେଷ୍ଟିତ ହୋଇଥିଲା ଏବଂ ସେ ଯୋଗାସନରେ ଉପବିଷ୍ଟ ଥିଲେ । ଉକ୍ତ ଦେବମୂର୍ତ୍ତିଙ୍କୁ ଶିବ (ପଶୁପତି) ଭାବେ ଅନୁମାନ କରାଯାଉଛି । ଲିଙ୍ଗପୂଜା, ବୃକ୍ଷ ଓ ପଶୁ ପ୍ରଭୃତିର ପୂଜା ମଧ୍ୟ ସେ ସମୟରେ ପ୍ରଚଳିତ ଥିଲା । ଭାରତର ହିନ୍ଦୁମାନଙ୍କ ମଧ୍ୟରେ ଉକ୍ତ ଧାର୍ମିକ ଚିନ୍ତାର ପ୍ରତିଫଳନ ତୁମେ ଦେଖିପାରୁଛ କି ? ତୁମେ ଯଦି କୌଣସି ଶିବ ମନ୍ଦିରକୁ ଯାଅ, ସେଠାରେ ଶିବଲିଙ୍ଗ ପୂଜା ହେବାର ଦେଖିବ । ତୁମେ ଜାଣିବା ଉଚିତ୍ ଯେ, ହିନ୍ଦୁମାନେ ମଧ୍ୟ ପୁରାତନ ଅଧିବାସୀମାନଙ୍କ ସଦୃଶ ବୃକ୍ଷମାନଙ୍କୁ ବର୍ତ୍ତମାନ ପୂଜା କରୁଛନ୍ତି । ଉଦାହରଣ, ଅଶ୍ୱତଥ୍ ବୃକ୍ଷ ।

## ୧.୨.୪ ବୈଷୟିକ ଜ୍ଞାନ

ସେମାନଙ୍କୁ ଉଚ୍ଚ ବୈଷୟିକ ଜ୍ଞାନ କୌଶଳ ଜଣାଥିଲା । ସେମାନେ ସହର ନିର୍ମାଣର ଯାନ୍ତ୍ରିକ ପଦ୍ଧତି, ଓଜନ ଓ ପରିମାପକ ଏବଂ ସ୍ୱାସ୍ଥ୍ୟରକ୍ଷା ସମ୍ପର୍କରେ ଅଧିକ ଜ୍ଞାନ ଆହରଣ କରିଥିଲେ । ସେମାନେ ଲିଖନ ପ୍ରଣାଳୀ ମଧ୍ୟ ଜାଣିଥିଲେ । ସେମାନେ ଏକ ଲିପି ବ୍ୟବହାର କରିଥିବା ଦେଖିବାକୁ ମିଳେ ଯାହାର ବ୍ୟାଖ୍ୟା ଏ ପର୍ଯ୍ୟନ୍ତ ସମ୍ଭବ ହୋଇପାରି ନାହିଁ ।

### ୧.୨.୫ ପତନ

ପ୍ରକୃତରେ କେଉଁ କାରଣ ପାଇଁ ଏହି ସଭ୍ୟତାର ପତନ ଘଟିଲା, ତାହା କହିବା କଷ୍ଟକର ଅଟେ । ପ୍ରାକୃତିକ ବିପର୍ଯ୍ୟୟ ଉକ୍ତ ସଭ୍ୟତା ପତନର ମୁଖ୍ୟ କାରଣ ହୋଇପାରେ । ବାରମ୍ବାର ବନ୍ୟା, ନଦୀମାନଙ୍କରେ ଶୁଷ୍କତା, ମୃତ୍ତିକା କ୍ଷୟ ଓ ଉର୍ବରତା ହ୍ରାସ, ବହୁଳ ପରିମାଣରେ କାଠର ବ୍ୟବହାର ଯୋଗୁଁ ଜଙ୍ଗଲ ନଷ୍ଟ ଭୂମିକମ୍ପ, ବୃଷ୍ଟିହୀନତା, ମରୁଭୂମିର ପ୍ରସାରଣ ଏହି ସଭ୍ୟତାର ଧ୍ୱଂସଲୀଳା ଘଟାଇଥିଲା । କେତେକ ବିଶେଷଜ୍ଞଙ୍କ ମତ ଅନୁଯାୟୀ, ମେସୋପଟମିଆ ସହ ବୈଦେଶିକ ସମ୍ପର୍କ ଛିନ୍ନ ହେବା ସିନ୍ଧୁ ସଭ୍ୟତାର ପତନର କାରଣ ହୋଇପାରେ । ଏହି ସଭ୍ୟତାର ପତନ ସହିତ ଭାରତରେ ସ୍ୱାକ୍ଷରତା ଏବଂ ସହର ଜୀବନ ଏକ ସହସ୍ର ବର୍ଷ ପାଇଁ ଉଭେଇ ଯାଇଥିଲା ।

## ପାଠଗତ ପ୍ରଶ୍ନାବଳୀ ୧.୧

୧. ଶୂନ୍ୟସ୍ଥାନ ପୂରଣ କର –

(କ) ବ୍ରୋଞ୍ଜଯୁଗ ସଭ୍ୟତାରେ ସମାଜ ବିଭିନ୍ନ ____________ ଭାବେ ବି ବିଭାଜିତ ହୋଇଥିଲା ।

(ଖ) ____________ହରପ୍ପା ସଭ୍ୟତାର ଧ୍ୱଂସର କାରଣ ହୋଇପାରେ ।

(ଗ) ହରପ୍ପାର ଲୋକମାନେ ____________ ସଙ୍ଗେ ବୈଦେଶିକ ବାଣିଜ୍ୟ ସମ୍ପର୍କ ରଖିଥିଲେ ।

୨. ମଣିଷ ପ୍ରଥମେ କେଉଁ ଧାତୁ ବ୍ୟବହାର କରୁଥିଲା ?

୩. କେଉଁ ନଦୀ କୂଳରେ ମେସୋପଟମିଆ ସଭ୍ୟତା ସୃଷ୍ଟି ହୋଇଥିଲା ?

୪. ଇଜିପ୍ଟର ପୁରୁଣା ଲିପିର ନାମ କ'ଣ ?

୫. ହରପ୍ପା ସଭ୍ୟତାର ୪ଟି ସ୍ଥାନ କୁହ ଯାହା ଭାରତରେ ଅବସ୍ଥିତ ।

## ୧.୩ ଲୌହଯୁଗ ସଭ୍ୟତା

ତିନି ହଜାର ବର୍ଷ ପୂର୍ବେ ଲୌହ ଯୁଗ ଆରମ୍ଭ ହୋଇଥିଲା ଓ ଏହି ଯୁଗରେ ଲୁହାର ବହୁଳ ଉତ୍ପାଦନ ହୋଇ ସାଧାରଣ ବ୍ୟବହାରରେ ଲାଗୁଥିଲା । ଲୁହା ତମ୍ବା ଓ ବ୍ରୋଞ୍ଜଠାରୁ ଶସ୍ତା ଏବଂ ଶକ୍ତିଶାଳୀ ଥିଲା । ତେଣୁ ଲୌହ ଉପକରଣ ଓ ସରଞ୍ଜାମ, କୃଷି ପ୍ରସାର ନିର୍ମିତ ଜଙ୍ଗଲ ସଫାକରି ଚାଷଜମି ଚାଷୋପଯୋଗୀ କରିବାରେ ଆମ ପୂର୍ବପୁରୁଷମାନଙ୍କର ସହାୟକ ହୋଇଥିଲା । ତେଣୁ କୃଷି ଉତ୍ପାଦନରେ ଯଥେଷ୍ଟ ବୃଦ୍ଧି ଘଟିଥିଲା । ଏହା ଲୋକମାନଙ୍କ ସାମାଜିକ ଓ ଅର୍ଥନୈତିକ ଜୀବନରେ ଏକ ବିରାଟ ପରିବର୍ତ୍ତନ ଆଣି ଦେଇଥିଲା ।

ଲୁହାର ବ୍ୟବହାର ପରିବହନ ଓ ଯୋଗାଯୋଗ ବ୍ୟବସ୍ଥା ଉପରେ ମଧ୍ୟ ଗଭୀର ପ୍ରଭାବ ପକାଇଥିଲା । ଲୁହାରେ ଫଳ (rim) ଓ ଅର (spoke) ତିଆରି ହେବାରୁ ଚକଗୁଡ଼ିକ ମଜବୁତ୍ ହେଲା । ଲୁହା କଣ୍ଟା ଏବଂ ଲୁହା ଚଦର ନୌକା ଓ ଜାହାଜ ନିର୍ମାଣରେ ବହୁ ପରିମାଣରେ ବ୍ୟବହୃତ ହେଲା । ଏହି କାରଣରୁ ବାଣିଜ୍ୟ ବ୍ୟବସାୟର ପ୍ରସାର ଏବଂ ଉନ୍ନତି ଘଟିଲା । ନୂତନ ଅସ୍ତ୍ରଶସ୍ତ୍ରର ନିର୍ମାଣ ମଧ୍ୟ ଆରମ୍ଭ ହେଲା । ତେଣୁ ଲମ୍ବା ଓ ଓଜନିଆ, ଖଣ୍ଡା, ବକ୍ରଖଣ୍ଡା, ଲୁହା ଢ଼ାଲ, ତେଣ୍ଟା ଏବଂ ବର୍ଚ୍ଛା ଆଦି ଯୁଦ୍ଧ ପଦ୍ଧତିରେ ପରିବର୍ତ୍ତନ ଆଣିଲା ।

ଲୌହ ଯୁଗ ଏକ ବୌଦ୍ଧିକ ବିକାଶର ଯୁଗ ଥିଲା । ବର୍ଣ୍ଣମାଳାର ସୃଷ୍ଟି ଥିଲା ଏହି ଯୁଗର ସବୁଠାରୁ ମହତ୍ୱପୂର୍ଣ୍ଣ ବିକାଶ । ଏହା ପୂର୍ବରୁ ପ୍ରଚଳିତ ଛବିଲିପି ପ୍ରଣାଳୀର ଅନ୍ତ ଘଟାଇଥିଲା ଯାହା ଇଜିପ୍ଟ, ମେସୋପଟାମିଆ ଓ ଚୀନ୍‌ର ବ୍ରୋଞ୍ଜଯୁଗୀୟ ସଭ୍ୟତାରେ ସୃଷ୍ଟି ହୋଇଥିଲା । ଉକ୍ତ ଲୌହଯୁଗ ସଭ୍ୟତା, ଗ୍ରୀସ, ରୋମ, ପର୍ସିଆ ଓ ଭାରତରେ ପ୍ରସାର ଲାଭ କରିଥିଲା ।

## ୧.୩.୧ ଗ୍ରୀକ୍ ସଭ୍ୟତା

୨୦୦୦ ହଜାର ବର୍ଷ ପୂର୍ବେ ଗ୍ରୀସ୍ ସଭ୍ୟତାର ଉତ୍ପତ୍ତି ହୋଇଥିଲା । ସେଠାରେ ସ୍ୱତନ୍ତ୍ର ନଗର ରାଜ୍ୟମାନ ଗଢ଼ି ଉଠିଥିଲା ଓ ଏକ ଉନ୍ନତ ଶାସନ ବ୍ୟବସ୍ଥା ମଧ୍ୟ ବିକାଶଲାଭ କରିଥିଲା । ଉକ୍ତ ନଗର ରାଜ୍ୟମାନଙ୍କର ସୃଷ୍ଟି ଗ୍ରୀକ୍ ସଭ୍ୟତାର ଏକ ଅନନ୍ୟ ବୈଶିଷ୍ଟ୍ୟ ଥିଲା । ପ୍ରତ୍ୟେକ ସହରର ସୁରକ୍ଷା ନିମିତ୍ତ ଏକ ପ୍ରାଚୀର ଚର୍ତୁଦିଗରେ ନିର୍ମାଣ କରାଯାଇଥିଲା । ସହର ମଧ୍ୟରେ ଥିବା ପାହାଡ଼ ଉପରେ ଏକ ଦୁର୍ଗ ଥିଲା ଯାହାକୁ ଆକ୍ରପୋଲିସ୍ କୁହାଯାଉଥିଲା । ଗ୍ରୀକ୍ ନଗର ରାଜ୍ୟମାନଙ୍କ ମଧ୍ୟରେ ଏଥେନ୍‌ସ ଓ ସ୍ପାର୍ଟା ସବୁଠାରୁ ଶକ୍ତିଶାଳୀ ଥିଲେ । ଆଥେନ୍ସମାନେ ଧନୀ ଓ ଶିକ୍ଷିତ ଥିଲେ ଓ ସେମାନଙ୍କ ମଧ୍ୟରେ ଲେଖକ, ଦାର୍ଶନିକ, କଳାକାର ଏବଂ ଚିନ୍ତାଶୀଳ ବ୍ୟକ୍ତିମାନେ ମଧ୍ୟ ବାସ କରୁଥିଲେ । ସମାଜଟି ଶ୍ରମଭିତିକ ଥିଲା କିନ୍ତୁ ନାଗରୀକମାନେ ଗଣତାନ୍ତ୍ରିକ ଶାସନ ପ୍ରଣାଳୀ ଉପଭୋଗ କରୁଥିଲେ । ଗ୍ରୀସ୍‌ର ଶ୍ରେଷ୍ଠ ସୈନ୍ୟବାହିନୀ ସ୍ପାର୍ଟାରେ ଥିଲା । ସେଠାରେ ଯୁଦ୍ଧ କୌଶଳ ପ୍ରଶିକ୍ଷଣ କାର୍ଯ୍ୟ କରାଯାଉଥିଲା ।

ଏଥେନ୍‌ସ ଓ ସ୍ପାର୍ଟା ମଧ୍ୟରେ ବହୁ ପ୍ରତିଦ୍ୱନ୍ଦିତା ଥିଲା । କିନ୍ତୁ ଡାରିଅସ୍ ଏବଂ ଜେରେକ୍ସଙ୍କର ପାର୍ସି ସୈନ୍ୟଦଳ ଯେତେବେଳେ ଗ୍ରୀସ୍ ଅଧିକାର କରିବାକୁ ଚେଷ୍ଟା କରିଥିଲେ, ସେମାନଙ୍କୁ ବିତାଡ଼ିତ କରିବା ପାଇଁ ସ୍ପାର୍ଟା ଓ ଏଥେନ୍ସ ଏକ ପକ୍ଷରେ ଯୁଦ୍ଧ କରିଥିଲେ । ପେରିକିଲ୍‌ସଙ୍କ ସମୟରେ ଏଥେନ୍‌ସ ଏକ ସୁବର୍ଣ୍ଣଯୁଗର ସ୍ୱାଦ ଚାଖିଥିଲା । କିନ୍ତୁ ଏଥେନ୍ସ ଓ ସ୍ପାର୍ଟା ମଧ୍ୟରେ ଏକ ଦୀର୍ଘକାଳୀନ ଯୁଦ୍ଧ ହୋଇଥିଲା, ଯାହାକୁ ପେଲାପନେସିଆନ୍ ଯୁଦ୍ଧ ବୋଲି କୁହାଯାଏ । ୨୭ ବର୍ଷ ଧରି ଚାଲିଥିବା ଏହି ଯୁଦ୍ଧରେ ଏଥେନ୍‌ସର ପରାଜୟ ଘଟିଥିଲା । ତୁମେ ଜାଣ କି, ଗ୍ରୀସ୍‌କୁ ପାଶ୍ଚାତ୍ୟ ସଭ୍ୟତାର ଉତ୍ପତ୍ତିସ୍ଥଳ ବୋଲି କୁହାଯାଏ ? ପ୍ରାଚୀନ ଗ୍ରୀସୀୟମାନେ କଳା, ସ୍ଥାପତ୍ୟ, ଶିକ୍ଷା, ବିଜ୍ଞାନ, ଓ ସାହିତ୍ୟ ଆଦିର ଅଗ୍ରଦୂତ ଥିଲେ । ସକ୍ରେଟିସ୍, ପ୍ଲାଟୋ ଓ ଆରିଷ୍ଟୋଟଲ ପ୍ରଭୃତି ବିଶିଷ୍ଟ ଦାର୍ଶନୀକମାନେ ଉକ୍ତ ସଭ୍ୟତାର ମୁଖ୍ୟ ଆକର୍ଷଣ ଥିଲେ ଓ ସେମାନଙ୍କର ଆଦର୍ଶକୁ ବର୍ତ୍ତମାନ ବି ଅଧ୍ୟୟନ କରାଯାଉଛି । ସେଠାରେ ହେରୋଡଟସ୍ ଏବଂ ଥୁସିଡାଇଡ୍‌ସ ପ୍ରମୁଖ ଐତିହାସିକ ଥିଲେ । ସେହିଭଳି ଆର୍କିମେଡ଼ିସ୍, ଆରିଷ୍ଟାକସ୍ ଏବଂ ଡେମୋକ୍ରିଟସ୍ ପ୍ରଭୃତି ବିଶିଷ୍ଟ ବୈଜ୍ଞାନିକମାନେ ବି ଥିଲେ । ଆସିଲସ୍, ସୋଫୋକ୍ଲିସ୍, ଆରିଷ୍ଟୋଫେନସ୍ ପ୍ରଭୃତି ବିଶିଷ୍ଟ ନାଟ୍ୟକାର ଥିଲେ । ଉକ୍ତ ସଭ୍ୟତାରେ 'ଇଲିୟାଡ' ଓ ଓଡ଼ିସି ଭଳି ପ୍ରସିଦ୍ଧ ନାଟକର ଲେଖକ ହୋମର ବି ଜନ୍ମଗ୍ରହଣ କରିଥିଲେ ।

ଗ୍ରୀକ୍‌ମାନଙ୍କର ସ୍ଥାପତ୍ୟ କଳାରେ ଯଥେଷ୍ଟ ଜ୍ଞାନ ରହିଥିଲା । ସେମାନେ ବହୁତ ସୁନ୍ଦର ପ୍ରାସାଦ ଓ ମନ୍ଦିରମାନ ନିର୍ମାଣ କରିଥିଲେ । ଗ୍ରୀକ୍‌ବାସୀ ଅନେକ ଦେବତାଙ୍କୁ ବିଶ୍ୱାସ କରୁଥିଲେ । ପ୍ରତ୍ୟେକ ସହରର ନିଜର ସ୍ୱତନ୍ତ୍ର ରକ୍ଷାକର୍ତ୍ତା ବା ଦେବତା ଥିଲେ । ଦେବତାମାନେ ମାଉଣ୍ଟ୍ ଅଲିମ୍ପସ୍ ନାମକ ସ୍ଥାନରେ ବସବାସ କରୁଥିବା ବିଶ୍ୱାସ କରାଯାଉଥିଲା । ଅଲମ୍ପିକ୍ ଖେଳ ଖ୍ରୀ:ପୂ: ୭୭୬ରେ ପ୍ରଥମେ ଆରମ୍ଭ ହୋଇଥିଲା ଏବଂ ଏହି ଖେଳ ପ୍ରତି ଚାରିବର୍ଷରେ ଅଲିମ୍ପିଆ ନାମକ ସ୍ଥାନରେ ଆୟୋଜନ କରାଯାଉଥିଲା । କ୍ରୀଡ଼ା ଆଦିର ଆୟୋଜନ ଦେବତାମାନଙ୍କ ମୁଖ୍ୟ 'ଜିଅସ୍'ଙ୍କୁ ସମ୍ମାନ ଦେବା ପାଇଁ ଉଦ୍ଦିଷ୍ଟ ଥିଲା ।





ଗ୍ରୀକ୍‌ମାନେ ଏକଦା ବିଶାଳ ସାମ୍ରାଜ୍ୟ ସ୍ଥାପନ କରିଥିଲେ । ସହରଗୁଡ଼ିକ ଶାସନ ତଥା ସାଂସ୍କୃତିକ ଏବଂ ଅର୍ଥନୀତିକ କାର୍ଯ୍ୟକ୍ରମର କେନ୍ଦ୍ରସ୍ଥଳୀ ଥିଲା । କୃଷକମାନେ ମୁଖ୍ୟତଃ ଅଙ୍ଗୁର, ଅଲିଭ ଏବଂ ଶସ୍ୟ ଉତ୍ପାଦନ କରୁଥିଲେ । ମଦ ଓ ଅଲିଭ୍‌ତେଲ ବିଶିଷ୍ଟ ଉତ୍ପାଦନର ବସ୍ତୁ ଥିଲା ।


ମାସିଡ଼ୋନିଆର ଶାସକ ଆଲେକ୍‌ଜାଣ୍ଡାର, ଯାହାଙ୍କୁ ଇତିହାସର 'ମହାନ୍ ଆଲେକ୍‌ଜାଣ୍ଡାର' କୁହାଯାଏ, ସେ ସିରିଆ, ମେସୋପଟାମିଆ, ଇଜିପ୍ଟ ଆଫଗାନିସ୍ଥାନ ଏବଂ ମଧ୍ୟ ଏସିଆ ଓ ଉତ୍ତର ଭାରତର କେତେକ ଅଞ୍ଚଳକୁ ଜୟ କରିଥିଲେ । ସେ ମାତ୍ର ୩୩ ବର୍ଷ ବୟସରେ ମୃତ୍ୟୁବରଣ କରିଥିଲେ । ତାଙ୍କ ପରେ ତାଙ୍କର ବିଶାଳ ସାମ୍ରାଜ୍ୟ ଖଣ୍ଡବିଖଣ୍ଡିତ ହୋଇ ଛୋଟ ଛୋଟ ରାଜ୍ୟରେ ପରିଣତ ହୋଇଗଲା । ପରବର୍ତ୍ତୀ ସମୟରେ ଗ୍ରୀସ୍ ରୋମାନମାନଙ୍କ ଦ୍ୱାରା ଅଧିକାର କରାଯାଇଥିଲା ।

## ୧.୩.୨ ରୋମ ସଭ୍ୟତା

ଖ୍ରୀ:ପୂ: ୫୧୦ରେ ରୋମାନ୍‌ମାନେ ଏକ ଗଣତାନ୍ତ୍ରିକ ରାଷ୍ଟ୍ର ପ୍ରତିଷ୍ଠା କରିଥିଲେ । ଉକ୍ତ ରୋମ ସହର ମଧ୍ୟ ଇଟାଲିର ଟିବର ନଦୀ କୂଳରେ ଅବସ୍ଥିତ ଥିଲା । ଏହି ରୋମୀୟ ଗଣତନ୍ତ୍ର ଏକ 'ସିନେଟ୍' ଦ୍ୱାରା ଶାସିତ ହେଉଥିଲା ଯାହା ବୟୋଜ୍ୟେଷ୍ଠ ସଦସ୍ୟମାନଙ୍କୁ ନେଇ ଗଠିତ ହୋଇଥିଲା । କନସଲ୍‌ମାନେ ସିନେଟ୍‌ରମାନଙ୍କ ପ୍ରତିନିଧିତ୍ୱ କରୁଥିଲେ ଓ ସିନେଟ୍‌ରମାନେ ଦୁଇଜଣ କନସଲ୍‌ଙ୍କୁ ନିର୍ବାଚିତ କରୁଥିଲେ । ଖ୍ରୀ:ପୂ: ୨୦୦ ସୁଦ୍ଧା ରୋମ, ଇଟାଲିର ଏକ ଅଗ୍ରଣୀ ଶକ୍ତି ରୂପେ ପ୍ରତିଷ୍ଠିତ ହୋଇସାରିଥିଲା । ଏହା ଭୂମଧ୍ୟସାଗରୀୟ ଅଞ୍ଚଳକୁ ନିୟନ୍ତ୍ରଣ କରିବା ନିମନ୍ତେ କାଥେଜ୍ ଭଳି ପ୍ରତିଦ୍ୱନ୍ଦୀମାନଙ୍କୁ ପରାଜିତ କରିଥିଲା । ପ୍ରାଚୀନ ରୋମୀୟ ସମାଜକୁ ସମ୍ଭ୍ରାନ୍ତ ବର୍ଗ, ସାଧାରଣ ବର୍ଗ, ଏବଂ କ୍ରୀତଦାସବର୍ଗ ଏହିପରି ତିନି ପ୍ରକାର ଶ୍ରେଣୀରେ ବିଭକ୍ତ କରାଯାଇଥିଲା । ରୋମୀୟ ଅର୍ଥନୀତି 'ଦାସତ୍ୱ' ଶ୍ରମ ଉପରେ ଆଧାରିତ ଥିଲା । ଧନୀ ବ୍ୟକ୍ତିମାନେ କ୍ରୀତଦାସ ରଖୁଥିଲେ । ଏହି କ୍ରୀତଦାସମାନଙ୍କୁ ଖଣ୍ଡାରେ ପ୍ରଶିକ୍ଷଣ ଦିଆଯାଇଥାଏ, ଯାହା କ୍ରୀତଦାସ ଏବଂ ହିଂସ୍ରପଶୁମାନଙ୍କ ମଧ୍ୟରେ ଏକ ପ୍ରକାର ଯୁଦ୍ଧ ଥିଲା । ସେହି ସମୟରେ କ୍ରୀତଦାସମାନଙ୍କ ବିଦ୍ରୋହ ବାରମ୍ବାର ସଂଘଠିତ ହେଉଥିଲା । ଖ୍ରୀ:ପୂ: ୭୪ରେ ସେହିଭଳି ଏକ ବିଦ୍ରୋହ ସ୍ପାର୍ଟାକସ୍ ନାମକ ଏକ ବ୍ୟକ୍ତିଙ୍କ ନେତୃତ୍ୱରେ ହୋଇଥିଲା ।

ଯଦିଓ ରୋମରେ ଗଣତନ୍ତ୍ର ଥିଲା ତଥାପି ଶକ୍ତିଶାଳୀ ଓ ପ୍ରଭାବଶାଳୀ ନେତାମାନେ କ୍ଷମତା ପାଇଁ ସର୍ବଦା ଯୁଦ୍ଧ କରୁଥିଲେ । ଜୁଲିଅସ୍ ସିଜର୍ ସେହିଭଳି ଏକ ନେତା ଥିଲେ ଯିଏ ବହୁ କ୍ଷମତା ଅକ୍ତିଆର କରି ଏକଛତ୍ରପତି ଶାସକ ହୋଇ ପାରିଥିଲେ । ଖ୍ରୀ:ପୂ: ୪୪ରେ ଷଡ଼ଯନ୍ତ୍ରକାରୀଙ୍କ ଦ୍ୱାରା ସିଜରଙ୍କୁ ହତ୍ୟା କରାଯାଇଥିଲା ଏବଂ ସେଥିପାଇଁ ରୋମରେ ଏକ ଗୃହଯୁଦ୍ଧ ଆରମ୍ଭ ହୋଇଥିଲା । ଏହି ଯୁଦ୍ଧ ପରେ ଅଗଷ୍ଟସ୍ ସିଜର ରୋମର ପ୍ରଥମ ସମ୍ରାଟ ହୋଇଥିଲେ । ରୋମ ସାମ୍ରାଜ୍ୟ ଇଉରୋପ, ଏସିଆ, ଆଫ୍ରିକା ଏହି ତିନୋଟି ମହାଦେଶକୁ ବ୍ୟାପିଥିଲା । ଅଗଷ୍ଟସ୍‌ଙ୍କ ରାଜତ୍ୱ ସମୟରେ ମହାନ୍ ଧର୍ମପ୍ରବର୍ତ୍ତକ ଯୀଶୁଖ୍ରୀଷ୍ଟଙ୍କର ଆବିର୍ଭାବ ହୋଇଥିଲା । ସେ ବେଥଲେସରେ ଜନ୍ମଗ୍ରହଣ କରିଥିଲେ । ସେ ଏକ ନୂତନ ଧର୍ମ ପ୍ରଚାର କରିଥିଲେ । ତାଙ୍କ ମତରେ ସବୁ ମଣିଷ ଇଶ୍ୱରଙ୍କ ସନ୍ତାନ । ସେ ପରସ୍ପରକୁ ଭଲ ପାଇବା ପାଇଁ ଲୋକମାନଙ୍କୁ ଉପଦେଶ ଦେଲେ । ତାଙ୍କର ମୃତ୍ୟୁ ପରେ ଖ୍ରୀଷ୍ଟଙ୍କର ଭକ୍ତମାନେ ତାଙ୍କର ବାଣୀକୁ ଲୋକମାନଙ୍କ ମଧ୍ୟରେ ପ୍ରଚାର କରିଥିଲେ । ରୋମ ସାମ୍ରାଜ୍ୟ ପୂର୍ବରେ ମେସୋପଟମିଆଠାରୁ ପଶ୍ଚିମରେ ଗଉଲ (Gaul) ଏବଂ ବ୍ରିଟେନ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ସମଗ୍ର ସାମ୍ରାଜ୍ୟରେ ଲୋକମାନେ ରୋମୀୟ

ଜୀବନ ପ୍ରଣାଳୀ ଅବଲମ୍ବନ କରୁଥିଲେ । ସବୁ ସ୍ଥାନରେ ସ୍ନାନାଗାର, ମନ୍ଦିର, ପ୍ରାସାଦ ଏବଂ ନାଟ୍ୟଶାଳା ସହିତ ବଡ଼ ସହରମାନ ନିର୍ମାଣ କରାଯାଉଥିଲା । ପ୍ରଦେଶ ଓ ଗ୍ରାମାଞ୍ଚଳଗୁଡ଼ିକରେ ରୋମବାସୀ, ବୃହତ ଆରାମଦାୟକ କୃଷି ଉଦ୍ୟାନସ୍ଥ ଗୃହମାନ ଯାହାକୁ 'ଭିଲା' କୁହାଯାଏ ନିର୍ମାଣ କରୁଥିଲେ । ରୋମ ଶାସକମାନେ ବିଜୟ ସମାରୋହ, ଧର୍ମ ସମ୍ମିଳନୀ, ଏବଂ କ୍ରୀଡ଼ାଭୂମି ପ୍ରଭୃତି ସ୍ଥାନରେ ସଭାପତିତ୍ୱ କରୁଥିଲେ । ଗ୍ଲାଡ଼ିଏଟର ଯୁଦ୍ଧ, ରଥ ଦୌଡ଼, ନାଟକ ଆଦି ପ୍ରମୁଖ ମନୋରଞ୍ଜନ କାର୍ଯ୍ୟକ୍ରମ ଚାଲିଥିଲା ।



ଚିତ୍ର ୧.୪ ରୋମରେ ବୃହତକାୟ ରଙ୍ଗମଞ୍ଚ

ରୋମ ସାମ୍ରାଜ୍ୟକୁ ଅନେକ ପ୍ରଦେଶରେ ବିଭକ୍ତ କରାଯାଇଥିଲା ଏବଂ ପ୍ରତ୍ୟେକ ପ୍ରଦେଶରେ ଜଣେ ଜଣେ ଶାସକ ଶାସନ କରୁଥିଲେ । ସେମାନଙ୍କ ପାଖରେ ଅନେକ ଅଧସ୍ତନ କର୍ମଚାରୀ କାର୍ଯ୍ୟ କରୁଥିଲେ ଯେଉଁମାନେ ଶାସନକଳର ବିଭିନ୍ନ ବିଭାଗର ତଦାରଖ କରୁଥିଲେ । ରୋମ ସୈନ୍ୟ ବିଭାଗରେ ମୁଖ୍ୟ ଯୁଦ୍ଧ ବିଭାଗ ଥିଲା । ଲିଜିଅନ୍ ଯାହା ୫୦୦୦ ସୈନ୍ୟ ବିଶିଷ୍ଟ ଥିଲା ଏବଂ ଜଣେ ସେନାପତି ଏହା ଦାୟିତ୍ୱରେ ଥିଲେ । ରୋମ ସାମ୍ରାଜ୍ୟ ସମ୍ରାଟଙ୍କ ଇଚ୍ଛାନୁସାରେ ପରିଚାଳିତ ହେଉଥିଲା । କିନ୍ତୁ ତାଙ୍କର କ୍ଷମତା ସମ୍ପୂର୍ଣ୍ଣରୂପେ ସୈନ୍ୟ ଶକ୍ତି ଉପରେ ନିର୍ଭର କରୁଥିଲା ।

ଖ୍ରୀ:ଅ: ୩୯୫ ସୁଦ୍ଧା ରୋମ ସାମ୍ରାଜ୍ୟକୁ ଶାସନର ସୁବିଧା ପାଇଁ ଦୁଇ ଭାଗରେ ବିଭକ୍ତ କରାଯାଇଥିଲା । ବର୍ବରମାନଙ୍କ ଆକ୍ରମଣ (ଖ୍ରୀ:ଅ ୪୭୬)ରେ ରୋମାନ ସାମ୍ରାଜ୍ୟର ଉତ୍ତର ଭାଗର ପତନ ହେବା ପରେ ମଧ୍ୟ ପୂର୍ବଭାଗ (ରାଜଧାନୀ ବାଇଜାନଟିଅମ୍) ତିଷ୍ଠି ରହିଥିଲା । ସମ୍ରାଟ କନଷ୍ଟାଣ୍ଟାଇନ୍ ବାଇଜାନଟିଅମ୍‌କୁ ଏକ ନୂତନ ନାମ 'କନ୍‌ଷ୍ଟାଣ୍ଟିନୋପଲ' ନାମରେ ନାମିତ କରିଥିଲେ । ଏହା ପ୍ରାଚ୍ୟ ଖ୍ରୀଷ୍ଟଧର୍ମାବଲମ୍ବୀ କେନ୍ଦ୍ରସ୍ଥଳୀ ଥିବା ସହିତ ବାଇଜାନ୍‌ଟାଇନ୍ ସମ୍ରାଟମାନଙ୍କ ରାଜଧାନୀରେ ପରିଣତ ହୋଇଥିଲା ।

## ତୁମ ପାଇଁ କାର୍ଯ୍ୟ ୧.୨

ତୁମେମାନେ ଏହି ପାଠରେ ପ୍ରସିଦ୍ଧ ଗ୍ଲାଡ଼ିଏଟର ଯୁଦ୍ଧ ବିଷୟରେ ପଢ଼ିଲ । ତୁମ ଭିତରୁ କେହି ଉକ୍ତ ଦୃଶ୍ୟକୁ ଦୂରଦର୍ଶନ ପରଦା କିମ୍ବା ଚଳଚିତ୍ର ପରଦାରେ ନିଶ୍ଚୟ ଦେଖିଥିବ । ଏହା ତୁମକୁ ଦେଖିବାରେ ଭଲ ଲାଗିଲା କି ?

ତୁମେ ଭାବୁଛ କି, ପୂର୍ବ କାଳରେ ଲୋକମାନେ ଏଭଳି ଏକ ଅମାନୁଷିକ ଦୃଶ୍ୟ ଦେଖି ଆନନ୍ଦ ପାଇବା ଏକ ଅଭ୍ୟାସ ଥିଲା ? ଏ ବିଷୟରେ ତୁମର ମତାମତ କ'ଣ, ୫୦ଟି ଶବ୍ଦରେ ଲେଖ ।

## ୧.୩.୩ ପାରସ୍ୟ ସଭ୍ୟତା

ଲୌହ ଯୁଗର ପର୍ସିଆ (ଆଧୁନିକ ଇରାନ୍) ରେ ଆର୍ଯ୍ୟମାନେ ବସବାସ କରୁଥିଲେ । ସେମାନଙ୍କର ଗୋଟିଏ ଶାଖା ଯାହା 'ମେଡ଼ିସ୍' ନାମରେ ପରିଚିତ ଦେଶର ପଶ୍ଚିମ ଭାଗରେ ବସତିସ୍ଥାପନ କରିଥିଲେ । ଅନ୍ୟ ଏକ ଶାଖା ଦକ୍ଷିଣ ଓ ପୂର୍ବଭାଗ ଅଧିକାର କଲେ ଏବଂ ସେମାନଙ୍କୁ ପାର୍ସି ବୋଲି କୁହାଗଲା । ମେଡ଼ିସ୍‌ମାନେ ଇରାନ୍‌ର ବିସ୍ତୀର୍ଣ୍ଣ ଅଞ୍ଚଳକୁ ନେଇ ଏକ ଶକ୍ତିଶାଳୀ ରାଜ୍ୟ ଗଠନ କଲେ । ପ୍ରଥମେ ସେମାନଙ୍କର ଆଧିପତ୍ୟକୁ ପାର୍ସିମାନେ ସ୍ୱୀକାର କରିବାକୁ ବାଧ ହୋଇଥିଲେ । ସାଇରସ୍ ନାମକ ଏକ ପାର୍ସି ରାଜା ଖ୍ରୀ:ପୂ: ୫୫୦ରେ ପର୍ସିଆର ଏକତ୍ରୀକରଣ କରିଥିଲେ । ସେ ଏକ ଶକ୍ତିଶାଳୀ ସୈନ୍ୟବାହିନୀ ଗଠନ କରି ବେବିଲୋନ୍, ଆସିରିଆ ଓ ଏସିଆ ମାଇନର ଜୟଲାଭ କରିବାକୁ ସକ୍ଷମ ହୋଇଥିଲେ । ଆର୍କିମେନିଆ ରାଜବଂଶର ରାଜା ଡାରିଅସ୍ ପ୍ରଥମ ପର୍ସିଆର ସର୍ବଶ୍ରେଷ୍ଠ ସମ୍ରାଟ ଥିଲେ । ତାଙ୍କ ସାମ୍ରାଜ୍ୟ ସିନ୍ଧୁନଦୀଠାରୁ ଭୂମଧ୍ୟସାଗର ପୂର୍ବତଟ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ସେ ଖ୍ରୀ:ପୂ: ୫୧୮ରେ ପର୍ସିପଲିସ୍‌ରେ ତାଙ୍କର ରାଜଧାନୀ ପ୍ରତିଷ୍ଠା କରିଥିଲେ । ତାଙ୍କ ଶାସନ କାଳରେ ପର୍ସିଆରେ କଳା, ସ୍ଥାପତ୍ୟ ଏବଂ ନିର୍ମାଣ କ୍ଷେତ୍ରରେ ଯଥେଷ୍ଟ ଉନ୍ନତି କରିଥିଲା । ସେ ମଧ୍ୟ ଏକ ଶକ୍ତିଶାଳୀ ନୌବାହିନୀ ଗଠନ କରିଥିଲେ ।


ପର୍ସିଆର ସମ୍ରାଟମାନେ ଦକ୍ଷ ଶାସକ ଥିଲେ । ସେମାନେ ତାଙ୍କର ସାମ୍ରାଜ୍ୟକୁ ବିଭିନ୍ନ ରାଜ୍ୟରେ ବିଭକ୍ତ କରିଥିଲେ ଏବଂ ଉକ୍ତ ରାଜ୍ୟମାନଙ୍କରେ ଜଣେ ଲେଖାଏ ରାଜ୍ୟପାଳ ଯାହାକୁ 'ସତ୍‌ରାପ' କୁହାଯାଏ, ନିଯୁକ୍ତ କରାଯାଇଥିଲା । ପାର୍ସିମାନେ ଉତ୍ତମ ଯୋଦ୍ଧା ଥିଲେ ଏବଂ ସେମାନଙ୍କର ଅଶ୍ୱବାହିନୀ, ନୌବାହିନୀ ପ୍ରଭୃତି ଯୁଦ୍ଧ ବିଭାଗ ଥିଲା । ସେମାନେ ଲୌହ ନିର୍ମିତ ଅସ୍ତ୍ରଶସ୍ତ୍ର ବ୍ୟବହାର କରୁଥିଲେ । ଯଦିଓ ପାର୍ସିମାନେ ଆଲେକ୍‌ଜାଣ୍ଡର (ଖ୍ରୀ:ପୂ : ୩୩୧)ଙ୍କ ଦ୍ୱାରା ପରାଜିତ ହୋଇଥିଲେ, କିନ୍ତୁ ତାହାଦ୍ୱାରା ସେମାନଙ୍କ ସଭ୍ୟତାର ଅନ୍ତ ହୋଇ ନଥିଲା । ସେମାନଙ୍କ ସଭ୍ୟତା ଓ ସଂସ୍କୃତି ପାର୍ଥିଆ ଓ ଶସାଣ ସମ୍ରାଟମାନଙ୍କ ଅଧିନରେ ଚାଲିଥିଲା । କିନ୍ତୁ ପରିଶେଷରେ ଖ୍ରୀ:ଅ: ୭ମ ଶତାବ୍ଦୀରେ ସେମାନେ ଆରବମାନଙ୍କ ଦ୍ୱାରା ପରାଜିତ ହୋଇଥିଲେ ।

ଭାରତୀୟ ଆର୍ଯ୍ୟମାନଙ୍କ ପରି ପାର୍ସିମାନେ ପ୍ରଥମେ ପ୍ରକୃତି ପୂଜା କରୁଥିଲେ । ସେମାନେ ସୂର୍ଯ୍ୟ, ଆକାଶ ଏବଂ ଅନ୍ୟ କେତେକ ଦେବତାଙ୍କ ଉପରେ ବିଶ୍ୱାସ କରୁଥିଲେ । ସେମାନେ ନିଆଁକୁ ପବିତ୍ରତାର ପ୍ରତୀକ ଭାବେ ଗ୍ରହଣ କରୁଥିଲେ । ସେମାନେ ପଶୁବଳୀ ଓ ଅଗ୍ନି ସମ୍ବନ୍ଧୀୟ ବିଭିନ୍ନ ବିଧି ଓ ପ୍ରଥା ପାଳନ କରୁଥିଲେ । ପରବର୍ତ୍ତୀକାଳରେ ଏକ ଧର୍ମଯାଜକ, ଜୋରାଷ୍ଟର ପ୍ରଚାର କଲେ ଯେ, 'ଆହୁର ମଜ୍‌ଦା' ସବୁ ଦେବତାଙ୍କଠାରୁ ବଡ଼ ଦେବତା ଅଟନ୍ତି । ସେ ସ୍ୱର୍ଗ ଏବଂ ଆଲୋକର ଦେବତା, ଯିଏ ମଣିଷକୁ ଶକ୍ତି ଓ ସାମର୍ଥ୍ୟ ପ୍ରଦାନ କରିଥାନ୍ତି । ଜୋରାଷ୍ଟରଙ୍କ ଅନୁଯାୟୀ ଜୀବନ ଭଲ (ଆଲୋକ) ଏବଂ ମନ୍ଦ (ଅନ୍ଧକାର) ମଧ୍ୟରେ ଏକ ଅବିରତ ସଂଘର୍ଷ । ପାର୍ସିମାନଙ୍କ ଧର୍ମଗ୍ରନ୍ଥକୁ ଜେନ୍ଦ୍‌–ଅଭେସ୍ତା କୁହାଯାଏ ।

## ପାଠଗତ ପ୍ରଶ୍ନାବଳୀ ୧.୨

୧. ତିନୋଟି କ୍ଷେତ୍ରର ନାମ ଲେଖ ଯେଉଁଠାରେ ଲୌହ ବହୁଳ ଭାବେ ବ୍ୟବହାର କରାଯାଏ ।

୨. ଗ୍ରୀସ୍‌ର ଦୁଇଟି ନଗର ରାଜ୍ୟର ନାମ ଲେଖ ।





୩. କେଉଁ ନଦୀ କୂଳରେ ରୋମ ନଗରୀ ଅବସ୍ଥିତ ?

୪. ନିମ୍ନଲିଖିତ ବାକ୍ୟଗୁଡ଼ିକୁ ସମ୍ପୂର୍ଣ୍ଣ କର ।

(କ) କନଷ୍ଟାଣ୍ଟିନୋପଲ୍ _________ ର ରାଜଧାନୀ ।

(ଖ) _________ପାର୍ସିଆନ ରାଜା ପାର୍ସିମାନଙ୍କୁ ଏକାଠି କରିଥିଲେ ।

(ଗ) ଭାରତୀୟ ଆର୍ଯ୍ୟ ଏବଂ ପୁରାତନ ପାର୍ସିମାନେ _________ ଙ୍କୁ ପୂଜା କରୁଥିଲେ ।

## ୧.୪ ଭାରତ : ବୈଦିକ ଯୁଗ

ଭାରତର ପ୍ରାଚୀନ ଇତିହାସରେ ବୈଦିକ ଯୁଗ ଏକ ନୂତନ ଯୁଗାରମ୍ଭର ସୂଚନା ଦେଇଥିଲା । ଖ୍ରୀ:ପୂ: ୧୫୦୦ରେ ଆର୍ଯ୍ୟମାନେ ଭାରତକୁ ଆସି ବୈଦିକ ଯୁଗର ଅୟମାରମ୍ଭ କରିଥିଲେ । ଏହା ପ୍ରାୟ ୧୦୦୦ ବର୍ଷ ପର୍ଯ୍ୟନ୍ତ ଅକ୍ଷୁର୍ଣ୍ଣ ରହିଥିଲା, ଯେଉଁ ସମୟରେ ଅର୍ଥନୈତିକ, ରାଜନୈତିକ, ସାମାଜିକ ଓ ଧାର୍ମିକ କ୍ଷେତ୍ରରେ ଯଥାସାଧ ଉନ୍ନତି ଘଟିଥିଲା । ବୈଦିକ ଯୁଗକୁ ସମାନ ଅବଧିର ଦୁଇଟି ଭାଗରେ ବିଭକ୍ତ କରାଯାଇଛି, ଯଥା – ଆଦିବୈଦିକ ଯୁଗ ଏବଂ ପରବର୍ତ୍ତୀ ବୈଦିକ ଯୁଗ ।

ତୁମେ ବେଦମାନଙ୍କ ନାମ ଶୁଣିଅଛ ? ବୈଦିକ ଯୁଗ ସମ୍ପର୍କରେ ଉକ୍ତ ବେଦ ସମୂହ ସମସ୍ତ ପ୍ରକାର ତଥ୍ୟ ପ୍ରଦାନ କରିଥାଏ । ଆଦି ବୈଦିକ ଯୁଗ ବିଷୟରେ ଋକ୍ ବେଦରୁ ଜଣାଯାଏ, ଯାହା ବେଦମାନଙ୍କ ମଧ୍ୟରେ ପ୍ରଥମ ରଚିତ ବେଦ । ସେହି ସମୟରେ କେତେକ ବୈଦିକ ଜନଜାତିମାନେ ଉପମହାଦେଶର ଉତ୍ତର-ପଶ୍ଚିମ ଭାଗ ସହ ପଞ୍ଜାବ ଓ ଆଫଗାନ୍ସ୍ଥାନରେ ବସବାସ କରୁଥିଲେ ତାହାର ଯଥେଷ୍ଟ ପ୍ରତ୍ନତାତ୍ତ୍ୱିକ ପ୍ରମାଣ ଆମ ପାଖରେ ନାହିଁ । ଏହାର କାରଣ, ସମ୍ଭବତଃ ଆଦି ବୈଦିକ ଯୁଗ ଲୋକମାନେ ସାଧାରଣତଃ ଯାଯାବର ଜୀବନ ଯାପନ କରୁଥିଲେ ଏବଂ ଗୋଟିଏ ସ୍ଥାନରେ ବେଶୀ ସମୟ ଅତିବାହିତ କରୁ ନଥିଲେ । ସେମାନଙ୍କ ଅର୍ଥନୀତି ମୁଖ୍ୟତଃ ପଶୁପାଳନ ଥିଲା । ଗୋପାଳନ ସେମାନଙ୍କ ମୁଖ୍ୟ ଜୀବିକା ଥିଲା ଏବଂ ତା ସାଙ୍ଗରେ ଘୋଡ଼ା, ମେଷ, ଛାଗ ପ୍ରଭୃତି ପାଳିତ ହେଉଥିଲେ । ସାଧାରଣ କୃଷି ମଧ୍ୟ ପ୍ରଚଳିତ ଥିଲା । ପରିବାର ବା କୁଳ, ଗ୍ରାମ ଏବଂ ଗ୍ରାମଠାରୁ ବୃହତ୍ତମ ଅଞ୍ଚଳ 'ଜନ' ଏହିପରି ସାମାଜିକ ସ୍ତରରେ ବୈଦିକ ସମାଜ ବିଭକ୍ତ ହୋଇଥିଲା ଏବଂ ସେତେବେଳେ କୌଣସି ଜାତିପ୍ରଥା ନଥିଲା । ରାଷ୍ଟ୍ରର ମୁଖ୍ୟଙ୍କୁ ରାଜା କୁହାଯାଉଥିଲା ଏବଂ ଲୋକପ୍ରିୟ ଅନୁଷ୍ଠାନ ଯଥା – ସଭା ଏବଂ ସମିତି ଲୋକତାନ୍ତ୍ରିକ ପ୍ରଣାଳୀରେ ଏକ ମୁଖ୍ୟ ଭୂମିକା ରହିଥିଲା । ସେତେବେଳେ ସମସ୍ତ ପ୍ରକାର ଦେବଦେବୀ ପୂଜିତ ହେଉଥିଲେ । ତନ୍ମଧ୍ୟରେ ଇନ୍ଦ୍ର ଦେବତା ସମସ୍ତଙ୍କର ପ୍ରିୟ ଥିଲେ । ପରବର୍ତ୍ତୀ ବୈଦିକ କାଳ ବିଷୟରେ ବିଷଦ ଭାବରେ ସେହି ସମୟର ବିଶାଳ ଲେଖା ସଂଗ୍ରହ ଏବଂ ପ୍ରତ୍ନତାତ୍ତ୍ୱିକ ଉପାଦାନଗୁଡ଼ିକରୁ ଜଣାଯାଏ । ସେ ସମୟର ବେଦ ରଚନା ଯଥା – ସାମବେଦ, ଯଜୁର୍ବେଦ ଓ ଅଥର୍ବବେଦ ପ୍ରଭୃତି ତିନୋଟି ବେଦ ଥିଲା । କିନ୍ତୁ ଚାରିବେଦର ବ୍ୟାଖ୍ୟା ଯଥା – ବ୍ରାହ୍ମଣ, ସଂହିତା, ଅରଣ୍ୟକ, ଉପନିଷଦ ଆଦିର ଅନ୍ତର୍ଭୁକ୍ତ । ସେ ସମୟର ଅନେକ ଅଞ୍ଚଳକୁ ଖନନ କରାଯାଇଛି । ସେଗୁଡ଼ିକ ଏକ ଧୂସରବର୍ଣ୍ଣ ଚିତ୍ରିତ ପାତ୍ର (Painted Gray Ware) ଦ୍ୱାରା ଚିହ୍ନିତ କରାଯାଇଛି ଯେଉଁଥିପାଇଁ ସେଗୁଡ଼ିକ ପେଣ୍ଟେଡ୍ ଗ୍ରେ ୱେୟାର ନାମରେ ନାମିତ କରାଯାଇଛି ।

ପରବର୍ତ୍ତୀ ବୈଦିକ କାଳରେ ଆର୍ଯ୍ୟ ସମ୍ପ୍ରଦାୟ ପୂର୍ବମୁଖୀ ଯଥା – ଗାଙ୍ଗେୟ କ୍ଷେତ୍ର ଦୋଆବ ଏବଂ ଉଚ୍ଚ ଗାଙ୍ଗେୟ ସମତଳ ଭୂମି ଅଭିମୁଖେ ଗତି କରିଥିବା ଲକ୍ଷ କରାଯାଏ । ସେ ସମୟର ଶେଷ ଆଡ଼କୁ ତିନୋଟି ପ୍ରମୁଖ ରାଜ କାଶି, କୋଶଳ ଓ ବିଦେହ ଏହାର ସୁଦୂର ପୂର୍ବରେ ମୁଣ୍ଡ ଟେକିଥିଲା । ଏହି ସମୟରେ କୃଷି ମୁଖ୍ୟ ଜୀବିକା ଥିଲା

ଏବଂ ଧାନ, ଗହମ, ଆଖୁ ସମେତ ବିଭିନ୍ନ ପ୍ରକାରର ଫସଲ ଉତ୍ପାଦନ କରାଯାଉଥିଲା । ଲୋକମାନେ ଏକ ସ୍ଥାୟୀ ଗ୍ରାମ୍ୟ ଜୀବନ ଅତିବାହିତ କରୁଥିଲେ । ଶିଳ୍ପ ବିଦ୍ୟା ମଧ୍ୟ ବୃଦ୍ଧି ପାଇଥିଲା ଏବଂ ଲୌହ ନିର୍ମିତ ଅସ୍ତ୍ରଶସ୍ତ୍ର ଏବଂ ଅନ୍ୟ ସରଞ୍ଜାମମାନ ପ୍ରଚଳନ କରାଯାଇଥିଲା । ଜାତିପ୍ରଥା ସୃଷ୍ଟି ହୋଇ, ଚାରୋଟି ବର୍ଣ୍ଣ ଯଥା – ବ୍ରାହ୍ମଣ, କ୍ଷତ୍ରୀୟ, ବୈଶ୍ୟ ଓ ଶୁଦ୍ର ପ୍ରଭୃତିରେ ବିଭକ୍ତ ହୋଇଥିଲା । ରାଜା ଓ ତାଙ୍କ ଅନୁଗାମୀମାନଙ୍କର ଶକ୍ତି ବୃଦ୍ଧି ପାଇଲା ଓ ସଭାଗୁଡ଼ିକର ପ୍ରଭାବ ସମାନୁପାତରେ ହ୍ରାସ ପାଇଲା । ଯାଗଯଜ୍ଞ, ବଳିପ୍ରଥାର ବ୍ୟାପକ ବୃଦ୍ଧି ପାଇଲା, ଇନ୍ଦ୍ର ଦେବତାଙ୍କ ପ୍ରାଧାନ୍ୟ ହ୍ରାସ ପାଇଲା ଏବଂ ବିଭିନ୍ନ ନୂଆ ଦେବତାମାନଙ୍କ ମଧ୍ୟରେ 'ପ୍ରଜାପତି' ବିଶେଷ ପ୍ରସିଦ୍ଧି ଲାଭ କଲେ । ଏହି ଯୁଗର ଶେଷକାଳରେ ବଳି ଓ ଦାନ ପ୍ରଥାର ବିରୋଧ ଆଭାଷ ବିଶେଷ କରି ଉପନିଷଦରେ ଦେଖାଯାଏ ।

## ତୁମ ପାଇଁ କାର୍ଯ୍ୟ ୧.୩

ନିମ୍ନରେ ଦିଆଯାଇଥିବା ପଂକ୍ତିକୁ ପାଠ କରି ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।

ଆମ ସମସ୍ତଙ୍କର ବିଭିନ୍ନ ଚିନ୍ତା, କର୍ମ ଓ ବୃତ୍ତି ଅଛି । ବ୍ରାହ୍ମଣମାନେ ପୂଜାପାଠ କରନ୍ତି, ବଢ଼େଇ କାଠ ନିର୍ମିତ ସରଞ୍ଜାମ ପ୍ରସ୍ତୁତ ଓ ମରାମତି କରେ, ଶରୀର ତତ୍ତ୍ୱବିତ୍ ରୋଗଗ୍ରସ୍ତଙ୍କ ଚିକିତ୍ସା କରନ୍ତି । କମାରମାନଙ୍କ ସମ୍ପର୍କ ବ୍ୟବହାର ଯୋଗ୍ୟ ବୃକ୍ଷରାଜି ଓ ପକ୍ଷୀମାନଙ୍କର ପର, ସୁନାରୀମାନଙ୍କ ପଥର, ଅଗ୍ନିଶିଖା ସଙ୍ଗେ ସମ୍ପୃକ୍ତ । ମୁଁ ଜଣେ କବି, ପିତା ଶରୀର ତତ୍ତ୍ୱବିତ୍ ଓ ମାତା ଶସ୍ୟ ଚୁରାଳି ।


୧. ପଂକ୍ତିରେ ଲେଖାଯାଇଥିବା ବିଭିନ୍ନ ବୃତ୍ତିର ତାଲିକା କର ।

୨. ଏହା କି ପ୍ରକାର ସମାଜର ସୂଚନା ଦିଏ ।

୩. ଉକ୍ତ ବୃତ୍ତିଗୁଡ଼ିକ ବଂଶାନୁକ୍ରମିକ କି ? କାହିଁକି କିମ୍ବା କାହିଁକି ନୁହେଁ ?

## ୧.୪.୧ ପରବର୍ତ୍ତୀ ବୈଦିକ ଯୁଗ

ଖ୍ରୀ: ପୂ: ଷଷ୍ଠ ଶତାବ୍ଦୀରେ ଉତ୍ତର ଏବଂ ପୂର୍ବ ଭାରତରେ ମହାଜନପଦ ନାମକ ଅନେକଗୁଡ଼ିଏ ବୃହତ୍ ରାଜ୍ୟମାନଙ୍କର ଉତ୍ପତ୍ତି ହୋଇଥିଲା । ସେହିଭଳି ଷୋହଳଟି ରାଜ୍ୟ ଥିଲା ଯାହାକୁ ଷୋଡ଼ଶ ମହାଜନପଦ କୁହାଯାଏ ଏବଂ ସେଗୁଡ଼ିକ ହେଲା – ଅଙ୍ଗ, ମଗଧ, ବ୍ରଜ, କାଶୀ, କୋଶଳ, ମଲ୍ଲ, କୁରୁ, ପାଞ୍ଚାଳ, ବତ୍ସ, ଅବନ୍ତି, କାମ୍ବୋଜ, ଗାନ୍ଧାର, ଅସ୍ମକ, ଚେଦି, ମତ୍ସ୍ୟ ଏବଂ ସୁରସେନ । ସେମାନଙ୍କ ମଧ୍ୟରେ ମଗଧ, କୋଶଳ ଏବଂ ଅବନ୍ତି ଅଧିକ ଶକ୍ତିଶାଳୀ ଥିଲା । କୃଷିର ବିସ୍ତାର, ବାଣିଜ୍ୟକ ଏବଂ ଔଦ୍ୟୋଗିକ ଉନ୍ନତି, ରାଜ୍ୟଗୁଡ଼ିକର ଉତ୍ଥାନ ଓ ସହରୀକରଣର ପ୍ରାରମ୍ଭ ଦ୍ୱାରା ସମାଜରେ ଏକ ନୂତନ ଶକ୍ତିର ଅଭ୍ୟୁଦୟ ହୋଇଥିଲା । ଏହିଭଳି ଖ୍ରୀ:ପୂ: ଷଷ୍ଠ ଶତାବ୍ଦୀ ସାମାଜିକ ଓ ରାଜନୈତିକ ପରିବର୍ତ୍ତନର ଏକ ଯୁଗ ଥିଲା । ଲୋକମାନେ ବ୍ରାହ୍ମଣ୍ୟବାଦ ଏବଂ ବୈଦିକ ରୀତି ପ୍ରତି ସେମାନଙ୍କର ଅସନ୍ତୋଷ ବ୍ୟକ୍ତ କରିଥିଲେ । ସେହି ସମୟରେ ବିଭିନ୍ନ ସମ୍ପ୍ରଦାୟର ଅଭ୍ୟୁଦୟ ହୋଇଥିଲା । ତନ୍ମଧ୍ୟରେ ଜୈନ ଧର୍ମ ଏବଂ ବୁଦ୍ଧ ଧର୍ମ ମୁଖ୍ୟ ଥିଲା ।





## ୧.୪.୨ ବୌଦ୍ଧ ଧର୍ମ

ବୌଦ୍ଧ ଧର୍ମର ପ୍ରବର୍ତ୍ତକ ଗୌତମ ବୁଦ୍ଧ ଖ୍ରୀ:ପୂ: ୫୬୩ରେ ଭାରତ-ନେପାଳ ସୀମାବର୍ତ୍ତୀ ଲୁମ୍ବିନୀଠାରେ ଜନ୍ମ ଗ୍ରହଣ କରିଥିଲେ । ସେ କପିଳବସ୍ତୁର ଶାକ୍ୟ କୁଳର ମୁଖ୍ୟ ଶୁଦ୍ଧୋଦନଙ୍କର ପୁତ୍ର ଥିଲେ । ସେ ୨୯ ବର୍ଷ ବୟସରେ ଗୃହତ୍ୟାଗ କରି ବୋଧଗୟାର ଏକ ପିପ୍ପଳ ବୃକ୍ଷ ତଳେ ବୁଦ୍ଧତ୍ୱ (ଜ୍ଞାନ ପ୍ରାପ୍ତ) ହୋଇଥିଲେ । ସେ ବାରଣାସୀ ନିକଟସ୍ଥ ସାରନାଥଠାରେ ତାଙ୍କର ପ୍ରଥମ ଉପଦେଶ ପ୍ରଦାନ କରିଥିଲେ । ତାଙ୍କର ଉପଦେଶ ମଧ୍ୟରେ ଚାରି ଆର୍ଯ୍ୟ ସତ୍ୟ, ଅଷ୍ଟାଙ୍ଗିକ ମାର୍ଗ ମୁଖ୍ୟ । ବୁଦ୍ଧଙ୍କ ମତରେ (୧) ସଂସାର ଦୁଃଖପୂର୍ଣ୍ଣ (୨) କାମନା (ତୃଷ୍ଣା) ଦୁଃଖର କାରଣ (୩) କାମନାର ବିନାଶ ଦୁଃଖର ବିନାଶ (୪) ଅଷ୍ଟାଙ୍ଗ ମାର୍ଗର ଅନୁସରଣରେ ଦୁଃଖର ବିନାଶ । ଏହି ଅଷ୍ଟାଙ୍ଗ ମାର୍ଗଗୁଡ଼ିକ – (୧) ସମ୍ୟକ୍ ଦୃଷ୍ଟି, (୨) ସମ୍ୟକ୍ ସଂକଳ୍ପ (୩) ସମ୍ୟକ୍ ବାକ୍ୟ (୪) ସମ୍ୟକ୍ କର୍ମ (୫) ସମ୍ୟକ୍ ଜୀବିକା (୬) ସମ୍ୟକ୍ ଉଦ୍ୟମ (୭)ସମ୍ୟକ୍ ସ୍ମୃତି (୮) ସମ୍ୟକ୍ ଧ୍ୟାନ । ବୁଦ୍ଧ ଏହି ମାର୍ଗକୁ ମଧ୍ୟମ ମାର୍ଗ ବୋଲି ବର୍ଣ୍ଣନା କରିଥିଲେ । ଯାହା ଅତ୍ୟଧିକ ବିଳାସବ୍ୟସନ ଏବଂ କଠୋର ସନ୍ନ୍ୟାସ ବ୍ରତଠାରୁ ଦୂରରେ ଥିଲା । ସେ ତାଙ୍କର ଅନୁଗାମୀମାନଙ୍କ ପାଇଁ ଏକ ନୈତିକ ଆଚରଣ ବିଧି ଯଥା – ଅହିଂସା ପାଳନ କରିବା, ଚୋରି ନକରିବା ପ୍ରଭୃତି ନିୟମ ପ୍ରଣୟନ କରିଥିଲେ । ସେ ଅଶି ବର୍ଷ ବୟସରେ (ଖ୍ରୀ:ପୂ: ୪୮୩) ଉତ୍ତର ପ୍ରଦେଶସ୍ଥିତ କୁଶି ନଗରଠାରେ ନିର୍ବାଣ (ଦେହତ୍ୟାଗ) କରିଥିଲେ ।

## ୧.୪.୩ ଜୈନଧର୍ମ

ଜୈନଧର୍ମର ପ୍ରଥମ ତିର୍ଥାଙ୍କର ରିସଭନାଥ ଉକ୍ତ ଧର୍ମର ପ୍ରବର୍ତ୍ତକ ଥିଲେ । ଏହି ସମ୍ପ୍ରଦାୟର ତିର୍ଥଙ୍କର ବର୍ଦ୍ଧମାନ ମହାବୀର ଏବଂ ପାର୍ଶ୍ୱନାଥ ଥିଲେ ୨୩ତମ ତିର୍ଥାଙ୍କର । ମହାବୀର ଖ୍ରୀ:ପୂ: ୫୪୦ରେ ବୈଶାଳୀ (ବିହାର) ନିକଟସ୍ଥ କୁଣ୍ଡ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କର ପିତା କ୍ଷତ୍ରିୟ ଜ୍ଞାତୃକ ସମ୍ପ୍ରଦାୟର ମୁଖ୍ୟଥିଲେ । ମହାବୀର ୩୦ ବର୍ଷ ବୟସରେ ସନ୍ନ୍ୟାସ ଗ୍ରହଣ କରିଥିଲେ । ସେ ୪୨ ବର୍ଷ ବୟସରେ ଦିବ୍ୟଜ୍ଞାନ ପ୍ରାପ୍ତ ହେଲେ । ସେ ୩୦ ବର୍ଷ ବୟସ ପର୍ଯ୍ୟନ୍ତ ନିଜର ମତ ପ୍ରଚାର କରି ଖ୍ରୀ:ପୂ: ୪୮୬ରେ ରାଜଗୃହ ନିକଟସ୍ଥ ପାବାପୁରୀ ନାମକ ସ୍ଥାନରେ ଦେହତ୍ୟାଗ କଲେ । ତାଙ୍କର ଅନୁଗାମୀମାନଙ୍କୁ ‘ଜୈନ’ ବୋଲି କୁହାଗଲା । ଜୈନଧର୍ମରେ ସର୍ବୋଚ୍ଚ ସୃଷ୍ଟିକର୍ତ୍ତାଙ୍କ ସମ୍ବନ୍ଧରେ ବିଶ୍ୱାସ କରାଯାଉ ନଥିଲା । ଏହା ଭଗବାନଙ୍କ ଅସ୍ତିତ୍ୱକୁ ସ୍ୱୀକାର କରୁଥିଲା, କିନ୍ତୁ ସେମାନଙ୍କୁ ଜୈନ ଆଚାର୍ଯ୍ୟଙ୍କଠାରୁ ନିମ୍ନସ୍ଥାନରେ ରଖା ଯାଇଥିଲା । ସଂସାର ବନ୍ଧନରୁ ମୁକ୍ତି ପାଇବା ଥିଲା ଏହାର ପ୍ରଧାନ ଲକ୍ଷ୍ୟ । ବୌଦ୍ଧ ଧର୍ମ ସଦୃଶ ଏହା ବୈଦିକ ଯୁଗର କଳୁଷିତ ବ୍ରାହ୍ମଣ୍ୟବାଦ ଏବଂ ଆନୁଷ୍ଠାନିକ ବିଧିବିଧାନକୁ ବିରୋଧ କରୁଥିଲା । ଏହା ଜାତିପ୍ରଥାକୁ ମଧ୍ୟ ବିରୋଧ କରୁଥିଲା ଏବଂ କର୍ମ ଓ ପୁନର୍ଜନ୍ମର ତତ୍ତ୍ୱକୁ ଗ୍ରହଣ କରୁଥିଲା । ଜୈନଧର୍ମର ପାଞ୍ଚୋଟି ପ୍ରଧାନ ନିୟମାବଳୀ ଥିଲା ଯଥା – (୧) ଅହିଂସା (୨) ସତ୍ୟ (୩) ଅଚୌର୍ଯ୍ୟ (ଚୋରି ନକରିବା) (୪) ଅପରିଗ୍ରହ (୫) ବ୍ରହ୍ମଚର୍ଯ୍ୟ । ଏହି ଧର୍ମର ତ୍ରିରତ୍ନ ଥିଲା (୧) ସମ୍ୟକ୍ ଦର୍ଶନ (୨) ସମ୍ୟକ୍ ଜ୍ଞାନ (୩) ସମ୍ୟକ୍ ଚରିତ୍ର


### ତୁମ ପାଇଁ କାର୍ଯ୍ୟ ୧.୪

ବୁଦ୍ଧ ଓ ମହାବୀରଙ୍କର ନିୟମଗୁଡ଼ିକୁ ପଠନ କର । ଏଥିମଧ୍ୟରୁ ତିନୋଟି ନିୟମକୁ ବାଛ ଯାହାକୁ ନିଜର ଜୀବନଚର୍ଯ୍ୟାରେ ଲଗାଇ ପାରିବ ।

## ୧.୫ ମୌର୍ଯ୍ୟ ଯୁଗ (ଖ୍ରୀ:ପୂ: ୩୨୨ – ଖ୍ରୀ:ପୂ: ୧୮୪)

ମଗଧ, ମହାଜନପଦ ବିମ୍ବିସାର, ଅଜାତଶତ୍ରୁଙ୍କ ଭଳି ଶକ୍ତିଶାଳୀ ସମ୍ରାଟମାନଙ୍କ ଅଧିନରେ ଯଥେଷ୍ଟ ବିସ୍ତୃତିଲାଭ କରିଥିଲା । ନନ୍ଦ ରାଜବଂଶର ଶେଷ ରାଜା, ମହାପଦ୍ମନନ୍ଦ ଖ୍ରୀ:ପୂ: ୩୨୨ରେ ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ଦ୍ୱାରା ପରାଜିତ ହୋଇଥିଲେ । ସେ ପଞ୍ଜାବରୁ ଗ୍ରୀକ୍ ଏବଂ ଗାଙ୍ଗେୟ ଉପତ୍ୟକାରୁ ନନ୍ଦମାନଙ୍କର ମୂଳୋତ୍ପାଟନ କରି ମୌର୍ଯ୍ୟ ସାମ୍ରାଜ୍ୟ ସ୍ଥାପନ କରିଥିଲେ । କ୍ରମାଗତ ବିଜୟ ଏବଂ ରାଜ୍ୟ ମିଶ୍ରଣ ଦ୍ୱାରା ସେ ସମଗ୍ର ଭାରତକୁ ଏକତ୍ର କରିବାକୁ ସକ୍ଷମ ହୋଇଥିଲେ । ଚନ୍ଦ୍ରଗୁପ୍ତ ଖ୍ରୀ:ପୂ: ୩୨୨ରୁ ଖ୍ରୀ:ପୂ: ୨୯୭ ପର୍ଯ୍ୟନ୍ତ ରାଜୁତି କରିଥିଲେ । ସେ ଭଦ୍ରବାହୁଙ୍କ ଦ୍ୱାରା ପ୍ରଭାବିତ ହୋଇ ଜୈନଧର୍ମ ଗ୍ରହଣ କରିଥିଲେ । ସେ ମହୀଶୂର ନିକଟସ୍ଥ ବେଲଗୋଲାଠାରେ ମୃତ୍ୟୁବରଣ କରିଥିଲେ ।

**ବିନ୍ଦୁସାର** (ଖ୍ରୀ:ପୂ: ୨୯୩ – ଖ୍ରୀ:ପୂ: ୨୭୨), ଚନ୍ଦ୍ରଗୁପ୍ତଙ୍କର ପୁତ୍ର ଏବଂ ଉତ୍ତରାଧିକାରୀ ଅମିତ୍ରଘାତ ନାମରେ ପରିଚିତ ଥିଲେ । ସେ ଦାକ୍ଷିଣାତ୍ୟ ଜୟକରି ମହୀଶୂର ପର୍ଯ୍ୟନ୍ତ ମୌର୍ଯ୍ୟ ସାମ୍ରାଜ୍ୟକୁ ବିସ୍ତାର କରିଥିବା କୁହାଯାଏ । ସେ ପଶ୍ଚିମ ଏସିଆର ଗ୍ରୀକ୍ ଶାସକ ଆଣ୍ଟିଓକସ୍‌ଙ୍କ ସହ ସମ୍ପର୍କ ସ୍ଥାପନ କରିଥିଲେ । ବିନ୍ଦୁସାରଙ୍କ ମୃତ୍ୟୁ ପରେ ତାଙ୍କ ପୁତ୍ରମାନଙ୍କ ମଧ୍ୟରେ ସିଂହାସନ ପାଇଁ ବିବାଦ ହୋଇଥିବାର ବୌଦ୍ଧ ସାହିତ୍ୟରୁ ଜଣାଯାଏ ।




ଚିତ୍ର ୧.୫ ଅଶୋକଙ୍କର ବିଭିନ୍ନ ଘୋଷଣା ଓ ଶିଳାଲିପି

**ଆଶୋକ** (ଖ୍ରୀ:ପୂ: ୨୭୨ - ଖ୍ରୀ:ପୂ: ୨୩୬) ସିଂହାସନ ଅଧିକାର ନିମିତ୍ତ ଭାତୃମାନଙ୍କ ଭିତରେ ଘଟିଥିବା ଯୁଦ୍ଧରେ ବିଜୟୀ ହୋଇ ମଗଧ ସିଂହାସନ ଆରୋହଣ କରିଥିଲେ । ତାଙ୍କ ରାଜତ୍ୱ କାଳରେ ଖ୍ରୀ:ପୂ: ୨୬୦ରେ ଘଟିଥିବା କଳିଙ୍ଗ ଯୁଦ୍ଧ ଏକ ବିଶିଷ୍ଟ ଘଟଣା ଥିଲା । ଏହା ତାଙ୍କର ତ୍ରୟୋଦଶତମ ଶିଳାଲିପିରେ ବର୍ଣ୍ଣିତ ହୋଇଛି । ପରବର୍ତ୍ତୀ କାଳରେ ସେ ଯୁଦ୍ଧ ପରିତ୍ୟାଗ କରି ବୌଦ୍ଧଧର୍ମ ଗ୍ରହଣ କରିଥିଲେ । ସେ ଜଣେ ମହାନୁଭବ ସମ୍ରାଟ ଥିଲେ ଏବଂ ତାଙ୍କର ପ୍ରଜାମାନଙ୍କର କଲ୍ୟାଣ ପାଇଁ ସେ ଅନେକ ପଦକ୍ଷେପ ନେଇଥିଲେ । ତାଙ୍କର ଧର୍ମନୀତି, ଧର୍ମ ସହିଷ୍ଣୁତା, ବୟୋଜ୍ୟେଷ୍ଠଙ୍କୁ ସମ୍ମାନ, ବୃଦ୍ଧଙ୍କ ପ୍ରତି ଯତ୍ନ, ଦୟା, ସତ୍ୟ ଏବଂ ଶୁଦ୍ଧତା ଉପରେ ଆଧାରିତ ଥିଲା । ତାଙ୍କର ଉଦ୍ୟମ ଫଳରେ ବୌଦ୍ଧଧର୍ମ ଭାରତ ବାହାରେ ପ୍ରସାରିତ ହୋଇଥିଲା । ତାଙ୍କ ସମୟର ଶିଳାଲେଖ, ସ୍ତମ୍ଭଲେଖଗୁଡ଼ିକ ତାଙ୍କର ଶାସନକାଳ ସମ୍ବନ୍ଧରେ ଏକ ବିଶଦ ବିବରଣୀ ପ୍ରଦାନ କରିଥାଏ ।

ଅଶୋକଙ୍କ ମୃତ୍ୟୁ ପରେ ତାଙ୍କର ସାମ୍ରାଜ୍ୟ ଖଣ୍ଡ ବିଖଣ୍ଡିତ ହୋଇଯାଇଥିଲା । ବହିଃ ଶତ୍ରୁ ଆକ୍ରମଣର ବିପଦ ମଧ୍ୟ ଦେଖା ଦେଇଥିଲା । ସାମ୍ରାଜ୍ୟର ଅର୍ଥନୈତିକ ପରିସ୍ଥିତିର ଅବନତ ଦେଖାଯାଉଥିଲା । ମୌର୍ଯ୍ୟ ବଂଶର ଶେଷ ସମ୍ରାଟ ବୃହଦ୍ରଥ ଏକ ଦୁର୍ବଳ ଶାସକ ଥିଲେ । ତାଙ୍କର ଉଚ୍ଚାଭିଳାସୀ ସେନାପତି ପୁଷ୍ୟମିତ୍ରଶୃଙ୍ଗ ଖ୍ରୀ:ପୂ: ୧୮୪ରେ ତାଙ୍କୁ ହତ୍ୟା କରିଥିଲେ । ମୌର୍ଯ୍ୟ ଶାସନ ପରେ ଉତ୍ତର ଭାରତରେ ଶୃଙ୍ଗ ଏବଂ କନ୍ୱ ଏବଂ ଦାକ୍ଷିଣାତ୍ୟରେ ସାତବାହନମାନେ ଶାସନ କରିଥିଲେ ।

## ୧.୬ ସଙ୍ଗମ ଯୁଗ (ଖ୍ରୀ:ପୂ: ୩୦୦ - ଖ୍ରୀ:ଅ: ୨୦୦)

ସଙ୍ଗମ ଯୁଗ ସହ ଦକ୍ଷିଣ ଭାରତରେ ଐତିହାସିକ ଯୁଗ ଆରମ୍ଭ ହୋଇଥିଲା । ସଙ୍ଗମ ଶବ୍ଦର ଅର୍ଥ ବିଦ୍ୱାନ କିମ୍ବା ସାହିତ୍ୟିକମାନଙ୍କର ସଭା ବା ସମ୍ମେଳନ ଯାହା ମଦୁରାଇର ପାଣ୍ଡ୍ୟ ରାଜାମାନଙ୍କ ପୃଷ୍ଠପୋଷକତାରେ ଅନୁଷ୍ଠିତ ହୋଇଥିଲା । ଆଜି ତାମିଲ ସାହିତ୍ୟ ତୋଲକାପିଅମ୍, ଆଠଟି କ୍ଷୁଦ୍ର କବିତା ସଂଗ୍ରହ (ଏଟ୍ଟୁତୋଗାଇ), ପଟୁ ପଟୁ, ଅଠରଟି କ୍ଷୁଦ୍ର ରଚନା, ତିନି ପୁରାଣ (ଶିଳପାଦିକରମ୍, ମଣିମେଖଲାଇ, ସିବାଗ ସିନ୍ଦମଣି)କୁ ନେଇ ଗଠିତ । ସଙ୍ଗମ ଯୁଗ ପ୍ରାୟ ଖ୍ରୀ:ପୂ: ୩୦୦ରୁ ଖ୍ରୀଷ୍ଟାବ୍ଦ ୨୦୦ ମଧ୍ୟରେ ବିସ୍ତୃତ ଥିଲା । ସଙ୍ଗମ ସାହିତ୍ୟ ମୂଳତଃ ପାଣ୍ଡ୍ୟ ରାଜ୍ୟ ସମ୍ପର୍କରେ ସୂଚୀତ କରିଥାଏ । କିନ୍ତୁ ଚୋଳ ଏବଂ ଚେର ରାଜୁତି ସମ୍ପର୍କରେ ମଧ୍ୟ ଏଥିରେ ମୂଲ୍ୟବାନ ତଥ୍ୟ ରହିଛି । ପାଣ୍ଡ୍ୟମାନେ ଦକ୍ଷିଣ ତାମିଲନାଡୁ ଅଞ୍ଚଳରେ ରାଜତ୍ୱ କରୁଥିଲେ । ଚେରମାନେ କେରଳରେ ଏବଂ ଚୋଳ ଉତ୍ତର ତାମିଲନାଡୁ ଓ ଦକ୍ଷିଣ ଆନ୍ଧ୍ର ପ୍ରଦେଶରେ ରାଜତ୍ୱ କରୁଥିଲେ । ମଦୁରାଇ ଏହାର ରାଜଧାନୀ ଥିଲା ।

## ୧.୭ କୁଷାଣ ଯୁଗ

ମୌର୍ଯ୍ୟ ସାମ୍ରାଜ୍ୟର ପତନ ପରେ ବହୁ ବିଦେଶୀ ଶକ୍ତି ଯଥା - ବାକ୍ଟ୍ରିଆନ୍, ଗ୍ରୀକ୍, ଶାକ, ପାର୍ଥିଆନ୍ ଏବଂ କୁଷାଣ ପ୍ରଭୃତି ଭାରତକୁ ଆକ୍ରମଣ କରିଥିଲେ । ସେମାନେ ପଶ୍ଚିମ ଓ ଉତ୍ତର ପଶ୍ଚିମ ଭାରତରେ ଶାସନ କଲେ । କୁଷାଣମାନେ ମଧ୍ୟ ଏସିଆର ୟୁ-ଚି, ଜାତିର ଏକ ଶାଖା ଥିଲେ । କୁଜୁଲା କାଡ଼ଫାଇଜେସ୍ କୁଷାଣମାନଙ୍କର ପ୍ରଥମ ଶାସକ ଥିଲେ । ଭୀମ, କାଡ଼ଫାଇଜେସ୍ ତାଙ୍କର ଉତ୍ତରାଧିକାରୀ ଥିଲେ । ଭୀମଙ୍କ ପରେ 'କନିଷ୍କ' ସିଂହାସନ ଆରୋହଣ କରିଥିଲେ । କନିଷ୍କ କୁଷାଣ ବଂଶର ସର୍ବଶ୍ରେଷ୍ଠ ଶାସକ ଥିଲେ । ସେ କାଶ୍ମୀର ଜୟ କରି ଭାରତର ଗାଙ୍ଗେୟ ଉପତ୍ୟକାରେ ନିଜର ଆଧିପତ୍ୟ ବିସ୍ତାର କରିଥିଲେ । ସେ ମଧ୍ୟଏସିଆରେ କସଗାର, ୟାରକନ୍ଦ, ଓ ଖୋଟାନ ଆଦି ଜୟ କରିଥିଲେ । ପଞ୍ଜାବ ଓ ଆଫଗାନିସ୍ଥାନ ମଧ୍ୟ ତାଙ୍କ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ ଥିଲା । କନିଷ୍କ





ଜଣେ ବୁଦ୍ଧ ଧର୍ମାବଲମ୍ବୀ ଥିଲେ । ତାଙ୍କ ଉଦ୍ୟମରେ ବୌଦ୍ଧ ଧର୍ମ ଚୀନ, ମଧ୍ୟଏସିଆ ଏବଂ ଅନ୍ୟାନ୍ୟ ଦେଶମାନଙ୍କୁ ପ୍ରସାରିତ ହୋଇପାରିଥିଲା । ସେ ମଧ କଳାବିଦ୍ୟାର ଜଣେ ପୃଷ୍ଠପୋଷକ ଥିଲେ । ପୁରୁଷପୁର (ପେଶୱାର) ତାଙ୍କ ରାଜ୍ୟର ରାଜଧାନୀ ଥିଲା । ବସିଷ୍କ, ହବିଷ୍କ, କନିଷ୍କ ଦ୍ୱିତୀୟ ଏବଂ ବସୁଦେବ କନିଷ୍କର ଉତ୍ତରାଧିକାରୀଗଣ ଥିଲେ । ବସୁଦେବ କୁଷାଣମାନଙ୍କର ଶେଷ ଶ୍ରେଷ୍ଠ ସମ୍ରାଟ ଥିଲେ । ତାଙ୍କ ପରେ ଶକ୍ତିଶାଳୀ କୁଷାଣ ସାମ୍ରାଜ୍ୟ ଖଣ୍ଡବିଖଣ୍ଡିତ ହୋଇଥିଲା । କୁଷାଣ ସମ୍ରାଜ୍ୟର ପତନ ଉତ୍ତର ଭାରତରେ ରାଜନୈତିକ ଅସ୍ଥିରତାର ସୂଚକ ହୋଇଥିଲା ଯାହା ପ୍ରାୟ ଏକ ଶତାବ୍ଦୀ ପର୍ଯ୍ୟନ୍ତ ରହିଥିଲା ।

## ୧.୮ ଗୁପ୍ତଯୁଗ (୩୧୯–୫୫୦ ଖ୍ରୀ:ଅ)

ଖ୍ରୀଷ୍ଟାବ୍ଦ ଚତୁର୍ଥ ଶତାବ୍ଦୀରେ ଗୁପ୍ତଯୁଗର ଉତ୍‌ଥାନ ଭାରତ ଇତିହାସରେ ଏକ ନୂତନ ଅଧ୍ୟାୟ ଆରମ୍ଭ କରିଥିଲା । ଏହାଦ୍ୱାରା ବିଭ୍ରାନ୍ତି ଓ ରାଜନୈତିକ ଅସ୍ଥିରତା ଦୂର ହୋଇ ଏକତା ଓ ଅଖଣ୍ଡତା ପ୍ରତିଷ୍ଠା ହୋଇଥିଲା । ଶକ୍ତିଶାଳୀ ଗୁପ୍ତ ରାଜାମାନଙ୍କର ନେତୃତ୍ୱ ଏବଂ ପୃଷ୍ଠପୋଷକତାରେ ଭାରତୀୟ ସମାଜର ବିଭିନ୍ନ କ୍ଷେତ୍ରରେ ଉନ୍ନତି ଘଟିଥିଲା । ସେତେବେଳେ ମଧ ଉନ୍ନତ ଭୌତିକ ବିକାଶ ଧାରା ସୃଷ୍ଟି ହୋଇଥିଲା ବୋଲି ଚୀନ ପର୍ଯ୍ୟଟକ ଫାହିଆନ୍ (ଖ୍ରୀ:ଅ ୪ର୍ଥ–୫ମ ଶତାବ୍ଦୀ)ଙ୍କ ବିବରଣୀରୁ ଜଣାଯାଏ ।

ମହାରାଜା ଶ୍ରୀଗୁପ୍ତଙ୍କୁ ଗୁପ୍ତ ରାଜବଂଶର ପ୍ରତିଷ୍ଠାତା ବୋଲି କୁହାଯାଏ । ତାଙ୍କ ପରେ ଘଟୋତ୍କଚ ଗୁପ୍ତ ସିଂହାସନ ଆରୋହଣ କରିଥିଲେ । କିନ୍ତୁ ପ୍ରଥମ ପ୍ରସିଦ୍ଧ ଗୁପ୍ତ ସମ୍ରାଟ ଥିଲେ ଚନ୍ଦ୍ରଗୁପ୍ତ–୧ (ଖ୍ରୀ: ଅ: ୩୧୯–୩୫୫) ଏବଂ ସେ ମହାରାଜାଧିରାଜ ଉପାଧି ଗ୍ରହଣ କରିଥିଲେ । ଅନ୍ୟ ଏକ କ୍ଷମତାଶାଳୀ ଗୁପ୍ତସମ୍ରାଟ ଥିଲେ ସମୁଦ୍ରଗୁପ୍ତ । ଆହ୍ଲାବାଦ ସ୍ତମ୍ଭଲିପିରେ ରାଜକବି ହରିସେନ ସମୁଦ୍ରଗୁପ୍ତଙ୍କର ସାମରିକ କୀର୍ତ୍ତୀ ସମ୍ପର୍କିତ ବିସ୍ତୃତ ଦୃଷ୍ଟାନ୍ତ ଦେଖିବାକୁ ମିଳେ । ଏକ ପ୍ରବଳ ପରାକ୍ରମୀ ଶାସକ ହେବା ସଙ୍ଗେ ସଙ୍ଗେ ସେ ଉଚ୍ଚମାନର ଜଣେ କବି, କଳାବିଦ୍ୟାର ଅନୁରାଗୀ ଏବଂ ଖ୍ୟାତନାମା ସଙ୍ଗୀତଜ୍ଞ ଥିଲେ । ସାର୍ବଭୌମତ୍ୱର ପ୍ରତୀକ ସ୍ୱରୂପ ସେ ଅଶ୍ୱମେଧ ଯଜ୍ଞମାନ ଅନୁଷ୍ଠିତ କରାଉଥିଲେ ।

ସମୁଦ୍ରଗୁପ୍ତଙ୍କ ପରେ ଚନ୍ଦ୍ରଗୁପ୍ତ–୨ (୩୮୦–୪୧୫ ଖ୍ରୀଷ୍ଟାବ୍ଦ) ସିଂହାସନ ଆରୋହଣ କରିଥିଲେ । ସେ ପଶ୍ଚିମ ଭାରତର ଶକମାନଙ୍କୁ ପରାଜିତ କରି ବିକ୍ରମାଦିତ୍ୟ ଉପାଧି ଧାରଣ କରିଥିଲେ । ସେ ସାମ୍ରାଜ୍ୟକୁ ଏକତ୍ର କରିବା ପାଇଁ ବୈବାହିକ ସମ୍ପର୍କମାନ ସ୍ଥାପନ କରିଥିଲେ । ସେ ତାଙ୍କର ପୁତ୍ରୀ ପ୍ରଭାବତୀ ରକଟକ ରାଜା ରୁଦ୍ରସେନ–୨ଙ୍କୁ ବିବାହ ଦେଇଥିଲେ । ତାଙ୍କର ପୁତ୍ର ଓ ଉତ୍ତରାଧିକାରୀ ଥିଲେ କୁମାର ଗୁପ୍ତ–୧ (୪୧୫–୪୫୫ ଖ୍ରୀ:ଅ) । ତାଙ୍କର ଶାସନକାଳ ଶାନ୍ତି ଓ ପ୍ରଗତିର ପରିଚାୟକ ଥିଲା । ତାଙ୍କ ପରେ ତାଙ୍କ ପୁତ୍ର ସ୍କନ୍ଦଗୁପ୍ତ (୪୫୫–୪୬୭ ଖ୍ରୀଷ୍ଟାବ୍ଦ) ସମ୍ରାଟ ହୋଇଥିଲେ ଯିଏ ହୁନ୍‌ମାନଙ୍କର ଅନେକ ଆକ୍ରମଣକୁ ପ୍ରତିହତ କରିଥିଲେ । ତାଙ୍କର ଉତ୍ତରାଧିକାରୀମାନେ (ପୁରୁଗୁପ୍ତ, ବୁଦ୍ଧଗୁପ୍ତ, ନରସିଂହଗୁପ୍ତ) ତାଙ୍କ ପରି ଯୋଗ୍ୟ ଓ ଶକ୍ତିଶାଳୀ ନଥିଲେ । ଏହା କ୍ରମଶଃ ଗୁପ୍ତ ସାମ୍ରାଜ୍ୟର ପତନ ଘଟାଇଥିଲା ।

ଗୁପ୍ତଯୁଗରେ ରାଜତନ୍ତ୍ର ପ୍ରଚଳିତ ଥିଲା । ଏକ ମନ୍ତ୍ରୀ ପରିଷଦ ଏବଂ ଅନ୍ୟ କର୍ମଚାରୀଗଣ ତାଙ୍କୁ ଦୈନନ୍ଦିନ ଶାସନରେ ସହାୟକ ହେଉଥିଲେ । ଗୁପ୍ତମାନଙ୍କର ଏକ ଶକ୍ତିଶାଳୀ ସୈନ୍ୟବାହିନୀ ଥିଲା । ପ୍ରଦେଶଗୁଡ଼ିକ ରାଜ୍ୟପାଳମାନଙ୍କ ଦ୍ୱାରା ଶାସିତ ହେଉଥିଲା । ତାଙ୍କ ଅଧିନରେ ଅନେକ କର୍ମଚାରୀ ସହର ଏବଂ ଜିଲ୍ଲାର ଶାସନଭାର ତୁଲାଉଥିଲେ । ଗ୍ରାମର ମୁଖ୍ୟ (ଗ୍ରାମିକ) ଗ୍ରାମର ଶାସନ ଦାୟିତ୍ୱରେ ଥିଲେ ଓ ସେମାନେ ଅନେକ କ୍ଷେତ୍ରରେ ସ୍ୱାତନ୍ତ୍ର୍ୟତା ଉପଭୋଗ କରୁଥିଲେ । ଗୁପ୍ତମାନେ ଏକ ଦକ୍ଷ ନ୍ୟାୟପାଳିକା ଓ ରାଜସ୍ୱ ଶାସନ ପ୍ରଣାଳୀ ବିକଶିତ କରିଥିଲେ ।

## ୧.୮.୧ ପରବର୍ତ୍ତୀ ଗୁପ୍ତଯୁଗ (୫୫୦–୭୫୦ ଖ୍ରୀଷ୍ଟାବ୍ଦ)

ଗୁପ୍ତ ସାମ୍ରାଜ୍ୟର ପତନ ଏବଂ ଥାନେଶ୍ୱରର ହର୍ଷବର୍ଦ୍ଧନଙ୍କର ଉତ୍‌ଥାନ ମଧ୍ୟବର୍ତ୍ତୀ କାଳ ଏକ ବିଶୃଙ୍ଖଳା ଏବଂ ବିଚ୍ଛିନ୍ନତାର ସମୟ ବୋଲି ବିବେଚନା କରାଯାଏ । ଏହି ସମୟରେ ଭାରତ ଅନେକଗୁଡ଼ିଏ ଖଣ୍ଡ ବିଖଣ୍ଡିତ ରାଜ୍ୟରେ ବିଭକ୍ତ ହୋଇଥିଲା । ହୁନ୍ ଶକ୍ତି ବ୍ୟତୀତ ଉତ୍ତର ଭାରତରେ ଅନ୍ୟ ୪ଟି ରାଜ୍ୟ ସୃଷ୍ଟି ହୋଇଥିଲା । ସେଗୁଡ଼ିକ ଥିଲା ମଗଧର ପରବର୍ତ୍ତୀ ଗୁପ୍ତ, କନୌଜର ମୌଖରି, ଥାନେଶ୍ୱରର ପୁଷ୍ୟଭୂତ ଏବଂ ବଲ୍ଲଭୀ, ଗୁଜୁରାଟର ମୈତ୍ରକ । ବାଦାମିର ଚାଲୁକ୍ୟ ଏବଂ କାଞ୍ଚିର ପଲ୍ଲବମାନେ ଦକ୍ଷିଣ ଭାରତର ପ୍ରମୁଖ ରାଜବଂଶ ଥିଲେ । ପୁଲକେଶୀ ଦ୍ୱିତୀୟ (୬୦୯ ରୁ ୬୪୨ ଖ୍ରୀ:ଅ) ନରସିଂହ ବର୍ମନ ପ୍ରଥମ (୬୩୦ ରୁ ୬୮୮ ଖ୍ରୀ:ଅ)ଙ୍କୁ ଯଥାକ୍ରମେ ଚାଲୁକ୍ୟ ଓ ପଲ୍ଲବ ଶାସକମାନଙ୍କ ମଧ୍ୟରେ ଶ୍ରେଷ୍ଠ ବୋଲି କୁହାଯାଉଥିଲା । ହର୍ଷବର୍ଦ୍ଧନ ପୁନଶ୍ଚ ଏକ ସାମ୍ରାଜ୍ୟ ନିର୍ମାଣ କରିବାକୁ ଚେଷ୍ଟା କରିଥିଲେ । ତାଙ୍କୁ ସକଳୋତର ପଥନାଥ ବୋଲି କୁହାଯାଏ । କାରଣ ସେ ସମଗ୍ର ଉତ୍ତର ଭାରତରେ ନିଜର ଆଧିପତ୍ୟ ବିସ୍ତାର କରିଥିଲେ । ସେହି ସମୟରେ ଭାରତରେ କେତେକାଂଶରେ ଏକ ରାଜନୈତିକ ଏକତା ପୁନଃ ସ୍ଥାପିତ ହୋଇଥିଲା । ହର୍ଷ କାଦମ୍ବରୀ ଓ ହର୍ଷ ଚରିତ୍ରର ଲେଖକ ବାଣଭଟ୍ଟଙ୍କର ପୃଷ୍ଠପୋଷକତା କରିଥିଲେ । ଚୀନର ବିଦ୍ୱାନ ପରିବ୍ରାଜକ ହୁଏନ୍‌ସାଂ ହର୍ଷଙ୍କ ରାଜତ୍ୱ ସମୟରେ ଭାରତ ଭ୍ରମଣରେ ଆସିଥିଲେ । ବଙ୍ଗଳାର ରାଜା ଶଶାଙ୍କ ହର୍ଷଙ୍କର ସମସାମୟିକ ଥିଲେ ।

ଏହି ସମୟରେ ବ୍ରାହ୍ମଣ ହିନ୍ଦୁ ଧର୍ମ ଦୃଢ଼ୀଭୂତ ହୋଇଥିଲା । ଭାରତୀୟ ସମାଜରେ ଜାତି ପ୍ରଥାର ଅବସ୍ଥିତି ସମ୍ପର୍କରେ ହୁଏନ୍‌ସାଂ ବର୍ଣ୍ଣନା କରିଛନ୍ତି । ସେ ସମୟରେ ଦୁଇଜାତି ମିଶି କେତେକ ନୂଆ ଜାତି ସୃଷ୍ଟି ହେବା ସହିତ ଅନେକ ଉପଜାତିର ଉତ୍ପତ୍ତି ହୋଇଥିଲା । ଅସ୍ପୃଶ୍ୟ ଏବଂ ଜାତିପ୍ରଥା ବାହ୍ୟ ଗୋଷ୍ଠୀମାନଙ୍କର ଅବସ୍ଥିତି ସମ୍ପର୍କରେ ମଧ୍ୟ ହୁଏନ୍‌ସାଂ ସୂଚନା ଦେଇଛନ୍ତି । ଏହି ସମୟରେ ନାରୀମାନଙ୍କ ଅବସ୍ଥାରେ ମଧ୍ୟ ଅବନତି ଘଟିଥିଲା । ଧର୍ମ କ୍ଷେତ୍ରରେ ବ୍ରାହ୍ମଣ୍ୟବାଦର ଉତ୍‌ଥାନ ବୌଦ୍ଧଧର୍ମର ପତନ ଘଟାଇଥିଲା । ଏହି ସମୟରେ ବୈଷ୍ଣବ ଧର୍ମ, ଶୈବଧର୍ମ ଏବଂ ଜୈନ ଧର୍ମ ପାଳନ କରାଯାଉଥିଲା ।

## ୧.୯ ଭାରତୀୟ ସଭ୍ୟତା : ଏକ ଦୃଷ୍ଟିପାତ

ବିଶ୍ୱ ଇତିହାସରେ ଭାରତୀୟ ସଭ୍ୟତାର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ରହିଛି । ପ୍ରାଚୀନ ଗ୍ରୀସ୍ ଓ ରୋମ ଭଳି ପ୍ରାଚୀନ ଭାରତରେ ମଧ୍ୟ ଗଣତାନ୍ତ୍ରିକ ଶାସନ ପଦ୍ଧତି ରହିଥିଲା । ଆମ୍ଭେ ମଧ୍ୟ ଦର୍ଶନ ଶାସ୍ତ୍ର ଏବଂ ବିଜ୍ଞାନର ବିଭିନ୍ନ ଶାଖାରେ ଯଥେଷ୍ଟ ଉନ୍ନତି ସାଧନ କରିଥିଲୁ । ଗଣିତ, ଜ୍ୟୋତିଷ, ରସାୟନ ଶାସ୍ତ୍ର, ଧାତୁ ବିଦ୍ୟା, ଭେଷଜ ଆଦି କ୍ଷେତ୍ରରେ ଭାରତର ଯୋଗଦାନ ଉଲ୍ଲେଖନୀୟ । ଆର୍ଯ୍ୟଭଟ୍ଟ ଓ ବରାହମିହିର ବିଖ୍ୟାତ ଗଣିତଜ୍ଞ ଏବଂ ଜ୍ୟୋତିଷବିଦ୍ ଥିଲେ । ଚରକ ଏବଂ ଶୁଶ୍ରୁତ ପ୍ରଖ୍ୟାତ ଚିକିତ୍ସକ ଥିଲେ । ନାଗାର୍ଜୁନ ପ୍ରଖ୍ୟାତ ରସାୟନବିତ୍ ଏବଂ ଔଷଧବିତ୍ ଥିଲେ । ଶୂନ୍ୟର ଧାରଣା ଏବଂ ଦଶମିକ ପ୍ରଣାଳୀ ପ୍ରଥମେ ଭାରତରେ ଆରମ୍ଭ ହୋଇଥିଲା ।

ପ୍ରାଚୀନ ଭାରତୀୟମାନେ ମଧ୍ୟ କଳା, ସ୍ଥାପତ୍ୟ, ଭାସ୍କର୍ଯ୍ୟ, ଚିତ୍ରବିଦ୍ୟାରେ ନିପୁଣ ଥିଲେ । ଅଶୋକଙ୍କ ସ୍ତମ୍ଭଲିପି, ଅଜନ୍ତା ଏବଂ ଏଲୋରା ଗୁମ୍ଫା, ଦକ୍ଷିଣଭାରତର ମନ୍ଦିର, ସାଞ୍ଚିସ୍ତୁପ, ମଥୁରାର ବୁଦ୍ଧ ମୂର୍ତ୍ତି ହେଉଛି ଭାରତୀୟ କଳାର ଅସୀମ ସାଗରର କେତେକ ବିରଳ ଦୃଷ୍ଟାନ୍ତ । ପ୍ରାଚୀନ ଭାରତରେ ତକ୍ଷଶୀଳା, ନାଳନ୍ଦା, ବିକ୍ରମଶୀଳା, ବଲ୍ଲଭି, କାଶୀ ଏବଂ କାଞ୍ଚି ଭଳି ଅନେକ ଶିକ୍ଷା କେନ୍ଦ୍ରମାନ ଗଢ଼ି ଉଠିଥିଲା । ଯାହା ଉଭୟ ଦେଶ ଓ ବିଦେଶର ଛାତ୍ରଙ୍କୁ ଶିକ୍ଷା ପ୍ରଦାନ କରିଥିଲା । ପ୍ରସିଦ୍ଧ ପଣ୍ଡିତ ଏବଂ ଗୁରୁମାନେ ସେଠାରେ ଶିକ୍ଷା ଦେଉଥିଲେ । ଭାରତୀୟ ଶିକ୍ଷା ଏବଂ ଜ୍ଞାନ ବିଦେଶୀ ଆରବ ମୁସଲମାନଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା ।

ପ୍ରାଚୀନ ଭାରତରେ ଅନେକ ଶ୍ରେଷ୍ଠ ସାହିତ୍ୟିକ କୃତୀମାନ ରଚନା କରାଯାଇଥିଲା । ଋକ୍‌ବେଦ ଭାରତ-ଇଉରୋପୀୟ ସାହିତ୍ୟର ସର୍ବପ୍ରଥମ ନମୁନା ଅଟେ । ବେଦ, ସୁତ୍ର, ମହାକାବ୍ୟ, ସ୍ମୃତି, ପୁରାଣ, ତ୍ରିପିଟକ ଜୈନ ଅଗମ ଏବଂ ଅନ୍ୟାନ୍ୟ ଧର୍ମଗ୍ରନ୍ଥଗୁଡ଼ିକ ପ୍ରାଚୀନ ଭାରତର ଅବଦାନ । ଆହୁରି ମଧ୍ୟ ଅନେକ ନାଟକ, ଗଦ୍ୟ ଏବଂ କାବ୍ୟିକ ବୃତ୍ତି ମଧ୍ୟ ରହିଥିଲା । କାଳିଦାସ, ବାଣଭଟ୍ଟ, ହରିସେନ୍, ବିଶାଖାଦତ୍ତ, ଭାଷ, ଭାରବି, ଶୁଦ୍ରକ ଭଳି ଶ୍ରେଷ୍ଠ କବି ଏବଂ ସାହିତ୍ୟିକମାନେ ଏହି ଯୁଗର ବଦାନ୍ୟ ବ୍ୟକ୍ତି। ସଂସ୍କୃତ, ପାଲି ଏବଂ ପ୍ରାକୃତ ସାହିତ୍ୟ ପ୍ରାଚୀନ ଭାରତରେ ବହୁ ଉନ୍ନତି କରିଥିଲା ।



ଚିତ୍ର ୧.୬ ସାଞ୍ଚିସ୍ତୁପ

## ପାଠଗତ ପ୍ରଶ୍ନାବଳୀ ୧.୩

୧. ପରବର୍ତ୍ତୀ ବୈଦିକ ଯୁଗରେ ଲୋକମାନଙ୍କ ମୁଖ୍ୟ ଜିବୀକା କ'ଣ ଥିଲା ?

୨. କଳିଙ୍ଗ ଯୁଦ୍ଧ ପରେ ଅଶୋକ କେଉଁ ଧର୍ମ ଗ୍ରହଣ କରିଥିଲେ ?

୩. ପ୍ରାଚୀନ ଭାରତର ୪ଟି ଶିକ୍ଷା କେନ୍ଦ୍ରର ନାମ ଲେଖ ।

୪. ପ୍ରାଚୀନ ଭାରତର ୨ଟି ଚିକିତ୍ସକଙ୍କ ନାମ ଲେଖ ।

୫. (କ) ତାମିଲକୃତି ତୋଲକାପିଅମ୍ _________ ଯୁଗର ଅଟେ ।

(ଖ) _________ପାଣ୍ଡ୍ୟମାନଙ୍କର ରାଜଧାନୀ ଥିଲା ।

(ଗ) କନିଷ୍କ _________ ରାଜବଂଶର ରାଜା ଥିଲା ।

## ତୁମେ କ'ଣ ଶିଖିଲ ?

- ମାନବ ସଭ୍ୟତା ବିଭିନ୍ନ ସ୍ତର ଦେଇ ବିକଶିତ ହୋଇଥିଲା ଏବଂ ପ୍ରତ୍ୟେକ ସ୍ତରର କିଛି ନା କିଛି ଅନନ୍ୟ ଯୋଗଦାନ ରହିଛି ।

- ପ୍ରସ୍ତର ଯୁଗ ପରେ ଧାତୁ ଯୁଗ, – ତମ୍ବା, ବ୍ରୋଞ୍ଜ ଓ ଲୌହ ଯୁଗ ପର୍ଯ୍ୟାୟକ୍ରମେ ଆସିଥିଲା ।
- ବ୍ରୋଞ୍ଜ ଯୁଗରେ ସହର ସଭ୍ୟତା ସୃଷ୍ଟି ହୋଇଥିଲା ।
- ବ୍ରୋଞ୍ଜ ଯୁଗରେ ଲେଖିବା କୌଶଳର ଉନ୍ନତି ଘଟିଥିଲା ।
- ସିନ୍ଧୁ ସଭ୍ୟତା ଏହାର ସହର ଯୋଜନା, ନିର୍ମାଣ କୌଶଳ ଓ ସଂସ୍କୃତି ପାଇଁ ବିଖ୍ୟାତ ଥିଲା ।
- ଲୌହ ଯୁଗ ବିଭିନ୍ନ ଦେଶରେ ବିଭିନ୍ନ ସମୟ କ୍ରମେ, ଲୋକମାନଙ୍କ ସାମାଜିକ ଏବଂ ରାଜନୈତିକ ଜୀବନରେ ଅନେକ ଆବଶ୍ୟକୀୟ ପରିବର୍ତ୍ତନ ଆଣିଥିଲା ।
- ଗ୍ରୀକ୍, ରୋମୀୟ, ପାର୍ସି ଓ ଭାରତୀୟମାନଙ୍କ ରାଜନୀତି ଦର୍ଶନଶାସ୍ତ୍ର, କଳା ଓ ସ୍ଥାପତ୍ୟ କ୍ଷେତ୍ରରେ ଅବଦାନ ଥିଲା ।
- ଷଷ୍ଠ ଶତାବ୍ଦୀରେ ବୁଦ୍ଧ ଓ ଜୈନଧର୍ମ ସମାଜରେ ଅନେକ ସଂସ୍କାରମୂଳକ ଆନ୍ଦୋଳନ ଆଣିଥିଲା ।
- ଭାରତୀୟ ସଭ୍ୟତା ତାର ଦୀର୍ଘ ଯାତ୍ରାରେ ଅନେକ ଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ପଥଦେଇ ଗତି କରିଥିଲା ।




## ଅନ୍ତିମ ପ୍ରଶ୍ନାବଳୀ

୧. ନୂତନ ପ୍ରସ୍ତର ଯୁଗରୁ ବ୍ରୋଞ୍ଜ ଯୁଗର ସୃଷ୍ଟି କିପରି ହୋଇଥିଲା ?

୨. ହର୍‌ପ୍‌ପା ସଭ୍ୟତାର ମୁଖ୍ୟ ଲକ୍ଷଣଗୁଡ଼ିକ କ'ଣ ?

୩. ଲୌହର ଆବିଷ୍କାର କିପରି ପରିବର୍ତ୍ତନ ଆଣିଥିଲା ?

୪. ରୋମ ସଭ୍ୟତାର ସାମାଜିକ ବ୍ୟବସ୍ଥା କିପରି ଥିଲା ?

୫. ବୈଦିକ ସମୟରେ ଲୋକମାନଙ୍କର ସାମାଜିକ, ଧାର୍ମିକ ଓ ଅର୍ଥନୈତକ କ୍ଷେତ୍ର କିପରି ଥିଲା ବର୍ଣ୍ଣନା କର ।

୬. ଅଶୋକଙ୍କ ମତରେ ଧର୍ମ କ'ଣ ?

୭. ଭାରତର ଅବଦାନ ପୃଥିବୀ ସଭ୍ୟତା ପାଇଁ କ'ଣ ଥିଲା ?

୮. ନିମ୍ନଲିଖିତ ସ୍ଥାନଗୁଡ଼ିକୁ ରେଖାଙ୍କିତ ମାନଚିତ୍ରରେ ଚିହ୍ନିତ କର ।

(କ) ନଦୀ – ଟାଇଗ୍ରୀସ, ଇୟୁଫେଟିସ୍, ନେଲ, ହୁଆଙ୍ଗହୋ, ଇଣ୍ଡସ୍

(ଖ) ସ୍ଥାନ – ଇଜିପ୍ଟ, ଗ୍ରୀସ, ରୋମ, ଇରାନ, ନାଳନ୍ଦା

## ପାଠଗତ ପ୍ରଶ୍ନାବଳୀର ଉତ୍ତର

୧.୧ – ୧. (କ) ଶ୍ରେଣୀ ସମୁହ (ଖ) ପ୍ରାକୃତିକ ବିପର୍ଯ୍ୟୟ (ଗ) ମେସୋପଟାମିଆଁ

୨. ତମ୍ବା,

୩. ଟାଇଗ୍ରୀସ୍ ଏବଂ ଇୟୁଫ୍ରେଟିସ୍

୪. ହାଇରୋଗ୍ଲାଇଫିକସ୍

୫. ଲୋଥାଲ (ଗୁଜୁରାଟ), କାଲିବଙ୍ଗନ (ରାଜସ୍ଥାନ), କନଓ୍ୱାଲି (ହରିୟାନା), ଧୋଲଭିର (ଗୁଜୁରାଟ), ରୋପାର (ପଞ୍ଜାବ)

୧.୨ – ୧. କୃଷି, ପରିବହନ ଓ ଯୁଦ୍ଧ ସରଞ୍ଜାମ

୨. ଆଥେନସ୍, ସ୍ପାର୍ଟା

୩. ଟିବର

୪. (କ) ବୈଜଣ୍ଟାଇନ୍ ସାମ୍ରାଜ୍ୟ (ଖ) ସାଇରସ୍ (ଗ) ପ୍ରାକୃତିକ ଶକ୍ତି

**୧.୩** – ୧. କୃଷି ଓ ନିର୍ମାଣ କୌଶଳ

୨. ବୌଦ୍ଧ ଧର୍ମ

୩. ତକ୍ଷଶୀଳା, ନାଳନ୍ଦା, କାଶୀ, ବିକ୍ରମଶୀଳା, ବଲ୍ଲଭି

୪. ଚରକ ଓ ଶୁଶ୍ରୁତ

୫. (କ) ସଙ୍ଗମ ଯୁଗ (ଖ) ମଦୁରାଇ (ଗ) କୁଷାଣ

# ୨
# ମଧ୍ୟଯୁଗ

ଆମେ ପ୍ରାଚୀନ ବିଶ୍ୱର ବିଭିନ୍ନ ସଭ୍ୟତା ବିଷୟରେ ଜାଣିଲେ । ତୁମେମାନେ ଆଶ୍ଚର୍ଯ୍ୟ ହେବ ଯେ, ଏହି ସଭ୍ୟତାଗୁଡ଼ିକ ସ୍ଥିତି କ'ଣ ହେଲା ଏବଂ କେତେବେଳେ ଏହି ପ୍ରାଚୀନ ଯୁଗର ଅନ୍ତ ହେଲା ? କ'ଣ ଏଗୁଡ଼ିକର ପରିସମାପ୍ତି ଘଟିଲା ? ଅଥବା ସେମାନଙ୍କ ଭଳି ଗୁରୁତ୍ୱପୂର୍ଣ୍ଣ ସଭ୍ୟତାମାନେ ମଧ୍ୟଯୁଗରେ ସେମାନଙ୍କ ସ୍ଥାନ ନେଲେ ? ତେବେ ଏହି ପ୍ରଶ୍ନଗୁଡ଼ିକର ଉତ୍ତର ସନ୍ଧାନ କରିବା । ଏହି ପରିଚ୍ଛେଦରେ ଆମେ ରୋମ ସାମ୍ରାଜ୍ୟର ପତନ ପରେ ଇଉରୋପୀୟ ସମାଜର ପରିବର୍ତ୍ତନ ସମ୍ପର୍କରେ ପଢ଼ିବା । ଆମେ ମଧ ଦେଖିବା, ଇସଲାମ ନାମକ ଏକ ନୂତନ ଧର୍ମର ଜନ୍ମ କିଭଳି ପଶ୍ଚିମ ଏସିଆରେ ଏକ ବିଶାଳ ସାମ୍ରାଜ୍ୟ ଗଠନରେ ସହାୟକ ହୋଇଥିଲା ଏବଂ ବିଶ୍ୱର ବହୁ ସ୍ଥାନକୁ ବ୍ୟାପିଥିଲା । ଏହା ମଧ ଆମେ ଜାଣିବା, ହର୍ଷଙ୍କ ରାଜୁତି ପରେ ଭାରତର ମଧ୍ୟଯୁଗୀୟ ଅତୀତ କ'ଣ ଥିଲା ?

## ଉଦ୍ଦେଶ୍ୟ

ଏହି ବିଷୟଟି ଅଧ୍ୟୟନ ପରେ ତୁମେମାନେ –

- ମନୁଷ୍ୟ ସମାଜର କ୍ରମବିକାଶରେ ମଧ୍ୟଯୁଗକୁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ତର ରୂପେ ନିର୍ଦ୍ଧାରଣ କରିବ;
- ରୋମ ସାମ୍ରାଜ୍ୟର ପତନ ପରେ ରାଜନୈତିକ ବ୍ୟବସ୍ଥାରେ ଦେଖାଦେଇଥିବା ବିଭିନ୍ନ ପରିବର୍ତ୍ତନ ସମ୍ବନ୍ଧରେ ବ୍ୟାଖ୍ୟା କରିବ;
- ପଶ୍ଚିମ ଇଉରୋପରେ ପ୍ରଚଳିତ ସାମନ୍ତ ପ୍ରଥାର ରାଜନୈତିକ, ସାମରିକ, ସାମାଜିକ ଏବଂ ଅର୍ଥନୈତିକ ଦିଗଗୁଡ଼ିକୁ ବର୍ଣ୍ଣନା କରିବ;
- ଇସ୍‌ଲାମ ଧର୍ମର ବିକାଶ ଏବଂ ପଶ୍ଚିମ ଏସିଆରେ ସମାଜ ଓ ରାଜନୀତି ସମ୍ପର୍କରେ ବର୍ଣ୍ଣନା କରିବ;
- ଭାରତରେ ମଧ୍ୟଯୁଗର ରାଜନୈତିକ ବ୍ୟବସ୍ଥାର ମୁଖ୍ୟ ବିଶେଷତ୍ୱଗୁଡ଼ିକୁ ଚିହ୍ନିବା;
- ମଧ୍ୟଯୁଗୀୟ ଭାରତ ଅର୍ଥନୀତିର ମୁଖ୍ୟ ବିଶେଷତ୍ୱଗୁଡ଼ିକୁ ବ୍ୟାଖ୍ୟା କରିବ;
- ଏବଂ କିଭଳି ଭାବରେ ମଧ୍ୟଯୁଗୀୟ ଭାରତରେ ସାଂସ୍କୃତିକ ଓ ଧାର୍ମିକ ଜୀବନ ଶୈଳୀ ଏକ ଅନନ୍ୟ ସମନ୍ୱୟତାର ପରମ୍ପରା ଚିତ୍ରଣ କରିଥିଲା, ସେ ସମ୍ପର୍କରେ ବିଶ୍ଳେଷଣ କରିବାର ସକ୍ଷମତା ହାସଲ କରିବ ।

## ୨.୧ ମଧ୍ୟଯୁଗରେ ଇଉରୋପ

ମଧ୍ୟବର୍ତ୍ତୀ ସମୟକୁ ମଧ୍ୟଯୁଗ କୁହାଯାଏ । ଉକ୍ତ ନାମରୁ ସୂଚନା ମିଳେ, ଏହା ପ୍ରାଚୀନ ଯୁଗର ପରବର୍ତ୍ତୀ ସମୟ ଏବଂ ନୂତନ ଯୁଗର ପୂର୍ବବର୍ତ୍ତୀ ସମୟକୁ ଦର୍ଶାଇଥାଏ । କିନ୍ତୁ କ'ଣ ଏହି ଯୁଗର କୌଣସି ଗୁରୁତ୍ୱ ନାହିଁ ଏବଂ ଏହା କେବଳ ଦୁଇ ଶ୍ରେଷ୍ଠ ଯୁଗର ମଧ୍ୟବର୍ତ୍ତୀ ଯୁଗ ବୋଲି ଚିହ୍ନିତ ହେବ ? ଆଦୌ ନୁହେଁ କାରଣ ଏହି ଯୁଗ ମନୁଷ୍ୟ ସମାଜର କ୍ରମବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ଏବଂ ସେହି କାରଣରୁ ଏହାର ବିଭିନ୍ନ ମହତ୍ୱକୁ ଉନ୍ମୋଚନ କରିବା ପାଇଁ ଏହାର ସ୍ୱତନ୍ତ୍ର ଅଧ୍ୟୟନ ଆବଶ୍ୟକ । ଆହୁରି ମଧ୍ୟ ଏହାର ସଫଳତା ଏବଂ ଗୌରବ ଆଧୁନିକ ଯୁଗର ଆଗମନରେ ବିଶେଷ ସହାୟକ ହୋଇପାରିଥିଲା । କହିବାକୁ ଗଲେ 'ଆଧୁନିକତା'ର ମୂଳଭିତ୍ତି ମଧ୍ୟ ଯୁଗବାଦରେ ହିଁ ରହିଛି ।

ଏହା ଜାଣିବା ଏକ କୌତୁହଳ ବିଷୟ ଯେ, 'ମଧ୍ୟଯୁଗ' ଶବ୍ଦଟିର ଉଦ୍ଭାବନ ସପ୍ତଦଶ ଖ୍ରୀଷ୍ଟାବ୍ଦରେ ଇଉରୋପୀୟମାନେ କରିଥିଲେ, କାରଣ ସେମାନେ ଏହାକୁ ପ୍ରାଚୀନ ଗ୍ରୀସ ଓ ରୋମ ସଭ୍ୟତା ଓ ସେମାନଙ୍କର ଆଧୁନିକ ଯୁଗ ମଧ୍ୟରେ ଏକ ଦୀର୍ଘ ଏବଂ ଅନ୍ଧକାର ଯୁଗ ରୂପୀ ଅନ୍ତରାୟ ବୋଲି ବିବେଚନା କରୁଥିଲେ । ତଥାପି ଏହି ମଧ୍ୟଯୁଗ ଏକ ଅନ୍ଧକାର ଯୁଗ ନଥିଲା କି ଏକ ଅନ୍ତରାୟ ମଧ୍ୟ ନଥିଲା । ଇସ୍‌ଲାମ ଜଗତ ପାଇଁ ଏହା ଏକ ଯୁଗ ଥିଲା ଯେତେବେଳେ ଏକ ସଭ୍ୟତା ବିକଶିତ ହୋଇ ଗୌରବର ଶିଖରରେ ପହଞ୍ଚିଥିଲା । ଭାରତରେ ମଧ୍ୟଯୁଗ ଏକ ସମିଶ୍ରଣର ଯୁଗ ଥିଲା । ଏହା ପୁରାତନ ଏବଂ ନୂତନ ରାଜନୈତିକ, ଅର୍ଥନୈତିକ ଏବଂ ସାମାଜିକ ପ୍ରଣାଳୀର ଏକ ମିଳନ ଦେଖିଥିଲା । ଏହି ମିଳନରୁ ଏକତ୍ର ଅବସ୍ଥାନ ଏବଂ ସହିଷ୍ଣୁତାର ଅଦ୍ୱିତୀୟ ସାଂସ୍କୃତିକ ନମୁନାର ଉଦ୍ଭବ ହୋଇଥିଲା, ଯାହା ମଧ୍ୟଯୁଗୀୟ ଭାରତର ଏକ ମୁଖ୍ୟ ବୈଶିଷ୍ଟ୍ୟରେ ପରିଣତ ହୋଇଥିଲା । ଇଉରୋପରେ ମଧ୍ୟ ଏହାର ଛବି ସେଭଳି ଅନ୍ଧକାରମୟ ନଥିଲା ଯାହା ସମୟ ସମୟରେ ବିଚାର କରାଯାଉଥିଲା । ମଧ୍ୟଯୁଗର ପ୍ରାରମ୍ଭରେ ଭୌତିକ ଓ ଆର୍ଥିକ ଦକ୍ଷତା ନିଶ୍ଚିତ ରୂପେ ଅନୁନ୍ନତ ଥିଲା କିନ୍ତୁ ପରବର୍ତ୍ତୀ ସମୟରେ ସେମାନଙ୍କର ଜୀବନ ସ୍ତରରେ ଯଥେଷ୍ଟ ଉନ୍ନତି ଦେଖାଯାଇଥିଲା । ଇଉରୋପୀୟମାନେ ନୂତନ ଶିକ୍ଷା ପ୍ରତିଷ୍ଠାନମାନ ଏବଂ ନୂତନ ଚିନ୍ତାଶୈଳୀ ବିକଶିତ କରି କଳା ଓ ସାହିତ୍ୟ ଶିଖରରେ ପହଞ୍ଚିପାରିଥିଲେ । ଏହି ସମୟରେ ଯଥାର୍ଥରେ ଯେଉଁ ନୂତନ ଚିନ୍ତାଧାରାଗୁଡ଼ିକର ଉଦ୍ଭ ବ ହୋଇଥିଲା ତାହା କେବଳ ଇଉରୋପର ସମୂହ ପରିବର୍ତ୍ତନ କରିଥିଲା ବରଂ ବିଶ୍ୱର ଅବଶିଷ୍ଟାଂଶରେ ଆଗାମୀ ସମୟରେ ଗଭୀର ପ୍ରଭାବ ପକାଇଥିଲା । ତେବେ ବର୍ତ୍ତମାନ ପଢ଼ିବା, ବିଶ୍ୱର ବିଭିନ୍ନ ଭାଗରେ ମଧ୍ୟଯୁଗରେ କ'ଣ ସବୁ ଘଟିଥିଲା ।

### ୨.୧.୧ ରୋମ ସାମ୍ରାଜ୍ୟର ପତନ

ଆମେ ପୂର୍ବ ଅଧ୍ୟାୟରେ ରୋମ ସାମ୍ରାଜ୍ୟର ଶକ୍ତି ଏବଂ ବିଶାଳତା ସମ୍ପର୍କରେ ପଢ଼ିଅଛେ । ରୋମ ସାମ୍ରାଜ୍ୟ ପଶ୍ଚିମାଞ୍ଚଳ ଓ ପୂର୍ବାଞ୍ଚଳରେ ବିଭାଜିତ ହୋଇଥିଲା । ରୋମ, ପଶ୍ଚମାଞ୍ଚଳର ରାଜଧାନୀ ଥିଲା ଏବଂ କନଷ୍ଟାଣ୍ଟିନୋପଲ ପୂର୍ବାଞ୍ଚଳର ରାଜଧାନୀ ଥିଲା । ରୋମ ସମ୍ରାଟ କନଷ୍ଟାଣ୍ଟାଇନ ଖ୍ରୀଷ୍ଟାବ୍ଦ ୩୩୦ରେ ପୂର୍ବାଞ୍ଚଳର ରାଜଧାନୀ ଗ୍ରୀକ୍ ସହର ବାଇଜାଣ୍ଟାଇନ୍‌ରେ ଅବସ୍ଥାପିତ କଲେ । ଏହା ତାଙ୍କର ନାମ ଅନୁଯାୟୀ କନଷ୍ଟାଣ୍ଟନୋପଲ ନାମରେ ନାମିତ ହେଲା । ରୋମ ସାମ୍ରାଜ୍ୟ ପଶ୍ଚିମରେ ପତନ ହୋଇ, ପୂର୍ବାଞ୍ଚଳରେ ପ୍ରାୟ ୧୦୦୦ ବର୍ଷ ପର୍ଯ୍ୟନ୍ତ ତିଷ୍ଠିରହି ପାରିଥିଲା । ଏହାକୁ ପୂର୍ବ ରୋମ ସାମ୍ରାଜ୍ୟ ବା ବାଇଜାଣ୍ଟାଇନ୍ ସାମ୍ରାଜ୍ୟ ବୋଲି କୁହାଯାଏ । ଏହି ଗ୍ରୀକ୍ ଭାଷୀ ପୂର୍ବ ସଭ୍ୟତା ସେତେବେଳେ ଅର୍ଥନୈତିକ ଓ ସାଂସ୍କୃତିକ ଜୀବନର ଶିଖରରେ ପହଞ୍ଚିଥିଲେ । ସେତେବେଳେ ପଶ୍ଚିମ ଇଉରୋପ ଆପାତତଃ ଅନୁନ୍ନତ ଅବସ୍ଥାରେ ଥିଲା । ପଶ୍ଚିମର ରୋମାନ ସାମ୍ରାଜ୍ୟ, ଗୋଥ, ଭଣ୍ଡାଲ,

ଭିଜିଗୋଥ, ଏବଂ ଫ୍ରାଙ୍କ ଭଳି କେତେକ ଜର୍ମାନ ଜାତିଙ୍କର ଆକ୍ରମଣ ଯୋଗୁଁ ଧ୍ୱଂସ ପାଇଥିଲା । ୪୭୬ ଖ୍ରୀଷ୍ଟାବ୍ଦରେ ପଶ୍ଚିମରେ ରୋମ ସମ୍ରାଟମାନଙ୍କୁ ପରାସ୍ତ କରି ଆକ୍ରମଣକାରୀମାନେ ସ୍ୱତନ୍ତ୍ର ରାଜ୍ୟମାନ ଗଠନ କରିଥିଲେ ।

ଏହିସବୁ ଉତ୍‌ଥାନ ପତନ ସମ୍ପୂର୍ଣ୍ଣ ପରିବର୍ତ୍ତନ ଆଣି ଦେଇଥିଲା କି ? ରୋମୀୟମାନଙ୍କ ଦ୍ୱାରା ଗଠିତ ରାଜନୈତିକ ଏବଂ ଅର୍ଥନୈତିକ ବ୍ୟବସ୍ଥା ସମ୍ପୂର୍ଣ୍ଣ ରୂପେ ଅନ୍ତର୍ଦ୍ଧାନ ହୋଇଯାଇଥିଲା କି ? ଜର୍ମାନୀର ନୂତନ ଶାସକମାନେ ପ୍ରଚଳିତ ବ୍ୟବସ୍ଥାର ସମ୍ପୂର୍ଣ୍ଣ ପରିବର୍ତ୍ତନ କରି ନଥିଲେ । ବରଂ ରୋମୀୟ ଓ ଜର୍ମାନ ସମାଜ ପରସ୍ପର ସହ ନିବିଡ଼ ସମ୍ପର୍କରେ ଆସିଥିଲେ ଏବଂ ପରସ୍ପର ସହ ମିଶି ଯାଇଥିଲେ ।

ଏହା ଫଳରେ, ପ୍ରଚଳିତ ରାଜନୈତିକ ଏବଂ ଅର୍ଥନୈତିକ ବ୍ୟବସ୍ଥା ରୋମ ଏବଂ ଜର୍ମାନୀଠାରୁ ସମ୍ପୂର୍ଣ୍ଣ ରୂପେ ଭିନ୍ନ ଏକ ନୂତନ ସମାଜ ଇଉରୋପରେ ଜନ୍ମ ଲାଭ କରିଥିଲା । ଏହି ନୂତନ ସମାଜର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନ ଥିଲା ସାମନ୍ତବାଦ । ଏହା ସମ୍ପୂର୍ଣ୍ଣରୂପେ ପ୍ରଚଳିତ ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ବ୍ୟବସ୍ଥାର ପରିବର୍ତ୍ତନ କରିଥିଲା । ଆମେ ଦେଖିବା, ଏହି ପ୍ରଣାଳୀର କିଭଳି ସୃଷ୍ଟି ହେଲା ଓ ଏହାର ବିଶେଷତ୍ୱଗୁଡ଼ିକ କ'ଣ ଥିଲା ।

## ୨.୨ ସାମନ୍ତ ପ୍ରଥା : ରାଜନୈତିକ, ସାମରିକ ଏବଂ ସାମାଜିକ ତଥା ଅର୍ଥନୈତିକ ଦିଗ


### ରାଜନୈତିକ ଦିଗ

ରୋମ ସାମ୍ରାଜ୍ୟର ପତନ ପରେ ପଶ୍ଚିମରେ ଉତ୍ତରାଧିକାରୀ ଜର୍ମାନୀ ଭାଷାଗୁଡ଼ିକ କେତେ ମାତ୍ରାରେ ରାଜନୈତିକ ସ୍ଥିରତା ଆଣିବାରେ ସକ୍ଷମ ହୋଇଥିଲେ । ଏହି ରାଜ୍ୟମାନଙ୍କ ମଧ୍ୟରୁ ଗୋଟିଏ ପ୍ରସିଦ୍ଧ ରାଜା ଚାର୍ଲମେନ୍‌ଙ୍କ ଅଧିନରେ ଏକ ବୃହତ୍ ସାମ୍ରାଜ୍ୟ ଗଠନ କରିବାରେ ସକ୍ଷମ ହୋଇଥିଲା । ଏହା କାରୋଲିଙ୍ଗ୍ ସାମ୍ରାଜ୍ୟ ଥିଲା ଯାହାର ନବମ ଖ୍ରୀଷ୍ଟାବ୍ଦର ମଧ୍ୟଭାଗରୁ ନୂତନ ଆକ୍ରମଣର ପ୍ରଭାବରେ ଲୋପ ପାଇବା ଆରମ୍ଭ ହେଲା । ପରିଣାମ ସ୍ୱରୂପ ଯେଉଁ ରାଜନୈତିକ ବିଶୃଙ୍ଖଳା ଦେଖା ଦେଇଥିଲା ତାହା ଏକ ନୂତନ ରାଜନୈତିକ ଶ୍ରେଣୀ ସୃଷ୍ଟି କରିଥିଲା ଯାହାକୁ ସାମନ୍ତବାଦ କୁହାଗଲା । ସାମନ୍ତବାଦ କହିଲେ ରାଜନୈତିକ ସାର୍ବଭୌମତ୍ୱର ଏକ ଶ୍ରେଣୀବଦ୍ଧ ବା ଶ୍ରେଣୀ ବିନ୍ୟାସର ଏକ ବ୍ୟବସ୍ଥା ବା ଅନୁଷ୍ଠାନ । ଏହି ପ୍ରଣାଳୀକୁ ସହଜରେ ବୁଝିହେବ ଯଦି ଆମେ ଏହାର ସୋପାନଗୁଡ଼ିକୁ ଅନୁଧ୍ୟାନ କରିବା । ଏହି ପ୍ରଣାଳୀର ସର୍ବୋଚ୍ଚରେ ଥିଲେ ରାଜା । ତାଙ୍କ ନିମ୍ନରେ ଥିଲେ ସମ୍ଭ୍ରାନ୍ତଶ୍ରେଣୀ ଯାହାଙ୍କୁ ଡ୍ୟୁକ୍ ଏବଂ ଆର୍ଲ କୁହାଯାଉଥିଲା । ଏହି ଶ୍ରେଣୀପରେ ଥିଲେ ଅପେକ୍ଷାକୃତ କ୍ଷୁଦ୍ର ସମ୍ଭ୍ରାନ୍ତ ଶ୍ରେଣୀ ଯାହାଙ୍କୁ ବ୍ୟାରନ୍ କୁହାଯାଉଥିଲା । ସେମାନଙ୍କ ତଳେ ଥିଲେ ନାଇଟ୍ ଯେଉଁମାନେ ସବୁଠାରୁ ନିମ୍ନସ୍ତରର ସମ୍ଭ୍ରାନ୍ତ ବର୍ଗ ଥିଲେ । ପ୍ରତ୍ୟେକ ସମ୍ଭ୍ରାନ୍ତବର୍ଗ ସେମାନଙ୍କର କ୍ଷମତା ଠିକ୍ ତାଙ୍କର ଉପରିସ୍ଥ ସମ୍ଭ୍ରାନ୍ତ ବର୍ଗଠାରୁ ପ୍ରାପ୍ତ କରୁଥିଲେ ଏବଂ ପ୍ରତ୍ୟେକଙ୍କ ବିଶ୍ୱସ୍ତତା ଏବଂ ଆନୁଗତ୍ୟ ସେହିଭଳି ଠିକ୍ ତାଙ୍କଠାରୁ ଉପର ସ୍ତରର ସମ୍ଭ୍ରାନ୍ତବର୍ଗ ନିମିତ୍ତ ଉଦ୍ଦିଷ୍ଟ ଥିଲା । ଏହିପରି ସେମାନଙ୍କୁ ସେବକ ବା ଦାସ ଅଭିହିତ କରାଯାଇଥିଲା । ସେହି ସମ୍ଭ୍ରାନ୍ତବର୍ଗଙ୍କ ମଧ୍ୟରେ ସର୍ବୋଚ୍ଚଠାରୁ ସର୍ବନିମ୍ନ ପର୍ଯ୍ୟନ୍ତ ଏକାପ୍ରକାରର ଥିଲା । ଏହି ସମ୍ଭ୍ରାନ୍ତ ଶ୍ରେଣୀର ଶାସକମାନେ ନିଜ ନିଜ ଅଞ୍ଚଳରେ ସର୍ବଶକ୍ତିମାନ ଥିଲେ । ଏହି ଭଳି ରାଜନୈତିକ କ୍ଷମତା ରୋମ ସାମ୍ରାଜ୍ୟ ଭଳି ସମ୍ରାଟଙ୍କଠାରେ କେନ୍ଦ୍ରୀଭୂତ ନହୋଇ ସମସ୍ତଙ୍କ ମଧ୍ୟରେ ବିସ୍ତୀର୍ଣ୍ଣ ଭାବରେ ବାଣ୍ଟି ହୋଇ ରହିଥିଲା । ଏହା ସାମନ୍ତବାଦର ରାଜନୈତିକ ଦିଗ ଥିଲା ।

ଏହି ସାମନ୍ତବାଦୀ ରାଜନୈତିକ ପ୍ରଣାଳୀର ଏକ ଅନନ୍ୟ ଲକ୍ଷଣ ଥିଲା ସାମନ୍ତ (Lord) ଏବଂ ଉପସାମନ୍ତ (Vassal)ମାନଙ୍କ ମଧ୍ୟରେ ବ୍ୟକ୍ତିଗତ ନିବିଡ଼ ସମ୍ପର୍କ ବା ଚୁକ୍ତି । ଏହି ସମ୍ପର୍କ ସ୍ଥାପନ କରିବା ପାଇଁ ଏକ ଉତ୍ସବର

ଆୟୋଜନ କରାଯାଉଥିଲା । ଏହି ଉତ୍ସବରେ ଉପସାମନ୍ତ ତାହାର ସାମନ୍ତଙ୍କର ସେବା ନିମିତ୍ତ ପ୍ରତିଜ୍ଞାବଦ୍ଧ ହେଉଥିଲେ । ସେହି ସମୟରେ ମଧ୍ୟ ସେ ତା'ର ସାମନ୍ତର ଆଶ୍ରୟ ପାଉଥିଲା । ରାଜନୈତିକ ଅସ୍ଥିରତା ଦୃଷ୍ଟିରୁ ସେହି ପୃଷ୍ଠପୋଷକତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା । ଉପସାମନ୍ତମାନେ ସେମାନଙ୍କ ନିରାପତ୍ତା ପାଇଁ ପ୍ରତିବଦଳରେ ତାଙ୍କ ସାମନ୍ତଙ୍କର ଯାବତୀୟ ସେବା କରୁଥିଲେ । ଏହା ମୁଖ୍ୟତଃ ସାମରିକ ସେବାକୁ ବୁଝାଉଥିଲା ଯାହାର ଅର୍ଥ ଥିଲା ଯେ, ଉପସାମନ୍ତ କେତେକ ସୈନିକଙ୍କୁ ସାମନ୍ତଙ୍କ ଆବଶ୍ୟକ ମତେ ତାଙ୍କ ନିକଟକୁ ପଠାଉଥିଲେ । ଏହା ପରିବର୍ତ୍ତେ ତାଙ୍କଠାରୁ ଫିଏଫ୍ ବା ଏକ ଦାନ ଜମି ଆକାରରେ ସେବକମାନଙ୍କର ଭରଣପୋଷଣ ପାଇଁ ଆଶା କରାଯାଉଥିଲା । ଏହିଠାରୁ (Feudalism) ଶବ୍ଦ ସୃଷ୍ଟି ହୋଇଥିଲା । ସାମନ୍ତମାନେ ଏହି ସୈନ୍ୟଶକ୍ତି ଆବଶ୍ୟକ ସ୍ଥଳେ ଆୟତ୍ତାଧୀନ ଅଞ୍ଚଳକୁ ସୁରକ୍ଷିତ ରଖି ପାରୁଥିଲେ । ଉକ୍ତ ସୈନ୍ୟବଳ ଦ୍ୱାରା ସାମନ୍ତମାନେ ନିଜ ଅଞ୍ଚଳର ସର୍ବେ ସର୍ବା ହୋଇଥିଲେ ଏବଂ ରାଜ୍ୟମାନଙ୍କ ଆହ୍ୱାନକୁ ବି ଖାତିରି କରୁ ନଥିଲେ ।

ଏକ ରାଜନୈତିକ ଅସ୍ଥିରତା ସମୟରେ ଛୋଟ ଛୋଟ ସାମନ୍ତମାନଙ୍କ ପରି କୃଷକମାନେ ମଧ୍ୟ ସୁରକ୍ଷା ଲୋଡୁଥିଲେ । ଏହି କୃଷକମାନଙ୍କ ନିଜସ୍ୱ ଭୂମି କିମ୍ବା ଉପକରଣ ନଥିଲା କିମ୍ବା ବିହନ କ୍ରୟ କରିବା ପାଇଁ ସମ୍ବଳ ନଥିଲା । ଏହି ସବୁ ସାମଗ୍ରୀ ଏବଂ ନିଜ ସୁରକ୍ଷା ନିମିତ୍ତ ସ୍ୱାଧୀନ କୃଷକମାନେ ସମ୍ଭ୍ରାନ୍ତଶ୍ରେଣୀ ବ୍ୟକ୍ତିଙ୍କ ସହାୟତା ଲୋଡ଼ିଥିଲେ । ମଧ୍ୟଯୁଗୀୟ ଇଉରୋପର ଉକ୍ତ ନିର୍ଭରଶୀଳ କୃଷକମାନେ ଜମିରେ ବାନ୍ଧିହୋଇ ରହିଲେ ଓ ସାମନ୍ତମାନଙ୍କ ଦାସତ୍ୱ ସ୍ୱିକାର କଲେ ଯାହାକୁ ଭୂମି ଦାସ ବୋଲି କୁହାଯାଉଥିଲା । କୃଷକମାନଙ୍କୁ ଶୋଷଣ କରି ଅନେକ ସମ୍ପତ୍ତି ସୃଷ୍ଟି କରାଯାଇଥିଲା । ବର୍ତ୍ତମାନ ଦେଖିବା କୃଷି, ଏ ଯୁଗରେ କିପରି କାର୍ଯ୍ୟକାରୀ ହେଉଥିଲା ।




Source: Michael B. Petrovich et al., *People in Time and Place: World Cultures*, Silver, Burdett & Ginn, 1991

ଚିତ୍ର ୨.୧ ସାମନ୍ତଙ୍କ ଜମିଦାରୀ

ସମଗ୍ର ଭୂସମ୍ପତ୍ତି ଯାହା ଏକ ସାମନ୍ତ ଅଧିକାରୀଙ୍କ ଅଧୀନସ୍ଥ ଥିଲା ତାହାକୁ 'ମ୍ୟାନର' ବା ଜମିଦାରୀ କୁହାଯାଉଥିଲା । ସେହି ଜମିଦାରୀ ପରିବେଷ୍ଟିତ ଜମିକୁ ତିନିଭାଗରେ ବିଭକ୍ତ କରାଯାଇଥିଲା ଯଥା (୧) ଜମିଦାରଙ୍କଅଧିକୃତ ଜମି (୨) ରୟତମାନଙ୍କୁ ଦିଆଯାଇଥିବା ଚାଷ ଜମି (୩) ଚାରଣ ଭୂମି ଯାହାକୁ ସମସ୍ତେ ବ୍ୟବହାର କରୁଥିଲେ । ଯେଉଁ ଭୂମିଦାସମାନେ ଏହି ଜମି ଅଧିକାରରେ ଥିଲେ, ସେମାନେ ଜମିଦାରଙ୍କ ରୟତ ବୋଲି ବିବେଚିତ ହେଉଥିଲେ । ରୟତମାନଙ୍କୁ ଜମିଦାରମାନଙ୍କୁ ଖଜଣା ଆକାରରେ ଟିକସ ଦେବାକୁ ପଡୁଥିଲା । ଏହି ଖଜଣାକୁ କୃଷକମାନେ ଶ୍ରମ ଜରିଆରେ ପରିଶୋଧ କରୁଥିଲେ । ସେମାନଙ୍କୁ ସପ୍ତାହରେ ନିର୍ଦ୍ଧାରିତ ଦିନମାନଙ୍କରେ ଜମିଦାରମାନଙ୍କ

ଜମିରେ କାମ କରିବାକୁ ପଡୁଥିଲା । କୃଷି ଉତ୍ପାଦନ ସମୟରେ ସେହି ରୟତମାନଙ୍କୁ ଅତିରିକ୍ତ ଶ୍ରମ ଦେବାକୁ ପଡୁଥିଲା । ସେହିଭଳି ବିନା ମୂଲ୍ୟ ଶ୍ରମ ବିଭିନ୍ନ ପ୍ରକାର ନିର୍ମାଣ କାର୍ଯ୍ୟରେ ମଧ୍ୟ ଦେବାକୁ ପଡୁଥିଲା । ପରବର୍ତ୍ତୀ ସମୟରେ ବିନାମୂଲ୍ୟରେ ଶ୍ରମଦାନ ପ୍ରଥା ପରିଶୋଧନୀୟ ଶ୍ରମ ବୃତ୍ତି ଦ୍ୱାରା ପରିବର୍ତ୍ତିତ ହେଲା ।

ଏହି ରୟତମାନେ ସେମାନଙ୍କ ଉତ୍ପାଦନର କିଛି ଭାଗ ଖଜଣା ଆକାରରେ ପ୍ରଦାନ କରୁଥିଲେ । ଜମିଦାରମାନେ ମନମୁଖୀ ଭାବରେ ଆବଶ୍ୟକ ପଡ଼ିଲେ ଅଧିକ ରୟତମାନଙ୍କୁ କାମରେ ବିନିଯୋଗ କରୁଥିଲେ । ସେମାନେ ମଧ୍ୟ ପରୋକ୍ଷ ଭାବରେ ଅନେକ କର ଆଦାୟ କରୁଥିଲେ । ସେହି ଜମିଦାରୀ ଏକ ସ୍ୱୟଂ ସମ୍ପନ୍ନ ଅର୍ଥନୈତିକ ସଂସ୍ଥା ସ୍ୱରୂପ ଥିଲା । ଅର୍ଥାତ୍ ଦୈନନ୍ଦିନ ବ୍ୟବହାର୍ଯ୍ୟ ପ୍ରତ୍ୟେକ ବସ୍ତୁର ଉତ୍ପାଦନ ଏବଂ ବ୍ୟବହାର ଏଠାରେ କରାଯାଉଥିଲା । ସେଥିପାଇଁ ଲୁହା ଉପକରଣଠାରୁ ଆରମ୍ଭ କରି ରୁଟି, ମଦ ଆଦି ତିଆରି ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର କଳକାରଖାନାର ବ୍ୟବସ୍ଥା ରହିଥିଲା । ସେଗୁଡ଼ିକ ସବୁ ଜମିଦାରଙ୍କର ନିଜର ଥିଲା । ଜମିଦାରମାନଙ୍କ ଦ୍ୱାରା ନିର୍ଦ୍ଧାରିତ ପାରିଶ୍ରମିକରେ ରୟତମାନଙ୍କୁ ସେଠାରେ ଖଟିବାକୁ ବାଧ କରାଯାଉଥିଲା ।

## ତୁମ ପାଇଁ କାର୍ଯ୍ୟ ୨.୧

ପୂର୍ବପାଠରେ ତୁମେ ରୋମାନ୍ କ୍ରୀତଦାସମାନଙ୍କ ବିଷୟରେ ପଢ଼ିଲ । ବର୍ତ୍ତମାନ ଭାରତୀୟ ଶ୍ରମିକ / କୃଷକମାନେ, ଯେଉଁମାନଙ୍କର ନିଜର ଜମି ନାହିଁ, ଅନ୍ୟର ଜମିରେ କାମ କରନ୍ତି, ସେମାନଙ୍କର ଅବସ୍ଥା କିପରି ଅଛି ? ତୁମେ ବର୍ତ୍ତମାନ ସାମନ୍ତବାଦର ଜମିଦାସମାନଙ୍କୁ ରୋମାନ କ୍ରୀତଦାସ ଓ ଭାରତୀୟ କୃଷି ଶ୍ରମିକ ସଙ୍ଗେ ତୁଳନା କର । ଏ ସମ୍ପର୍କରେ ଏକ ସଂକ୍ଷିପ୍ତ ଟିପ୍ପଣୀ ଦିଅ ।

## ୨.୨.୧ ସାମନ୍ତ ଅର୍ଥନୀତିରେ ପରିବର୍ତ୍ତନ : ମଧ୍ୟଯୁଗୀୟ ଇଉରୋପରେ ସମୃଦ୍ଧି ଏବଂ ସଙ୍କଟ

ଆମେ ସାମନ୍ତ ପ୍ରଥାର ବିଭିନ୍ନ ଦିଗ ଉପରେ ଆଲୋଚନା କଲେ । କିନ୍ତୁ କ'ଣ ଏହି ପ୍ରକ୍ରିୟା ସମଗ୍ର ମଧ୍ୟଯୁଗରେ ଏକା ପ୍ରକାର ରହିଥିଲା, ଆଦୌ ନୁହେଁ । ଏହି ସାମନ୍ତଯୁଗର ଅର୍ଥନୀତିରେ ବିଭିନ୍ନ ପରିବର୍ତ୍ତନ ଦେଖାଦେଇଥିଲା ଏବଂ ଏହା ସମୃଦ୍ଧ ଓ ସଙ୍କଟ ମଧ୍ୟ ଦେଇ ଗତି କରିଥିଲା ।

ରୋମ ସାମ୍ରାଜ୍ୟ ପତନର କିଛି ଶତାବ୍ଦୀ ପରେ ଅର୍ଥନୈତିକ ଜୀବନ ପ୍ରଣାଳୀରେ ଏକ ଅବନତି ଦେଖା ଦେଇଥିଲା । ଆମେ ଏ ସମ୍ପର୍କରେ ଅବଗତ ଯେ, ଏହା ରାଜନୈତିକ ପରିବର୍ତ୍ତନ ଏବଂ ବିଶୃଙ୍ଖଳାର ଯୁଗ ଥିଲା । ନାଗରିକ ଜୀବନର ପତନ, ବାଣିଜ୍ୟ ଏବଂ ଅର୍ଥ ବିନିମୟ ଏହି ଯୁଗର କେତେକ ଲକ୍ଷଣ ଥିଲା । କେତେକ ରାଜ୍ୟ ରୋମୀୟ ଯୁଗରୁ ବର୍ତ୍ତି ରହିଥିଲା କିନ୍ତୁ ସେମାନଙ୍କର କୌଣସି ଅର୍ଥନୈତିକ ଭୂମିକା ନଥିଲା । ରାସ୍ତାଘାଟର ଅବନତି ଘଟିଥିଲା ଏବଂ ମୁଦ୍ରାର ବ୍ୟବହାର, ବସ୍ତୁ ବିନିମୟ ସ୍ଥାନ ନେଇଥିଲା । ଇଉରୋପୀୟ ଅର୍ଥନୀତି ସମ୍ପୂର୍ଣ୍ଣ ରୂପେ କୃଷିଭିତ୍ତିକ ଥିଲା ଏବଂ ଆଞ୍ଚଳିକ ବ୍ୟବସାୟ ଅତ୍ୟନ୍ତ ସୀମିତ ଥିଲା । ଭୂସମ୍ପତ୍ତି ବା ଜମିଦାରୀ ଥିଲା ମୁଖ୍ୟ ଅର୍ଥନୈତିକ ବିଭାଗ । କୃଷି କ୍ଷେତ୍ରରେ ଯନ୍ତ୍ର କୌଶଳର ବ୍ୟବହାର ଅନୁନ୍ନତ ଥିଲା ଏବଂ କୃଷି ଉତ୍ପାଦନ ଆଶାତୀତ ନଥିଲା । ଏହି ଅବସ୍ଥା ପ୍ରାୟ ଖ୍ରୀଷ୍ଟାବ୍ଦ ଦଶମ ଶତାବ୍ଦୀ ପର୍ଯ୍ୟନ୍ତ ଲାଗି ରହିଥିଲା ।

ଦଶମ ଶତାବ୍ଦୀ ପରେ ଏହି ଉତ୍ପାଦନ ପ୍ରଣାଳୀରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆସିଥିଲା । ଏହି ପ୍ରଣାଳୀ ସ୍ଥାୟୀ ହେବା ସଙ୍ଗେ ସଙ୍ଗେ କୃଷି ଜମିର ବୃଦ୍ଧି ଘଟିଥିଲା । କୃଷି ଭିତ୍ତିକ ଜ୍ଞାନ କୌଶଳର ଉଲ୍ଲେଖନୀୟ ଉନ୍ନତି କୃଷି ଉପାଦାନ

ବୃଦ୍ଧି କରିବାରେ ଏକ ମୁଖ୍ୟ କାରଣ ଥିଲା । ରୋମ ଯୁଗର ହାଲୁକା ଲଙ୍ଗଳ 'ଆରାଟ୍ରମ' ପରିବର୍ତ୍ତେ ଏକ ନୂତନ ଲଙ୍ଗଳର ବ୍ୟବହାର ଆରମ୍ଭ ହୋଇଥିଲା । ଏହି ନୂତନ ଲଙ୍ଗଳ ଓଜନିଆ ଥିଲା, ଏହାର ଚକ ଥିଲା ଏବଂ ବଳଦମାନଙ୍କ ଦ୍ୱାରା ଟଣା ଯାଉଥିଲା । ଏହା ଉତ୍ତର ଇଉରୋପର ଓଜନିଆ ଏବଂ କାଦୁଆ ମୃତ୍ତିକାକୁ ଚାଷ କରିବାରେ ସହାୟକ ହୋଇଥିଲା । କୃଷି ଜମିକୁ ଦୁଇଭାଗରେ ବିଭକ୍ତ କରାଯାଇଥିଲା । ଯଥା – ଅନାବାଦୀ ଓ ଚାଷଜମି । ପରବର୍ତ୍ତୀ ସମୟରେ ଏହାକୁ ଏକ ତିନି ଶ୍ରେଣୀୟ ପ୍ରଣାଳୀ ଦ୍ୱାରା ପରିବର୍ତ୍ତିତ କରାଯାଇଥିଲା । ଯେଉଁଥିରେ ଏକ ତୃତୀୟାଂଶ ଜମିକୁ ଅନାବାଦୀ ଛଡ଼ା ଯାଉଥିଲା, ଏକ ତୃତୀୟାଂଶ ଶାରଦୀୟ ଫସଲ ପାଇଁ ଏବଂ ଅନ୍ୟ ଏକ ତୃତୀୟାଂଶ ବସନ୍ତ ଋତୁର ଫସଲ ପାଇଁ ବ୍ୟବହୃତ ହେଉଥିଲା । ଏହି ପ୍ରଣାଳୀ ଅବଲମ୍ବନ ଦ୍ୱାରା ଚାଷ ଜମିର ପରିମାଣ ଯଥେଷ୍ଟ ବୃଦ୍ଧି ପାଇଲା । ନୂତନ ଲଙ୍ଗଳ, ତିନି ପ୍ରଣାଳୀର ଚାଷ ଏବଂ ନୂତନ କୃଷି ଭିତ୍ତିକ ଜ୍ଞାନ କୌଶଳ କୃଷି ଉତ୍ପାଦନକୁ ବହୁ ପରିମାଣରେ ବୃଦ୍ଧି କରିବାରେ ସହାୟକ ହୋଇଥିଲା ।

ଦଶମଠାରୁ ଦ୍ୱାଦଶ ଶତାବ୍ଦୀରେ, କୃଷି ଉତ୍ପାଦନ ସହ ବାଣିଜ୍ୟ ଓ ନାଗରିକ ଜୀବନରେ ବହୁ ପୁନରୁତ୍‌ଥାନ ଦେଖିବାକୁ ମିଳିଥିଲା । କ୍ଷୁଦ୍ର ଧରଣର ବାଣିଜ୍ୟ ଯଥା – ଆଞ୍ଚଳିକ ବଜାରରେ କୃଷକମାନଙ୍କ ଦ୍ୱାରା ଶସ୍ୟ ଏବଂ ଅଣ୍ଡା ବିକ୍ରୟଠାରୁ ଆରମ୍ଭ କରି ଦୂରଦୂରାନ୍ତ, ବାଣିଜ୍ୟ ଯଥା – ମଦ ଓ କାର୍ପାସ ବିକ୍ରୟ ପର୍ଯ୍ୟନ୍ତ ସମସ୍ତ ପ୍ରକାରର ବ୍ୟବସାୟ ସ୍ଥାନ ପାଇଥିଲା । ନୂତନ ପଥ ନିର୍ମାଣ ପରିବହନ ବ୍ୟବସ୍ଥାକୁ ଦୃଢ଼ୀଭୂତ କରିଥିଲା । ନଦୀ ଓ ସମୁଦ୍ର ପଥର ମଧ୍ୟ ବହୁଳ ବ୍ୟବହାର କରାଯାଉଥିଲା । ଏହି ବାଣିଜ୍ୟ ବ୍ୟବସାୟର ପୁନର୍ଜାଗରଣ ଦ୍ୱାରା ଏକ ନୂତନ ପରିଶୋଧନ ପ୍ରଣାଳୀର ଆବଶ୍ୟକତା ଦେଖାଦେଲା । ବସ୍ତୁ ବିନିମୟ ପ୍ରଣାଳୀ ଯଥେଷ୍ଟ ନଥିବାରୁ ଏହି ସମୟର ନୂତନ ମୁଦ୍ରା ବିନିମୟ ପ୍ରଣାଳୀର ଆରମ୍ଭ ହେଲା । ଏହାଦ୍ୱାରା କୃଷି ବାଣିଜ୍ୟ ବ୍ୟବସାୟର ସମୂହ ଉନ୍ନତି ଘଟିବା ସଙ୍ଗେ ସଙ୍ଗେ ସହରାଞ୍ଚଳଗୁଡ଼ିକର ଦ୍ରୁତ ଉନ୍ନତି ସମ୍ଭବ ହେଲା । ଫଳରେ ସହରରେ ବସ୍ତ୍ର ନିର୍ମାଣ ଭଳି ନୂତନ ଉଦ୍ୟୋଗମାନ ମୁଣ୍ଡ ଟେକିଲା । ବ୍ୟବସାୟିକ ସମିତିମାନ ଗଠନ କରାଗଲା । ଏହି ମଧ୍ୟଯୁଗୀୟ ସହର ଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଉନ୍ନତି ଓ ଭୂମିକା ପରିଶେଷରେ ସାମନ୍ତବାଦର ପତନରେ ସହାୟକ ହୋଇଥିଲା ।

ଦ୍ୱାଦଶ ଶତାବ୍ଦୀର ଶେଷ ଆଡ଼କୁ ଏହି ଅର୍ଥନୈତିକ ଅବିବୃଦ୍ଧିର ପ୍ରବୃତ୍ତି ତାହାର ଶିଖରରେ ପହଞ୍ଚି ପାରିଥିଲା । ତ୍ରୟୋଦଶ ଶତାବ୍ଦୀ ସୁଦ୍ଧା ସାମନ୍ତ ପ୍ରଥାରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଦେଖାଦେଲା ଯେତେବେଳେ କି ଉନ୍ନତି ମାର୍ଗରେ ଏକ ପ୍ରତ୍ୟାବର୍ତ୍ତନ ଘଟିଥିଲା । ଏହି ଅର୍ଥନୈତିକ ଅଭିବୃଦ୍ଧି ଏବଂ ବିକାଶ ଜନସଂଖ୍ୟା ବୃଦ୍ଧିର କାରଣ ହେଲା । ଏହାଦ୍ୱାରା ଜମିଦାରମାନେ ଅଧିକ ଶ୍ରମ ଯୋଗାଣ କରିବାରେ ସଫଳ ହେଲେ । ଫଳରେ ସେମାନେ ନିଜର ଭୂସମ୍ପତ୍ତିକୁ  ବଜାୟ ରଖିବାକୁ ଆବଶ୍ୟକ ମନେ ନକରି ସେଗୁଡ଼ିକୁ ଛୋଟ ଛୋଟ କ୍ଷେତ୍ରରେ ପରିଣତ କରି ଚାଷୀମାନଙ୍କୁ ଭଡ଼ା ଆକାରରେ ଦେଇଥିଲେ । ପୂର୍ବଭଳି ସେମାନଙ୍କର ବୃହତ୍ ଚାଷ ଜମିଗୁଡ଼ିକରେ ବ୍ୟବହୃତ ଯନ୍ତ୍ରପାତିର ଆବଶ୍ୟକତା କମିବାକୁ ଲାଗିଲା ଏବଂ ବିପୁଳ ଶ୍ରମର ଲଭ୍ୟତା ଯୋଗୁଁ ଶ୍ରମ ସାପେକ୍ଷ ଯନ୍ତ୍ରମାନଙ୍କର ଚାହିଦା କମିବାକୁ ଲାଗିଲା । ଏଥି ସହିତ ବୃହତ୍ ଜମିଦାରଗୁଡ଼ିକ ସତ୍ତା ହରାଇଲେ ଏବଂ କୃଷକମାନଙ୍କଠାରୁ ଶ୍ରମଦାନର ଅବଶ୍ୟକତା ମଧ୍ୟ କମିଗଲା । ଜମିଦାରମାନେ ଶ୍ରମ ବଦଳରେ ଭଡ଼ା, ଧାନ ବା ବସ୍ତୁ ଆକାରରେ ଦାବୀ କଲେ । ଏହି ପ୍ରକାର ବ୍ୟବସ୍ଥାର ପ୍ରଚଳନ ଏକ ମୁଦ୍ରା ଅର୍ଥନୀତି, ବାଣିଜ୍ୟ ଏବଂ ପୌର କେନ୍ଦ୍ର ବୃଦ୍ଧିକୁ ଉତ୍ସାହିତ କଲା । ଅନ୍ୟାନ୍ୟ କାରଣମାନଙ୍କ ସହ କୃଷିଭିତ୍ତିକ ଶ୍ରମିକ ଶ୍ରେଣୀର ହ୍ରାସ ଏବଂ କୃଷି ପ୍ରାଦ୍ୟୋଗିକରଣରେ ସ୍ଥିରତା କୃଷି ଉତ୍ପାଦନକୁ ବହୁ ପରିମାଣରେ ହ୍ରାସ କରିଥିଲା । ଖାଦ୍ୟାଭାବ, ମରୁଡ଼ି ଏବଂ ମହାମାରୀ କ୍ରମଶଃ ଦେଖାଦେଲା । ଏହିସବୁ ଘଟଣାମାନଙ୍କ ପରିପ୍ରକାଶରେ ଅର୍ଥନୈତିକ ଅବସ୍ଥାର ସମୂହ ଅବନତି ଘଟିଲା । ତଥାପି ଦଶମ ଶତାବ୍ଦର ପୂର୍ବାପେକ୍ଷା ଇଉରୋପୀୟ ସମାଜ ଏହି ସଂକାଟାପନ୍ନ ଅବସ୍ଥାରୁ ମୁକ୍ତି ପାଇବାକୁ ସକ୍ଷମ ହୋଇଥିଲା ଏବଂ ୧୪୫୦ ଖ୍ରୀଷ୍ଟାବ୍ଦ ସୁଦ୍ଧା ଅର୍ଥନୀତିର ପୁନରୁତ୍‌ଥାନ ପ୍ରକ୍ରିୟା ଆରମ୍ଭ ହୋଇଥିଲା ।

**? ତୁମେ ଜାଣ କି**

ସାମନ୍ତଙ୍କ ସମସ୍ତ ଭୂସମ୍ପତ୍ତିର ଯେଉଁ ଅଂଶ ତାଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଥିଲା ତାହାକୁ Demesne କୁହାଯାଉଥିଲା । ମଧ୍ୟଯୁଗୀୟ ଇଉରୋପର ଅଧିବାସୀମାନଙ୍କର ଅବସ୍ଥା ସଂପର୍କରେ ଆମେ କିଛି ଧାରଣା ପାଇଲେ । ଆମେମାନେ ମଧ୍ୟ ଦୀର୍ଘ କେତେ ଶତାବ୍ଦୀଧରି ସେମାନଙ୍କ ଅବସ୍ଥାରେ ଆସିଥିବା ବିଭିନ୍ନ ପରିବର୍ତ୍ତନଗୁଡ଼ିକୁ ଚିହ୍ନିବା ପାଇଁ ସମର୍ଥ ହୋଇଛେ । ବର୍ତ୍ତମାନ ଆସ ଦେଖିବା ସେମାନଙ୍କର ଏହି ଭୌତିକ ପରିବର୍ତ୍ତନ ସମାଜ ଓ ସଂସ୍କୃତିକୁ କିଭଳି ଭାବରେ ପ୍ରଭାବିତ କରିଥିଲା ।

ଦଶମ ଶତାବ୍ଦୀର ପୂର୍ବରୁ ଥିବା ନିମ୍ନମାନର ଅର୍ଥନୈତିକ ଜୀବନ ପ୍ରଣାଳୀକୁ ଦୃଷ୍ଟିପାତ କଲେ ସେ ସମୟର ଶିକ୍ଷା ଓ କଳା କ୍ଷେତ୍ରର ଅନୁନ୍ନତ ଅବସ୍ଥା ଆମକୁ ଆଶ୍ଚର୍ଯ୍ୟାନ୍ୱିତ କରିବ ନାହିଁ । ସେ ସମୟରେ ଶିକ୍ଷା କେତେକ ବିଶିଷ୍ଟ ବର୍ଗ ମଧ୍ୟରେ ସୀମିତ ଥିଲା । ସାଧାରଣ ଲୋକେ କୌଣସି ଅନୁଷ୍ଠାନିକ ଶିକ୍ଷା ପାଇପାରୁ ନଥିଲେ । ଏପରିକି ସମ୍ଭ୍ରାନ୍ତ ଶ୍ରେଣୀର ଅଧିକାଂଶ ବ୍ୟକ୍ତି ମଧ୍ୟ ଅଶିକ୍ଷିତ ଥିଲେ । କେବଳ ଧର୍ମଯାଜକ ଗୋଷ୍ଠୀର ସଦସ୍ୟମାନେ ଶିକ୍ଷାଲାଭ କରୁଥିଲେ । ସେତେବେଳେ ଲାଟିନ୍ ଭାଷାରେ ଶିକ୍ଷା ପ୍ରଦାନ କରାଯାଉଥିଲା ଯାହା କେବଳ ଧର୍ମଯାଜକ ଗୋଷ୍ଠୀଙ୍କୁ ଜଣାଥିଲା । ତଥାପି ଏହି ସୀମିତ ଶିକ୍ଷା ପ୍ରଣାଳୀ ଅତ୍ୟନ୍ତ ସଂକୀର୍ଣ୍ଣ ଥିଲା । ଏହା ଯୁକ୍ତି କିମ୍ବା ତର୍କ ଉପରେ ଆଧାରିତ ନହୋଇ କେବଳ ସ୍ମରଣ ଶକ୍ତି ଉପରେ ଆଧାରିତ ଥିଲା । ଏହା ସମ୍ପୂର୍ଣ୍ଣ ଅନ୍ଧ ବିଶ୍ୱାସ ଉପରେ ନିର୍ଭରଶୀଳ ଥିଲା । ଏହିଭଳି ପରିସ୍ଥିତିରେ ବିଜ୍ଞାନର ଉନ୍ନତି ସାଧନ ନହେବା ନିତାନ୍ତ ସ୍ୱାଭାବିକ୍ । ଏହାର ପୁନରୁଦ୍ଧାର ପାଇଁ କିଛି ପଦକ୍ଷେପ ନିଆଯାଇଥିଲା । କିନ୍ତୁ ଏହା କୌଣସି ନୂତନ ବୌଦ୍ଧିକ ସୃଷ୍ଟିରେସହାୟକ ହୋଇ ନଥିଲା । କିନ୍ତୁ ଧର୍ମଯାଜକ ଶ୍ରେଣୀ ଏବଂ ଆଶ୍ରମମାନଙ୍କର ଶିକ୍ଷିତ ସଦସ୍ୟମାନେ ରୋମ ସାହିତ୍ୟର କେତେକ ମୁଖ୍ୟ କୃତିକୁ ପୂନର୍ବାର ନକଲ କରି ସଂରକ୍ଷଣ କରିବାକୁ ଚେଷ୍ଟା କରିଥିଲେ । ଏହି ଚେଷ୍ଟା ଅନ୍ତତଃ ଏକାଦଶ ଏବଂ ଦ୍ୱାଦଶ ଶତାବ୍ଦୀରେ ଶିକ୍ଷାର ପୁନରୁଦ୍ଧାର ପାଇଁ ଏକ ମୂଳଭିତ୍ତି ପ୍ରତିଷ୍ଠିତ ହେଲା ।

ସାକ୍ଷରତାର ଅଭାବ ଯୋଗୁଁ ସେହି ଯୁଗରେ ସାହିତ୍ୟ କ୍ଷେତ୍ରରେ ବିଶେଷ ଉନ୍ନତି ହୋଇପାରି ନଥିଲା । କଳା କ୍ଷେତ୍ରରେ ମଧ୍ୟ ସେହି ପ୍ରକାର ପରିସ୍ଥିତି ଦେଖାଦେଇଥିଲା । ତଥାପି ଏହି କ୍ଷେତ୍ରରେ ଏକ ଅନନ୍ୟ ଶୈଳୀର ବିକାଶ ଘଟିଥିଲା । ତାହାଥିଲା ପାଣ୍ଡୁଲିପି ବ୍ୟାଖ୍ୟାନ । ମୋଟ ଉପରେ କୁହାଯାଇପାରେ ଯେ, ଏହି ଯୁଗରେ ସମଗ୍ର ଇଉରୋପରେ ବିଶିଷ୍ଟ ବର୍ଗଙ୍କ ବ୍ୟତୀତ ଅନ୍ୟମାନେ ଅନାହାରରେ କାଳାତିପାତ କରୁଥିଲେ । ତେଣୁ ସାଂସ୍କୃତିକ ଉପଲବ୍ଧି ଥିଲା ବିରଳ ଏବଂ ନ୍ୟୁନତମ । ଇଉରୋପୀୟ ସଭ୍ୟତା ଏହି ସମୟରେ ବାଇଜାଣ୍ଟାଇନ ଏବଂ ଇସ୍‌ଲାମ ଭଳି ଅନ୍ୟ ସମସାମୟିକ ସଭ୍ୟତାମାନଙ୍କଠାରୁ ଯଥେଷ୍ଟ ଅନୁନ୍ନତ ଥିଲା । ଦଶମ ଶତାବ୍ଦୀର ଜଣେ ଆରବୀୟ ଭୌଗୋଳିକ ସେ ସମୟର ଇଉରୋପୀୟମାନଙ୍କ ସମ୍ବନ୍ଧରେ ବର୍ଣ୍ଣନା କରିବାକୁ ଯାଇ କହିଥିଲେ ଯେ, ସେଠାକାର ଲୋକମାନେ ଥିଲେ ଅସଦାଚାରୀ, କଟୁତାପୂର୍ଣ୍ଣ ଏବଂ ସ୍ଥୂଳବୁଦ୍ଧି ସମ୍ପର୍ଣ୍ଣ । ଦଶମ ଶତାବ୍ଦୀ ପର ସମୟର ଉନ୍ନତି ଏବଂ ଆପାତତଃ ଶାନ୍ତି ସେ ସମୟର ସାଂସ୍କୃତିକ ଜୀବନରେ ଏକ ପରିବର୍ତ୍ତନ ଆଣିଥିଲା । ଏହି ସମୟରେ ପ୍ରାଥମିକ ଶିକ୍ଷା ଏବଂ ସାକ୍ଷରତା ଯଥା ବିଶ୍ୱବିଦ୍ୟାଳୟମାନଙ୍କର ସ୍ଥାପନ ଏବଂ ପ୍ରସାର ଘଟିଥିଲା । ରୋମ, ଗ୍ରୀସ ଏବଂ ଆରବ ସଭ୍ୟତାମାନଙ୍କର ଉତ୍କୃଷ୍ଟ ଏବଂ ଉଚ୍ଚକୋଟୀର ଜ୍ଞାନ ସଂଗ୍ରହ କରିବା ପାଇଁ ଉଦ୍ୟମ କରାଗଲା । ଏହି ଯୁଗ ଇଉରୋପରେ ଜ୍ଞାନ ଓ ବିଚାରଧାରାର ପ୍ରଗତି ଦେଖିଥିଲା । ଏହା ଆଧୁନିକ ଯୁଗର ବୌଦ୍ଧିକ ବିକାଶ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଥିଲା ।

## ପାଠଗତ ପ୍ରଶ୍ନାବଳୀ ୨.୧

୧. ସାମନ୍ତ ଓ ଉପସାମନ୍ତଙ୍କ ମଧ୍ୟରେ ହୋଇଥିବା ଚୁକ୍ତିକୁ ୩୦ଟି ଶବ୍ଦରେ ଲେଖ ।

୨. କେଉଁମାନେ ଭୂମି ଦାସ ଥିଲେ ?

୩. ନିମ୍ନଲିଖିତ ବାକ୍ୟରେ ସତ୍ୟତା ପ୍ରତିପାଦନ କର ।

(କ) ''ଦଶମ ଠାରୁ ଦ୍ୱାଦଶ ଶତାବ୍ଦୀ ମଧ୍ୟ ବାଣିଜ୍ୟ ଓ ସହର ଜୀବନ କ୍ଷେତ୍ରରେ ବିରାଟ ଅଭିବୃଦ୍ଧି ସମ୍ଭବ ହୋଇଥିଲା ।''

______________________________

(ଖ) ''ତ୍ରୟୋଦଶ ଶତାବ୍ଦୀ ପରଠାରୁ ସାମନ୍ତ ଯୁଗର ଅର୍ଥନୈତିକ ଅଭିବୃଦ୍ଧି ବିପରିତ ଥିଲା ।''

______________________________

(ଗ) ''ଦଶମ ଶତାବ୍ଦୀ ପୂର୍ବରୁ ଇଉରୋପର ସାଂସ୍କୃତି ଜୀବନ ଶିକ୍ଷା ପାଇଁ ସମୃଦ୍ଧ ଥିଲା ।''

______________________________

## ୨.୩ ମଧ୍ୟଯୁଗରେ ଆରବ ସଭ୍ୟତା

ମରୁଭୂମି ମଧ୍ୟରେ ଆରବ ଏକ ଉପଦ୍ୱୀପ । ଇସ୍‌ଲାମର ପ୍ରତିଷ୍ଠା ପୂର୍ବରୁ ଅଧିକାଂଶ ଆରବବାସୀ ବେଦୁଇନ୍ ଥିଲେ । ଯାହାର ଅର୍ଥ ଓଟ ଆରୋହଣକାରୀ ଯାଯାବର ଜାତି । ପଶୁପାଳନ ଓ ମରୁଦ୍ୟାନର ଖଜୁରୀ ଉତ୍ପାଦନ ସେଠାରେ ମୁଖ୍ୟ ଜୀବିକା ଥିଲା । ଶିଳ୍ପ ଉତ୍ପାଦନ କମ ଥିଲା । ବାଣିଜ୍ୟ ବ୍ୟବସାୟ ମନ୍ଥର ଏବଂ ସହରୀକରଣ ଅତ୍ୟନ୍ତ ସୀମିତ ଥିଲା ।

ଷଷ୍ଠ ଶତାବ୍ଦୀର ଦ୍ୱିତୀୟ ଭାଗରେ ଦୂରଦୂରାନ୍ତ ବାଣିଜ୍ୟ ପଥଗୁଡ଼ିକ ନିମିତ୍ତ ଅର୍ଥନୀତିରେ ଦ୍ରୁତତା ଆସିଥିଲା । ସେ ସମୟରେ ଆରବର ଦୁଇଟି ପ୍ରତିପତ୍ତିଶାଳୀ ପଡ଼ୋଶୀ ସାମ୍ରାଜ୍ୟ ରୋମ ଏବଂ ପର୍ସିଆ ମଧ୍ୟରେ କଳହ ଲାଗିରହିଥିଲା । ଏହି ଯୁଦ୍ଧ କାରଣରୁ ଆରବ, ବଣିକମାନଙ୍କର ଏସିଆ ଓ ଆଫ୍ରିକା ମଧ୍ୟରେ ଗମନାଗମନ ପାଇଁ ଏକ ନିରାପଦ ପଥ ପାଲଟି ଥିଲା । ଏହା ନୂତନ ସହରର ନିର୍ମାଣକୁ ଉତ୍ସାହିତ କରିବା ସହିତ ବାଣିଜ୍ୟପଥର ସୁବିଧା ବଢ଼ାଉଥିଲା । ସବୁଠାରୁ ମୁଖ୍ୟ ଥିଲା ମକ୍କା ସହର ଯାହା ବିଭିନ୍ନ ବାଣିଜ୍ୟ ପଥର ସଂଗମ ସ୍ଥଳରେ ଅବସ୍ଥିତ ଥିଲା । ଏକ ତୀର୍ଥସ୍ଥଳୀ କାବାର ଉପସ୍ଥିତି ନିମିତ୍ତ ମକ୍କା ଧର୍ମ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ । ଏହି କାବା ସେହି ସମୟରେ ବିଭିନ୍ନ ଆରବ ଗୋଷ୍ଠୀ ଏବଂ ଜାତିର ଲୋକମାନଙ୍କର ଉପାସନାସ୍ଥଳୀର କେନ୍ଦ୍ରରୂପେ ବିବେଚିତ ହେଉଥିଲା । କୁରେଶ ଜାତି, ମକ୍କାର ଆର୍ଥିକ ଜୀବନରେ ଏକ ପ୍ରଧାନ ଭୂମିକା ଗ୍ରହଣ କରିଥିଲା । ସେମାନେ ମକ୍କା ପବିତ୍ର ସ୍ଥଳୀର ନିୟନ୍ତ୍ରଣ ମଧ୍ୟ କରୁଥିଲେ । ଇସ୍‌ଲାମ ଧର୍ମର ପ୍ରତିଷ୍ଠାତା ମହମ୍ମଦ ମକ୍କାରେ ଏହି କୁରେଶ ଜାତିରେ ୫୭୦ ଖ୍ରୀଷ୍ଟାବ୍ଦରେ ଜନ୍ମଗ୍ରହଣ କରିଥିଲେ । ମହମ୍ମଦ, ପିଲାଦିନେ ଅନାଥ ଥିବାରୁ, ସେ ତାଙ୍କର ଦାଦାଙ୍କ ଦ୍ୱାରା ପ୍ରତିପାଳିତ ହେଉଥିଲେ । ସେ ଏକ ବିଧବା, ଖାଜିଜାଙ୍କ ସେବାରେ ନିଯୁକ୍ତ ହୋଇ ଏକ ସଫଳ ବଣିକ ହୋଇପାରିଥିଲେ ଏବଂ ସେ ସେହି

ମହିଳାଙ୍କୁ ପରେ ବିବାହ କରିଥିଲେ । ପ୍ରାୟ ୬୧୦ ଖ୍ରୀଷ୍ଟାବ୍ଦ ବେଳକୁ ସେ ଏକ ଧାର୍ମିକ ଚେତନା ଅନୁଭବ କରିଥିଲେ । ସେତେବେଳେ ସେ ମଧ୍ୟ ଏକ ବାଣୀ ଶୁଣି ପାରିଥିଲେ, ଯାହା ତାଙ୍କୁ କହିଲା ଆଲ୍ଲାଙ୍କ ବ୍ୟତୀତ ଆଉ କେହି ଭଗବାନ ନାହାନ୍ତି । ସେ ପର୍ଯ୍ୟନ୍ତ ଆଲ୍ଲାଙ୍କୁ ଆରବମାନଙ୍କ ଦ୍ୱାରା ପୂଜିତ ଅନ୍ୟାନ୍ୟ ଦେବତାଙ୍କ ମଧ୍ୟରେ ଏକ ଶକ୍ତିଶାଳୀ ଓ ବୃହତ୍ତର ସତ୍ତା ବୋଲି ବିଶ୍ୱାସ କରାଯାଉଥିଲା । ମହମ୍ମଦଙ୍କ ଐଶ୍ୱରୀକ ଅନୁଭୂତି ନିମିତ୍ତ ଏହି ବହୁଦେବ ବାଦ ଓ ବହୁଦେବ ବିଶ୍ୱାସ ଏକେଶ୍ୱର ବାଦରେ ପରିବର୍ତ୍ତିତ ହେଲା । ତାହାପରେ ମହମ୍ମଦ ଅନେକ ଦୈବ୍ୟବାଣୀ ଗ୍ରହଣ କଲେ ଯେଉଁଗୁଡ଼ିକ ତାଙ୍କ ଦ୍ୱାରା ଏକ ନୂତନ ଧର୍ମ ସ୍ଥାପନ ନିମିତ୍ତ ମୂଳ ତତ୍ତ୍ୱ ହୋଇଥିଲା । ଏହି ନୂତନ ଧର୍ମଟି ଇସ୍‌ଲାମ ଧର୍ମ ବୋଲି ଗ୍ରହଣ କରାଗଲା ଏବଂ ମହମ୍ମଦଙ୍କୁ ଏହାର ପ୍ରବର୍ତ୍ତକ ବା ଧର୍ମଦୂତ ବୋଲି ଅଭିହିତ କରାଗଲା । ପ୍ରଥମେ ଅଳ୍ପ କେତେକ ଏବଂ ତାଙ୍କ ପତ୍ନୀଙ୍କ ବ୍ୟତୀତ ସେ କୁରେଶମାନଙ୍କୁ ଇସ୍‌ଲାମ ଧର୍ମରେ ଦୀକ୍ଷିତ କରିବାକୁ ଅସଫଳ ହେଲେ ।

ଇତି ମଧ୍ୟରେ ଉତ୍ତରରେ ଅବସ୍ଥିତ ସହର ପାର୍ଥିବର ପ୍ରତିନିଧିମାନେ ସେମାନଙ୍କ ଆଞ୍ଚଳିକ ଦ୍ୱନ୍ଦର ସମାଧାନ କରିବା ପାଇଁ ମହମ୍ମଦଙ୍କୁ ନିମନ୍ତ୍ରଣ କଲେ । ମହମ୍ମଦ ୬୨୨ ଖ୍ରୀଷ୍ଟାବ୍ଦରେ ତାଙ୍କର ସହଚରମାନଙ୍କ ସହ ସେହି ସହରକୁ ଯାତ୍ରା କରିଥିଲେ । ଏହାପରେ ସେ କ୍ରମାଗତ ଭାବରେ ଅନେକ ସଫଳତା ହାସଲ କଲେ ଏବଂ ତାଙ୍କର ପ୍ରଥମ ଯାତ୍ରା ବର୍ଷକୁ ଆରବ ଭାଷାରେ 'ହିଜ୍‌ରୀ' ନାମରେ ନାମିତ କରାଗଲା ଏବଂ ଇସ୍‌ଲାମ ପଞ୍ଜିକାର ଆରମ୍ଭ ହେଲା । ମହମ୍ମଦ ସେହି ସହରର ଶାସକ ରୂପେ ନିଜକୁ ଅବସ୍ଥାପିତ କଲେ ଏବଂ ଏହାକୁ 'ମଦିନା' ନାମରେ ନାମିତ କଲେ । ସେହି ସମୟରୁ ସେ ତାଙ୍କର ଅନୁଚରମାନଙ୍କୁ ସଂଗଠନ କରି ଏକ ରାଜନୈତିକ ତଥା ଧାର୍ମିକ ସଂପ୍ରଦାୟ ଗଠନ କରିଥିଲେ । ତାପରେ ମକ୍‌କାରେ ତାଙ୍କ ଧର୍ମ ପ୍ରସାର କରିବା ପାଇଁ ସେ ଓ ତାଙ୍କର ଅନୁଗାମୀମାନେ କୁରେଶ ବଣିକ ଯାତ୍ରୀ ଦଳମାନଙ୍କ ଉପରେ ଚଢ଼ାଉ କଲେ । ମହମ୍ମଦ ୬୩୦ ଖ୍ରୀଷ୍ଟାବ୍ଦରେ କୁର୍ଯ୍ୟାସମାନଙ୍କୁ ପରାଜିତ କରି ମକ୍‌କାରେ ପ୍ରବେଶ କରିଥିଲେ । କୁରେଶମାନେ ସେହି ଧର୍ମକୁ ସମର୍ପଣ କଲେ ଏବଂ ତା ପରଠାରୁ କାବା ଇସ୍‌ଲାମର ମୁଖ୍ୟ ପବିତ୍ରସ୍ଥଳୀ ରୂପେ ପରିଗଣିତ ହେଲା । ମକ୍‌କାର ପରାଜୟ ପରେ ସମଗ୍ର ଆରବବାସୀ ସେହି ନୂତନ ଧର୍ମକୁ ଗ୍ରହଣ କଲେ ।

ଇସ୍‌ଲାମର ସିଦ୍ଧାନ୍ତଗୁଡ଼ିକ ଅତ୍ୟନ୍ତ ସରଳ । ଇସ୍‌ଲାମ ଶବ୍ଦର ଅର୍ଥ ସମର୍ପଣ ଏବଂ ଧର୍ମ ପ୍ରତି ଆନୁଗତ୍ୟ ଅର୍ଥାତ୍ ଭଗବାନ ନିକଟରେ ସମ୍ପୂର୍ଣ୍ଣ ସମର୍ପଣ । ଏହି ଧର୍ମର ଅନୁସରଣକାରୀମାନଙ୍କୁ ମୁସଲମାନ କୁହାଯାଏ । ଇସ୍‌ଲାମ ଧର୍ମ ମତରେ ଭଗବାନ ଏକ । ମୁସଲମାନମାନେ ମହମ୍ମଦଙ୍କୁ ଅନ୍ତିମ ଧର୍ମଦୂତ ଭାବେ ବିଶ୍ୱାସ କରନ୍ତି । ସେମାନେ ମଧ୍ୟ ଇହୁଦୀ ଏବଂ ଖ୍ରୀଷ୍ଟିଆନମାନଙ୍କର ପ୍ରବର୍ତ୍ତକମାନଙ୍କୁ ସ୍ୱୀକୃତି ଦେଇଥାନ୍ତି । ମୁସଲମାନମାନେ ଈଶ୍ୱରଙ୍କର ଅନ୍ତିମ ବିଚାର ଦିନ ଉପରେ ବିଶ୍ୱାସ କରିଥାନ୍ତି ଯେତେବେଳେ ସାଧୁ ଏବଂ ଧାର୍ମିକମାନଙ୍କୁ ସ୍ୱର୍ଗରେ ନିରନ୍ତର ଜୀବନ ପ୍ରଦାନ କରାଯିବ ଏବଂ ପାପୀମାନଙ୍କୁ ନିରନ୍ତର ଯନ୍ତ୍ରଣା ଏବଂ ନର୍କବାସ ପ୍ରଦାନ କରାଯିବ । ଏକ ଧାର୍ମିକ ଜୀବନଯାପନ ପାଇଁ ଜଣେ ବ୍ୟକ୍ତିଙ୍କୁ କୋରାନ୍‌ରେ ବର୍ଣ୍ଣିତ ବ୍ୟବହାର ମୂଳକ ପଦକ୍ଷେପ ଗ୍ରହଣ କରିବାକୁ ହେବ । କୋରାନ୍ ହେଉଛି ମୁସଲମାନମାନଙ୍କ ଧର୍ମଗ୍ରନ୍ଥ । ଏହା ମହମ୍ମଦଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ଦୈବୀ ବାଣୀଗୁଡ଼ିକର ଏକ ସଂଗ୍ରହ ବୋଲି ବିଶ୍ୱାସ କରାଯାଏ । ସେହି ପଦକ୍ଷେପଗୁଡ଼ିକ ହେଲା ନୈତିକତା ଓ ଦୟାପୂର୍ଣ୍ଣ ଜୀବନକୁ ସମର୍ପଣ ଏବଂ ପ୍ରାର୍ଥନା, ଏକ ନିର୍ଦ୍ଦିଷ୍ଟ ସମୟରେ ଉପବାସ, ମକ୍‌କାକୁ ତୀର୍ଥଯାତ୍ରା ଏବଂ କୋରାନ୍‌ର ବାରମ୍ବାର ଆବୃତ୍ତି ଭଳି ଏକ ଧାର୍ମିକ ନିୟମାବଳୀକୁ ମାନ୍ୟତା ଦେବା । କୋରାନ୍ 'ସୁନ୍‌ନା' ବା ଧର୍ମଦୂତଙ୍କର ବ୍ୟବହାରିକ ଆଚରଣ ଏବଂ 'ହଦିସ୍' ବା ଧର୍ମଦୂତଙ୍କର ବାଣୀ ମଧ୍ୟ ମୁସଲମାନମାନଙ୍କ ପାଇଁ ଆପେକ୍ଷିକ ବ୍ୟବହାର ସୂତ୍ରମାନ ପ୍ରସ୍ତୁତ କରିଛି । ଇସ୍‌ଲାମ ଧର୍ମାନୁସାରେ ଭକ୍ତ ଓ ଭାଗବାନଙ୍କ ମଧ୍ୟରେ ମଧ୍ୟସ୍ଥ କେହି ନାହାଁନ୍ତି । ଧର୍ମଯାଜକମାନଙ୍କ ବ୍ୟତୀତ କେବଳ ଧର୍ମ ପଣ୍ଡିତମାନଙ୍କର ଧର୍ମ ଓ ଧର୍ମ ସମ୍ବନ୍ଧୀୟ ନିୟମାବଳୀ ଉପରେ ମନ୍ତବ୍ୟ ଦେବାର କ୍ଷମତା





ରହିଛି । ଇସ୍‌ଲାମ ମଧ୍ୟ ସମସ୍ତେ ଏକ ବୋଲି ବିଶ୍ୱାସ କରେ । ଧର୍ମବିଶ୍ୱାସ ଏବଂ ପଦ୍ଧତିରେ ଇସ୍‌ଲାମର ଇହୁଦୀ ଓ ଖ୍ରୀଷ୍ଟଧର୍ମ ସହ ଅନେକ ସାମଞ୍ଜସ୍ୟ ରହିଛି ।

## ୨.୩.୧ ସମାଜ ଓ ସଂସ୍କୃତି

ଆରବର ଦର୍ଶନ ଶାସ୍ତ୍ର ପ୍ରାଚୀନ ଗ୍ରୀକ୍ ଚିନ୍ତାଧାରା ଉପରେ ଆଧାରିତ । ଗ୍ରୀକ୍ ଦର୍ଶନ ଶାସ୍ତ୍ର ଯୌକ୍ତିକତା ଉପରେ ବିଶ୍ୱାସ କରୁଥିବା ଦାର୍ଶନିକମାନଙ୍କ ଦ୍ୱାରା ଲେଖାଯାଇଥିଲା । ଏହି ଦାର୍ଶନିକମାନେ ସେମାନଙ୍କର ଦାର୍ଶନିକ ଅନୁମାନ ବ୍ୟତୀତ ପ୍ରାକୃତିକ ବିଜ୍ଞାନ ଅଧ୍ୟୟନରେ ମଧ୍ୟ ପାରଙ୍ଗମ ଥିଲେ । ସେମାନେ ଜ୍ୟୋତିଷଶାସ୍ତ୍ର ଏବଂ ଚିକିତ୍ସାର ମଧ୍ୟ ବ୍ୟବହାର କରୁଥିଲେ । ସେମାନଙ୍କର ଜ୍ୟୋତିଷବିଦ୍ୟା ସଠିକ୍ ଗ୍ରହ ନକ୍ଷତ୍ର ପର୍ଯ୍ୟବେକ୍ଷଣ ଉପରେ ଆଧାରିତ ଥିଲା । ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ସେମାନେ କେବଳ ଗ୍ରୀକ୍‌ମାନଙ୍କର ଲିଖିତ ଚିକିତ୍ସା ପ୍ରଣାଳୀର ଗଭୀର ଅଧ୍ୟୟନ କରିଥିଲେ ତା ନୁହେଁ ବରଂ ତା'ଠାରୁ ଅଧିକ ଗବେଷଣାମାନ ମଧ୍ୟ କରିଥିଲେ । ଇବନ ସିନା, ଯିଏ ପଶ୍ଚିମରେ ଆଭିସିଏନା ନାମରେ ପରିଚିତ ଯକ୍ଷ୍ମାରୋଗର ସଂକ୍ରମଣତାର ପ୍ରବୃତ୍ତି ଏବଂ ବିଭିନ୍ନ ପ୍ରକାରର ସ୍ନାୟୁରୋଗ ଆଦିର ଉଦ୍ଭାବନ କରିଥିଲେ । ଆଲ ରାଜି, ଯିଏ ପଶ୍ଚିମରେ ରାଃଜେଶ ନାମରେ ପରିଚିତ, ମଧ୍ୟଯୁଗୀୟ ଚିକିତ୍ସକମାନଙ୍କ ମଧ୍ୟରେ ଅନ୍ୟତମ ଥିଲେ ଏବଂ ବସନ୍ତ ଓ ମିଳିମିଳା ମଧ୍ୟରେ ଥିବା ପାର୍ଥକ୍ୟ ଉନ୍ମୋଚନ କରିଥିଲେ । ଅନ୍ୟ ଆରବ ଦେଶର ଚିକିତ୍ସକମାନେ ମଧ୍ୟ ପାକସ୍ଥଳୀ କର୍କଟ ରୋଗର ଲକ୍ଷଣ ନିରୁପଣ କରିଥିଲେ ଏବଂ ବିଷର ପ୍ରତିଷେଧକ ମଧ୍ୟ ବର୍ଣ୍ଣନା କରିଥିଲେ । ଅନ୍ୟଏକ କୌତୁହଳପୂର୍ଣ୍ଣ ଲକ୍ଷଣ ହେଉଛି ଆରବ ଲୋକେ ସୁବ୍ୟବସ୍ଥିତ ଚିକିତ୍ସାଳୟ ଗଠନ କରିବାରେ ଅନ୍ୟାନ୍ୟ ମଧ୍ୟଯୁଗୀୟ ସଂସ୍କୃତିମାନଙ୍କ ଠାରୁ ଶ୍ରେଷ୍ଠତା ଲାଭ କରିଥିଲେ । ସେଠାରେ ପ୍ରାୟ ୩୪ଟି ବୃହତ୍ ଚିକିତ୍ସାଳୟ ପାରସ୍ୟ, ସିରିଆ, ଇଜିପ୍ଟ ଆଦି ମୁଖ୍ୟ ସହର ଗୁଡ଼ିକରେ ଅବସ୍ଥିତ ଥିବା ଅନୁମାନ କରାଯାଏ, ଯେଉଁଗୁଡ଼ିକ ଅତ୍ୟନ୍ତ ଆଧୁନିକ ପ୍ରଣାଳୀରେ ଚିକିତ୍ସା କରୁଥିଲେ ।

ଆରବମାନେ ମଧ୍ୟ ଦୃଷ୍ଟି ବିଜ୍ଞାନ, ରସାୟନ ଶାସ୍ତ୍ର, ଗଣିତ ଶାସ୍ତ୍ର ଆଦି କ୍ଷେତ୍ରରେ ମଧ୍ୟ ଦକ୍ଷତା ହାସଲ କରିଥିଲେ । ପଦାର୍ଥ ବିଜ୍ଞାନବିତ୍‌ମାନେ ଦୃଷ୍ଟି ବିଜ୍ଞାନ ଅନ୍ୱେଷଣ କରି ଆଲୋକର ବେଗ, ପ୍ରେରଣ ଦିଗ ପରିବର୍ତ୍ତନ ସମ୍ବନ୍ଧୀୟ ଅନେକ ସିଦ୍ଧାନ୍ତ ନିରୁପଣ କରିଥିଲେ । ରସାୟନ ଶାସ୍ତ୍ରରେ ସେମାନେ ଅଙ୍ଗାରକାମ୍ଳଯୁକ୍ତ ସୋଡ଼ା, ଫିଟିକିରି, ଯବକ୍ଷାରଜାନ ସୋଡ଼ା, ଯବକ୍ଷାରଜାନ ଅମ୍ଳ ଇତ୍ୟାଦୀ ଉପାଦାନ ଏବଂ ମିଶ୍ର ଉପାଦାନମାନ ଉଦ୍ଭାବନ କରିଥିଲେ । ପରିସ୍ରବଣ, ଶୋଧନ ଏବଂ ଉତ୍କର୍ଷତା ଆଦିର ରାସାୟନିକ ପ୍ରକ୍ରିୟା ବର୍ଣ୍ଣନା କରିବାରେ ଆରବୀୟମାନେ ପ୍ରଥମ ଥିଲେ । ଗଣିତ ଶାସ୍ତ୍ରରେ ଗ୍ରୀକ୍‌ମାନଙ୍କର ଜ୍ୟାମିତି ଏବଂ ଭାରତୀୟମାନଙ୍କ ସଂଖ୍ୟା ଗଣନା ପ୍ରଣାଳୀ ଏକତ୍ର କରିବା ଥିଲା ଆରବୀମାନଙ୍କ ମୁଖ୍ୟ ସଫଳତା । ଭାରତୀୟ ସଂଖ୍ୟା ପ୍ରଣାଳୀ ଆରବରେ ଏଭଳି ମାତ୍ରାରେ ପ୍ରସାରିତ ହୋଇଥିଲା ଯେ, ପଶ୍ଚିମସ୍ଥ ଦେଶମାନେ ସେମାନଙ୍କୁ 'ଆରବୀ ସଂଖ୍ୟା' ବୋଲି ନାମ ଦେଇଥିଲେ । ପ୍ରଚଳିତ

| | | | | | | | | | | |
|---|---|---|---|---|---|---|---|---|---|---|
| European | 0 | 1 | 2 | 3 | 4 | 5 | 6 | 7 | 8 | 9 |
| Arabic-Indic | ٠ | ١ | ٢ | ٣ | ٤ | ٥ | ٦ | ٧ | ٨ | ٩ |
| Eastern Arabic-Indic (Persian and Urdu) | ۰ | ۱ | ۲ | ۳ | ۴ | ۵ | ۶ | ۷ | ۸ | ۹ |
| Devanagari (Hindi) | ० | १ | २ | ३ | ४ | ५ | ६ | ७ | ८ | ९ |
| Tamil | | ௧ | ௨ | ௩ | ௪ | ௫ | ௬ | ௭ | ௮ | ௯ |

ଚିତ୍ର ୨.୨ ଗଣନା ପ୍ରଣାଳୀ

ଜ୍ଞାନମାନଙ୍କ ସମନ୍ୱୟରେ ଆରବୀୟମାନେ ପାଟୀଗଣିତ, ଜ୍ୟାମିତି ଏବଂ ତ୍ରିକୋଣମିତି ପ୍ରଭୃତି କ୍ଷେତ୍ରରେ ବିଶେଷ ପ୍ରଗତି ଲାଭ କରିଥିଲେ । ଆରବ ସଭ୍ୟତା ଏହାର ସାହିତ୍ୟ ବିଶେଷ ରକି କାବ୍ୟ କୃତି ପାଇଁ ପ୍ରସିଦ୍ଧ ।

ଓମାର ଖୟାମଙ୍କ 'ରୁବିୟାତ' କାବ୍ୟର ଏକ ଉଦାହରଣ ଯାହା ଆଜି ପର୍ଯ୍ୟନ୍ତ ମାନସପଟରେ ଜୀବିତ ରହିଛି । ଅନ୍ୟକ୍ଷେତ୍ରମାନଙ୍କ ଭଳି ଆରବ କଳା ପାରସ୍ୟ ବାଇଜାଣ୍ଟାଇନ୍ ଭଳି ଅନେକ ପ୍ରକାର କଳାଶୈଳୀ ସମିଶ୍ରଣର ଏକ ଉତ୍କୃଷ୍ଟ ନିଦର୍ଶନ । ସ୍ଥପତି ବିଦ୍ୟା ଆରବକଳା କ୍ଷେତ୍ରରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଥିଲା । ଆରବ ନିର୍ମାଣ କଳାର ଉଦାହରଣ ସ୍ୱରୂପ ମସ୍‌ଜିଦ୍, ପ୍ରାସାଦ, ମଦ୍ରାସା ପ୍ରଭୃତି ବିଦ୍ୟମାନ । ଗମ୍ବୁଜ, ଅର୍ଦ୍ଧଗୋଲାକୃତି ମିନାର ପ୍ରଭୃତି ଏହାର ମୁଖ୍ୟ ଲକ୍ଷଣ ଥିଲା ।

ସଂକ୍ଷେପରେ ଏହା କୁହାଯାଇପାରେ ଯେ, ଯେତେବେଳେ ପାଶ୍ଚାତ୍ୟ ଦେଶଗୁଡ଼ିକ, ଜ୍ଞାନ କୌଶଳ ଏବଂ କଳା ସ୍ଥାପତ୍ୟ କ୍ଷେତ୍ରରେ ପଛରେ ଥିଲା, ସେତେବେଳେ ଆରବ ସଭ୍ୟତା ଶୀର୍ଷ ସ୍ଥାନରେ ପହଞ୍ଚିପାରିଥିଲା । ବିଶାଳ ସାମ୍ରାଜ୍ୟର ସ୍ଥାପନ ଦ୍ୱାରା ଆରବୀୟମାନେ ବିଭିନ୍ନ ସଭ୍ୟତା ଏବଂ ବିବିଧ ସଂସ୍କୃତିମାନଙ୍କ ସଂସ୍ପର୍ଶରେ ଆସିଥିଲେ । ଏହା ଆରବ, ପାରସୀ, ତୁର୍କୀ, ଭାରତୀୟ ଓ ଆଫ୍ରିକୀୟ ଭଳି ବିଭିନ୍ନ ସଭ୍ୟତା ସହିତ ଭାବର ଆଦାନ ପ୍ରଦାନ ମଧ କରିପାରିଥିଲା । ଏହି ବିଭିନ୍ନ ଉପାଦାନମାନଙ୍କୁ ନେଇ ଏହା ଏକ ସୁନ୍ଦର ସମାଜ ନିର୍ମାଣ କରିଥିଲା ଏବଂ କେତେକ ମୌଳିକ ଉଦ୍ଭାବନ ଓ କୃତୀତ୍ୱକୁ ଉତ୍ତରାଧିକାରୀ ସ୍ୱରୂପ ଛାଡ଼ି ଯାଇଥିଲା ।

### ତୁମ ପାଇଁ କାର୍ଯ୍ୟ ୨.୨

ଭାରତରେ କିମ୍ବା ଭାରତ ବାହାରେ ଆରବ ସଭ୍ୟତାର କଳାକୃତି ଓ ସ୍ଥାପତ୍ୟର କାର୍ଯ୍ୟ ଯାହା ବହି କିମ୍ବା ମାଗାଜିନ୍‌ରେ ସ୍ଥାନ ପାଇଥିବାର ତୁମେ ପଢ଼ିଛ ସେଥିମଧ୍ୟରୁ ୫ଟିକୁ ସଂଗ୍ରହ କର । ଉକ୍ତ କଳାର ବିଶେଷତ୍ୱ କ'ଣ ଥିଲା ? ଏହା କେଉଁଠାରେ ଅବସ୍ଥିତ ? ଏ ସମ୍ପର୍କରେ ତୁମର ଚିନ୍ତାଧାରା କ'ଣ ? ଲେଖ ।

## ୨.୪.୧ ରାଜନୈତିକ ଘଟଣାବଳୀ

ପୂର୍ବ ଅଧ୍ୟାୟରେ ଆମ୍ଭେମାନେ ଗୁପ୍ତ ସାମ୍ରାଜ୍ୟ ଶାସନ ବିଷୟରେ ଅଧ୍ୟୟନ କଲେ । ହର୍ଷବର୍ଦ୍ଧନଙ୍କ ଶାସନ ପରେ, ରାଜନୈତିକ ବିକେନ୍ଦ୍ରୀକରଣ, ଅଷ୍ଟମ ଓ ଦଶମ ଶତାବ୍ଦୀ ମଧ ଦୀର୍ଘକାଳଧରି ଚାଲିଥିଲା ଏବଂ ସେହି ସମୟରେ ଅନେକ ରାଜ୍ୟ ପ୍ରାଧାନ୍ୟତା ପାଇଁ ପ୍ରବଳ ଉଦ୍ୟମ ଚଳାଇଥିଲେ । ଉତ୍ତର ଭାରତରେ ପାଳ, ପ୍ରତିହାର ଓ ରାଷ୍ଟ୍ରକୂଟ ନାମରେ ତିନୋଟି ମୁଖ୍ୟ ରାଜ୍ୟ ଥିଲା । ଚୌହାନ, ପାରମାର ଓ ଗଡ଼ୱାଲ ପ୍ରଭୃତି ରାଜପୁତ ରାଜବଂଶମାନେ କ୍ଷୁଦ୍ର କ୍ଷୁଦ୍ର ରାଜ୍ୟମାନ ସ୍ଥାପନ କରିଥିଲେ । ଦକ୍ଷିଣରେ ଚୋଳ ରାଜବଂଶ ସମଗ୍ର ଉପଦ୍ୱୀପର ଅଧିକାଂଶ ଭାଗରେ ଆଧିପତ୍ୟ ବିସ୍ତାର କରିଥିଲା । ଏହି ରାଜନୈତିକ ସଭାର ବିଭାଜନ ଏବଂ କ୍ଷୁଦ୍ରୀକରଣ ଗଜନୀର ମାମୁଦ ଭଳି ଆକ୍ରମଣକାରୀମାନଙ୍କ ନିମିତ୍ତ ଅନୁକୂଳ ପ୍ରମାଣିତ ହୋଇଥିଲା । ପଶ୍ଚିମ ଏବଂ ମଧ ଏସିଆରେ ଅନେକ ସଫଳ ଅଭିଜାନ ପରେ ସେ ଭାରତ ଅଭିମୁଖେ ଯାତ୍ରା କରିଥିଲେ । ତାଙ୍କର ଭାରତ ବିଜୟ ୧୦୦୦ ଖ୍ରୀଷ୍ଟାବ୍ଦ ସେପ୍ଟେମ୍ବର ମାସରେ ଆରମ୍ଭ ହୋଇଥିଲା, ଯାହାପରେ ସେ ପଞ୍ଜାବ, କାଶ୍ମୀର ଏବଂ ପୂର୍ବ ରାଜସ୍ଥାନ ତଥା ଗାଙ୍ଗେୟ ଉପତ୍ୟକାର ଅନେକ ସ୍ଥାନ ଉପରେ ବାରମ୍ବାର ଆକ୍ରମଣ କରିଥିଲେ । କିନ୍ତୁ ମାମୁଦ ଭାରତରେ ତାଙ୍କର ରାଜୁତି ସ୍ଥାପନ କରିବାକୁ ଇଚ୍ଛୁକ ନଥିଲେ ।

ମାମୁଦଙ୍କ ଆକ୍ରମଣ ପରେ ତୁର୍କୀମାନେ ଆକ୍ରମଣ କରିଥିଲେ । ତୁର୍କୀମାନେ ତ୍ରୟୋଦଶ ଶତାବ୍ଦୀରେ ଉତ୍ତର ଭାରତର ଅଧିକାଂଶ ସ୍ଥାନରେ ସେମାନଙ୍କର ଶାସନ ପ୍ରତିଷ୍ଠା କରିଥିଲେ । ତୁର୍କୀ ଶାସକମାନଙ୍କୁ ସୁଲତାନ କୁହାଯାଉଥିଲା ।

ସେମାନେ ରାଜଧାନୀ ଦିଲ୍ଲୀରୁ ଶାସନ କରୁଥିଲେ । ସେମାନଙ୍କର ସାମ୍ରାଜ୍ୟକୁ ତେଣୁକରି ଦିଲ୍ଲୀ ସଲତନତ୍ କୁହାଯାଉଥିଲା । ଏହାର ସବୁଠାରୁ ଶକ୍ତିଶାଳୀ ରାଜବଂଶ ଥିଲା ଖିଲ୍‌ଜୀ ଏବଂ ତୋଗଲକ୍ ବଂଶ । ଅଧିକାଂଶ ଶାସକମାନଙ୍କୁ ମଙ୍ଗୋଲ ଆକ୍ରମଣ ଭୟର ସମ୍ମୁଖୀନ ହେବାକୁ ପଡୁଥିଲା । ଏହି ସମୟରେ ଦକ୍ଷିଣରେ ବିଜୟନଗର ଏବଂ ବାହମନି ରାଜବଂଶ ଦ୍ୱୟ ରାଜନୈତିକ ପ୍ରତିପତ୍ତି ପାଇଁ ପରସ୍ପର ମଧ୍ୟରେ ପ୍ରତିଦ୍ୱନ୍ଦିତା ଚଳାଇଥିଲେ । ଷୋଡ଼ଶ ଶତାବ୍ଦୀର ଆରମ୍ଭରେ ମୋଗଲମାନଙ୍କର ଆଗମନରେ ଭାରତୀୟ ଇତିହାସରେ ଏକ ନୂତନ ଯୁଗର ଆରମ୍ଭ ହେଲା । ରାଜନୈତିକ ଦୃଷ୍ଟିରୁ ଏକ ସର୍ବଭାରତୀୟ ସାମ୍ରାଜ୍ୟର ନିର୍ମାଣ ହୋଇଥିଲା । ଯାହା ପୂର୍ବରୁ କେବେ ସମ୍ଭବ ହୋଇପାରି ନଥିଲା । ରାଜନୈତିକ ଏକତ୍ରୀକରଣ ଏବଂ ଦୀର୍ଘ ସମୟଧରି ଶାନ୍ତି ଓ ସ୍ଥିରତା ଅର୍ଥନୈତିକ ବିକାଶ ଓ ସମୃଦ୍ଧିରେ ସହାୟକ ହୋଇଥିଲା । ସାମାଜିକ ଓ ସାଂସ୍କୃତିକ ଦୃଷ୍ଟିରୁ ଏହା ବିଭିନ୍ନ ପରମ୍ପରାର ମିଳନ ଯୁଗ ଥିଲା । ଏହି ସମନ୍ୱୟ ଫଳରେ ସାମାଜିକ ଜୀବନରେ ଧାର୍ମିକ ନୀତି ବ୍ୟବହାର ଓ ବିଶ୍ୱାସରେ ଏବଂ ବିଭିନ୍ନ କଳା କ୍ଷେତ୍ରରେ ଏକ ସ୍ୱତନ୍ତ୍ର ପରମ୍ପରାର ଅଭ୍ୟୁଦୟ ହେଲା । ଏହା ପାରସ୍ପରିକ ସହିଷ୍ଣୁତା ଏବଂ ସୌହାର୍ଦ୍ଦ୍ୟପୂର୍ଣ୍ଣ ସହବାସ ଉପରେ ଆଧାରିତ ଥିଲା ।

ଏହି ଦିଲ୍ଲୀ ସଲ୍‌ତନତ୍ ଏବଂ ମୋଗଲ ସାମ୍ରାଜ୍ୟ ଭଳି ବୃହତ୍ ଶାସନର ଅବସ୍ଥିତି ସମୟରେ କେତେକ କ୍ଷୁଦ୍ର ଆଞ୍ଚଳିକ ସ୍ୱତନ୍ତ୍ର ଶାସକ ବଂଶ ମଧ୍ୟ ମୁଣ୍ଡ ଟେକିଥିଲେ । ସେମାନେ ଥିଲେ – ବଙ୍ଗର ଇଲ୍ୟାଶାହୀ ଓ ହୁସେନ୍ ଶାହି ରାଜବଂଶ, ଆସାମର ଅହୋମ, ଓଡ଼ିଶାର ଗଜପତି ରାଜବଂଶ, ରାଜସ୍ଥାନରେ ମେୱାର ଓ ମାରୱାଡ଼ିର ରାଜପୁତ ରାଜବଂଶ ଏବଂ ଜଉନପୁରର ସାର୍‌କୀ ରାଜବଂଶ ଅନ୍ୟତମ । ଏହି ରାଜବଂଶଗୁଡ଼ିକର ପରିଚୟ ବୃଦ୍ଧି ସହ ସେମାନଙ୍କର ଭାଷା, ସାହିତ୍ୟ ଏବଂ ସଂସ୍କୃତିର ବିକାଶ ହୋଇଥିଲା ।

## ୨.୪.୨ ରାଜନୈତିକ ଅନୁଷ୍ଠାନ

ତୁର୍କୀ ଓ ମୋଗଲମାନଙ୍କର ଆଗମନ ସାର୍ବଭୌମତ୍ୱ ଏବଂ ଶାସନ ପ୍ରଣାଳୀରେ ଏକ ନୂତନ ଚିନ୍ତା ଆଣିଦେଇଥିଲା । ପ୍ରଥମତଃ, ଇସ୍‌ଲାମୀୟ ରାଜନୈତିକ ପରିକଳ୍ପନାରେ ରାଜପଦର କୌଣସି ସ୍ପଷ୍ଟ ବୈଧତା ନଥିଲା ଯାହା ସମକକ୍ଷମାନଙ୍କର ଏକ ସମ୍ପ୍ରଦାୟ ଉପରେ ଆଧାରିତ ଥିଲା । ପ୍ରାରମ୍ଭରେ ସୁଲତାନ ଏବଂ ମୁଖ୍ୟ ସମ୍ଭ୍ରାନ୍ତବର୍ଗ ମଧ୍ୟରେ କ୍ଷମତା ବଣ୍ଟନ ହୋଇଥିଲା । କିନ୍ତୁ ବଲବନ୍‌ଙ୍କ ରାଜତ୍ୱ କାଳରେ ସୁଲତାନଙ୍କ ସ୍ଥାନର ମାନ୍ୟତାରେ ବୃଦ୍ଧି ଘଟିଥିଲା ଏବଂ ଶାସନ କ୍ଷେତ୍ରର ସମସ୍ତ ବିଷୟରେ ତାଙ୍କର ସମ୍ପୂର୍ଣ୍ଣ କ୍ଷମତା ରହିଥିଲା । ତୁର୍କୀ ଅମୀରମାନଙ୍କ ଶକ୍ତିକୁ ସୀମିତ କରାଗଲା । ମୋଗଲମାନେ ସମ୍ରାଟଙ୍କର କ୍ଷମତା ଓ ପ୍ରତିଷ୍ଠାର ଅଭୁତପୂର୍ବ ବୃଦ୍ଧି କରିଥିଲେ ।

ଦିଲ୍ଲୀର ସୁଲତାନ ଏବଂ ମୋଗଲମାନେ ଶାସନ ପ୍ରଣାଳୀରେ ନୂତନ ପରିବର୍ତ୍ତନ ଆଣିଥିଲେ । ଦିଲ୍ଲୀ ସଲ୍‌ତନତରେ ସେନା ନାୟକମାନଙ୍କର 'ଇକ୍‌ତା' ମାନ ହସ୍ତାନ୍ତର କରାଯାଇଥିଲା । ଇକ୍‌ତା ଏକ ଆଞ୍ଚଳିକ ବିଭାଗ ଥିଲା । ତଥାପି ଇକ୍‌ତା ଗ୍ରହଣକାରୀମାନଙ୍କୁ ଜମିର ମାଲିକାନା ଦିଆଯାଇନଥିଲା କିନ୍ତୁ ଇକ୍‌ତାଗୁଡ଼ିକର ରାଜସ୍ୱ ଉପରେ ଅଧିକାର ଦିଆଯାଇଥିଲା । ଏହି ଆୟକୁ ଇକ୍ତାଦାର ବା ଗ୍ରହୀତାମାନେ ସେମାନଙ୍କର ଆବଶ୍ୟକତା ତଥା ସୈନ୍ୟ ଦଳର ରକ୍ଷଣାବେକ୍ଷଣ ନିମିତ୍ତ ଖର୍ଚ୍ଚ କରୁଥିଲେ । ଏହି ଇକ୍ତାଗୁଡ଼ିକ ହସ୍ତାନ୍ତର ଯୋଗ୍ୟ ଥିଲା । ତାଙ୍କଠାରୁ ତା' ବଦଳରେ ସୁଲତାନମାନଙ୍କ ଡାକରା ଅନୁସାରେ ସୈନ୍ୟ ସହାୟତା ଆଶା କରାଯାଉଥିଲା । ତଥାପି ଗ୍ରାମଗୁଡ଼ିକରେ ପୂର୍ବସ୍ଥିତ ଜମି ଉପରେ ଅଧିକାର ଏବଂ ଶ୍ରେଣୀବଦ୍ଧତାର ଗଠନ ପ୍ରଣାଳୀ ବିନାବାଧାରେ ଚାଲୁ ରହିଥିଲା ।

ମୋଗଲମାନଙ୍କ ନିୟନ୍ତ୍ରଣ ପ୍ରକ୍ରିୟା ଯଥା – ରାଜସ୍ୱ ନିୟନ୍ତ୍ରଣ ଏବଂ ଜମିବଣ୍ଟନ ବ୍ୟବସ୍ଥା ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ସୂଚାରୁ ରୂପେ କାର୍ଯ୍ୟ କରୁଥିଲା । ମୋଗଲମାନେ 'ମାନସବଦାର'ମାନଙ୍କୁ ନିଯୁକ୍ତି କରିଥିଲେ ଯେଉଁମାନେ ଉଭୟ ସାମରିକ

ଓ ବେସାମରିକ କର୍ତ୍ତବ୍ୟ ପାଳନ କରୁଥିଲେ । ମାନସବଗୁଡ଼ିକ ପ୍ରକୃତରେ ପଦ ବା ସ୍ଥାନକୁ ବୁଝାଇଥାଏ ଯାହା ଅଧିକାରୀମାନଙ୍କର ମୋଗଲ ଅମଲାତନ୍ତ୍ରରେ ଏକ ନିର୍ଦ୍ଧାରିତ ସ୍ଥାନ ଏବଂ ସେମାନଙ୍କ ଅଧିନସ୍ଥ ସମ୍ଭାବ୍ୟ ସୈନ୍ୟଦଳକୁ ବୁଝାଉଥିଲା । ଏହି ମାନସବଦାରଙ୍କୁ ବେତନ ଆକାରରେ ଜମି ହସ୍ତାନ୍ତର କରାଯାଉଥିଲା ଯାହାକୁ 'ଜାଗିର' କୁହାଯାଉଥିଲା । ଏହା ମଧ୍ୟ ସର୍ବଦା ହସ୍ତାନ୍ତରଶୀଳ ଥିଲା । ଜାଗିରଗୁଡ଼ିକ ଇକ୍ତା ସହ ସମାନ ଥିଲେବି ସେମାନଙ୍କ ମଧ୍ୟରେ ଟିକିଏ ପାର୍ଥକ୍ୟ ଥିଲା । ଇକ୍ତାଗୁଡ଼ିକ ଶାସନ ବ୍ୟବସ୍ଥାର ଦାୟିତ୍ୱ ତୁଲାଉଥିଲେ କିନ୍ତୁ ଜାଗିରଗୁଡ଼ିକ ଏହି ଭାର ଗ୍ରହଣ କରୁ ନଥିଲେ । ଏହି ପାର୍ଥକ୍ୟ ବ୍ୟତୀତ ଇକ୍ତାଗୁଡ଼ିକ ଜାଗିର ସଦୃଶ ଥିଲେ । ମୋଗଲ ଶାସନ ପ୍ରଣାଳୀ ମାନସବଦାରୀ ଏବଂ ଜାଗିରଦାରୀ ବ୍ୟବସ୍ଥାର ସୁପରିଚାଳନା ଏହା ଉପରେ ସମ୍ପୂର୍ଣ୍ଣ ନିର୍ଭର କରୁଥିଲା ।


## ୨.୪.୩ ଅର୍ଥନୀତି

ଦିଲ୍ଲୀ ସଲ୍ତନତ ଏବଂ ମୋଗଲ ସାମ୍ରାଜ୍ୟ କୃଷକମାନଙ୍କର ଅତିରିକ୍ତ କୃଷି ଉତ୍ପାଦନ ଉପରେ ନିର୍ଭର କରୁଥିଲା, ଯାହା ରାଜସ୍ୱ ଆକାରରେ ଆଦାୟ କରାଯାଉଥିଲା । ମୋଗଲ ସାମ୍ରାଜ୍ୟରେ ବିଶେଷ କରି ଆକବରଙ୍କ ରାଜତ୍ୱ କାଳରେ ରାଜସ୍ୱ ସଂଗ୍ରହ ପ୍ରଣାଳୀରେ ସୁଦୂର ପ୍ରସାରୀ ପରିବର୍ତ୍ତନ କରାଯାଇଥିଲା । ଜମିର ଉର୍ବରତା ମଧ୍ୟ ବିବେଚନା କରାଯାଉଥିଲା । ଜମି ମାପ କରାଯାଉଥିଲା । ଖଜଣା ଜମିର ପ୍ରକୃତ ପରିମାଣ ଅନୁଯାୟୀ ନିର୍ଦ୍ଧାରିତ କରାଯାଉଥିଲା । ଉତ୍ପାଦନ ଉପରେ ରାଜ୍ୟ ଭାଗର ମୂଲ୍ୟ ବଜାରରେ ପ୍ରଚଳିତ ମୂଲ୍ୟ ଅନୁଯାୟୀ ଗଣନା କରାଯାଉଥିଲା ଏବଂ ଖଜଣା ତଦନୁଯାୟୀ ନଗଦ ଧନ ଆକାରରେ ଆଦାୟ କରାଯାଉଥିଲା । ରାଷ୍ଟ୍ର ମଧ୍ୟ ଯେ କୌଣସି ଅଣକୃଷି ବା ଜଙ୍ଗଲ ଅଞ୍ଚଳଗୁଡ଼ିକୁ କୃଷିର ସମ୍ପ୍ରସାରଣ ନିମିତ୍ତ ଆଗ୍ରହ ଦେଖାଉଥିଲା । ଏହା ଅଗ୍ରଣୀ କୃଷକମାନଙ୍କୁ ବିଭିନ୍ନ ପ୍ରକାରର ପ୍ରୋତ୍ସାହନ ଦେଉଥିଲା । ରାଜ୍ୟ ମଧ୍ୟ କୃଷକମାନଙ୍କୁ ଋଣ ଦେବାର ବ୍ୟବସ୍ଥା କରୁଥିଲା ଏବଂ କୌଣସି କାରଣରୁ ଫସଲ ବିଫଳ ହେଲେ କର ମୁକ୍ତି କରି ଦେଉଥିଲା ।

ଗୁପ୍ତଯୁଗ ପରଠାରୁ ଯେଉଁ ବାଣିଜ୍ୟ ବ୍ୟବସାୟରେ ଅବନତି ଘଟିଥିଲା, ଏହି ସମୟରେ ସେଥିରେ ପୁନର୍ଜାଗରଣ ଘଟିଥିଲା । ଏକ ଦୀର୍ଘ ପତନ କାଳ ପରେ ସହରାଞ୍ଚଳମାନଙ୍କର ବିକାଶ ଘଟିଥିଲା । ଉକ୍ତ ନୂତନ ସହରୀକରଣ ଫଳରେ ତ୍ରୟୋଦଶ ଏବଂ ଚତୁର୍ଦ୍ଦଶ ଶତାବ୍ଦୀରେ ଆର୍ନ୍ତଦେଶୀୟ ବାଣିଜ୍ୟର ବୃଦ୍ଧି ହୋଇଥିଲା । ବିଭିନ୍ନ ସହରାଞ୍ଚଳଗୁଡ଼ିକୁ ସଂଯୋଗ କରି ଅନେକଗୁଡ଼ିଏ ରାସ୍ତା ବାଣିଜ୍ୟର ସୁବିଧା ପାଇଁ ନିର୍ମାଣ କରାଗଲା । ଦିଲ୍ଲୀ, ଆଗ୍ରା, ଲାହୋର, ମୁଲତାନ, ଢାକା, ଅହମ୍ମଦାବାଦ, ସୁରତ ଏବଂ କାମ୍ବେ ଭଳି ସହରମାନ ଗଢ଼ି ଉଠିଲା । ପଣ୍ୟଦ୍ରବ୍ୟ ସବୁ ପଞ୍ଜାବରୁ ପଶ୍ଚିମ ଓ ମଧ୍ୟ ଏସିଆ ବଜାରମାନଙ୍କୁ ପଠାଯାଉଥିଲା । ମୋଗଲମାନଙ୍କ ଦ୍ୱାରା ସ୍ଥାପିତ ରାଜନୈତିକ ସ୍ଥିରତା ଏବଂ ସମ୍ବନ୍ଧିତ ଶାନ୍ତିପୂର୍ଣ୍ଣ ବାତାବରଣ ସାମ୍ରାଜ୍ୟର ସହରମାନଙ୍କ ମଧ୍ୟରେ ଯାତାୟତ ବହୁ ପରିମାଣରେ ସମ୍ଭବପର ହୋଇ ପାରିଥିଲା । ଉପକୂଳବର୍ତ୍ତୀ ବାଣିଜ୍ୟର ମଧ୍ୟ ଉନ୍ନତି ହୋଇଥିଲା । ସେତେବେଳେ ଅନେକଗୁଡ଼ିଏ ବ୍ୟବସାୟୀ ଗୋଷ୍ଠୀ ଥିଲେ ଏବଂ ବାଣିଜ୍ୟକ ରୀତିନୀତି ଅତ୍ୟନ୍ତ ଉଚ୍ଚମାନର ଏବଂ ସାଧୁତାପୂର୍ଣ୍ଣ ଥିଲା । ସେଠ୍, ଭୋରା ଓ ମୋଦିମାନେ ଦୂରଦୁରାନ୍ତ ବ୍ୟବସାୟ କରୁଥିଲେ । ବ୍ୟାପାରୀ, ବଣିକମାନେ ଆଞ୍ଚଳିକ ଓ ଖୁଚୁରା ବ୍ୟପାର କରୁଥିଲେ ଏବଂ ବଞ୍ଜାରାମାନେ ସ୍ୱତନ୍ତ୍ର ଶ୍ରେଣୀର ବଣିକ ଥିଲେ ଯେଉଁମାନେ ବୃହତ୍ ପରିମାଣର ବସ୍ତୁ ବିଶେଷକରି ଖାଦ୍ୟଶସ୍ୟର ବ୍ୟାପାର କରୁଥିଲେ । ସରାଫମାନେ ଅର୍ଥ ବଦଳକାରୀ ଥିଲେ ଯେଉଁମାନେ ହୁଣ୍ଡି ବା ବିନିମୟପତ୍ର ପ୍ରଦାନ କରୁଥିଲେ । ହୁଣ୍ଡି ଏକ ଜବାବ ରକ୍ଷଣ ବା ବିଶ୍ୱାସପତ୍ର ଥିଲା ଯାହାକୁ ଏକ ପରବର୍ତ୍ତୀ ଦିନରେ ନିର୍ଦ୍ଧାରିତ ସମୟରେ ପ୍ରଦାନ କରାଯାଉଥିଲା । ଏହା ରାଷ୍ଟ୍ରର ଗୋଟିଏ ସ୍ଥାନରେ ଅନ୍ୟସ୍ଥାନକୁ ବସ୍ତୁ ନେବା ଆଣିବାରେ ସହାୟକ ହେଉଥିଲା । କାରଣ ଏହା ଦୂରଦୁରାନ୍ତରେ ଅର୍ଥ ବିନିମୟ ସହଜ କରିଥିଲା ।

## ୨.୪.୪ ସାଂସ୍କୃତିକ ଏବଂ ଧାର୍ମିକ ଜୀବନ

ଧର୍ମ ଓ ସଂସ୍କୃତି କ୍ଷେତ୍ରରେ, ପରମ୍ପରାମାନଙ୍କର ସମନ୍ୱୟ ମଧ୍ୟଯୁଗରେ ଦେଖାଯାଇଥିଲା । ଧାର୍ମିକ କ୍ଷେତ୍ରରେ ଭକ୍ତି ଓ ସୁଫି ଆନ୍ଦୋଳନ ଏହାର ଏକ ଉଦାହରଣ । ଭକ୍ତି ଆନ୍ଦୋଳନ ଯାହା ଏକେଶ୍ୱରବାଦ ଏବଂ ଆତ୍ମଭକ୍ତି ଉପରେ ଗୁରୁତ୍ୱାରୋପ କରିଥିଲା ତାହା ସାଧାରଣ ମଣିଷର ଦୈନନ୍ଦିନ ଜୀବନର ନିକଟବର୍ତ୍ତୀ ହୋଇପାରିଥିଲା । ଏହା ରୀତି ଏବଂ ବଳିଦାନ ଅପେକ୍ଷା ପ୍ରେମ ଓ ଭକ୍ତି ଉପରେ ଗୁରୁତ୍ୱ ଦେଇଥିଲା । ଏହା ଜାତିପ୍ରଥା ଏବଂ ବ୍ରାହ୍ମଣମାନଙ୍କର ପ୍ରତିପତ୍ତିକୁ ଜାହିର କରିଥିଲା । ରାମାନୁଜ, କବୀର, ନାନକ, ରବିଦାସ, ମିରାବାଇ, ତୁକାରାମ ଏବଂ ଚୈତନ୍ୟଙ୍କ ଭଳି ଭକ୍ତି ସନ୍ଥମାନେ ସାଧାରଣ ଲୋକଙ୍କର ବୁଦ୍ଧି ଓ ମନ ଉପରେ ଗଭୀର ପ୍ରଭାବ ପକାଇଥିଲେ ଯାହା ଆଜି ପର୍ଯ୍ୟନ୍ତ ଅବ୍ୟାହତ ରହିଛି । ଏହି ସନ୍ଥମାନଙ୍କ ମଧ୍ୟରୁ ଅନେକଙ୍କର ବହୁ ଅନୁଗାମୀ ଥିଲେ । ଗୁରୁ ନାନକଙ୍କର ପଞ୍ଜାବର ଲୋକଙ୍କ ଉପରେ ଗଭୀର ପ୍ରଭାବ ରହିଥିଲା । ନାନକଙ୍କର ବିଶାଳ ଅନୁଗାମୀଗଣ ଶିଖ୍ ଧର୍ମ ବୋଲି ଏକ ନୂତନ ଧର୍ମ ଆରମ୍ଭ କଲେ ଏବଂ ଏହି ଧର୍ମାବଲମ୍ବୀମାନଙ୍କୁ ଶିଖ୍ ବୋଲି କୁହାଗଲା । ସେହିଭଳି ଭାବରେ ସୁଫି ଧର୍ମ ମଧ୍ୟ ପ୍ରେମ ଓ ଭକ୍ତି ଉପରେ ଗୁରୁତ୍ୱ ଦେଇଥିଲା ଏବଂ ଏହାକୁ ଈଶ୍ୱର ପ୍ରାପ୍ତିର ଏକମାତ୍ର ଉପାୟ ବୋଲି କହିଥିଲା । ସେମାନେ ସହିଷ୍ଣୁତା ଓ ଦୟାଭାବ ପ୍ରଚାର କରିଥିଲେ । ସେମାନେ ସାଧାରଣ ସଂଯମ ଜୀବନଯାପନ କରୁଥିଲେ ଏବଂ ସାଧାରଣ ଲୋକଙ୍କର ଦୁଃଖ ଏବଂ ଚିନ୍ତାରେ ନିଜକୁ ସାମିଲ କରୁଥିଲେ । ଫଳରେ ହିନ୍ଦୁ ଓ ମୁସଲମାନ ଉପରେ ସେମାନଙ୍କ ଗଭୀର ପ୍ରଭାବ ରହିଥିଲା । ଭକ୍ତି ଏବଂ ସୁଫି ସନ୍ଥମାନଙ୍କ ମଧ୍ୟରେ ଅନେକ ପାରସ୍ପରିକ ବିଚାର ଏବଂ ଦାର୍ଶନିକ ଭାବଧାରାର ଆଦାନ ପ୍ରଦାନ ହୋଇଥିଲା । ଉଭୟ ପରମ୍ପରା ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟଙ୍କ ମଧ୍ୟରେ ଏକ ସେତୁ ରୂପେ କାର୍ଯ୍ୟ କରିଥିଲା ।



ଚିତ୍ର ୨.୩ ଗୁରୁ ନାନକଜି

**ତୁମେ ଜାଣ କି**

କବିରଙ୍କ ଦୋହା – ଦୁଃଖରେ ସମସ୍ତେ ଭଗବାନଙ୍କ ସରଣାପନ୍ନ ହୁଅନ୍ତି କିନ୍ତୁ ସୁଖରେ ତାଙ୍କୁ (ଭଗବାନଙ୍କୁ) କେହି ମନେ ପକାନ୍ତି ନାହିଁ । ଯଦି କେହି ତାଙ୍କୁ ସୁଖବେଳେ ଡାକନ୍ତା, ଦୁଃଖର କାରଣ ନ ରହନ୍ତା ।

## ତୁମ ପାଇଁ କାର୍ଯ୍ୟ ୨.୩

ତୁମ ରାଜ୍ୟ କିମ୍ଵା ନିକଟସ୍ଥ ଅଞ୍ଚଳରେ ଭକ୍ତି କିମ୍ଵା ସୁଫି ସନ୍ୟାସୀଙ୍କୁ ଠାବକରି ତାଙ୍କ ବିଷୟରେ ଅଧିକ ଜାଣିବା ପାଇଁ ଚେଷ୍ଟା କର । ତାଙ୍କର ଧର୍ମସ୍ଥଳୀ ଦେଖ । କ'ଣ ଦେଖିଲ ତାହା ବିଷୟରେ କିଛି ଲେଖ ।

ତିନୋଟି ସୁଫି କିମ୍ଵା ଭକ୍ତି ସନ୍ୟାସୀଙ୍କ ଛବି ସଂଗ୍ରହ କରି ସେମାନଙ୍କ ମହତ ବାଣୀ ଜାଣିବାକୁ ଚେଷ୍ଟାକର । ସେମାନଙ୍କ ମଧ୍ୟରେ ଯାହା ସାମଞ୍ଜସ୍ୟ ବା ଅସାମଞ୍ଜସ୍ୟ ଅଛି ଲେଖ । ଏହାଦ୍ଵାରା ତୁମ ଉପରେ କି ପ୍ରଭାବ ପଡ଼ିଲା, ତାହା ତୁମ ବନ୍ଧୁ କିମ୍ଵା ପରିବାରରେ ଆଲୋଚନା କର ।


ଭାଷା, ସାହିତ୍ୟ, କଳା, ଭାସ୍କର୍ଯ୍ୟ, ସଙ୍ଗୀତ ଏବଂ ନୃତ୍ୟ ପ୍ରଭୃତି ବିଭିନ୍ନ ପରମ୍ପରାର ସେହି ସମନ୍ଵୟ ଚିନ୍ତାଧାରା ବହନ କରିଥିଲା । ଭାଷା ଓ ସାହିତ୍ୟ କ୍ଷେତ୍ରରେ ଯଦିଓ ପାର୍ସି ଓ ସଂସ୍କୃତ ଭଳି ପ୍ରାଚୀନ ଭାଷାର ଉନ୍ନତି ହୋଇଥିଲା, କିନ୍ତୁ ପ୍ରକୃତ ଉନ୍ନତି ଆଞ୍ଚଳିକ ଭାଷାମାନଙ୍କର ଅଭିବୃଦ୍ଧିରେ ଘଟିଥିଲା । ହିନ୍ଦି, ବଙ୍ଗଳା, ଓଡ଼ିଆ, ଗୁଜୁରାଟୀ ଭଳି ଅନେକ ଆଞ୍ଚଳିକ ଭାଷା ପରିପକ୍ଵତାର ଏକ ସ୍ତରରେ ପହଞ୍ଚି ପାରିଥିଲେ ଏବଂ ସାହିତ୍ୟ ସର୍ଜନାରେ ମଧ୍ୟ ବ୍ୟବହୃତ ହୋଇପାରିଥିଲେ । ତୁଳସୀ ଦାସଙ୍କ ରାମଚରିତ ମାନସ, ମଲ୍ଲୀକ ମହମ୍ମଦ ଜୟସୀଙ୍କ ପଦ୍ମାବତୀ ପ୍ରଭୃତି ରଚନାମାନ ଲୋକପ୍ରିୟ ହୋଇପାରିଥିଲା ।

ମଧ୍ୟଯୁଗରେ କଳା ଓ ଭାସ୍କର୍ଯ୍ୟର ମଧ୍ୟ ଉନ୍ନତି ସାଧନ ହୋଇଥିଲା । ମୋଗଲମାନଙ୍କ ସମୟରେ ରାଜକୀୟ କାରଖାନାମାନଙ୍କରେ ଚିତ୍ରକଳାମାନ ସଂଗଠିତ ହେଉଥିଲା ଏବଂ ଚିତ୍ରକାରମାନେ ସରକାରୀ ବେତନ ତାଲିକାଭୁକ୍ତ ଥିଲେ । ମୋଗଲ ଚିତ୍ରକଳା ପାର୍ସି ଏବଂ ଭାରତୀୟ ପ୍ରଣାଳୀର ସମ୍ପୂର୍ଣ୍ଣ ନକଲ କରୁଥିଲେ । ଏହା କେତେକାଂଶରେ ଏହି ଶ୍ରେଣୀୟ କଳାକାରମାନଙ୍କ ଦ୍ଵାରା ବିଭିନ୍ନ ସଂସ୍କୃତି ଯଥା – ରାଜପୁତନା, ଗୁଜୁରାଟ, ମାଲୱା ପ୍ରଭୃତିର ବିଭିନ୍ନ ଉପାଦାନମାନଙ୍କର ମିଶ୍ରଣ ଥିଲା । ବାସବନ, ମୁକୁନ୍ଦ, କେଶବ ଓ ଦାଶୱନ୍ତ ଆଦି କେତେକ ପ୍ରଖ୍ୟାତ ଚିତ୍ରକାର ଥିଲେ । ପାରସ୍ୟର ଅବ୍‌ଦୁଲ ସମଦ ଏବଂ ସୟଦ ଅଲ୍ଲିଙ୍କ ଭଳି ନିପୁଣ କଳାକାରଙ୍କ ତତ୍ତ୍ଵାବଧାନରେ ପାର୍ସି ପ୍ରଣାଳୀର ଉପାଦାନମାନଙ୍କୁ ଅଣାଯାଇଥିଲା । ପାଣ୍ଡୁଲିପି ନିଦର୍ଶନ ମୋଗଲ ଚିତ୍ରକଳାର ଅନ୍ୟ ଏକ ଲକ୍ଷଣ ଥିଲା ।

ମଧ୍ୟଯୁଗୀୟ ଭାରତର ସାଂସ୍କୃତିକ ଜୀବନର ଅନ୍ୟ ଏକ ଚମତ୍କାର ଦିଗ ଥିଲା ଏହାର ଭାରତ–ଇସ୍‌ଲାମୀୟ ଭାସ୍କର୍ଯ୍ୟ । ଏହା ଭାରତୀୟ ସମ୍ପଦ, ଦକ୍ଷତା, ଶିଳ୍ପ, କଳ୍ପନା ଓ କୌଶଳର ପାର୍ସି ପଦ୍ଧତିରେ ପ୍ରୟୋଜନ ଅନୁଯାୟୀ ଉପଯୋଗୀର ବିଶିଷ୍ଟ ଲକ୍ଷର ଥିଲା । ନୂତନ ଲକ୍ଷର ଯଥା –ଅର୍ଦ୍ଧଗୋଲାକୃତି ଏବଂ ଗମ୍ବୁଜ ହିନ୍ଦୁ ଶୈଳୀ ଯଥା – ଘଣ୍ଟି, ସ୍ଵସ୍ତିକ, ପଦ୍ମ, କଳସ ପ୍ରଭୃତି ସହ ସମିଶ୍ରଣ କରାଯାଇଥିଲା । କୁତବମିନାର, ଆଲାଇଦରୱଜା ଏବଂ ତୋଗଲକ ସମୟର ସ୍ମୃତି ଚିହ୍ନ ଯଥା – ଗିୟାସୁଦ୍ଦିନ୍ ତୋଗଲକଙ୍କର ସମାଧି ସ୍ତମ୍ଭ ଦିଲ୍ଲୀ ସଲ୍‌ତନତ୍ ସମୟର ଭାସ୍କର୍ଯ୍ୟ କ୍ଷେତ୍ରର ପ୍ରକୃଷ୍ଟ ଉଦାହରଣ । ମୋଗଲ କାଳର ସ୍ମୃତି ସ୍ତମ୍ଭ ଭାରତ ଓ ଇସ୍‌ଲାମୀୟ ରୀତିର ମିଳନ ଓ ସମିଶ୍ରଣର ଏକ ଗଭୀର ଚେତନାକୁ ପ୍ରତିଫଳିତ କରେ । ଫତେପୁର ସିକ୍ରିର ପଞ୍ଚମହଲ, ବୀରବଲଙ୍କ ପ୍ରାସାଦ ଏବଂ ଇବାଦତ୍‌ଖାନା, ଦିଲ୍ଲୀରେ

ହୁମାୟୁନଙ୍କ ସମାଧି, ସିକନ୍ଦରାରେ ଆକବରଙ୍କ ପ୍ରସିଦ୍ଧ ସମାଧି, ଆଗ୍ରାରେ ଇଦମଦ୍‌–ଉଦ୍‌–ଦଉଲ୍ଲାଙ୍କ ସମାଧି ଏବଂ ତାଜମହଲ ଭଳି ସ୍ମୃତି ଚିହ୍ନ ମୋଗଲ ଭାସ୍କର୍ଯ୍ୟର ଶ୍ରେଷ୍ଠ ନମୁନା ଥିଲା ।

ସଙ୍ଗୀତ ମଧ୍ୟ ମଧ୍ୟଯୁଗୀୟ ଭାରତର ଅଧିକାଂଶ ଶାସକମାନଙ୍କର ପୃଷ୍ଠପୋଷକତା ଲାଭ କରିଥିଲା । ଭାରତୀୟ ସ୍ୱର ଏବଂ ଯନ୍ତ୍ର ସଂଗୀତ ଶୈଳୀ ସହ ଆରବ, ଇରାନ, ମଧ୍ୟଏସିଆ ଆଦି ସଂସ୍କୃତିଗୁଡ଼ିକର ସଙ୍ଗୀତର ମିଳନ ଘଟିଥିଲା । ନୂତନ ରାଗମାନଙ୍କର ରଚନା ହେଲା । ସୁଫି ଏବଂ ଭକ୍ତି ପରମ୍ପରା ମଧ୍ୟ ଏକ ନୂତନ ପ୍ରକାରର ଭକ୍ତି ସଙ୍ଗୀତକୁ ଗଭୀର ପ୍ରୋତ୍ସାହନ ଦେଇଥିଲା ।



ଚିତ୍ର ୨.୪ କୁତବମିନାର

ଭାରତ ଇତିହାସରେ ମଧ୍ୟଯୁଗର ରାଜନୈତିକ, ଅର୍ଥନୈତିକ ଓ ସାଂସ୍କୃତିକ ଜୀବନର ଏକ ସ୍ୱତନ୍ତ୍ର ପରାକାଷ୍ଠା ଥିଲା, ଯାହାଫଳରେ, ପ୍ରାଚୀନଯୁଗ ପରେ, ଏହିଯୁଗ ଏକ ଗୌରବାନ୍ୱିତ ସ୍ଥାନର ଅଧିକାରୀ ହୋଇପାରିଥିଲା ।

## ପାଠଗତ ପ୍ରଶ୍ନାବଳୀ ୨.୨

୧. ମକ୍କା ଏକ ଗୁରୁତ୍ୱପୂର୍ଣ୍ଣ ଧାର୍ମିକସ୍ଥଳୀ ହେବାର କାରଣ କ’ଣ ?

୨. ଆରବ ସଭ୍ୟତାର ଅବଦାନ ଥିବା ୫ଟି କ୍ଷେତ୍ର ସମ୍ବନ୍ଧରେ ଲେଖ ।

୩. ଶୂନ୍ୟସ୍ଥାନ ପୂରଣ କର –

(କ) ଦକ୍ଷିଣରେ __________ ରାଜବଂଶ ଭାରତର ଉପଦ୍ୱୀପ ଅଞ୍ଚଳର ଅଧିକାଂଶ ଭାଗ ଉପରେ ଆଧିପତ୍ୟ ବିସ୍ତାର କରିଥିଲା ।

(ଖ) ମୋଗଲ ଶାସନ ପ୍ରଣାଳୀ __________ ଏବଂ __________ ବ୍ୟବସ୍ଥାର ସୁପରିଚାଳନା ଉପରେ ଆଧାରିତ ଥିଲା ।

(ଗ) __________ ମାନେ ଟଙ୍କା ବିନିମୟ କ୍ଷେତ୍ରରେ ପ୍ରସିଦ୍ଧ ଥିଲେ ।

(ଘ) ଭକ୍ତି ଆନ୍ଦୋଳନ ବ୍ୟକ୍ତିଗତ __________ ମାଧ୍ୟମରେ ଈଶ୍ୱରଙ୍କର ଏକତ୍ୱ ଉପରେ ଗୁରୁତ୍ୱାରୋପ କରୁଥିଲା ।

## ତୁମେ କ'ଣ ଶିଖିଲ ?

- ମଧ୍ୟଯୁଗକୁ ଅନ୍ଧକାର ଯୁଗ ବୋଲି କୁହାଯାଇ ନପାରେ, କାରଣ ଏହି ସମୟରେ ବିଶ୍ୱର ବିଭିନ୍ନ ସ୍ଥାନରେ, ଜୀବନର ବିଭିନ୍ନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ କ୍ରମବିକାଶ ଏବଂ ଅଭିବୃଦ୍ଧି ଘଟିଥିଲା ।
- ସାମନ୍ତବାଦ ଥିଲା ମଧ୍ୟଯୁଗରେ ଇଉରୋପୀୟ ସମାଜର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ ।
- ସାମନ୍ତପ୍ରଥା ରାଜନୈତିକ କ୍ଷମତାର ଏକ ଶ୍ରେଣୀବଦ୍ଧତା ବା ସୋପାନ ଭୁକ୍ତ ଅନୁଷ୍ଠାନର ଅନ୍ତର୍ଭୁକ୍ତ ଥିଲା ।
- ସାମନ୍ତବାଦର ଅର୍ଥନୈତିକ ବ୍ୟବସ୍ଥା ଭୂମିଦାସତ୍ୱ ଏବଂ ଜମିଦାରିର ଉତ୍ପାଦନ ପ୍ରଣାଳୀ ଦ୍ୱାରା ବିଶେଷ ଭାବେ ଚିହ୍ନିତ ହେଉଥିଲା ।
- ଇଉରୋପରେ ଦଶମ ଶତାବ୍ଦୀର ପୂର୍ବ ବର୍ତ୍ତୀକାଳରେ ସାଂସ୍କୃତିକ ଅବସ୍ଥା ଅତ୍ୟନ୍ତ ନିମ୍ନମାନର ଥିଲା । ଦଶମ ଶତାବ୍ଦୀ ପରେ ସାଂସ୍କୃତିକ ଜୀବନରେ ଉନ୍ନତି ଘଟିଲା । ଶିକ୍ଷା ଏବଂ ବୌଦ୍ଧିକ ବିକାଶର ଉନ୍ନତି ଆରମ୍ଭ ହେଲା ।
- ସପ୍ତମ ଶତାବ୍ଦୀ ବେଳକୁ ଏକ ନୂତନ ଧର୍ମ, ଇସ୍‌ଲାମ ମହମ୍ମଦଙ୍କ ଦ୍ୱାରା ପ୍ରବର୍ତ୍ତନ ହେଲା । ଏହାର ସିଦ୍ଧାନ୍ତମାନ ଅତ୍ୟନ୍ତ ସରଳ ଥିଲା ।
- ଇସ୍‌ଲାମ ଧର୍ମ ବିଶ୍ୱର ଅନେକ ସ୍ଥାନକୁ ବ୍ୟାପିଥିଲା ।
- ୧୫୦୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଇସ୍‌ଲାମ ସମାଜ ଓ ସଂସ୍କୃତି ଥିଲା ସାର୍ବଜନୀନ ଶକ୍ତିଶାଳୀ ଏବଂ ସକ୍ରିୟ । ଏହାର ସାଂସ୍କୃତିକ ଏବଂ ବୈଜ୍ଞାନିକ ବିକାଶରେ ଯଥେଷ୍ଟ ପ୍ରଗତି ହୋଇଥିଲା ।
- ତୁର୍କୀ ଓ ମୋଗଲମାନଙ୍କ ଆଗମନ ଭାରତକୁ ସାର୍ବଭୌମତ୍ୱ ଓ ଶାସନପ୍ରଣାଳୀର ନୂତନ ଚିନ୍ତାଧାରାମାନ ଆଣିଦେଇଥିଲା । ଇକ୍ତା, ଜାଗିରଦାରୀ, ମାନସବଦାରୀ ବ୍ୟବସ୍ଥାଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ପ୍ରଶାସନିକ ବ୍ୟବସ୍ଥା ଥିଲା ।
- ଭାରତରେ ମଧ୍ୟଯୁଗ ଅର୍ଥନୈତିକ ଅଭିବୃଦ୍ଧିର ଯୁଗ ଥିଲା ।
- ମଧ୍ୟଯୁଗୀୟ ଭାରତୀୟ ସାମାଜିକ ଓ ସାଂସ୍କୃତିକ ଜୀବନ ବିଭିନ୍ନ ପରମ୍ପରାର ଏକ ଅନନ୍ୟ ସମନ୍ୱୟ ଦ୍ୱାରା ଚିହ୍ନିତ ହୋଇଥିଲା ।

## ଅନ୍ତିମ ପ୍ରଶ୍ନାବଳୀ

୧. ମାନବ ସମାଜର ଉତ୍ପତ୍ତି ସମ୍ପର୍କରେ ଜାଣିବା ପାଇଁ ମଧ୍ୟଯୁଗ କାହିଁକି ଏକ ଗୁରୁତ୍ୱପୂର୍ଣ୍ଣ ଯୁଗ ଯାହା ବିଷୟରେ ଅଧ୍ୟୟନ କରିବା ନିତାନ୍ତ ଆବଶ୍ୟକ । ବର୍ଣ୍ଣନା କର ।

୨. ରୋମ ସାମ୍ରାଜ୍ୟର ପତନ ପରେ ପଶ୍ଚିମ ଇଉରୋପର ରାଜନୈତିକ ଏବଂ ଅର୍ଥନୈତିକ ଜୀବନରେ ଘଟିଥିବା ପରିବର୍ତ୍ତନମାନଙ୍କର ବ୍ୟାଖ୍ୟା କର ।

୩. ମଧ୍ୟଯୁଗୀୟ ଭାରତୀୟ ଅର୍ଥନୀତିର ମୁଖ୍ୟ ଉପାଦାନଗୁଡ଼ିକ ଲେଖ ।

୪. ଇସ୍‌ଲାମର ମୁଖ୍ୟ ତତ୍ତ୍ୱଗୁଡ଼ିକ ୧୦୦ଟି ଶବ୍ଦରେ ଲେଖ ।

୫. 'ମଧ୍ୟଯୁଗରେ ଆରବ ସଭ୍ୟତା ଆବିଷ୍କାର ଓ କୀର୍ତ୍ତିର ସ୍ୱତନ୍ତ୍ର ମାନ୍ୟତା ଓ ଅଧିକାର ବହନ କରେ' । ଏକ ଉକ୍ତିର ସତ୍ୟତା ପ୍ରତିପାଦନ କର ।

୬. ଭକ୍ତି ଓ ସୁଫି ଆନ୍ଦୋଳନର ମୁଖ୍ୟ ମହତ୍ୱବାଣୀଗୁଡ଼ିକ ଲେଖ ଓ ଏହା କିପରି ହିନ୍ଦୁ ଓ ମୁସଲମାନମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି ପାରିଥିଲା ।

୭. ମଧ୍ୟଯୁଗରେ ଭାରତୀୟ ସଂସ୍କୃତି କିପରି ସମସ୍ତ ପରମ୍ପରା ମଧ୍ୟରେ ସମନ୍ୱୟ ରକ୍ଷା କରିଥିଲା, ଲେଖ ।

## ପାଠଗତ ପ୍ରଶ୍ନାବଳୀର ଉତ୍ତର

୧.୧

୧. ସାମନ୍ତ ଓ ଉପସାମନ୍ତଙ୍କ ମଧ୍ୟରେ ଏକ ଚୁକ୍ତି ହୋଇଥିଲା ଯେ ଉପସାମନ୍ତମାନେ ସାମନ୍ତଙ୍କ ସେବାରେ ନିୟୋଜିତ ହେବେ ଓ ପ୍ରତିବଦଳରେ ସାମନ୍ତମାନେ ଉପସାମନ୍ତଙ୍କ ନିରାପତ୍ତା ସମସ୍ୟା ସମ୍ଭାଳିବେ ।

୨. ମଧ୍ୟଯୁଗୀୟ ଇଉରୋପରେ ନିର୍ଭରଶୀଳ କୃଷକମାନେ ଭୂମିଦାସ ଥିଲେ ।

୩. (କ) ପ୍ରକୃତରେ ସତ୍ୟ ଅଟେ । କୃଷିଜାତ ପଦାର୍ଥର ଅଧିକ ଉତ୍ପାଦନ ଯୋଗୁଁ ଲୋକମାନେ ଦୂରଦୂରାନ୍ତ ପଦାର୍ଥମାନଙ୍କୁ କିଣିବାରେ ସକ୍ଷମ ହେଉଥିଲେ ।

(ଖ) ହଁ, କମ୍ ଶ୍ରମବିନିଯୋଗ ଓ ବୈଷୟିକ ଜ୍ଞାନର ଅଭାବ ଯୋଗୁଁ କୃଷି ଉତ୍ପାଦନ ବ୍ୟାହତ ହୋଇଥିଲା ।

(ଗ) କେବେ ନୁହେଁ । ଶିକ୍ଷାକେବଳ କେତେକ ନିର୍ଦ୍ଦିଷ୍ଟ ଲୋକଙ୍କ ଅଧିକାର ଥିଲା ଓ ଏହା ଅନ୍ଧବିଶ୍ୱାସରେ ପୂର୍ଣ୍ଣ ଥିଲା ।

୨.୨

୧. ମକ୍କା ବାଣିଜ୍ୟ କାରବାରର ପ୍ରଧାନ ରାସ୍ତା ଥିଲା । ଏହା ମଧ୍ୟ ଏକ ଧାର୍ମିକ କେନ୍ଦ୍ରଥିଲା, ବିଭିନ୍ନ ଆରବୀୟ ଜାତିର ଲୋକମାନେ ଏଠାରେ ସମବେତ ହେଉଥିଲେ, ପରେ ଏହା ଇସ୍‌ଲାମ ଧର୍ମର ମୂଳ କେନ୍ଦ୍ର ହୋଇଥିଲା ।

୨. ଔଷଧ, ପ୍ରାକୃତିକ ବିଜ୍ଞାନ, ସାହିତ୍ୟ, ଗଣିତ, ସ୍ଥାପତ୍ୟ ଓ ଜ୍ୟୋର୍ତିବିଜ୍ଞାନ

୩. (କ) ଚୋଳ, (ଖ) ମାନସବଦାରୀ, ଜାଗିରଦାର

(ଗ) ସରାଫ ବା ସର୍ଫ (ଘ) ଭକ୍ତିବାଦ

# ୩

# ଆଧୁନିକ ପୃଥିବୀ – ୧

ଚତୁର୍ଥ ଶତାବ୍ଦୀ ପରବର୍ତ୍ତୀ ସମୟରେ ୟୁରୋପରେ ସାଂସ୍କୃତିକ ଓ ବୌଦ୍ଧିକ ଜୀବନରେ ଏକ ବଡ଼ ଧରଣର ପରିବର୍ତ୍ତନ ପରିଲ୍ଲକ୍ଷିତ ହେଲା ଯାହାକି ଆଧୁନିକ ଯୁଗର ଆଗମନ ପାଇଁ ସହାୟକ ହୋଇଥିଲା । ଏହା ନବଜାଗରଣର ସମୟ ଯାହାକି, ସାମାଜିକ ଓ ରାଜନୈତିକ କ୍ଷେତ୍ରରେ ଚିନ୍ତନ ଓ ଯୁକ୍ତିକୁ ଉତ୍ସାହିତ କରିଥିଲା ଏବଂ ସାମୂହିକ ଜୀବନ ପ୍ରଣାଳୀକୁ ଆଲୋଡ଼ିତ କରିଥିଲା । ଆରବ ଦେଶଗୁଡ଼ିକରେ ଯୌକ୍ତିକତା ଏବଂ ବୈଜ୍ଞାନିକ ଅନୁସନ୍ଧାନକୁ ଭିତ୍ତିକରି ଏକ ଯୁଗ ଆରମ୍ଭ ହୋଇ ସାରିଥିଲା । ତଥାପି ନବଜାଗରଣ ସମୟରେ ୟୁରୋପରେ ଯେଉଁ ପରିବର୍ତ୍ତନ ଘଟିଥିଲା, ତାହା ସାରା ବିଶ୍ୱକୁ ପ୍ରଭାବିତ କରିଥିଲା । ଏହି ପରିବର୍ତ୍ତନ ସାମନ୍ତ ପ୍ରଥାର ବିପର୍ଯ୍ୟୟ ପରେ ଆରମ୍ଭ ହୋଇଥିଲା । ଯାହାକି ତୁମେ ପୂର୍ବବର୍ତ୍ତୀ ଅଧ୍ୟାୟରେ ବିସ୍ତୃତ ଭାବରେ ପଢ଼ିଛ । ଏହି ଅଧ୍ୟାୟରେ ଆମ୍ଭେମାନେ ଏହିପରି କେତେକ ପରିବର୍ତ୍ତନ ଓ ଉନ୍ନତି ସମ୍ପର୍କରେ ଆଲୋଚନା କରିବା ଯାହାକି ମଧ୍ୟଯୁଗୀୟ ସମାଜକୁ ଆଧୁନିକ ଯୁଗରେ ପରିଣତ କରିଥିଲା । ଆମ୍ଭେମାନେ ମଧ୍ୟ ବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ଆଧୁନିକ ଯୁଗରେ ଘଟିଥିବା ଘଟଣାଗୁଡ଼ିକୁ ଚିହ୍ନିତ କରିବା ।

## ଉଦ୍ଦେଶ୍ୟ

ଏହି ବିଷୟଟି ଅଧ୍ୟୟନ ପରେ ତୁମେମାନେ ଜାଣିବାକୁ ସକ୍ଷମ ହୋଇପାରିବ :–

- ସାମନ୍ତବାଦର ପତନର ପ୍ରଭାବ ସମ୍ପର୍କରେ ଆଲୋଚନା କରିବା;
- ପୁନର୍ଜାଗରଣର ଅର୍ଥ ଏବଂ ଲକ୍ଷଣଗୁଡ଼ିକୁ ବର୍ଣ୍ଣନା କରିବା;
- ସଂସ୍କାରର କାରଣ ଏବଂ ଏହାର ପ୍ରଭାବ ସମ୍ପର୍କରେ ବ୍ୟାଖ୍ୟା କରିବା;
- ବିଜ୍ଞାନର ଉନ୍ନତି ବିଷୟରେ ବର୍ଣ୍ଣନା କରିବା;
- ସେହି ଯୁଗର ମୁଖ୍ୟ ବୈଜ୍ଞାନିକ ଆବିଷ୍କାର ଏବଂ କେତେକ ମୁଖ୍ୟ ଜଳପଥ ଆବିଷ୍କାର ସମ୍ପର୍କରେ ଉଲ୍ଲେଖ କରିବା;
- ଇଉରୋପ ଏବଂ ଅବଶିଷ୍ଟ ବିଶ୍ୱ ନିମିତ୍ତ ଶିଳ୍ପ ବିପ୍ଳବର ତାତ୍ପର୍ଯ୍ୟକୁ ବ୍ୟାଖ୍ୟା କରିବା;
- ଆମେରିକୀୟ ଓ ଫରାସୀ ବିପ୍ଳବର କାରଣ ଓ ପ୍ରଭାବ ବର୍ଣ୍ଣନା କରିବା;
- ଜର୍ମାନୀ ଓ ଇଟାଲୀର ଜାତୀୟ ଏକତ୍ରୀକରଣର ସଂଘର୍ଷ ସମ୍ପର୍କରେ ଆଲୋଚନା କରିବା;
- ସାମ୍ୟବାଦୀ ଚିନ୍ତାଧାରାର ବୃଦ୍ଧି ଓ ଋଷ ବିପ୍ଳବର ନିରୀକ୍ଷଣ କରିବା;





## ୩.୧ ସାମନ୍ତବାଦ ପତନର ପ୍ରଭାବ

ମଧ୍ୟଯୁଗରେ ମୁଖ୍ୟ ଅନୁଷ୍ଠାନଗୁଡ଼ିକ ମଧ୍ୟରେ ସାମନ୍ତବାଦ ଅନ୍ୟତମ । ପୂର୍ବ ଅଧ୍ୟାୟରେ ତୁମେ ଏହା ବିଷୟରେ ବିସ୍ତୃତ ଭାବରେ ଅଧ୍ୟୟନ କରିଛ । ବହୁ ଶତାବ୍ଦୀ ଧରି ଇଉରୋପରେ ସାମନ୍ତ ପ୍ରଥାର ଉତ୍‌ଥାନ ଘଟିଥିଲା । କିନ୍ତୁ ମଧ୍ୟବିତ୍ତ ଶ୍ରେଣୀର ଉତ୍‌ଥାନ ଫଳରେ ଏହାର ପତନ ଆରମ୍ଭ ହେଲା । କ୍ଷମତାଶାଳୀ ରାଜ୍ୟଗୁଡ଼ିକର ଉତ୍‌ଥାନ ଓ ସାମନ୍ତ ଶାସକମାନଙ୍କ ମଧ୍ୟରେ ଯୁଦ୍ଧ ହେବା ଫଳରେ ଏହାର ପତନ ଘଟିଲା । ନୂତନ ସହର ଓ ମହାନଗରଗୁଡ଼ିକର ବିକାଶ ଓ ବାଣିଜ୍ୟ ବ୍ୟବସାୟର ପୁନରୁତ୍‌ଥାନ ଯୋଗୁଁ ମଧ୍ୟ ସାମନ୍ତପ୍ରଥାର ଅବସାନ ଘଟିଲା । ଏହି ସହରଗୁଡ଼ିକ ଉତ୍ପାଦନର କେନ୍ଦ୍ର ଥିଲା ଓ ଏଗୁଡ଼ିକ ନିର୍ବାଚିତ ପ୍ରତିନିଧିଙ୍କ ଦ୍ୱାରା ଶାସିତ ହେଉଥିଲା । ଏହି ସହରଗୁଡ଼ିକର ପରିବେଶ ସାମନ୍ତମାନଙ୍କ ନିୟନ୍ତ୍ରଣ ଓ କଟକଣାରୁ ମୁକ୍ତ ଥିଲା ଏବଂ ଲୋକମାନେ ମୁକ୍ତ ଭାବରେ ଚାରିଆଡ଼େ ଯାଇ ପାରୁଥିଲେ ଓ ଯେକୌଣସି ବୃତ୍ତି ଅବଲମ୍ବନ କରିପାରୁଥିଲେ । ସହରଗୁଡ଼ିକ ଗ୍ରାମାଞ୍ଚଳର କାରିଗର ଓ କୃଷକମାନଙ୍କୁ ଆକର୍ଷଣ କରୁଥିଲା କାରଣ ସେଗୁଡ଼ିକ ଜୀବନଯାପନ ପାଇଁ ଉତ୍ତମ ଭବିଷ୍ୟତ ଯୋଗାଇବା ସହିତ ସାମନ୍ତମାନଙ୍କର ଶୋଷଣରୁ ବଞ୍ଚିବା ପାଇଁ ଆଶ୍ରୟସ୍ଥଳ ରୂପେ କାର୍ଯ୍ୟ କରୁଥିଲା । ଏହି ସହର ଓ ମହାନଗରଗୁଡ଼ିକ ମଧ୍ୟ କପା ଓ ଆଖୁ ଭଳି ଫସଲ ଉତ୍ପାଦନ କରିବା ପାଇଁ ପ୍ରୋତ୍ସାହିତ କରୁଥିଲା । କୃଷକମାନଙ୍କୁ ସେମାନଙ୍କର ଉତ୍ପାଦନର ମୂଲ୍ୟ ଅର୍ଥ ଆକାରରେ ପ୍ରଦାନ କରାଯାଉଥିଲା । ଅନ୍ୟ ପକ୍ଷରେ ନିର୍ମିତ ଜିନିଷଗୁଡ଼ିକ ବଜାରରେ ବିକ୍ରୟ କରାଯାଉଥିଲା ଯେଉଁଠାରେ କି ମୁଦ୍ରା ବିନିମୟର ମାଧ୍ୟମ ଥିଲା । ମାଲିକମାନେ ସେମାନଙ୍କ ପ୍ରଜାମାନଙ୍କଠାରୁ ଶ୍ରମ ବଦଳରେ ମୁଦ୍ରା ଗ୍ରହଣ କରିବାକୁ ଆରମ୍ଭ କଲେ, କାରଣ ସେମାନେ ମଧ୍ୟ ବିଭିନ୍ନ ବିଳାସପୂର୍ଣ୍ଣ ସାମଗ୍ରୀ କ୍ରୟ କରିବାକୁ ମୁଦ୍ରା ବ୍ୟବହାର କଲେ । ଏହାଦ୍ୱାରା ଏକ ଶକ୍ତିଶାଳୀ ବଣିକ ଗୋଷ୍ଠୀର ସୃଷ୍ଟି ହେଲା । ସେମାନେ ସାମାଜିକ ଶ୍ରେଣୀ ବ୍ୟବସ୍ଥାରେ ଉଚ୍ଚସ୍ତର ପାଇବା ପାଇଁ ଇଚ୍ଛା କଲେ । ସେମାନେ ସାମନ୍ତଶ୍ରେଣୀର ମୁଖ୍ୟମାନଙ୍କୁ ଉପେକ୍ଷା କରିବା ପାଇଁ ଶକ୍ତିଶାଳୀ ରାଜାମାନଙ୍କୁ ସମର୍ଥନ କଲେ ଯାହାକି ସାମନ୍ତବାଦକୁ ଦୁର୍ବଳ କରି ଦେବାରେ ସହାୟକ ହୋଇଥିଲା ।

ନୂତନ ଚିନ୍ତାଧାରାର ଅଭ୍ୟୁଦୟ ଏକ ନୂତନ ଜାଗରଣ ସୃଷ୍ଟି କରିଥିଲା । ଏଥିରୁ ଏକ ନୂତନ ଆନ୍ଦୋଳନ ଜନ୍ମ ନେଲା ଯାହାକୁ ପୁନର୍ଜାଗରଣ ବା ରେନାସାଁ କୁହାଯାଏ । ଯାହା ବିଷୟରେ ଆମେ ପଢ଼ିବାକୁ ଯାଉଛୁ ।

## ୩.୨ ପୁନର୍ଜାଗରଣ

ଆଧୁନିକ ଯୁଗରେ ବିଶ୍ୱାସର ଯୁଗର ପରିସମାପ୍ତି ଘଟିଲା ଓ ହେତୁବାଦୀ ଯୁଗର ଅଭ୍ୟୁଦୟ ହେଲା । ଏହା 'ରେନାସାଁ' ବା ପୁନର୍ଜାଗରଣ ଓ ସଂସ୍କାରଧର୍ମୀ ଆନ୍ଦୋଳନମାନ ପରିଲକ୍ଷିତ ହେଲା । ଏହି ଆନ୍ଦୋଳନ ସାରାବିଶ୍ୱର ଲୋକମାନଙ୍କର ସାଂସ୍କୃତିକ, ବୌଦ୍ଧିକ, ଧାର୍ମିକ, ସାମାଜିକ ଓ ରାଜନୈତିକ ଜୀବନରେ ଅନେକ ପରିବର୍ତ୍ତନ ଆଣିଲା । ଏହି ଯୁଗରେ ସହରୀକରଣ, ଦ୍ରୁତ ପରିବହନ ଓ ଯୋଗାଯୋଗ, ଗଣତାନ୍ତ୍ରିକ ବ୍ୟବସ୍ଥା, ସମାନତା ଉପରେ ପ୍ରତିଷ୍ଠିତ ଏକ ପ୍ରକାର ଆଇନ ଆଦି ଚାରିତ୍ରିକ ଗୁଣ ପରିଲକ୍ଷିତ ହୁଏ ।

ରେନାସାଁର ଆକ୍ଷରିକ ଅର୍ଥ ହେଉଛି, 'ପୁନର୍ଜନ୍ମ' । ପ୍ରାୟ ଚତୁର୍ଦ୍ଦଶ ଶତାବ୍ଦୀ ବେଳକୁ ଏହା ଇଟାଲୀରେ ଆରମ୍ଭ ହେଲା । ସେ ସମୟରେ ଇଟାଲୀ ଅନେକଗୁଡ଼ିଏ କ୍ଷୁଦ୍ର ନଗର ରାଜ୍ୟରେ ବିଭକ୍ତ ହୋଇଥିଲା । ସେଗୁଡ଼ିକ ମଧ୍ୟରୁ ଅନେକ ପ୍ରାଚୀନ ରୋମର ସୌଧଗୁଡ଼ିକର ଧ୍ୱଂସାବଶେଷ ଉପରେ ଗଢ଼ି ଉଠିଥିଲା । ଇଟାଲୀୟ ସହରଗୁଡ଼ିକର ଭୌଗୋଳିକ ଅବସ୍ଥିତି ସେଗୁଡ଼ିକୁ ବୃହତ୍ ବାଣିଜ୍ୟିକ ଓ ବୌଦ୍ଧିକ କେନ୍ଦ୍ରରେ ପରିଣତ କରିଥିଲା । ମୋଟ ଉପରେ ଭେନିସ୍ ଭଳି ଇଟାଲୀୟ ସହରର ଅବସ୍ଥିତି ଏଗୁଡ଼ିକୁ ବାଣିଜ୍ୟ ଓ ବୌଦ୍ଧିକ କେନ୍ଦ୍ରରେ ପରିଣତ କଲା । ପୃଥିବୀର ବିଭିନ୍ନ କୋଣରୁ ବଣିକମାନେ ନୂତନ ଉନ୍ନତ ଚିନ୍ତାଧାରା ଓ ଧନ ସମ୍ପଦ ଏଠାକୁ ଆଣୁଥିଲେ । ଏହି ନୂତନ ଆକାରର

ରାଜନୈତିକ ଓ ସାମାଜିକ ଅନୁଷ୍ଠାନଗୁଡ଼ିକ ଶୈକ୍ଷିକ, କଳାତ୍ମକ ଓ ସାଂସ୍କୃତିକ ବିକାଶ ପାଇଁ ରାଜନୈତିକ ସ୍ୱାଧୀନତା ଓ ଉପଯୁକ୍ତ ପରିବେଶ ପ୍ରଦାନ କଲା । ଲୋକମାନେ ଅଧ୍ୟୟନ ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଅଧିକ ମୁକ୍ତ ସମୟ ପାଇଲେ ।

ଏହାମଧ୍ୟ ଆର୍ଥିକ ବିସ୍ତାରର ସମୟ । ଶୃଙ୍ଖଳିତ ଭାବେ ହିସାବ ରଖିବା ବିଦ୍ୟା, ବିନିମୟ ନିୟମ ଓ ସର୍ବସାଧାରଣ ଋଣ ଆଦି କେତେକ ବାଣିଜ୍ୟିକ ଓ ଆର୍ଥିକ କୌଶଳ ବାଣିଜ୍ୟ ବିକାଶ ପାଇଁ ଆବିଷ୍କୃତ ହୋଇଥିଲା । ଏହା ଇଟାଲୀକୁ ନବଜାଗରଣର କେନ୍ଦ୍ରସ୍ଥଳୀ କରାଇଥିଲା । ଏହି ଯୁଗର ଗୁରୁତ୍ୱପୂର୍ଣ୍ଣ ଉନ୍ନତିଗୁଡ଼ିକ ହେଉଛି, ସହର ଜୀବନର ପୁନରୁଦ୍ଧାର, ବ୍ୟକ୍ତିଗତ ପୁଞ୍ଜିକୁ ନେଇ ବାଣିଜ୍ୟ, ବ୍ୟାଙ୍କବ୍ୟବସ୍ଥା, ଜାତୀୟରାଷ୍ଟ୍ର ଗଠନ, ନୂତନପଥ ଓ ଅଞ୍ଚଳ ଆବିଷ୍କାର ଏବଂ ମାତୃଭାଷା ସାହିତ୍ୟର ବିକାଶ ଯାହାକି ଛାପାଖାନା ଦ୍ୱାରା ବିଶେଷ ଜନପ୍ରିୟ ହୋଇପାରିଥିଲା । ଏହି ନୂତନ ବଣିକ ସମାଜଗୁଡ଼ିକ କମ୍ ବଂଶାନୁକ୍ରମିକ ଥିଲା ଓ ଅଧିକ ଧର୍ମନିରପେକ୍ଷ ଲକ୍ଷ୍ୟ ଭିତ୍ତିକ ଥିଲା । ଏହା ପ୍ରାଚୀନ ଗ୍ରାମାଞ୍ଚଳ ପ୍ରଥା ଦ୍ୱାରା ସିମୀତ ସମାଜଠାରୁ ସମ୍ପୂର୍ଣ୍ଣ ବିପରୀତ ଥିଲା । ଦୁଃସାହାସିକ ଆବିଷ୍କାରକମାନେ ବିଶ୍ୱ ଆର୍ଥିକ ବ୍ୟବସ୍ଥା ଆରମ୍ଭ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କଲେ । ବାଣିଜ୍ୟପଥ ଆବିଷ୍କାର ପରେ ଆମେରିକା, ଏସିଆ ଓ ଆଫ୍ରିକାରୁ ବହୁ ନୂତନ ପଦାର୍ଥ ଆମଦାନୀ କରାଗଲା । ଏହି ଦ୍ରବ୍ୟଗୁଡ଼ିକ ୟୁରୋପୀୟମାନଙ୍କ ଜୀବନର ମାନବୃଦ୍ଧି କଲା ଏବଂ ସେଗୁଡ଼ିକ ବହୁଳ ଭାବରେ ଉତ୍ପାଦନ କରି ଲାଭବାନ ହେବା ପାଇଁ ନୂତନ ଉପାୟର ବିକାଶ କରିବା ପାଇଁ ପ୍ରେରଣା ଦେଲା । ଫଳରେ ବଣିକ, ବାଣିଜ୍ୟିକ ସଂସ୍ଥା, ପରିଚାଳକ ଓ ବ୍ୟାଙ୍କଗୁଡ଼ିକ ଏକତ୍ର କାର୍ଯ୍ୟ କଲେ ଓ ରାଜନୈତିକ ଜୀବନରେ ଗୁରୁତ୍ୱପୂର୍ଣ୍ଣ ପଦ ଲାଭ କରିବା ସହିତ ଅନ୍ୟ ଦେଶ ସହ ସମ୍ପର୍କ ରକ୍ଷା କରିବା ପାଇଁ 'ପୁଞ୍ଜି' ଲାଭ କଲେ ।

ଏହି ଯୁଗରେ ସୃଷ୍ଟି ହୋଇଥିବା ନୂତନ ଚିନ୍ତାଧାରା ଯଥା– ମାନବବାଦ, ହେତୁବାଦ ଓ ଅନୁସନ୍ଧିତ୍ସା ପ୍ରଭୃତି ଲୋକମାନଙ୍କ ଚିନ୍ତାଧାରାରେ ଏକ ବଡ଼ ଧରଣର ପରିବର୍ତ୍ତନ ଆଣିଲା । ଗ୍ରୀସ୍ ଓ ରୋମର ପ୍ରାଚୀନ ସଭ୍ୟତାମାନଙ୍କର ସାଂସ୍କୃତିକ କୃତିତ୍ୱ ପ୍ରତି ଗଭୀର ଆଗ୍ରହ ଦେଖାଦେଲା । ଏହି ନୂତନ ପଣ୍ଡିତମାନଙ୍କର ଚିନ୍ତାର ମୁଖ୍ୟ କେନ୍ଦ୍ର ହେଲା ମନୁଷ୍ୟ ଜାତି । ମନୁଷ୍ୟଠାରେ ଥିବା ସର୍ଜନା କରିବାର ଅନ୍ତର୍ନିହିତ ଶକ୍ତି ଏବଂ ଏହି ପୃଥିବୀରେ ଆନନ୍ଦ ଖୋଜିବାରେ ଥିବା ସେମାନଙ୍କର ଅଧିକାର ଉପରେ ସେମାନେ ବିଶ୍ୱାସ କରୁଥିଲେ । ଏହା ମଧ୍ୟଯୁଗୀୟ ଚର୍ଚ୍ଚ ଯେଉଁମାନେ ପାର୍ଥିବ ସୁଖର ବିରୋଧ କରୁଥିଲେ, ତାର ପରିପନ୍ଥୀ ଥିଲା । ମନୁଷ୍ୟ ଜାତି ପ୍ରତି ଏହି ସମ୍ମାନବୋଧ କଳା, ଭାଷା, ସାହିତ୍ୟ ଓ ଧର୍ମ ପ୍ରଭୃତି ପ୍ରତି ଆଗ୍ରହ ସୃଷ୍ଟି ପାଇଁ ଉତ୍ସାହିତ କରିଥିଲା । ତୁମେ ଜାଣକି ଏହି ସମୟରେ ମାନବ ଧର୍ମୀ ନୈତିକ ଶିକ୍ଷା ଜନ୍ମ ଲାଭ କଲା ।


ଚିତ୍ର ୩.୧ ଲିଓନାର୍ଡୋ ଦାଭିନ୍ସିଙ୍କ ମୋନାଲିସା

ମାନବବାଦର ପ୍ରଭାବ କଳା ଓ ସାହିତ୍ୟ କ୍ଷେତ୍ରରେ ମଧ୍ୟ ଅନୁଭୂତ ହୋଇଥିଲା । ରେନାସାଁ କଳାକାରମାନଙ୍କର ପ୍ରମୁଖ କୃତିତ୍ୱ ଚିତ୍ରାଙ୍କନ କ୍ଷେତ୍ରରେ ଥିଲା । ଚିତ୍ରକରମାନେ ଶରୀର ବିଜ୍ଞାନ ସଙ୍ଗେ ସଙ୍ଗେ ଶରୀରର ଅନୁପାତିକ ଗଠନ ପ୍ରଣାଳୀ ମଧ୍ୟ ଅଧ୍ୟୟନ କରୁଥିଲେ ।

ସେମାନେ ଚାହୁଥିଲେ, ମନୁଷ୍ୟମାନଙ୍କର ଅବିକଳ ଚିତ୍ର ଠିକ୍ ଆକୃତି ଓ ଅନୁପାତରେ ଗଠନ କରାଯାଉ । ସେ ସମୟର କେତେକ ପ୍ରମୁଖ କଳାକାର ହେଉଛନ୍ତି, ଲିଓନାର୍ଡୋ ଦାଭିନସି, ମାଇକେଲ ଏନ୍‌ଜେଲୋ, ରାଫେଲ, ବଟିସେଲିଓ ଟାଇଟାନ୍ । ସ୍ଥାପତ୍ୟ କ୍ଷେତ୍ରରେ ମଧ୍ୟ କଳାକାରମାନେ ଖୋଲାରେ ଠିଆ ହୋଇଥିବା ମୂର୍ତ୍ତିମାନ ନିର୍ମାଣ କଲେ । ଏହି ସ୍ଥାପତ୍ୟଗୁଡ଼ିକ ବର୍ତ୍ତମାନ ଅଟ୍ଟାଳିକା କିମ୍ବା ଆଡୁଆଳରେ ସଂଲଗ୍ନ ନହୋଇ ସ୍ୱତନ୍ତ୍ର ଭାବରେ ଠିଆ ହୋଇ ରହିଥିବା କଳାକୃତି ଅଟେ । ରେନାସାଁର ପ୍ରଥମ ପ୍ରଖ୍ୟାତ ମୂର୍ତ୍ତିକାର ଥିଲେ ଡୋନାଟେଲୋ ଯେକି 'ଡେଭିଡ଼' ନାମରେ ମୂର୍ତ୍ତି ଗଠନ କରିଥିଲେ

ରେନାସାଁର ପ୍ରଭାବ ୟୁରୋପରେ ଜାତୀୟତାବାଦର ଅଭ୍ୟୁତ୍‌ଥାନରେ ସହାୟକ ହୋଇଥିଲା । ଲୋକମାନେ ସେମାନଙ୍କୁ ମଧ୍ୟଯୁଗୀୟ ଧାର୍ମିକ କଟକଣା ଓ ବନ୍ଧନରୁ ମୁକ୍ତ କରିବାକୁ ଉଦ୍ୟମ କରିଥିଲେ । ଜାତୀୟ ପରିଚୟ ଦୃଢ଼ତାର ସହ ବିକାଶ ଲାଭ କଲା ଓ ଏହା ଅଧୁନିକ ୟୁରୋପୀୟ ଭାଷା ଯଥା– ଇଟାଲୀୟ, ସ୍ପେନ, ଜର୍ମାନୀ, ଇଂରାଜୀ ପ୍ରଭୃତି ଭାଷା ସାହିତ୍ୟର ବିକାଶରେ ପ୍ରତିଫଳିତ ହେଲା । ବର୍ତ୍ତମାନ ଲେଖକମାନେ ଲାଟିନ ଭାଷା ପରିବର୍ତ୍ତରେ ପଦ୍ୟ, ନାଟକ ଓ ଗଦ୍ୟ ରଚନା କ୍ଷେତ୍ରରେ ଆଞ୍ଚଳିକ ଭାଷା ବ୍ୟବହାର କଲେ । ମାତୃଭାଷାର ବ୍ୟବହାର ଓ ଛାପାଖାନାର ପ୍ରଚଳନ ଫଳରେ ରେନାସାଁ ଲେଖକମାନଙ୍କର କୃତୀ ବହୁସଂଖ୍ୟାରେ ଲୋକମାନଙ୍କର ବୋଧଗମ୍ୟ ହୋଇପାରିଲା । ବାଇବେଲକୁ ଛପାଗଲା ଓ ତାକୁ ବହୁ ସଂଖ୍ୟାରେ ଲୋକ ତାକୁ ପଢ଼ିପାରିଲେ । ଆଧୁନିକ ୟୁରୋପୀୟ ଭାଷାରେ ପ୍ରସ୍ତୁତ ସେ ସମୟର ପ୍ରମୁଖ କୃତୀଗୁଡ଼ିକ ହେଉଛି, ଦାନ୍ତେଙ୍କର 'ଡିଭାଇନ କମେଡି', ଇରାସ୍‌ମସ୍‌ଙ୍କ 'ଇନ୍‌ପ୍ରେଜ୍ ଅଫ ପୋଲି', ମାକିଆ ଭେଲିଙ୍କର 'ଦି ପ୍ରିନ୍‌ସ', ସେରଭାଣ୍ଟସ୍‌ଙ୍କର 'ଡନ୍ କ୍ୱିକ୍ସଟ' ।

ରେନାସାଁର ଉତ୍ତର ଭାଗ ଆଡ଼କୁ ଇଉରୋପ ଇତିହାସରେ ଦୁଇଟି ମୁଖ୍ୟ ଉନ୍ନତି ଘଟିଲା । ପ୍ରଥମଟି ହେଉଛି, ପ୍ରୋଟେଷ୍ଟାଣ୍ଟ ସଂସ୍କାର ଆନ୍ଦୋଳନ ଯାହାକି, ଖ୍ରୀଷ୍ଟଧର୍ମରେ ବିଭାଜନ ଆଣିଲା । ଦ୍ୱିତୀୟ ସଂସ୍କାର ସମ୍ପର୍କିତ ଉନ୍ନତି ରୋମାନ କାଥଲିକ୍ ଚର୍ଚ୍ଚରେ ହୋଇଥିଲା । ସାଧାରଣତଃ ଯାହାକୁ କ୍ୟାଥଲିକ୍ ସଂସ୍କାର କିମ୍ବା ବିରୁଦ୍ଧବାଦୀ ସଂସ୍କାର କୁହାଯାଏ । ସଂସ୍କାର ହେଉଛି, ସାମାଜିକ, ଧାର୍ମିକ ଓ ରାଜନୈତିକ ବିପ୍ଳବର ଅଂଶ ବିଶେଷ ଯାହାକି, ଆଧୁନିକ ବିଶ୍ୱର ଅଭ୍ୟୁଦୟ ପାଇଁ ସାହାଯ୍ୟ କଲା ।

## ତୁମ ପାଇଁ କାର୍ଯ୍ୟ ୩.୧

ହେତୁବାଦ, ମାନବଧର୍ମ, ଅନୁସନ୍ଧିତ୍ସା, ପର୍ଯ୍ୟବେକ୍ଷଣ, ପରୀକ୍ଷା, ଯୁକ୍ତି ଆଦି କେତେକ ଚିନ୍ତାଧାରା ରେନାସାଁ ସମୟରେ ଆରମ୍ଭ ହୋଇଥିଲା । ସେଗୁଡ଼ିକର ଅର୍ଥ ବାହାର କରି ଆଜିର ଜୀବନ ସହ ସମ୍ପର୍କ ସ୍ଥାପନ କର ।

## ୩.୩ ପୁନର୍ଗଠନ (Reformation)

ମଧ୍ୟଯୁଗୀୟ କ୍ୟାଥଲିକ ଚର୍ଚ୍ଚ ଅନ୍ଧବିଶ୍ୱାସ, ଭ୍ରଷ୍ଟାଚାର ଏବଂ ଧନଲାଳସାରେଲିପ୍ତ ହୋଇଥିଲା । ଅନ୍ଧବିଶ୍ୱାସୀ କୃଷକମାନଙ୍କୁ ଚର୍ଚ୍ଚଦ୍ୱାରା ହୃଦ୍‌ବୋଧ କରାଯାଉଥିଲା ଯେ ଏହା ହେଉଛି ପ୍ରକୃତ 'କ୍ରସ୍'ର ଅଧିକାରୀ । ଲୋକମାନେ ଏକ କାଠଖଣ୍ଡକୁ ପ୍ରକୃତ 'କ୍ରସ୍' ବୋଲି ଦେଖିବାକୁ ଦକ୍ଷିଣା ପ୍ରଦାନ କରୁଥିଲେ । କାରଣ ଏହା ବିଶ୍ୱାସ କରାଯାଉଥିଲା ଯେ, ଏହି

ପବିତ୍ର ବସ୍ତୁଟିର ଆରୋଗ୍ୟ କରିବାର ଶକ୍ତି ରହିଥିଲା । ଚର୍ଚ୍ଚ ଯୁକ୍ତି ଅପେକ୍ଷା ଅନ୍ଧବିଶ୍ୱାସ ଉପରେ ଅଧିକ ଗୁରୁତ୍ୱ ଦେଉଥିଲା, କାରଣ ଏହା ଭକ୍ତମାନଙ୍କଠାରୁ ଅର୍ଥ ଆହରଣ କରିବାର ମାଧ୍ୟମ ଥିଲା । ରେନାସାଁ ବା ପୁନର୍ଜାଗରଣର ପ୍ରଭାବରେ ଏସମସ୍ତ ବଦଳିଗଲା । ରେନାସାଁର ନୂତନ ଚିନ୍ତାଧାରା ଫଳରେ କୌଣସି କଥାକୁ ଅନ୍ଧ ଭାବରେ ଗ୍ରହଣ କରାଯାଇ ପାରିଲା ନାହିଁ । ତୁମେ ଜାଣକି ୧୫୧୭ ମସିହାରେ ମାର୍ଟିନ ଲୁଥର ନାମକ ଜଣେ ଜର୍ମାନୀ ଧର୍ମଯାଜକ ପ୍ରଥମେ ରୋମାନ କ୍ୟାଥଲିକ୍ ଚର୍ଚ୍ଚର କ୍ଷମାତକୁ ବିରୋଧ କରିଥିଲେ । ତାଙ୍କ ମତରେ ବାଇବେଲ ଏକମାତ୍ର ଧାର୍ମିକ ପ୍ରଭୁତ୍ୱର ଉତ୍ସ । ସେ ବିଶ୍ୱାସ କରୁଥିଲେ ଯେ, ଚର୍ଚ୍ଚ ଉପରେ ଅନ୍ଧ ବିଶ୍ୱାସ ନରଖି କେବଳ ଯୀଶୁଖ୍ରୀଷ୍ଟଙ୍କ ଉପରେ ବିଶ୍ୱାସ ଦ୍ୱାରା ମୁକ୍ତିଲାଭ କରାଯାଇପାରିବ । ସେ ଚର୍ଚ୍ଚରେ ପ୍ରଚଳିତ କେତେକ ପ୍ରଥାକୁ ବିରୋଧ କରିଥିଲେ । ଯଥା– ଚର୍ଚ୍ଚରେ ସ୍ଥାନ ବିକ୍ରୟ କରିବା, ସବୁଠାରୁ ଅଧିକ ଅର୍ଥ ପ୍ରଦାନକାରୀ ବ୍ୟକ୍ତିକୁ ମୁକ୍ତିପତ୍ର ପ୍ରଦାନ କରିବା । ଜର୍ମାନ ରାଜକୁମାର ତାଙ୍କୁ ସୁରକ୍ଷା ପ୍ରଦାନ କରୁଥିଲେ କାରଣ ଚର୍ଚ୍ଚର ସମ୍ପତ୍ତି ଅଧିକାର କାରିବାକୁ ସେ ଚାହୁଁଥିଲେ । କିନ୍ତୁ ୧୫୨୧ ମସିହା ଜାନୁଆରୀ ୩ ତାରିଖରେ ତାଙ୍କୁ ପୋପ୍‌ଲିଓ ଦଶମ ଚର୍ଚ୍ଚର ସମ୍ପତ୍ତିକୁ ପୃଥକ୍ କରିଦେଲେ କାରଣ ସେ ଚର୍ଚ୍ଚ ବିରୁଦ୍ଧରେ ଲେଖିବାର ବାରଣକୁ ପ୍ରତ୍ୟାଖ୍ୟାନ କଲେ । ଲୁଥରଙ୍କର ଚିନ୍ତାଧାରା ପାଶ୍ଚାତ୍ୟ ଦେଶରେ ପ୍ରୋଟେଷ୍ଟାଣ୍ଟ ଆନ୍ଦୋଳନ ଆରମ୍ଭ କଲା ଏବଂ ଏହା ଖ୍ରୀଷ୍ଟିଆନ ଜଗତକୁ ଦୁଇଭାଗରେ ବିଭକ୍ତ କଲା ଯଥା – ପ୍ରୋଟେଷ୍ଟାଣ୍ଟ ଓ ରୋମାନ କ୍ୟାଥଲିକ୍ । ତାଙ୍କ ମତରେ ଖ୍ରୀଷ୍ଟିଆନମାନେ ଯୀଶୁଖ୍ରୀଷ୍ଟଙ୍କ ପ୍ରଦର୍ଶିତ ମାର୍ଗ ଅନୁସରଣ କରି ମୁକ୍ତି ପାଇପାରିବେ ମୁକ୍ତିପତ୍ର କ୍ରୟ କରିବା ଦ୍ୱାରା ନୁହେଁ । ଇଉରୋପରେ ପ୍ରୋଟେଷ୍ଟାଣ୍ଟ ଆନ୍ଦୋଳନ ଲୁଥରଙ୍କର ଚିନ୍ତାଧାରା ଦ୍ୱାରା ପ୍ରଭାବିତ ହୋଇଥିଲା । କିନ୍ତୁ ଇଂଲଣ୍ଡର ଏହି ପୁନର୍ଗଠନ ଆନ୍ଦୋଳନ ରାଜା ଅଷ୍ଟମ ହେନେରୀଙ୍କର ତାଙ୍କର ପ୍ରଥମ ସ୍ତ୍ରୀ କ୍ୟାଥେରାଇନ୍‌ଙ୍କୁ ଛାଡ଼ପତ୍ର ଦେବାର ଉଦ୍ୟମର ପ୍ରତ୍ୟକ୍ଷ ଫଳାଫଳରୁ ଆରମ୍ଭ ହୋଇଥିଲା । ରାଜାଙ୍କର ପ୍ରଧାନମନ୍ତ୍ରୀ ଥମାସ କର୍ଣ୍ଣୱେଲ ପାର୍ଲାମେଣ୍ଟରେ ଗୋଟିଏ ‘Act’ ପାରିତ କରିବାରେ ସାହାଯ୍ୟ କରିଥିଲେ । ଯାହାକି ଚର୍ଚ୍ଚ ଉପରେ ରାଜକୀୟ କ୍ଷମତା ଅର୍ପଣ କରିଥିଲା । ରାଜା ଆନେ ବୋଲେନ ନାମ୍ନୀ ଜଣେ ସାଧାରଣ ନାଗରିକଙ୍କୁ ବିବାହ କରିବାକୁ ଅନୁମତି ପ୍ରାପ୍ତ ହୋଇଥିଲା ।


ଚିତ୍ର ୩.୨ ମାର୍ଟିନ ଲୁଥର

ଏହି ପୁନର୍ଗଠନ ଆନ୍ଦୋଳନ ଦ୍ୱାରା ଧାର୍ମିକ ପୁନରୁଦ୍ଧାର କ୍ଷେତ୍ରରେ ଦ୍ରୁତ ପରିବର୍ତ୍ତନ ପରିଲକ୍ଷିତ ହେଲା । ଏହି ଆନ୍ଦୋଳନ କ୍ୟାଥଲିକ୍ ଚର୍ଚ୍ଚ ମଧ୍ୟରେ ଆରମ୍ଭ ହେଲା । ଏହାକୁ ବିରୁଦ୍ଧବାଦୀ ପୁନର୍ଗଠନ କୁହାଯାଏ । ଏହାର ଲକ୍ଷ୍ୟଥିଲା ଦୁର୍ନୀତି ଦୂର କରିବା ଓ କ୍ୟାଥଲିକ୍ ଚର୍ଚ୍ଚକୁ ଉନ୍ନତ ଓ ଶକ୍ତିଶାଳୀ କରିବା । ଏହା ସ୍ପେନରେ ଆରମ୍ଭ ହେଲା ଯେଉଁଠାରେ ଇଗ୍ନାସିୟସ ଲୟାଲ ‘ସୋସାଇଟ ଅଫ ଜେସସ’ ନାମକ ଏକ ସଂସ୍ଥା ଗଠନ କଲେ ଯାହା ଈଶ୍ୱର ସେବା, ଦାନ, ବିଶୁଦ୍ଧତା ଓ ଧର୍ମ ସଂଘର କାର୍ଯ୍ୟ ଉପରେ ଗୁରୁତ୍ୱାରୋପ କଲା । ମାର୍ଟିନ ଲୁଥରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଆନ୍ଦୋଳନ ଇଂଲଣ୍ଡର ରାଜ ଅଷ୍ଟମ ହେନେରୀ, ହଲଡିଚ୍ ଜୁଇଙ୍ଗଲିଓଜନ୍ କାଲଭିନ୍‌ଙ୍କ ଉଦ୍ୟମ ଫଳରେ ଇଉରୋପର ବିଭିନ୍ନ ଦେଶକୁ ବ୍ୟାପିଥିଲା ।





## ପାଠଗତ ପ୍ରଶ୍ନାବଳୀ ୩.୧

ଶୂନ୍ୟସ୍ଥାନ ପୂରଣ କର –

୧. (କ) --------- ମନୁଷ୍ୟ ଭିତରେ ଥିବା ସୃଷ୍ଟି କରିବାର ଅନ୍ତର୍ନିହିତ ଶକ୍ତି ଉପରେ ନିଜର ବିଶ୍ୱାସ ପ୍ରକାଶ କରିଥିଲେ ।

(ଖ) ଇଗ୍ନାସିଅସ୍ ଲୟାଲ ---------- ନାମରେ ସଂସ୍ଥା ସ୍ଥାପନ କରିଥିଲେ ।

୨. ସାମନ୍ତବାଦର ସଂଜ୍ଞା ଲେଖ । ସାମନ୍ତବାଦର ଅନ୍ୟୁନ ଦୁଇଟି ପ୍ରକୃତି ଲେଖ ।

୩. ପୁନର୍ଜାଗରଣର ମୁଖ୍ୟ ଚିନ୍ତାଧାରା କ'ଣ ?

୪. ମାର୍ଟିନ ଲୁଥରଙ୍କର ଅନ୍ୟୁନ ଦୁଇଟି ଶିକ୍ଷା ଯାହାକି ଚର୍ଚ୍ଚର ସଂସ୍କାର କାର୍ଯ୍ୟକୁ ପ୍ରଭାବିତ କରିଥିଲା, ତାହାର ତାଲିକା କର ।

## ୩.୪ ବିଜ୍ଞାନର ଉନ୍ନତି


ରେନାସାଁ ସମୟରେ ବିଜ୍ଞାନ କ୍ଷେତ୍ରରେ ଅସାଧାରଣ ଉନ୍ନତି ସାଧନ ହୋଇଥିଲା । ଆମେ ଅଧ୍ୟୟନ କଲେ ଯେ, ରେନାସାଁର ଚିନ୍ତା ନାୟକମାନେ ଅନ୍ଧ ବିଶ୍ୱାସ ଅପେକ୍ଷା କାରଣ ଉପରେ ଅଧିକ ଗୁରୁତ୍ୱ ଦେଉଥିଲେ ଏବଂ ବିଶ୍ୱାସ କରୁଥିଲେ ଯେ, ଅନୁସନ୍ଧାନ ଓ ପର୍ଯ୍ୟବେକ୍ଷଣ ଦ୍ୱାରା ପ୍ରକୃତ ଜ୍ଞାନ ଆହରଣ କରାଯାଇ ପାରିବ । ସେମାନେ ପରମ୍ପରାଗତ ଅନ୍ଧ ବିଶ୍ୱାସ ଓ ପ୍ରତିଷ୍ଠିତ ବିଶ୍ୱାସକୁ ଗ୍ରହଣ କରୁନଥିଲେ । ଯାହା ଫଳରେ ବୈଜ୍ଞାନିକ ଅନୁସନ୍ଧାନ ପ୍ରାୟ ବିଲୁପ୍ତ ହୋଇସାରିଥିଲା । ରେନାସାଁ ସମୟରେ ବୈଜ୍ଞାନିକ ବିପ୍ଳବ ଆରମ୍ଭ ହେଲା । ଲିଓନାର୍ଡୋ ଦାଭିନ୍ସଙ୍କ ଭଳି ଶିଳ୍ପୀମାନେ ଶରୀର ତତ୍ତ୍ୱ ଓ ପ୍ରକୃତି ଉପରେ ପର୍ଯ୍ୟବେକ୍ଷଣ ଦ୍ୱାରା ଚିତ୍ରକଳା ପ୍ରସ୍ତୁତ କଲେ, ଯାହାକି କଳା ଓ ବିଜ୍ଞାନର ଅପୂର୍ବ ସମନ୍ୱୟ । ଏହି ସମୟରେ ମଧ୍ୟ ଭେଷଜ ବିଦ୍ୟା ଓ ମନୁଷ୍ୟ ଶରୀର ତତ୍ତ୍ୱ ଉପରେ ବିଶେଷ ସଫଳତା ମିଳିଥିଲା । ଜଣେ ସ୍ପେନୀୟ ଡାକ୍ତର ମାଇକେଲ ସରଭେଟସ ରକ୍ତ ସଂଚାଳନ ଆବିଷ୍କାର କଲେ । ଇଉଲିୟମ ହେନରୀ ଜଣେ ଇଂରେଜ ଯେ କି, ରକ୍ତ ପରିଷ୍କାର ଓ ଧମନୀ ମଧ୍ୟରେ ତାର ସଂଚାଳନ କ୍ଷେତ୍ରରେ ହୃତ୍‌ପିଣ୍ଡର କାର୍ଯ୍ୟ ବର୍ଣ୍ଣନା କଲେ । ରେନାସାଁ ବୈଜ୍ଞାନିକମାନେ ଯାହା ଆରମ୍ଭ କରିଦେଇ ଗଲେ, ତାହା ଜ୍ଞାନ ଆହରଣ କ୍ଷେତ୍ରରେ ଅନୁସନ୍ଧାନ ଓ ପର୍ଯ୍ୟବେକ୍ଷଣ ପାଇଁ ପଥ ପରିଷ୍କାର କରିଦେଲା ।

ରେନାସାଁର ବିଜ୍ଞାନ କ୍ଷେତ୍ରରେ ଗୋଟିଏ ଅତି ଗୁରୁତ୍ୱପୂର୍ଣ୍ଣ ସଫଳତା ହେଉଛି ଜ୍ୟୋତିର୍ବିଜ୍ଞାନ । ତୁମେ କୋପରନିକସ, କେପଲର ଏବଂ ଗାଲିଲିଙ୍କ ବିଷୟରେ ଶୁଣିଛ ତ ? ସେମାନେ ଖୁବ୍ ବଡ଼ ଜ୍ୟୋତିର୍ବିଦ । ସେମାନେ ପ୍ରମାଣ କରିବାକୁ ଚେଷ୍ଟା କରିଥିଲେ ଯେ, ପୃଥିବୀ ସୂର୍ଯ୍ୟ ଚାରିପଟେ ଘୁରୁଛି । ରେନାସାଁ ପୂର୍ବରୁ ବିଶ୍ୱାସ କରାଯାଉଥିଲା ଯେ, ସୂର୍ଯ୍ୟ, ପୃଥିବୀ ଚାରିପଟେ ଘୁରୁଛି ଏବଂ ଯିଏ ଏହାକୁ ପ୍ରଶ୍ନ କରୁଥିଲା ତାକୁ ଧର୍ମ ବିରୋଧି ବୋଲି ନିନ୍ଦା କରାଯାଉଥିଲା । କୋପରନିକସ୍ ତାଙ୍କର ପୁସ୍ତକ 'ଅନଦି ରିଭୋଲ୍ୟୁସନ ଅଫଦି ହେଭେନ୍‌ଲି ସ୍ପିଅର'ରେ ପୃଥିବୀ ଓ ଅନ୍ୟ ଗ୍ରହମାନେ ସୂର୍ଯ୍ୟ ଚାରିପଟେ ଏକ ସମକେନ୍ଦ୍ରୀୟ ପରିଧିରେ ବୁଲୁଛନ୍ତି ବୋଲି ଯୁକ୍ତି ବାଢ଼ିଥିଲେ । ଯଦିଓ ଏହି ମତବାଦ ତ୍ରୁଟିପୂର୍ଣ୍ଣ ଥିଲା ତଥାପି ଏହା ଏକ ଚିନ୍ତା ଓ ଯୁକ୍ତିକୁ ଜନ୍ମ ଦେଇଥିଲା । କେପଲର ପୁନଶ୍ଚ ଏହି ମତବାଦର ବିକାଶ କରିଥିଲେ ଓ କହିଲେ ଯେ, ଅନ୍ୟ ଗ୍ରହଗୁଡ଼ିକ ସୂର୍ଯ୍ୟ ଚାରିପଟେ ଏକ ଉପବୃତ୍ତାକର ପଥରେ

ଗତି କରୁଛନ୍ତି । ସେ ମଧ୍ୟ ଯୁକ୍ତି ବାଢ଼ିଥିଲେ ଯେ, ସୂର୍ଯ୍ୟ ଓ ଅନ୍ୟ ଗ୍ରହମାନଙ୍କ ମଧ୍ୟରେ ଥିବା ଚୁମ୍ବକୀୟ ଆକର୍ଷଣ ଏହି ଆକାଶସ୍ଥ ଗ୍ରହଗୁଡ଼ିକୁ ନିଜନିଜ କକ୍ଷରେ ଗତି କରାଇଥାଏ । ପରେ ଏହି ଆନୁମାନିକ ମତବାଦ ଉପରେ ଆଇଜାକ ନିଉଟନ ମାଧ୍ୟାକର୍ଷଣ ଶକ୍ତିର ସୂତ୍ର ବାହାର କରିଥିଲେ । ଗାଲିଲିଓ ତାଙ୍କ ନିଜସ୍ୱ ପ୍ରସ୍ତୁତ ଦୂରବୀକ୍ଷଣ ଯନ୍ତ୍ରରେ ବୃହସ୍ପତିର ଚନ୍ଦ୍ର, ଶନିଗ୍ରହର ବଳୟ ଓ ସୂର୍ଯ୍ୟରେ ଥିବା ଚିହ୍ନମାନ ଆବିଷ୍କାର କରିଥିଲେ । ସେ କୋପରନିକସଙ୍କ ଅନୁସନ୍ଧାନର ସତ୍ୟତା ପ୍ରମାଣ କରିଥିଲେ । ରେନାସାଁ ଇଉରୋପୀୟମାନଙ୍କ ମନରେ ଅନ୍ୟ ଅଞ୍ଚଳ ଓ ଅନ୍ୟ ଲୋକମାନଙ୍କ ସମ୍ପର୍କରେ କୌତୂହଳ ସୃଷ୍ଟି କଲା । ବର୍ତ୍ତମାନ ଦେଖିବା ଏହା କିପରି ଘଟିଲା ।

## ୩.୫ ନୂତନ ଅଞ୍ଚଳର ଆବିଷ୍କାର

ଅନୁସନ୍ଧିତ୍ସା ପ୍ରବୃତ୍ତି ନୂତନ ଦେଶ ଆବିଷ୍କାର କରିବା ପାଇଁ ଅନେକ ଦୁଃସାହସିକ ବ୍ୟକ୍ତିଙ୍କୁ ପ୍ରେରଣା ଯୋଗାଇଲା । ନୂତନ ବାଣିଜ୍ୟ ପଥ ଆବିଷ୍କାର ଫଳରେ ପୃଥିବୀର ଇତିହାସ ବଦଳିଗଲା । ଏହା କୁହାଯାଉଥିଲା ଯେ, "ଈଶ୍ୱର ଖ୍ୟାତି ଓ ସୁବର୍ଣ୍ଣ" ଏହି ଆବିଷ୍କାରକଙ୍କ ପଛରେ ମୁଖ୍ୟ ଉଦ୍ଦେଶ୍ୟ ଥିଲା । କିନ୍ତୁ ସୁନା ବା ଆର୍ଥିକ ଆବଶ୍ୟକତା ଥିଲା ସର୍ବାପେକ୍ଷା ଗୁରୁତ୍ୱପୂର୍ଣ୍ଣ ଉଦ୍ଦେଶ୍ୟ । ଭୌଗୋଳିକ ଆବିଷ୍କାର ପୂର୍ବରୁ ଇଉରୋପୀୟମାନେ ମସଲା, କାର୍ପାସ, ମୂଲ୍ୟବାନ ରତ୍ନ, ରେଶମ ପ୍ରଭୃତି ବସ୍ତୁଗୁଡ଼ିକ ବିଶ୍ୱର ପୂର୍ବାଞ୍ଚଳରୁ ସଂଗ୍ରହ କରୁଥିଲେ । ସେହି ବସ୍ତୁଗୁଡ଼ିକର ଯୋଗାଣ ପାଇଁ ସେମାନଙ୍କୁ ଆରବ ଏବଂ ଇସଲାମୀୟ ଅଞ୍ଚଳ ମଧ୍ୟଦେଇ ଯାତ୍ରା କରିବାକୁ ପଡୁଥିଲା । ଏହା ସୁବିଧାଜନକ ନଥିଲା ଓ ଅନିଶ୍ଚିତତାର ସମ୍ମୁଖୀନ ହେବାକୁ ପଡୁଥିଲା । ତେଣୁ ଦକ୍ଷିଣପୂର୍ବ ଏସିଆକୁ ସିଧା ସାମୁଦ୍ରିକ ପଥ ଆବିଷ୍କୃତ ହେଲା କାରଣ ଏହାଦ୍ୱାରା ଲାଭଜନକ ବ୍ୟବସାୟର ସମ୍ଭାବନା ଥିଲା । ଏହି ଆବିଷ୍କାରକମାନଙ୍କର ମଧ୍ୟ ଆଉ ଗୋଟିଏ ଉଦ୍ଦେଶ୍ୟ ଥିଲା । ସେମାନେ ନୂତନ ଆବିଷ୍କୃତ ଅଞ୍ଚଳର ଲୋକମାନଙ୍କୁ ଖ୍ରୀଷ୍ଟଧର୍ମକୁ ପ୍ରବର୍ତ୍ତନ କରିବାକୁ ଚାହୁଁଥିଲେ । ଏହା ସେମାନଙ୍କ ପାଇଁ ଈଶ୍ୱର ସେବାର ଏକ ମାଧ୍ୟମ ଥିଲା । ଏହା ସହିତ ସେମାନେ ନୂତନ ଅଞ୍ଚଳ ଆବିଷ୍କାର ଦ୍ୱାରା ଖ୍ୟାତି ଅର୍ଜନ କରିବାକୁ ଚାହୁଁଥିଲେ । କେତେକ ମଧ୍ୟ ପ୍ରକୃତରେ ସୁନାମ ଅର୍ଜନ କରିଥିଲେ । ତୁମେ ଭାସ୍କୋଡ଼ାଗାମା ଭାରତ ଆବିଷ୍କାର କରିଥିଲେ ଓ କଲମ୍ବସ ଭାରତ ଆବିଷ୍କାର କରିବାକୁ ବାହାରି ଥିଲେ, କିନ୍ତୁ ଆମେରିକା ଆବିଷ୍କାର କଲେ ? ତୁମେ ଜାଣକି ଫର୍ଡିନାଣ୍ଡ ମ୍ୟାଗେଲାନ ହେଉଛନ୍ତି ପ୍ରଥମ ଆବିଷ୍କାରକ ଯେ କି ସାରା ପୃଥିବୀ ପରିକ୍ରମା କରିଥିଲେ ? ବାର୍ଥେଲୋମିଉଡାୟାଜ ହେଉଛନ୍ତି ଅନ୍ୟ ଜଣେ ବିଖ୍ୟାତ ଆବିଷ୍କାରକ ।



ଚିତ୍ର ୩.୩ ଭାସ୍କୋଡ଼ାଗାମା

ତୁମେ କାହିଁକି ଭାବୁଛ ଯେ, ଏହି ଦୁଃସାହସିକ ଅନୁସନ୍ଧାନ ଓ ଜଳଯାତ୍ରାଗୁଡ଼ିକ ରାଜା ଓ ଧନଶାଳୀ ବ୍ୟକ୍ତିମାନଙ୍କ ଦ୍ୱାରା ପ୍ରଯୋଜିକ ହେଉଥିଲା । ବାଣିଜ୍ୟ ବ୍ୟବସାୟ ଓ ଔପନିବେଶିକ ସାମ୍ରାଜ୍ୟର ଦ୍ରୁତ ଅଭିବୃଦ୍ଧି ଇଉରୋପର ଧନସମ୍ପଦ ବୃଦ୍ଧି ଉପରେ ଗଭୀର ପ୍ରଭାବ ପକାଇ ଥିଲା । ପର୍ତ୍ତୁଗୀଜ ରାଜା ହେନେରୀ ହେଉଛନ୍ତି ଜଣେ ପ୍ରସିଦ୍ଧ ରାଜା ଯେ କି ଜଳଯାତ୍ରା ଆରମ୍ଭ କରିଥିଲେ । ସେ ନାବିକ ହେନେରୀ ନାମରେ ପ୍ରସିଦ୍ଧ । ଏହି ଆବିଷ୍କାରକମାନଙ୍କର

ବୈଷୟିକ ଭିତ୍ତି ଦିଗନିର୍ଣ୍ଣୟ ଯନ୍ତ୍ର ବା କମ୍ପାସ, ଗ୍ରହ ନକ୍ଷେତ୍ର ସ୍ଥାନ ନିରୂପଣ ଯନ୍ତ୍ର(astrolabe) ଜ୍ୟୋର୍ତିବିଜ୍ଞାନ ସମ୍ବନ୍ଧୀୟ ଟେବୁଲ (astronomical table) ଏବଂ ନକ୍ସା ତିଆରି କଳା ପ୍ରଭୃତି ଉଦ୍‌ଭାବନରୁ ସମ୍ଭବ ହେଲା । ଏହି ଜଳଯାତ୍ରା ଆଫ୍ରିକା, ଆମେରିକା ଓ ଏସିଆର ବିଭିନ୍ନ ଅଞ୍ଚଳରେ ବାଣିଜ୍ୟ କେନ୍ଦ୍ର ଓ ଔପନିବେଶିକ ସାମ୍ରାଜ୍ୟ ପ୍ରତିଷ୍ଠାରେ ସହାୟକ ହୋଇଥିଲା । ବର୍ତ୍ତମାନ ବାଣିଜ୍ୟ ବ୍ୟବସାୟର କେନ୍ଦ୍ରବିନ୍ଦୁ ଭୂମଧ୍ୟସାଗରରୁ ପରିବର୍ତ୍ତିତ ହୋଇ ଆଟଲାଣ୍ଟିକ ମହାସାଗରରେ ଅବସ୍ଥାପିତ ହୋଇଛି । ଅନେକ ନୂତନ ପଣ୍ୟଦ୍ରବ୍ୟ ଏହା ସହିତ ସଂଯୋଜିତ ହୋଇଛି ଯଥା – ତମାଖୁ, ଗୁଡ଼ ଓଟପକ୍ଷୀର ପର ଓ ଆଳୁ ପ୍ରଭୃତି । ଏହା ମଧ୍ୟ ଆମେରିକାରେ ଅମାନୁଷିକ କ୍ରୀତଦାସ ବ୍ୟବସାୟ ଆରମ୍ଭ କରିଥିଲା । କ୍ରୀତଦାସମାନଙ୍କୁ ଆଫ୍ରିକାରୁ ଧରାଯାଉଥିଲା, ଆଟଲାଣ୍ଟିକ୍ ମହାସାଗର ପାରକରି ପଠାଯାଉଥିଲା ଓ ଉତ୍ତର ଆମେରିକାର କୃଷିକ୍ଷେତ୍ରରେ କାମ କରିବା ପାଇଁ ବିକ୍ରୟ କରାଯାଉଥିଲା । ଏହି ବାଣିଜ୍ୟ ବ୍ୟବସାୟର ବିସ୍ତାର ଓ ନୂତନ ଜଳପଥର ଆବିଷ୍କାର ଇଉରୋପର ବଣିକମାନଙ୍କୁ ପ୍ରଚୁର ଧନସମ୍ପଦ ଠୁଳ କରିବାରେ ସହାୟକ ହୋଇଥିଲା, ଯାହାକୁ ସେମାନେ ନୂତନ ଯନ୍ତ୍ରପାତି ବିକାଶ କରିବାରେ ବିନିଯୋଗ କଲେ । ଏହା ଶିଳ୍ପ ବିପ୍ଳବର ଆଗମନରେ ସହାୟକ ହୋଇଥିଲା ଏବଂ ଏହା ସେମାନଙ୍କୁ ଅଧିକ କ୍ଷମତାଶାଳୀ ଓ ବିତ୍ତଶାଳୀ କଲା ।

## ତୁମ ପାଇଁ କାର୍ଯ୍ୟ ୩.୨

ଗୋଟିଏ ପୃଥିବୀ ମାନଚିତ୍ରରେ ଭାସ୍କୋଡ଼ାଗାମା ପର୍ଡିନାଣ୍ଡ ମାଗେଲାନ ଓ ଖ୍ରୀଷ୍ଟଫର କଲମ୍ବସଙ୍କ ନୂତନ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ ଯାତ୍ରା କରିଥିବା ଜଳପଥକୁ ଚିହ୍ନିତ କର ।

## ୩.୬ ଶିଳ୍ପ ବିପ୍ଳବ

ଶିଳ୍ପ ବିପ୍ଳବ ପ୍ରାୟ ୧୭୫୦ ଖ୍ରୀଷ୍ଟାବ୍ଦ ବେଳକୁ ଇଂଲଣ୍ଡରେ ଆରମ୍ଭ ହେଲା । ଏହା ସମ୍ଭବ ହେଲା କାରଣ ଇଂରେଜ ବଣିକମାନେ ଦରିଆପାରି ବାଣିଜ୍ୟ କରି ପ୍ରଚୁର ସମ୍ପତ୍ତି ଠୁଳ କରିଥିଲେ ଏବଂ ଉପନିବେଶରୁ ପ୍ରଚୁର କଞ୍ଚାମାଲ ମିଳୁଥିଲା । ଉପନିବେଶଗୁଡ଼ିକ ମଧ୍ୟ ତିଆରି ଜିନିଷର ସାମ୍ଭାବ୍ୟ ବଜାର ଭାବରେ କାର୍ଯ୍ୟ କରୁଥିଲା । ମୋଟ ଉପରେ ଇଂଲଣ୍ଡରେ କାରଖାନା ଚଳାଇବା ପାଇଁ କୋଇଲା ଓ ଲୁହାଭଳି ଆବଶ୍ୟକୀୟ ସମ୍ପଦ ପ୍ରଚୁର ପରିମାଣରେ ଭରି ରହିଥିଲା । ତେଣୁ ପୁଞ୍ଜିପତିମାନେ ନୂତନ ଯନ୍ତ୍ରପାତି ନିର୍ମାଣରେ ଅର୍ଥ ବିନିଯୋଗ କରି ଅଧିକ ଲାଭ ପାଇବା ଆଶାରେ ଉତ୍ପାଦନକୁ ତ୍ୱରାନ୍ୱିତ କଲେ । ବର୍ତ୍ତମାନ ଉତ୍ପାଦନ ପାଇଁ ମନୁଷ୍ୟ ଓ ପଶୁମାନେ କରୁଥିବା କେତେକ କାର୍ଯ୍ୟ କଳକାରଖାନା ଦ୍ୱାରା କରାଗଲା । ଯଦିଓ ନୂତନ ବିକାଶ ଘଟିଲା ଓ ଉତ୍ପାଦନ ବୃଦ୍ଧି ପାଇଁ ନୂତନ କଳକାରଖାନା ବସାଗଲା କିନ୍ତୁ ସମାଜରେ ଅସମତା ବୃଦ୍ଧି ପାଇଲା । ଏହା ସମାଜରେ ବିଭାଜନ ଆଣିଲା ଓ ଦୁଇଟି ଶ୍ରେଣୀର ସୃଷ୍ଟି ହେଲା ଯଥା – ପୁଞ୍ଜିପତି ବା ବୁର୍ଜୁଆ ଓ ଶ୍ରମିକ ଗୋଷ୍ଠୀ ବା ପ୍ରୋଲେଟାରିଏଟ୍ । ତୁମେ ପରବର୍ତ୍ତୀ ଅଧ୍ୟାୟରେ ଶିଳ୍ପ ବିପ୍ଳବ ସମ୍ବନ୍ଧରେ ଅଧିକ ପାଠ କରିବ ।

## ପାଠଗତ ପ୍ରଶ୍ନାବଳୀ ୩.୨

୧. ଠିକ୍ ଉତ୍ତରଟିକୁ ବାଛ ।

(କ) ଭାରତକୁ ଜଳପଥ କିଏ ଆବିଷ୍କାର କରିଥିଲେ ?

୧. ବାର୍ଥଲମିଉଡାଏଜ୍    ୨. ଭାସ୍କୋଡାଗାମା

୩. କଲମ୍ବସ    ୪. ଏଥିରୁ କେଉଁଟି ନୁହେଁ

(ଖ) ନିମ୍ନଲିଖିତ ମଧ୍ୟରୁ କେଉଁଟିର ଆବିଷ୍କାର ଜଳଯାତ୍ରାର ଫଳ ନୁହେଁ ?

୧. ଏସିଆ ଓ ଆଫ୍ରିକାରେ ଉପନିବେଶ ସ୍ଥାପନ

୨. ଇଉରୋପର ବାଣିଜ୍ୟ ବିସ୍ତାର

୩. ଉପନିବେଶଗୁଡ଼ିକର ସମୃଦ୍ଧିରେ ବିକାଶ

୪. କ୍ରୀତଦାସ ବ୍ୟବସାୟର ଆରମ୍ଭ

୨. ରେନାସାଁର ବିଜ୍ଞାନ କ୍ଷେତ୍ରରେ ଅନ୍ୟୁନ ଦୁଇଟି ଅବଦାନ ଲେଖ ।

୩. ଅନ୍ୟୁନ ତିନୋଟି ଆବିଷ୍କାରର ନାମ ଲେଖ ଯାହାକି ଇଉରୋପୀୟମାନଙ୍କୁ ନୂତନ ଜଳପଥ ଆବିଷ୍କାରରେ ସାହାଯ୍ୟ କରିଥିଲା ।

୪. ଶିଳ୍ପ ବିପ୍ଳବ ଦ୍ୱାରା ସମାଜରେ ଘଟିଥିବା ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନଗୁଡ଼ିକ ସୂଚୀତ କର ।

## ୩.୭ ବିପ୍ଳବର ଯୁଗ

୧୮୪୮ ମସିହାର ଇଉରୋପୀୟ ବିପ୍ଳବ ବହୁ ସଂଖ୍ୟାରେ ରାଜନୈତିକ ବୈପ୍ଳବିକ ପରିବର୍ତ୍ତନ ଆଣିବା ସହିତ ପରମ୍ପରାଗତ କ୍ଷମତାର ବିରୋଧ କରିଥିଲା । ରାଜନୈତିକ ନେତୃତ୍ୱ ମଧ୍ୟରେ ଦୃଢ଼ ଅସନ୍ତୋଷ ଦେଖାଦେଲା ଓ ଲୋକମାନେ ରାଜ୍ୟଗୁଡ଼ିକର କାର୍ଯ୍ୟକ୍ରମଗୁଡ଼ିକରେ ଅଧିକ ଯୋଗଦାନ ପାଇଁ ଦାବୀ କଲେ । ରାଜନୈତିକ ସଚେତନତା ଯଥା – ସ୍ୱାଧୀନତା, ସମାନତା, ଓ ଭ୍ରାତୃଭାବ ଛାପାଖାନା ମାଧ୍ୟମରେ ଜନପ୍ରିୟ ହେବାରେ ଲାଗିଲା । ଆମେରିକା, ଫ୍ରାନ୍ସ, ଜର୍ମାନୀ, ଇଟାଲୀ ଓ ଋଷିଆରେ ସଂଗଠିତ ହୋଇଥିବା ବିପ୍ଳବଗୁଡ଼ିକ ବିଶେଷ ଗୁରୁତ୍ୱପୂର୍ଣ୍ଣ । ମହତ୍ୱପୂର୍ଣ୍ଣ ବିପ୍ଳବ ଦ୍ୱାରା ଇଂଲଣ୍ଡରେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ହୋଇ ସାରିଥିଲା । ଆମେରିକା ସ୍ୱାଧୀନତା ସଂଗ୍ରାମପରେ ଯୁକ୍ତରାଷ୍ଟ୍ର ଆମେରିକାର ସୃଷ୍ଟି ହେଲା ଏବଂ ଋଷିଆରେ ଗୋଟିଏ ଶ୍ରମିକ ବିପ୍ଳବ ଘଟିଲା । ଯାହାକି ଗୋଟିଏ ସାମ୍ୟବାଦୀ ସରକାର ପ୍ରତିଷ୍ଠାରେ ସାହାଯ୍ୟ କଲା । ଏହି ବୈପ୍ଳବିକ ପରିବର୍ତ୍ତନ ସହିତ କେତେକ ରାଷ୍ଟ୍ରର ଲୋକମାନଙ୍କ ମଧ୍ୟରେ ଜାତୀୟବାଦୀ ଚିନ୍ତାଧାରା ସୃଷ୍ଟି ହେଲା ଯାହାକି ନୂତନ ଚିନ୍ତାଧାରା ଦ୍ୱାରା ଉତ୍ସାହିତ ହେଲା । ଅମେମାନେ ବର୍ତ୍ତମାନ ଏହି ବିପ୍ଳବଗୁଡ଼ିକ ବିଷୟରେ ପାଠ କରିବା ।

### ୩.୭.୧ ମହାନ ବିପ୍ଳବ

୧୬୮୮ ମସିହାର ମହାନ ବିପ୍ଳବ ଇଂଲଣ୍ଡରେ ବିପ୍ଳବ ଯୁଗର ବହୁ ପୂର୍ବରୁ ଆରମ୍ଭ ହୋଇଥିଲା ଓ ଏହା ସାରା ପୃଥିବୀ ପାଇଁ ଏକ ପ୍ରେରଣାର ଉତ୍ସ ଭାବରେ ପ୍ରମାଣିତ ହୋଇଥିଲା । ଏହାକୁ ମହାନ ବିପ୍ଳବ କୁହାଯାଏ କାରଣ, ସଫଳତା ହାସଲ ପାଇଁ ଏଥିରେ ଆଦୌ ରକ୍ତପାତ ହୋଇନଥିଲା । ସ୍ଟୁଆର୍ଟର ରାଜା ୨ୟ ଜେମସ୍ ଦେଶର ଲୋକମାନଙ୍କର ଜନସମର୍ଥନ ହରାଇଲେ । ଏହାର କାରଣ ହେଉଛି ଲୋକମାନଙ୍କ ପ୍ରତି ତାଙ୍କର କଠୋର ବ୍ୟବହାର । ଏକ ବ୍ୟୟବହୁଳ ସାମରିକ ବାହିନୀ ସୃଷ୍ଟି ଓ ସରକାର ସାମରିକ ବାହିନୀ ଓ ବିଶ୍ୱବିଦ୍ୟାଳୟଗୁଡ଼ିକରେ ରୋମାନ କ୍ୟାଥଲିକମାନଙ୍କର ନିଯୁକ୍ତି ବୃଦ୍ଧି ଲୋକମାନଙ୍କୁ କ୍ରୋଧାନ୍ୱିତ କଲା । ପାର୍ଲାମେଣ୍ଟ ରାଜା ୨ୟ ଜେମସଙ୍କୁ ଗାଦିଚ୍ୟୁତ କରି ତାଙ୍କ ସ୍ଥାନରେ ତାଙ୍କ ଝିଅ ୨ୟ ମେରୀ ଓ ତାଙ୍କ ସ୍ୱାମୀ ଅରେଞ୍ଜର ରାଜକୁମାର, ୨ୟ ଉଇଲିୟମଙ୍କୁ ଆସୀନ କଲେ । ୨ୟ ଜେମସ୍‌ଙ୍କର ସ୍ୱେଚ୍ଛାଚାରୀ ଶାସନ ସାମ୍ବିଧାନିକ ସରକାରରେ ପରିବର୍ତ୍ତିତ ହେଲା । ଏହା ଦର୍ଶାଇଲା ଯେ, ପାର୍ଲାମେଣ୍ଟର ରାଜାଙ୍କୁ ପରିବର୍ତ୍ତନ କରିବାର ଅଧିକାର ରହିଛି ।

## ୩.୭.୨ ଆମେରିକା ସ୍ୱାଧୀନତା ସଂଗ୍ରାମ

ତୁମେ ଜାଣିବାକୁ ଆଗ୍ରହୀ ହେବ ଯେ, ଆମେ ଆଜି ଉପଭୋଗ କରୁଥିବା କେତେକ ରାଜନୈତିକ ଅଧିକାର ଅଷ୍ଟାଦଶ ଶତାବ୍ଦୀର ଉତ୍ତର ଭାଗରେ ସଂଗଠିତ ହୋଇଥିବା ଦୁଇଟି ମହତ୍ୱପୂର୍ଣ୍ଣ ବିପ୍ଳବର ପ୍ରତ୍ୟକ୍ଷ ଫଳାଫଳ ଅଟେ । ଆଧୁନିକ ପୃଥିବୀକୁ ସଂଗଠିତ କରିବା ପାଇଁ ସେଗୁଡ଼ିକ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ସେଗୁଡ଼ିକ ହେଉଛି ଆମେରିକା ବିପ୍ଳବ ଓ ଫରାସୀ ବିପ୍ଳବ । ଏହି ବିପ୍ଳବଗୁଡ଼ିକ ମଧ୍ୟରେ ଲୋକମାନେ ସେମାନଙ୍କର ଅଧିକାର ପ୍ରତି ସଚେତନ ହେଲେ ଓ ଶୋଷଣର ଅନ୍ତ ଘଟିଲା । ଷୋଡ଼ଶ ଶତାବ୍ଦୀ ସୁଦ୍ଧା ଅନେକ ଇଉରୋପୀୟ ଇଂଲଣ୍ଡରେ ଧାର୍ମିକ ଅତ୍ୟାଚାର କାରଣରୁ ଆମେରିକାରେ ବସତି ସ୍ଥାପନ କରିଥିଲେ । କେତେକ ମଧ୍ୟ ଅର୍ଥନୈତିକ ସୁଯୋଗ ଦ୍ୱାରା ଆକର୍ଷିତ ହୋଇଥିଲେ । ସେମାନେ ୧୩ଟି ଉପନିବେଶରେ ବାସ କରୁଥିଲେ ଏବଂ ସେମାନଙ୍କର ସମସ୍ୟା ସମାଧାନ ପାଇଁ ସ୍ଥାନୀୟ ସଭାମାନ ରହିଥିଲା । ଏହି ଉପନିବେଶଗୁଡ଼ିକ ଇଂଲଣ୍ଡର ବାଣିଜ୍ୟ ଭିତ୍ତିକ ଅର୍ଥନୈତିକ ନୀତି ଦ୍ୱାରା କ୍ଷତିଗ୍ରସ୍ତ ହେଉଥିଲା କାରଣ ଏହି ନୀତି ମାଧ୍ୟମରେ ସେମାନେ ଇଂଲଣ୍ଡର ସ୍ୱାର୍ଥପାଇଁ ଉପନିବେଶଗୁଡ଼ିକର ବାଣିଜ୍ୟକୁ ନିୟନ୍ତ୍ରଣ କରିବାକୁ ଚାହୁଁଥିଲେ । ଉପନିବେଶଗୁଡ଼ିକ ମଧ୍ୟ ନିଜର ଶିଳ୍ପ ପ୍ରତିଷ୍ଠା କରି ପାରୁନଥିଲେ କାରଣ ଏହା ଫଳରେ ଲୁହା ଓ ବୟନ ଶିଳ୍ପ ଆଦି କ୍ଷେତ୍ରରେ ଇଂଲଣ୍ଡର ଶିଳ୍ପ ସହ ପ୍ରତିଯୋଗିତା ଆରମ୍ଭ ହେବ । ସେମାନେ ମୂଳ ଦେଶ ଇଂଲଣ୍ଡ ଦ୍ୱାରା ସ୍ଥିରୀକୃତ ମୂଲ୍ୟରେ ଚିନି, ତମାଖୁ ଓ କାର୍ପାସ ପ୍ରଭୃତି କେବଳ ଇଂଲଣ୍ଡକୁ ରପ୍ତାନୀ କରିପାରିବେ । ଏହାକୁ ଇଂରେଜ ଆମେରିକୀୟ ଉପନିବେଶଗୁଡ଼ିକ ବିରୋଧ କଲେ ।

ଅଷ୍ଟାଦଶ ଶତାବ୍ଦୀ ସୁଦ୍ଧା ଫ୍ରାନ୍ସ ସହିତ ଓ ଭାରତରେ ଯୁଦ୍ଧ ଯୋଗୁଁ ଇଂଲଣ୍ଡକୁ ବହୁ ଅର୍ଥ ବ୍ୟୟ କରିବାକୁ ପଡ଼ିଲା । ଏହି ଯୁଦ୍ଧ ପାଇଁ ତାର ଅର୍ଥର ଆବଶ୍ୟକତା ପଡ଼ିଲା ଓ ଏହି ଅର୍ଥ ଆମେରିକାର ଉପନିବେଶଗୁଡ଼ିକ ଉପରେ ଟିକସ ବସାଇ ଆଦାୟ କରାଗଲା । ୧୭୬୫ରେ ଇଂଲଣ୍ଡ ପାର୍ଲାମେଣ୍ଟରେ ଷ୍ଟାମ୍ପ ଆଇନ ପ୍ରଣିତ ହୋଇ ସମସ୍ତ ବ୍ୟବସାୟିକ କାରବାର ଯଥା କାର୍ଯ୍ୟାଳୟର ଦସ୍ତାବିଜ, କବଲା, ଦଲିଲ, ସମ୍ବାଦପତ୍ର ଓ ପ୍ରଚାରପତ୍ର ପ୍ରଭୃତି ଉପରେ ଟିକସ ବସାଗଲା । ସେହି ଟିକସର ଆୟ ଆମେରିକାରେ ରହିଥିବା ୧୦,୦୦୦ ଇଂଲଣ୍ଡ ସେନାବାହିନୀର ପରିଚାଳନା ଖର୍ଚ୍ଚ ତୁଲାଇବା ପାଇଁ ଖର୍ଚ୍ଚ କରାଗଲା । ଆମେରିକୀୟମାନେ ଏହାର ତୀବ୍ର ବିରୋଧ କଲେ । ଉପନିବେଶର ବାଣିଜ୍ୟ ସହରଗୁଡ଼ିକରେ ହଣାକଟା ଆରମ୍ଭ ହୋଇଗଲା । ଉପନିବେଶର ବିଧାନସଭାରେ ଷ୍ଟାମ୍ପ ଆକ୍ଟ ବିରୁଦ୍ଧରେ ପ୍ରସ୍ତାବ ଗୃହୀତ ହେଲା । ଇଂଲଣ୍ଡ ପାର୍ଲାମେଣ୍ଟ ୧୭୬୬ ଖ୍ରୀଷ୍ଟାବ୍ଦରେ ଷ୍ଟାମ୍ପ ଆକ୍ଟକୁ ପ୍ରତ୍ୟାହାର କରିବାକୁ ବାଧ୍ୟହେଲା । ତଥାପି ପାର୍ଲାମେଣ୍ଟ ଚା ଉପରେ ଶୁଳ୍କ ବଜାୟ ରଖିଲେ । ୧୭୭୩ ମସିହା ଡ଼ିସେମ୍ବର ୧୬ ତାରିଖରେ କେତେକ ଆମେରିକୀୟ ଲୋହିତ ଭାରତୀୟର ଛଦ୍ମବେଶରେ ଇଷ୍ଟଇଣ୍ଡିଆ କମ୍ପାନୀର ତିନୋଟି ଜାହାଜରେ ପ୍ରବେଶ କଲେ ଓ ଚା ବାକ୍ସଗୁଡ଼ିକୁ ସମୁଦ୍ରକୁ ଫୋପାଡ଼ି ଦେଲେ । ଏହି ଘଟଣା 'ବୋଷ୍ଟନ ଟି ପାର୍ଟି' ନାମରେ ପରିଚିତ । ତାପରେ ଇଂଲଣ୍ଡ ପାର୍ଲାମେଣ୍ଟ ବୋଷ୍ଟନ ବନ୍ଦରକୁ ବନ୍ଦ କରି ଦେଲେ କିନ୍ତୁ ସେହି ଘଟଣାକୁ ଆମେରିକା ସ୍ୱାଧୀନତା ସଂଗ୍ରାମର ପ୍ରସ୍ତୁତି ଆରମ୍ଭ ହେଲା ।

ତାପରେ ୧୩ଟି ଉପନିବେଶର ପ୍ରତିନିଧିମାନେ ୧୭୭୪ ମସିହାରେ ଫିଲାଡେଲଫିଆଠାରେ ପ୍ରଥମ ମହାଦେଶୀୟ କଂଗ୍ରେସ (Continental Congress)ର ଏକ ସଭା ଡକାଇଲେ ଏବଂ ତାଙ୍କ ବିନା ଅନୁମତିରେ କୌଣସି ଶୁଳ୍କ ନବସାଇବା ପାଇଁ ଇଂଲଣ୍ଡର ରାଜାଙ୍କୁ ଅନୁରୋଧ କଲେ । ରାଜା ଏହାକୁ ଏକ ବିଦ୍ରୋହ ବୋଲି ବିବେଚନା କଲେ ଓ ଯୁଦ୍ଧ ଘୋଷଣା କଲେ । ଏହା ଯୁଦ୍ଧର ରୂପ ନେଲା ଓ ସର୍ବଶେଷରେ ୧୭୭୬ ମସିହା ଜୁଲାଇ ୪ ତାରିଖରେ ଫିଲାଡ଼େଲଫିଆ କଂଗ୍ରେସରେ 'ସ୍ୱାଧୀନତା ଘୋଷଣା' କରାଗଲା ଓ ଇଂଲଣ୍ଡଠାରୁ ସ୍ୱାଧୀନତା ଘୋଷଣା ସହିତ ଏକ ସଂଯୁକ୍ତ ରାଷ୍ଟ୍ରରେ ପରିଣତ ହେଲା । ଏହା ସାରାବିଶ୍ୱକୁ ସ୍ୱାଧୀନତା ଉପରେ ଏହାର ଗୁରୁତ୍ୱ, ଜୀବନ ପ୍ରତି

ଅଧିକାର, ସ୍ୱାଚ୍ଛନ୍ଦ୍ୟପୂର୍ଣ୍ଣ ଜୀବନଯାପନ କରିବାର ଅଧିକାର ଦ୍ୱାରା ଉତ୍ସାହିତ କରିଥିଲା । ଅଧିକାର ପତ୍ର (Bill of Rights) ଅନେକ ସ୍ୱାଧୀନତାକୁ ଅନୁମୋଦନ କରୁଥିଲା ଯଥା – ସ୍ୱାଧୀନ ମତ ପ୍ରକାଶର ଅଧିକାର, ସମ୍ବାଦପତ୍ରର ସ୍ୱାଧୀନତା, ଧର୍ମାବଲମ୍ବନର ସ୍ୱାଧୀନତା, ଆଇନ ଅନୁଯାୟୀ ନ୍ୟାୟ ପ୍ରଦାନ । ଆମେରିକାର ବିପ୍ଳବ ଏକ ସଂଗ୍ରାମ ଯାହାଦ୍ୱାରା ୧୩ଟି ଆମେରିକାର ଉପନିବେଶ ଇଂଲଣ୍ଡଠାରୁ ସ୍ୱାଧୀନତା ଲାଭ କଲେ ଏବଂ ଏହା ଏକ ନୂତନ ରାଷ୍ଟ୍ରକୁ ଜନ୍ମଦେଲା ଯାହାକୁ ବର୍ତ୍ତମାନ ଯୁକ୍ତରାଷ୍ଟ୍ର ଆମେରିକା (USA) କୁହାଯାଉଛି ।

## ତୁମ ପାଇଁ କାର୍ଯ୍ୟ ୩.୩

ତୁମେ ନିଜକୁ ଜଣେ ସମ୍ବାଦପତ୍ରର ସାମ୍ବାଦିକ ବୋଲି କଳ୍ପନା କର ଯେ କି 'ବୋଷ୍ଟନ ଟି ପାର୍ଟି' ଦେଖିଛନ୍ତି । ତୁମେ ଇଷ୍ଟଇଣ୍ଡିଆ କମ୍ପାନୀର କର୍ମଚାରୀ, ଯେଉଁ ଆମେରିକୀୟମାନେ ଏଥିରେ ଅଂଶଗ୍ରହଣ କରିଥିଲେ ଏବଂ ପଥଚାରୀ ଯେ କି ଏହି ଘଟଣା ଦେଖିଛନ୍ତି, ସେମାନଙ୍କୁ ତୁମେ ମୌଖିକ ପରୀକ୍ଷା କରିଛ । ଏହି ଘଟଣା ଉପରେ ତୁମର ମତାମତ ଲେଖି ସମ୍ବାଦପତ୍ରକୁ ଏକ ଲେଖା ପଠାଅ । କ'ଣ ଘଟିଥାଆନ୍ତା ଲେଖି ତୁମର ମତ ପ୍ରକାଶ କର ।

### ୩.୭.୩ ଫରାସୀ ବିପ୍ଳବ

ଅଷ୍ଟାଦଶ ଶତାବ୍ଦୀରେ ଫରାସୀ ସମାଜ ମଧ୍ୟ ସାମନ୍ତବାଦୀ ଚରିତ୍ରର ଥିଲା ଓ ରାଜା ସର୍ବମୟ କର୍ତ୍ତା ଥିଲେ । ଏହା ତିନୋଟି ଶ୍ରେଣୀରେ ବିଭକ୍ତ ହୋଇଥିଲା । ପ୍ରଥମ ଶ୍ରେଣୀ ଧର୍ମଯାଜକ ଗୋଷ୍ଠୀ ବା ଚର୍ଚ୍ଚ ଏବଂ ଦ୍ୱିତୀୟ ଶ୍ରେଣୀ ସାମନ୍ତ ଗୋଷ୍ଠୀ ଯେଉଁମାନେ ସମସ୍ତ ବିଳାସବ୍ୟସନର ଅଧିକାରୀ ଥିଲେ ଏବଂ ଧର୍ମ ଓ ଦେଶ ଶାସନ କ୍ଷେତ୍ରରେ କେତେକ ସୁବିଧା ବା ବିଶେଷ ଅଧିକାର ପ୍ରାପ୍ତ ହୋଇଥିଲେ । ତୃତୀୟ ଶ୍ରେଣୀ ଥିଲେ ସାଧାରଣ ପ୍ରଜା ଯଥା – କୃଷକ, ସହର ଶ୍ରମିକ ଓ ମଧ୍ୟବିତ୍ତଶ୍ରେଣୀ ଯେଉଁମାନେ ପ୍ରଚୁର କରବୋଝ ଦ୍ୱାରା ଚାପି ହୋଇ ରହିଥିଲେ ।

ଫ୍ରାନସ୍‌ର ଆଭ୍ୟନ୍ତରିଣ ଅବସ୍ଥା ଗୋଟିଏ ବିପ୍ଳବ ସଂଗଠିତ ହେବା ପାଇଁ ଏକ ଉପଯୁକ୍ତ ମଞ୍ଚ ସୃଷ୍ଟି କରିଥିଲା । ରାଜା ଷୋଡ଼ଶ ଲୁଇ ଏବଂ ତାଙ୍କ ପତ୍ନୀ ମେରୀ ଆଣ୍ଟୋନେଟ୍‌ଙ୍କ ବିଳାସପୂର୍ଣ୍ଣ ଜୀବନଚର୍ଯ୍ୟା ଦେଶର ରାଜକୋଷକୁ ଶୂନ୍ୟ କରିଦେଲା ଓ ଦେଶକୁ ଦେବାଳିଆ କରିଦେଲା । ୧୭୮୯ ଖ୍ରୀଷ୍ଟାବ୍ଦରେ ଷୋଡ଼ଶ ଲୁଇଙ୍କୁ ତିନିଶ୍ରେଣୀ ଯଥା – ଧର୍ମଯାଜକ, ସମ୍ଭ୍ରାନ୍ତ ଓ ସାଧାରଣ ପ୍ରଜାଙ୍କର ପ୍ରତିନିଧିମାନଙ୍କର ଏକ ସଭା ଡାକିବାକୁ ବାଧ୍ୟ କରାଗଲା । ସେ ନୂତନ କର ଆଇନକୁ ଅନୁମୋଦିତ କରିବା ପାଇଁ ଚାହିଁଲେ । ତୃତୀୟ ଶ୍ରେଣୀ କର ହାରରେ ସମାନତା ଓ ପ୍ରଥମ ଦୁଇ ଶ୍ରେଣୀ ଭୋଗ କରୁଥିବା ସ୍ୱତନ୍ତ୍ର ସୁବିଧା ଉଚ୍ଛେଦ ପାଇଁ ଦାବୀ କଲେ । ଏମାନେ ନିଜେ ଗୋଟିଏ ଜାତୀୟ ସଭା ଘୋଷଣା କରି ରାଜାଙ୍କଠାରୁ ସାର୍ବଭୌମ କ୍ଷମତା ଗ୍ରହଣ କଲେ । ଐତିହାସିକ ଫରାସୀ ଦସ୍ତାବିଜ୍ 'ମନୁଷ୍ୟ ଓ ନାଗରିକଙ୍କ ଅଧିକାରର ଘୋଷଣା ପତ୍ର' (Declaratio of Rights of Men and Citizen)କୁ ଗ୍ରହଣ କରାଗଲା । ପରେ ୧୭୯୧ ମସିହାରେ ଏହା ଫରାସୀ ସମ୍ବିଧାନରେ ମୁଖବନ୍ଧରେ ସ୍ଥାନ ପାଇଲା । ଯୁକ୍ତରାଷ୍ଟ୍ରର ସ୍ୱାଧୀନତାର ଘୋଷଣା ପତ୍ର, ସବୁ ମଣିଷର ସମାନ ଅଧିକାର, ଲୋକମାନଙ୍କର ସାର୍ବଭୌମ କ୍ଷମତା ଓ ସ୍ୱାଧୀନତା ସମ୍ପତ୍ତି ଓ ସୁରକ୍ଷାର ଅଧିକାର, ଶିକ୍ଷାଗତ ଅଧିକାର, ମୁକ୍ତ ମତଦାନ ଅଧିକାର, ସୂଚୀତ ହେବାର ଅଧିକାର, ଗରିବମାନଙ୍କ ପାଇଁ ସର୍ବସାଧାରଣ ସାହାଯ୍ୟ ଅଧିକାର, ଶାରୀରିକ ଓ ମାନସିକ ଯନ୍ତ୍ରଣା ଓ କ୍ରିତଦାସ ପ୍ରଥା ଉଚ୍ଛେଦ, ସରକାର ବାଛିବାରେ ଲୋକମାନଙ୍କର ଅଧିକାରର ସ୍ୱୀକୃତି ଏବଂ ସାଧାରଣ କାର୍ଯ୍ୟାଳୟରେ ନିଯୁକ୍ତି ପାଇଁ ସମସ୍ତ ନାଗରିକଙ୍କର ଯୋଗ୍ୟତା ଆଦି ଦ୍ୱାରା ପ୍ରଭାବିତ ହୋଇଥିଲା ।

ମଡ୍ୟୁଲ – ୧

ଯୁଗେ ଯୁଗେ ଭାରତ ଓ ପୃଥିବୀ

ଟିପ୍ପଣୀ

ଫରାସୀ ବିପ୍ଳବର ଯୁଦ୍ଧ ଓ ନେପୋଲିୟନଙ୍କର ଯୁଦ୍ଧ ୧୭୮୯ ମସିହାରୁ ଆରମ୍ଭ ହୋଇ ପ୍ରାୟ ୧୫ ବର୍ଷ ଲାଗି ରହିଲା ଓ ଏହାର ଫଳ ସ୍ୱରୂପ ଫ୍ରାନ୍ସ ସାଧାରଣତନ୍ତ୍ର ଗଠିତ ହେଲା । ଏହି ଫରାସୀ ବିପ୍ଳବ ମଧ୍ୟଯୁଗୀୟ ବ୍ୟବସ୍ଥାର ସମାପ୍ତି ଘଟାଇଲା ଓ ଜାତୀୟତାବାଦ ଭଳି ନୂତନ ଚିନ୍ତାଧାରାର ଉଦ୍‌ଭବ ହେଲା । ଫ୍ରାନ୍ସରେ ସରକାର, ଶାସନ ବ୍ୟବସ୍ଥା, ସାମରିକ ବ୍ୟବସ୍ଥା, ସମାଜ ଓ ସଂସ୍କୃତି ଆଦି କ୍ଷେତ୍ରରେ ଏକ ସମ୍ପୂର୍ଣ୍ଣ ପରିବର୍ତ୍ତନ ଘଟିଲା । ନେପୋଲିୟନ ବୋନାପାର୍ଟଙ୍କ ଅଧିନରେ ଫ୍ରାନ୍ସ ଏକ ସାଧାରଣତନ୍ତ୍ରରେ ପରିଣତ ହେଲା । ଫରାସୀ ବିପ୍ଳବକୁ ନିୟନ୍ତ୍ରିତ କରୁଥିବା ନୀତିଗୁଡ଼ିକ ହେଉଛି, ସ୍ୱାଧୀନତା ଭ୍ରାତୃତ୍ୱ ଓ ସମାନତା । ବିପ୍ଳବୀଗଣ ଭୋଲଟେୟାର, ମଣ୍ଟେସ୍କୁଓ ରଷୋ ଆଦି ଜ୍ଞାନୀ ଚିନ୍ତାନାୟକ ଓ ଦାର୍ଶନିକମାନଙ୍କର ଚିନ୍ତାଧାରା ଦ୍ୱାରା ଉତ୍ସାହିତ ହୋଇଥିଲେ ।


ଆମେରିକା ସ୍ୱାଧୀନତା ସଂଗ୍ରାମ ଓ ଫରାସୀ ବିପ୍ଳବ ସାରା ବିଶ୍ୱରେ ଜାତୀୟତାଭାବକୁ ଜନପ୍ରିୟ କରାଇଥିଲା । ଆମେରିକା, ଫ୍ରାନ୍ସ ଓ ଇଂଲଣ୍ଡର ଜାତୀୟତାଭାବ ଇଟାଲୀୟମାନଙ୍କୁ ପ୍ରଭାବିତ କଲା । ଯାହା ଫଳରେ ଇଟାଲୀ ଏକତ୍ରୀ କରଣ ପାଇଁ ୧୮୬୧ରେ ଏକ ବିପ୍ଳବ ଆରମ୍ଭ ହେଲା ।

## ତୁମ ପାଇଁ କାର୍ଯ୍ୟ ୩.୪

ଫ୍ରାନ୍ସ ଓ ଆମେରିକାର ପତାକାର ଚିତ୍ର ତଳେ ଦିଆଯାଇଛି । ଏହି ପତାକାଗୁଡ଼ିକ ଫରାସୀ ବିପ୍ଳବ ଓ ଆମେରିକା ସ୍ୱାଧୀନତା ସଂଗ୍ରାମରେ କେଉଁ ଭୂମିକା ଗ୍ରହଣ କରିଥିଲା ? ବିଭିନ୍ନ ରଙ୍ଗ କ'ଣ ସୂଚୀତ କରେ ପ୍ରକାଶ କର । ତୁମେ କ'ଣ ଭାବୁଛ ଭାରତୀୟ ଜାତୀୟପତାକା ଭାରତର ସ୍ୱାଧୀନତା ଆନ୍ଦୋଳନରେ ଏକାଭଳି ଭୂମିକା ସମ୍ପାଦନ କରିଥିଲା ? ଆମେରିକାର ପତାକାରେ ଥିବା ତାରକାଗୁଡ଼ିକଗଣ ଏହା କାହାକୁ ପ୍ରତିନିଧିତ୍ୱ କରେ ? ବର୍ତ୍ତମାନର ଆମେରିକାର ପତାକାରେ କେତୋଟି ତାରା ଅଛି ଗଣ ।



ଚିତ୍ର – ୩.୪ ଫରାସୀ ବିପ୍ଳବ ସମୟରେ




ଚିତ୍ର – ୩.୫ ଆମେରିକା ସ୍ୱାଧୀନତା ସଂଗ୍ରାମ ସମୟର ପତାକା

## ୩.୭.୪ ଇଟାଲୀ ଏକତ୍ରୀକରଣ

ଅଷ୍ଟାଦଶ ଶତାବ୍ଦୀରେ ଇଟାଲୀ ଅନେକଗୁଡ଼ିଏ ଛୋଟ ଛୋଟ ରାଜ୍ୟର ସମଷ୍ଟି ଥିଲା ଓ ପ୍ରତ୍ୟେକ ରାଜ୍ୟର ସ୍ୱତନ୍ତ୍ର ରାଜା ଓ ପ୍ରଥାମାନ ରହିଥିଲା । ସେଗୁଡ଼ିକ ମଧ୍ୟରୁ କେତେକ ହେଉଛି, ଭେନେସିଆ, ଦୁଇରାଜ୍ୟ ବିଶିଷ୍ଟ ସିସିଲି, ପୋପ୍‌ଙ୍କର ରାଜ୍ୟ, ସାର୍ଡିନିଆ, ଟୁସ୍କାନି ପ୍ରଭୃତି । ମଧ୍ୟଯୁଗରେ ପୋପ ଉଭୟ ଧର୍ମ ଓ ରାଜନୀତି କ୍ଷେତ୍ରରେ ତାଙ୍କର ପ୍ରଭାବ ବଢ଼ାଇଲେ । ପୋପ୍ ନିଜର ରାଜନୈତିକ ଶାସନାଧିକାର ପ୍ରତିଷ୍ଠା କଲେ ଯାହାକୁ ଆମେ ପୋପ୍‌ଙ୍କ ରାଜ୍ୟ ବୋଲି କହୁ । ଖୁବ୍ ଶୀଘ୍ର ଇଟାଲୀ ତାର ଗୁରୁତ୍ୱ ବଢ଼ାଇବାରେ ଲାଗିଲା । ସେଗୁଡ଼ିକ ରାଜନୈତିକ ଜୀବନ, ବ୍ୟାଙ୍କବ୍ୟବସ୍ଥା ଓ ବୈଦେଶିକ ବାଣିଜ୍ୟ କେନ୍ଦ୍ରରେ ପରିଣତ ହେଲା । ରେନାସାଁ ସମୟରେ ଇଟାଲୀ ଅନ୍ୟ ରାଷ୍ଟ୍ରଗୁଡ଼ିକଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ଥିଲା ଯେଉଁ ବିଷୟରେ ତୁମେ ଆଗରୁ ପଢ଼ିଛ ବହୁବର୍ଷ ଧରି ଫ୍ରାନ୍ସ ଓ ପବିତ୍ର ରୋମ ରାଜ୍ୟ ଇଟାଲୀ ଉପରେ ନିଜର ପ୍ରଭାବ ବିସ୍ତାର ପାଇଁ ଯୁଦ୍ଧରେ ଲାଗିରହିଥିଲେ । ୧୭୮୯ ମସିହାରେ ଫରାସୀ ବିପ୍ଳବ ଇଟାଲୀର ଇତିହାସରେ ଏକ ମୁଖ୍ୟ ଭୂମିକା ଗ୍ରହଣ କଲା । ଇଟାଲୀର ଶାସକମାନେ ନିଜ ଦେଶରେ ବିପଦର ଉପଲବ୍ଧ କରି ଯେଉଁ ଇଉରୋପୀୟ ରାଜାମାନେ ଫ୍ରାନ୍ସକୁ ବିରୋଧ କରୁଥିଲେ, ସେମାନଙ୍କ ସହ ସମ୍ପର୍କ ସ୍ଥାପନ କଲେ । ଫ୍ରାନ୍ସ ଗୋଟିଏ ସାଧାରଣତନ୍ତ୍ର ହେବାପରେ ଇଟାଲୀ ସାଧାରଣତନ୍ତ୍ରକୁ ସମର୍ଥନ କରି ଗୁପ୍ତ ସମିତିମାନ ସମୁଦାୟ ଇଟାଲୀରେ ଗଠିତ ହେଲା । ୧୭୯୬ ରୁ ୧୮୧୪ ମଧ୍ୟରେ ଯେତେବେଳେ ନେପୋଲିୟନ ବୋନାପାର୍ଟ ଇଉରୋପୀୟ ଶକ୍ତିମାନଙ୍କ ଦ୍ୱାରା ପରାଜିତ ହେଲେ, ସେତେବେଳେ ଇଟାଲୀୟମାନେ ବିଦେଶୀ ଶାସନରୁ ମୁକ୍ତ ହୋଇ ଗୋଟିଏ ସଂଯୁକ୍ତ ଇଟାଲୀ ପାଇବାର ସମ୍ଭାବନା ଦେଖିବାକୁ ଆରମ୍ଭ କଲେ ।

ମାଜିନି ଓ ଗାରିବାଲଡ଼ିଙ୍କ ଭଳି ଅନେକ ବିପ୍ଳବୀ ଏବଂ କେତେକ ଗୁପ୍ତ ସମିତି ଇଟାଲୀୟମାନଙ୍କ ମଧ୍ୟରେ ଗୋଟିଏ ସ୍ୱାଧୀନ ସଂଯୁକ୍ତ ଇଟାଲୀର ଚିନ୍ତାଧାରା ପ୍ରସାର କରିବାରେ ଲାଗିଲେ । ୧୮୪୯ ପରବର୍ତ୍ତୀ ସମୟରେ ଭିକ୍ଟର ଏମାନୁଏଲଙ୍କ ଅଧିନରେ ଶାସିତ ହେଉଥିବା ପିଡ୍‌ମଣ୍ଟସାର୍ଡ଼ିନିଆ ରାଜ୍ୟ ଏହି ଏକତ୍ରୀକରଣରେ ମୁଖ୍ୟ ଭୂମିକା ଗ୍ରହଣ କଲେ । ଏହା ଏକ ତାତ୍ପର୍ଯ୍ୟପୂର୍ଣ୍ଣ ଯେ, ଇଟାଲୀ ଏକତ୍ରୀକରଣରେ ଜଣେ ରାଜା ନେତୃତ୍ୱ ନେଇଥିଲେ । ତାଙ୍କ ନେତୃତ୍ୱରେ ତାଙ୍କର ପ୍ରଧାନମନ୍ତ୍ରୀ କାଭୁର ଲୋମ୍ବାର୍ଡ଼ି, ଟୁସ୍କାନୀ, ମୋଡ଼େନା ପ୍ରଭୃତିରୁ ଅଷ୍ଟ୍ରିଆକୁ ବହିଷ୍କାର କରିଥିଲେ । ଗାରିବାଲଡ଼ି ବିଦ୍ରୋହ ଚଳାଇ ରଖି ସିସିଲି ଓ ନେପଲସ୍‌କୁ ମୁକ୍ତ କରିଥିଲେ । ସେ ଏହି ଦୁଇଟି ରାଜ୍ୟର ଦାୟିତ୍ୱ ଏମାନୁଏଲଙ୍କୁ ଅର୍ପଣ କଲେ ଓ ତାଙ୍କୁ ଇଟାଲୀର ରାଜା ବୋଲି ଘୋଷଣା କଲେ । ପରେ ରୋମ ଓ ଭେନିସିଆ ଇଟାଲୀ ରାଜ୍ୟ ସଂଘରେ ଯୋଗ ଦେଲେ । ଇଟାଲୀ ଏକତ୍ରୀକରଣ ପ୍ରକ୍ରିୟା ୧୮୧୫ରେ ଭିଏନା କଂଗ୍ରେସରୁ ଆରମ୍ଭ ହୋଇଥିଲା ଓ ୧୮୭୧ରେ ଫ୍ରାଙ୍କୋ ପ୍ରୁସିଆ ଯୁଦ୍ଧରେ ପରିସମାପ୍ତି ଘଟିଲା ।



ଚିତ୍ର–୩.୬ ଓଟ୍ଟ ଭୋନ ବିସ୍ମାର୍କ

## ୩.୭.୫. ଜର୍ମାନୀ ଏକତ୍ରୀକରଣ

୧୮୧୫ରେ ନେପୋଲିଅନଙ୍କର ପରାଜୟ ପରେ ଅନେକ ଜର୍ମାନୀ ଲୋକ ଗୋଟିଏ ସ୍ୱାଧୀନ ଜର୍ମାନୀ ପାଇବାକୁ ଇଚ୍ଛା ପ୍ରକାଶ କଲେ । ଜର୍ମାନୀ ୩୯ଟି ରାଜ୍ୟର ଏକ ମିଳିତ ସଂଘ ଥିଲା । ଯାହାକି ଅଷ୍ଟ୍ରିଆ ଓ ପ୍ରୁସିଆ ଦ୍ୱାରା





ପରିଚାଳିତ ହେଉଥିଲା । ଏହି ରାଜ୍ୟଗୁଡ଼ିକ ସର୍ବଦା ପରସ୍ପର ଭିତରେ ଯୁଦ୍ଧ କରୁଥିଲେ ଯାହାକି ଜର୍ମାନୀର ଅର୍ଥନୈତିକ ପ୍ରଗତି ହ୍ରାସ କରୁଥିଲା । ପ୍ରୁସିଆ ଅଧିନରେ ରାଜା କାଇଜର ପ୍ରଥମ ଉଇଲିୟମ ଅଷ୍ଟ୍ରିଆ ଓ ଫ୍ରାନ୍ସରୁ ଅଲଗା କରି ପୃସିଆ ଅଧିନରେ ଜର୍ମାନୀକୁ ଏକତ୍ରୀକରଣ କରିବା ପାଇଁ ବିସ୍ମାର୍କଙ୍କୁ ପ୍ରଧାନମନ୍ତ୍ରୀ ରୂପେ ବାଛିଲେ । ବିସ୍ମାର୍କ ସମ୍ପୂର୍ଣ୍ଣ ନିର୍ଭିକ ଥିଲେ ଏବଂ ଜର୍ମାନୀର ଏକତ୍ରୀକରଣ ତ୍ୱରିତ ଆବଶ୍ୟକ ବୋଲି ବିଶ୍ୱାସ କରୁଥିଲେ । ସେ ପାର୍ଲାମେଣ୍ଟର ନିର୍ଦ୍ଦେଶ ଅବଜ୍ଞା କରି ଲୋକମାନଙ୍କଠାରୁ ଶୁଳ୍କ ଆଦାୟ କରି ସୈନ୍ୟବାହିନୀର ଆଧୁନିକିକରଣ କାର୍ଯ୍ୟ ଆରମ୍ଭ କଲେ । ତାଙ୍କର ପଦ୍ଧତି 'ରକ୍ତ ଓ ଲୌହ' ପଦ୍ଧତି ଭାବରେ ପରିଚିତ ଏବଂ ତାଙ୍କ ପାଇଁ ଏକ ଡାକନାମ 'ଲୌହ ଚାନସେଲର' । ଏହି ଉନ୍ନତ ସୈନ୍ୟବାହିନି ସହିତ ବିସ୍ମାର୍କ ସେଲସଉଇଗ୍ ଓ ହଲଷ୍ଟିନ୍‌ର ଜର୍ମାନୀ ଲୋକମାନଙ୍କୁ ଡ଼େନମାର୍କ ରାଜାଙ୍କ ବିରୁଦ୍ଧରେ ବିଦ୍ରୋହ କରିବାକୁ ଉତ୍ସାହିତ କଲେ । ବିସ୍ମାର୍କଙ୍କର ପରବର୍ତ୍ତୀ ଲକ୍ଷ୍ୟ ଥିଲା ଅଷ୍ଟ୍ରିଆ । ପୃସିଆ ଅଷ୍ଟ୍ରିଆକୁ ପରାଜିତ କଲା ଓ ଉତ୍ତର ଜର୍ମାନୀ ରାଷ୍ଟ୍ର ସଂଘ ଗଠନ କଲା । ବିସ୍ମାର୍କ ଇଟାଲୀକୁ ଭେନିସ୍ ପ୍ରଦେଶ ଦେବେ ବୋଲି କହି ତାକୁ ଯୁଦ୍ଧରୁ ବିରତ ରଖିଲେ । ଅଷ୍ଟ୍ରିଆକୁ ଭେନିସ୍ ଉପରୁ ନିଜର ଅଧିକାର ତ୍ୟାଗ କରି ଭେନିସକୁ ଇଟାଲୀକୁ ଦେବାପାଇଁ ବାଧ କରାଗଲା । ସେ ମଧ ଫ୍ରାନ୍ସର ରାଜା ତୃତୀୟ ନେପୋଲିୟନଙ୍କୁ କିଛି ଅଞ୍ଚଳ ଦେବାର ପ୍ରତିଶୃତି ଦେଇ ଯୁଦ୍ଧରୁ ବିରତ ରଖିଥିଲେ । ଋଷିଆ ଅଧିନସ୍ଥ ପୋଲାଣ୍ଡରେ ଗୋଟିଏ ବିଦ୍ରୋହ ଦମନ ପାଇଁ ଋଷିଆକୁ ସାହାଯ୍ୟ କରି ସେ ଋଷିଆର ସମର୍ଥନ ପାଇସାରିଥିଲେ ।

ଜର୍ମାନୀ ଉପରେ ପୃସିଆର ପ୍ରଭାବ ବିସ୍ତାର ପାଇଁ କେବଳ ପ୍ରତିବନ୍ଧକ ଥିଲା ଦକ୍ଷିଣ ଜର୍ମାନୀରେ ଥିବା ୪ଟି କ୍ଷୁଦ୍ର ରାଜ୍ୟ ଓ ଫ୍ରାନ୍ସର ରାଜା ତୃତୀୟ ନେପୋଲିୟନଙ୍କର ଏହାକୁ ଗ୍ରହଣ ନକରିବା । କିନ୍ତୁ ଏହି ଦୁଇ ଦେଶ ମଧ୍ୟରେ ଅସମ୍ମତି ଫଳରେ ଫ୍ରାନ୍ସ ପୃସିଆ ବିରୁଦ୍ଧରେ ଯୁଦ୍ଧ ଘୋଷଣା କଲା । ଏହି ଫ୍ରାଙ୍କୋ-ପୃସିଆନ ଯୁଦ୍ଧ ଖୁବ୍ କମ୍‌ଦିନ ମଧ୍ୟରେ ସମାପ୍ତ ଘଟିଲା ଓ ୧୮୭୧ ମସିହାରେ ପୃସିଆ ଫ୍ରାନ୍ସ ଆକ୍ରମଣ କଲା ଓ ଫରାସୀମାନଙ୍କୁ ପରାସ୍ତ କଲା । ତୃତୀୟ ନେପୋଲିଅନ୍ ସିଂହାସନ ତ୍ୟାଗ କଲେ ଓ ଫ୍ରାନ୍ସ ଆଲସେସ ଓ ଲୋରେନ ତ୍ୟାଗ କରିବାକୁ ବାଧ ହେଲା । ଅଷ୍ଟ୍ରିଆ ବ୍ୟତୀତ ଅବଶିଷ୍ଟ ଜର୍ମାନ ରାଜ୍ୟ ଅଧିକୃତ ହୋଇ ଜର୍ମାନୀରେ ମିଶିଲା । କାଇଜର ପ୍ରଥମ ଉଇଲିୟମଙ୍କ ଅଧିନରେ ଜର୍ମାନୀ ଏକତ୍ରୀକରଣ ସମ୍ପୂର୍ଣ୍ଣ ହେଲା । ଖୁବ୍‌ଶୀଘ୍ର ଜର୍ମାନୀ ଇଉରୋପରେ ଗୋଟିଏ ପ୍ରଭାବଶାଳୀ ଶକ୍ତି ଭାବରେ ଆତ୍ମପ୍ରକାଶ କରି ଜର୍ମାନୀର ଆର୍ଥିକ ସ୍ୱାର୍ଥ ଓ ବିଶ୍ୱରେ ଜର୍ମାନୀର ପ୍ରଭାବ ବୃଦ୍ଧି ପାଇଁ ଉପନିବେଶବାଦୀ ସାମ୍ରାଜ୍ୟ ଗଠନ କଲା ।

## ୩.୭.୬ ସମାଜବାଦୀ ଆନ୍ଦୋଳନ ଓ ଋଷ ବିପ୍ଳବ

ଶିଳ୍ପ ବିପ୍ଳବ ଫଳରେ ସମାଜରେ ଅସମତା ସୃଷ୍ଟି ହେଲା । ଗୋଟିଏ ପକ୍ଷରେ ଶ୍ରମିକମାନେ ଯେଉଁମାନେ ଗରିବ, ଶୋଷିତ ଏବଂ ସେମାନେ ସମସ୍ତ ଅଧିକାରରୁ ବଞ୍ଚିତ, ଅନ୍ୟ ପକ୍ଷରେ ପୁଞ୍ଜିପତିମାନେ ଯେଉଁମାନେ କି ସମସ୍ତ ସୁବିଧା ସୁଯୋଗ ଉପଭୋଗ କରନ୍ତି । ସେହି ସମୟରେ କେତେକ ଲୋକ ସମାଜ ବିଷୟରେ ଚିନ୍ତା କରିବାକୁ ଆରମ୍ଭ କଲେ ଯେ, ସମାଜ ସାମାଜିକ ଓ ଆର୍ଥିକ ସମାନତା ଉପରେ ପ୍ରତିଷ୍ଠିତ ହେବା ଉଚିତ । ସମାନତା, ମତ ପ୍ରକାଶ କରିବାର ସ୍ୱାଧୀନତା ଓ ଗଣତନ୍ତ୍ର ଆଦି ଚିନ୍ତାଧାରା ଏଥିପାଇଁ ଉତ୍ସାହ ପ୍ରଦାନ କଲା । ସମାଜବାଦୀ ଚିନ୍ତାଧାରା ଯାହାକି ସାମାଜିକ ସମତା ଆଣିବାକୁ ଉଦ୍ୟମ କରେ, ତାକୁ ମୌଳିକ ଚିନ୍ତାଧାରା ଭାବରେ ଗ୍ରହଣ କରାଗଲା । ସମାଜବାଦ ସମ୍ପର୍କରେ ସବୁଠାରୁ ଶକ୍ତିଶାଳୀ ଓ ପ୍ରଭାବଶାଳୀ ଚିନ୍ତାଧାରା କାର୍ଲମାର୍କ୍ସ ଓ ଫେଡ଼େରିକ ଏଙ୍ଗେଲସଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । କାର୍ଲମାର୍କ୍ସ ତାଙ୍କର ବହି 'ଦାସ କ୍ୟାପିଟାଲ'ରେ ସୂଚୀତ କରିଥିଲେ ଯେ, ସମାଜର ଇତିହାସ ହେଉଛି, ଶ୍ରେଣୀ ସଙ୍ଘର୍ଷର ଇତିହାସ । ତାଙ୍କ ମତରେ ପୁଞ୍ଜିପତିମାନେ ସର୍ବଦା ସେମାନଙ୍କର ଲାଭ ବୃଦ୍ଧି କରିବା ପାଇଁ ଶ୍ରମିକମାନଙ୍କର ମଜୁରୀ ହ୍ରାସ କରିବାକୁ ଚେଷ୍ଟା କରନ୍ତି ଯାହାକି ଶ୍ରେଣୀ ସଂଘର୍ଷ ସୃଷ୍ଟି କରିଥାଏ ।

ସେ ସୂଚନା ଦେଇଥିଲେ ଯେ, ପୁଞ୍ଜିବାଦର ବିଲୟ ଓ ସମାଜବାଦର ଆରମ୍ଭ ଦ୍ୱାରା ଏହି ସଂଘର୍ଷ ସଫଳ ହୋଇଥାଏ । ଏହାର ଫଳ ସ୍ୱରୂପ ଉତ୍ପାଦନ ମାଧ୍ୟମଗୁଡ଼ିକର ମାଲିକାନା ରାଷ୍ଟ୍ର ହାତରେ ରହିଥାଏ ଓ ଏକ ସମତୁଲ ସମାଜ ଜନ୍ମ ନେଇଥାଏ ।

ଏହାର ପ୍ରଥମ ପ୍ରୟୋଗାତ୍ମକ ଉଦାହରଣ ହେଉଛି, ଋଷ ବିପ୍ଳବ ଯାହାର ଫଳ ସ୍ୱରୂପ ପୃଥିବୀର ପ୍ରଥମ ସମାଜବାଦୀ ସରକାର ପ୍ରତିଷ୍ଠିତ ହୋଇଥିଲା । ଋଷିଆ ଶିଳ୍ପ କ୍ଷେତ୍ରରେ ପଛୁଆ ଥିଲା ଏବଂ ଏହା କୃଷିଭିତ୍ତିକ ଅର୍ଥନୀତି ଉପରେ ନିର୍ଭର କରୁଥିଲା । ଜାର ଜଣେ ସ୍ୱେଚ୍ଛାଚାରୀ ଓ ଅତ୍ୟାଚାରୀ ଶାସକ ଥିଲେ । ତେଣୁ ଶ୍ରମିକ ଓ କୃଷକମାନେ ବିଶେଷ କଷ୍ଟ ଭୋଗ କରୁଥିଲେ । ୧୯୦୫ ମସିହାର ବିପ୍ଳବ ଦ୍ୱାରା ଏକ ସାମ୍ବିଧାନିକ ରାଜତନ୍ତ୍ର ଗଠିତ ହେବା ସହିତ କୃଷକ, ସହରାଞ୍ଚଳ ଲୋକ ଓ ସମାଜର ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କ ପ୍ରତିନିଧିମାନଙ୍କୁ ନେଇ ଡୁମା ଗଠିତ ହୋଇଥିଲା । ୧୯୦୫ ବିପ୍ଳବ ପରେ ମଧ୍ୟ ନାଗରିକ ଅଧିକାର ଗଣତାନ୍ତ୍ରିକ ପ୍ରତିନିଧିତ୍ୱ ଖୁବ୍ ସିମୀତ ଥିଲା । ତେଣୁ ଅଶାନ୍ତ ଅବସ୍ଥା ଲାଗି ରହିଲା ।

୧୯୧୭ ମସିହାରେ ଋଷିଆରେ ଆଉ ଗୋଟିଏ ବିପ୍ଳବ ସଂଗଠିତ ହେଲା । ଏହା ଘଟିଲା କାରଣ ଜାର ଦ୍ୱିତୀୟ ନିକୋଲାସଙ୍କ ଏକଛତ୍ରବାଦୀ ଶାସନ ସମୟରେ ଋଷିଆର ଶ୍ରମିକ, କୃଷକ ଓ ଅଣ ଋଷୀୟ ଯେଉଁମାନେ ଋଷିଆରେ ରହୁଥିଲେ, ସେମାନଙ୍କ ଅବସ୍ଥା ଅତ୍ୟନ୍ତ ଦୁର୍ବିସହ ହୋଇଗଲା । ଶୋଷଣ, ଅମାନୁଷିକ ଭାବରେ କାର୍ଯ୍ୟକରିବାର ଅବସ୍ଥା, ଅତ୍ୟଧିକ ଶୁଳ୍କ ଆଦାୟ ଆଦି ଲୋକାମନଙ୍କୁ ତାଙ୍କ ବିରୋଧି କରିଦେଲା । ଲୋକମାନଙ୍କୁ ମଧ୍ୟ ସମସ୍ତ ରାଜନୈତିକ ଅଧିକାରରୁ ବଞ୍ଚିତ କରାଯାଉଥିଲା । ଋଷିଆ ମଧ୍ୟ ସାମ୍ରାଜ୍ୟବାଦୀ ଲାଭ ପାଇଁ ପ୍ରଥମ ବିଶ୍ୱଯୁଦ୍ଧରେ ଯୋଗ ଦେଲା । କିନ୍ତୁ ସେ ସେଥିପାଇଁ ଆଦୌ ପ୍ରସ୍ତୁତ ନଥିଲା । ହଜାର ହଜାର ସଂଖ୍ୟାରେ ଋଷିଆର ସୈନ୍ୟମାନେ ପ୍ରଥମ ବିଶ୍ୱଯୁଦ୍ଧରେ ମୃତ୍ୟୁବରଣ କଲେ କାରଣ ସାଇବେରିଆର ଶୀତଳ ମରୁଭୂମିରେ ଯୁଦ୍ଧ କରିବା ପାଇଁ ତାଙ୍କ



ଚିତ୍ର – ୩.୭ : ପେଟ୍ରୋଗାଡ ସହରରେ ୧୯୧୭ ଜୁନ ୧୮ ତାରିଖରେ ଲୋକମାନଙ୍କ ସମାବେଶ ଆନ୍ଦୋଳନକାରୀ କହନ୍ତି, "୧୦ଜଣ ପୁଞ୍ଜିପତି ମନ୍ତ୍ରୀଙ୍କ ପତନ ଘଟୁ । ସମସ୍ତ କ୍ଷମତା ସୋଭିଏତର ଶ୍ରମିକ, ସୈନିକ ଓ କୃଷକ ପ୍ରତିନିଧି ଏବଂ ସମାଜବାଦୀ ମନ୍ତ୍ରୀଙ୍କୁ ଦିଆଯାଉ, ଆମେ ଦାବୀ କରୁ ଯେ, ୨ୟ ନିକୋଲାସ ପିଟରପଲ ଜଙ୍ଗଲକୁ ନିର୍ବାସିତ ହୁଅନ୍ତୁ ।"

ପାଖରେ ଉପଯୁକ୍ତ ଗରମ ପୋଷାକ ଏବଂ ଯୁଦ୍ଧ ସରଞ୍ଜାମ ନଥିଲା । ଅନେକ କୁଶଳୀ କାରିଗରମାନଙ୍କୁ ସୈନ୍ୟବାହିନୀରେ ଯୋଗଦେଇ ଯୁଦ୍ଧ କରିବାକୁ ବାଧ କରାଗଲା । ଫଳରେ ସେମାନେ ମୃତ୍ୟୁବରଣ କଲେ । ସମ୍ଭ୍ରାନ୍ତମାନେ ମଧ୍ୟ ଜାର ଦ୍ୱିତୀୟ ନିକୋଲାସଙ୍କ ଉପରେ ତାଙ୍କର ଏକଛତ୍ରବାଦୀ ଶାସନ ପାଇଁ ଅସନ୍ତୁଷ୍ଟ ହେଲେ । ଦୁର୍ଭିକ୍ଷ ଦେଶର ଅବସ୍ଥାକୁ ଆହୁରି ଅଧିକ ଖରାପ କରିଦେଲା । ଏହା ଫଳରେ ଶ୍ରମିକ ବିଦ୍ରୋହ ଓ ଆନ୍ଦୋଳନ ଦେଖାଦେଲା । ଆନ୍ଦୋଳନରତ ଲୋକମାନେ ନ୍ୟାୟାଳୟ, ଜେଲଖାନା ଓ କାର୍ଯ୍ୟାଳୟମାନ ଆକ୍ରମଣ କଲେ । ଚାରିଆଡ଼େ ଓ ସମାଜର ସବୁ ଶ୍ରେଣୀର ଲୋକମାନଙ୍କ ମଧ୍ୟରେ ଅଶାନ୍ତ ଅବସ୍ଥା ଦେଖାଦେଲା । ସୈନିକମାନଙ୍କ ପାଖରେ ଯଥେଷ୍ଟ ଯୁଦ୍ଧ ସରଞ୍ଜାମ ନଥିଲା, ସହରାଞ୍ଚଳଗୁଡ଼ିକରେ ଖାଦ୍ୟର ଅଭାବ ଦେଖାଦେଲା ଓ କୃଷକମାନେ ସେମାନଙ୍କର ଉତ୍ପାଦିତ ପଦାର୍ଥ ପାଇଁ ଉପଯୁକ୍ତ ମୂଲ୍ୟ ପାଇଲେ ନାହିଁ । ଏହି ସମୟରେ ସରକାର ବହୁ ସଂଖ୍ୟାରେ ରୁବଲ ନୋଟ ଛାପିବା ଫଳରେ ମୁଦ୍ରାସ୍ଫିତି ଦେଖାଦେଲା । ପରିସ୍ଥିତି ଆଉ ଜାରଙ୍କ ନିୟନ୍ତ୍ରଣାଧିନ ରହିଲା ନାହିଁ ।

ଏହି ଅବସ୍ଥା ଆହୁରି ଖରାପ ହୋଇଗଲା ଯେତେବେଳେ ମାର୍କସ ଓଟଲଷ୍ଟୟଙ୍କ ଲେଖାଗୁଡ଼ିକ ଲୋକମାନଙ୍କୁ ବିଶେଷ ପ୍ରଭାବିତ କଲା । ମୁଖ୍ୟତଃ ଶ୍ରମିକମାନଙ୍କୁ ଏବଂ ସେମାନଙ୍କ ମଧ୍ୟରେ ରାଜନୈତିକ ଚେତନା ସୃଷ୍ଟି କଲା । ଏହା ଶ୍ରମିକମାନଙ୍କର ସଭା ବା ସୋଭିଏତ ଗଠନ ପାଇଁ ପ୍ରେରଣା ଯୋଗାଇଲା । ୧୯୧୭ ମସିହା ଫେବୃଆରୀରେ ଜାର ଗାଦିଚ୍ୟୁତ ହେଲେ ଓ ପ୍ରାଦେଶିକ ସରକାର ମେନସେଭିକ୍ ଦଳର ନିୟନ୍ତ୍ରଣରେ ଗଠିତ ହେଲା । କିନ୍ତୁ ସେହି ସରକାର ଲୋକମାନଙ୍କର ଦାବୀକୁ ପୂରଣ କରିବା ପାଇଁ ବିଫଳ ହେଲା । ଅନ୍ୟ ଗୋଟିଏ ଦଳ ଲେନିନ୍‌ଙ୍କ ନେତୃତ୍ୱାଧିନ ବଲସେଭିକ୍ ଦଳ ସୋଭିଏତଗୁଡ଼ିକୁ ସଂଗଠିତ କରି ୧୯୧୭ ଅକ୍ଟୋବର ମାସରେ ସରକାରଙ୍କୁ ଗାଦିଚ୍ୟୁତ କରି ସରକାରର ଦାୟିତ୍ୱ ଗ୍ରହଣ କଲେ । ଏହି ଅକ୍ଟୋବର ବିପ୍ଳବ ଋଷ ବିପ୍ଳବର ସର୍ବଶେଷ ସ୍ତର । ଏହା ଜାର ଶାସନର ପରିସମାପ୍ତି ଘଟାଇଲା ଓ ୟୁ.ଏସ୍.ଏସ୍.ଆର୍ (USSR) ଗଠନ କରାଗଲା ।

ପରବର୍ତ୍ତୀ ଅଧ୍ୟାୟରେ ତୁମେ ଔଦ୍ୟଗିକତା, ସାମ୍ରାଜ୍ୟବାଦ ଓ ବିଶ୍ୱଯୁଦ୍ଧ ସମ୍ପର୍କରେ ଅଧିକ ଅଧ୍ୟୟନ କରିବ । ଶିଳ୍ପ ବିପ୍ଳବ କିପରି ପୃଥିବୀର ରୂପ ବଦଳାଇ ଦେଲା ଓ ଲୋକମାନଙ୍କର ଜୀବନ ଧାରଣ ପଦ୍ଧତିରେ କିପରି ବିରାଟ ପରିବର୍ତ୍ତନ ଆଣିଲା ତାହା ଜାଣିପାରିବା । ପୃଥିବୀର ଔଦ୍ୟଗିକ ବିକାଶ ଘଟି ନଥିବା ଦେଶ ଉପରେ ଏହାର ପ୍ରଭାବ କ'ଣ ଓ ଏହା କିପରି ବିବାଦ ସୃଷ୍ଟି କରିଥିଲା, ଯାହାକି ବର୍ତ୍ତମାନ ମଧ୍ୟ ପୃଥିବୀର କେତେକ ଭୟଙ୍କର ଯୁଦ୍ଧର କାରଣ ବୋଲି ବିବେଚନା କରାଯାଏ, ତାହା ତୁମେ ଅଧ୍ୟୟନ କରିବ ।

## ପାଠଗତ ପ୍ରଶ୍ନାବଳୀ ୩.୩

୧. ଠିକ୍ ଉତ୍ତର ବାଛ ।

(କ) ଆମେରିକା କେତୋଟି ଉପନିବେଶରେ ବିଭକ୍ତ ହୋଇଥିଲା ?

୧. ୧୩ ୨. ୧୪ ୩. ୧୫ ୪. ୧୫

(ଖ) ଫ୍ରାନ୍ସରେ ତୃତୀୟ ଶ୍ରେଣୀ କାହାକୁ ନେଇ ଗଠିତ ହୋଇଥିଲା ।

୧. ସମ୍ଭ୍ରାନ୍ତ ୨. ଧର୍ମଯାଜକ ୩. ସାଧାରଣ ପ୍ରଜା ୪. ରାଜା

(ଗ) ଜର୍ମାନୀ ଏକତ୍ରୀକରଣ କାହାର ନେତୃତ୍ୱରେ ସଫଳତାର ସହ କାର୍ଯ୍ୟକାରୀ ହୋଇଥିଲା ?

୧. କ୍ୟାଭୁର ୨. ମାଜିନି ୩. ବିସମାର୍କ ୪ ଗାରିବାଲଡ଼ି

୨. "୧୬୮୮ର ମହତ୍ୱପୂର୍ଣ୍ଣ ବିପ୍ଳବ ସାରାବିଶ୍ୱ ପାଇଁ ଉତ୍ସାହର ଉତ୍ସ ଥିଲା" ୩୦ଟି ଶବ୍ଦ ମଧ୍ୟରେ ଏହାର ଯୁକ୍ତିଯୁକ୍ତତା ପ୍ରମାଣ କର ।

୩. ଆମେରିକା ସ୍ୱାଧୀନତା ସଂଗ୍ରାମ ଓ ଫରାସୀ ବିପ୍ଳବକ ମଧ୍ୟରେ ଥିବା ଅନ୍ୟୁନ ଦୁଇଟି ସାମଞ୍ଜସ୍ୟ ବର୍ଣ୍ଣନା କର ।

୪. ଋଷ ବିପ୍ଳବ, ସମାଜବାଦୀ ଚିନ୍ତାଧାରା ଦ୍ୱାରା ପ୍ରଭାବିତ ହୋଇଥିଲା । ଚୁମ୍ବକରେ ବର୍ଣ୍ଣନା କର ।

## ତୁମେ କ'ଣ ଶିଖିଲ ?

- ମଧ୍ୟଯୁଗୀୟ ଇଉରୋପର ସାମନ୍ତବାଦୀ ପ୍ରଥାର ପତନ ବିଭିନ୍ନ କାରଣ ଯୋଗୁଁ ହୋଇଥିଲା । ଯଥା – ନୂତନ ସହର ଓ ମହାନଗରର ଉତ୍ପତ୍ତି, ବାଣିଜ୍ୟର ପୁନଃଅଭ୍ୟୁଦୟ, ବ୍ୟବସାୟିକ କୃଷିର ଆରମ୍ଭ, ଉଦୀୟମାନ ବଣିକ ଶ୍ରେଣୀର ଉଚ୍ଚାଭିଳାଷ ।
- ପୂନର୍ଜନ୍ମ ବା ରେନାସାଁ ଯାହା ପ୍ରାୟ ଚତୁର୍ଦ୍ଦଶ ଶତାବ୍ଦୀର ମଧ୍ୟଭାଗରେ ଇଉରୋପରେ ଆରମ୍ଭ ହୋଇଥିଲା, ପ୍ରାଚୀନ ଗ୍ରୀସ ଓ ରୋମର କୃତିତ୍ୱ ଉପରେ ନୂତନ ଆଗ୍ରହ ସଞ୍ଚାର କରିଥିଲା । ଏହା ଲୋକମାନଙ୍କର ଚିନ୍ତା ଓ ଚେତନାରେ ଗଭୀର ପରିବର୍ତ୍ତନ ଆଣିଥିଲା ।
- ମାନବବାଦୀ ଚିନ୍ତାଧାରା ମନୁଷ୍ୟମାନଙ୍କର ସୃଜନଶକ୍ତି ଉପରେ ଗୁରୁତ୍ୱ ଦେଇଥିଲା ଓ ମନୁଷ୍ୟ ମାନବବାଦୀମାନଙ୍କର ଅଧ୍ୟୟନର ମୁଖ୍ୟ ବିଷୟ ପାଟିଗଲା ।
- ସଂସ୍କାର ଆନ୍ଦୋଳନ ଚର୍ଚ୍ଚ ମଧ୍ୟକୁ ପ୍ରବେଶ କରିଥିବା କୁସଂସ୍କାରଗୁଡ଼ିକୁ ପ୍ରଶ୍ନକରିବା ପାଇଁ ଏକ ଉଦ୍ୟମ ଥିଲା । ଏହା ମାର୍ଟିନଲୁଥରଙ୍କ ଦ୍ୱାରା ଜର୍ମାନୀରେ ଆରମ୍ଭ ହୋଇଥିଲା । ଏହା ଖ୍ରୀଷ୍ଟିଆନ ସମାଜକୁ କ୍ୟାଥଲିକ ଓ ପ୍ରୋଟେଷ୍ଟାଣ୍ଟ ଏହିପରି ଦୁଇଭାଗରେ ବିଭକ୍ତ କରିଥିଲା ।
- ପୁନର୍ଜାଗରଣର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ସଫଳତା ଥିଲା ହେତୁବାଦର ବିକାଶ, ବୈଜ୍ଞାନିକ ପ୍ରବୃତ୍ତି ଓ ଆଧୁନିକ ବିଜ୍ଞାନର ଉତ୍ପତ୍ତି । କୁପରନିକସ, ଗାଲିଲିଓ ଓ ନିଉଟନ ସେମାନଙ୍କର ଯୋଗଦାନ ପାଇଁ ଚିରସ୍ମରଣୀୟ ରହିବେ ।
- ପୁନର୍ଜାଗରଣର ଅନୁସନ୍ଧାନ ପ୍ରବୃତ୍ତି ଜଳପଥ ଅନୁସନ୍ଧାନ ଓ ନୂତନ ଦେଶ ଆବିଷ୍କାର କରିବାରେ ସହାୟକ ହୋଇଥିଲା । ଏହି ଜଳଯାତ୍ରାଗୁଡ଼ିକର ପରିଣାମ ବିଶ୍ୱପାଇଁ ସୁଦୂର ପ୍ରସାରୀ ହୋଇପାରିଥିଲା ।
- ପ୍ରାୟ ୧୭୫୦ ଖ୍ରୀଷ୍ଟାବ୍ଦ ବେଳକୁ ଇଂଲଣ୍ଡରେ ଶିଳ୍ପ ବିପ୍ଳବ ଆରମ୍ଭ ହେଲା । ଶିଳ୍ପ ବିପ୍ଳବ ଆଗମନରେ ଉତ୍ପାଦନର ପରିମାଣ ବହୁଗୁଣରେ ବୃଦ୍ଧି ପାଇଲା । ଏହା ଏକ ଶ୍ରମିକଶ୍ରେଣୀ ସୃଷ୍ଟି କରିଥିଲା ଯେଉଁମାନେ କି ପୁଞ୍ଜିପତିମାନଙ୍କ ଦ୍ୱାରା ଅତିଦୟନୀୟ ଭାବରେ ଶୋଷିତ ହେଉଥିଲେ ।
- ୧୭୭୬ ମସିହାରେ ସଂଘଟିତ ହୋଇଥିବା ଆମେରିକା ବିପ୍ଳବ ସମଗ୍ର ବିଶ୍ୱକୁ ଏହାର ସମତା, ମୁକ୍ତି ଓ ଲୋକମାନଙ୍କର ମୌଳିକ ଅଧିକାରର ଚିନ୍ତାଧାରା ଦ୍ୱାରା ଉତ୍ସାହିତ କରିଥିଲା ।
- ଫରାସୀ ବିପ୍ଳବ ମଣ୍ଟେସ୍କୁ, ଭୋଲଟେୟାର, ଋଷୋଙ୍କ ଭଳି ଦାର୍ଶନିକମାନଙ୍କ ଚିନ୍ତାଧାରା ଦ୍ୱାରା ଅନୁପ୍ରାଣିତ ହୋଇଥିଲା । ଆଧୁନିକ ବିଶ୍ୱ ଉପରେ ଏହାର ସ୍ୱାଧୀନତା, ସମାନତା, ଭ୍ରାତୃତ୍ୱ ଚିନ୍ତାଧାରା ଗଭୀର ପ୍ରଭାବ ପକାଇଥିଲା ।

- ଜାତୀୟତା ଭାବର ଜାଗରଣ ଇଟାଲୀ ଏବଂ ଜର୍ମାନୀ ଭଳି ଦେଶମାନଙ୍କରେ ଏକତ୍ରୀକରଣ ଆନ୍ଦୋଳନ ସୃଷ୍ଟି କଲା ।
- ନୂତନ ଔଦ୍ୟୋଗିକ ଶ୍ରେଣୀର ସମସ୍ୟା ଓ ଚିନ୍ତା ସମାଜବାଦ ଚିନ୍ତାଧାରାର ଉତ୍ପତ୍ତି କରିଥିଲା । ଋଷ ବିପ୍ଳବ ଏହିଭଳି ଏକ ଚିନ୍ତା ଓ ଚେତନାର ପରିଣାମ ଥିଲା ଏବଂ ଏହା ପୃଥିବୀର ପ୍ରଥମ ସମାଜବାଦୀ ସରକାର ସ୍ଥାପନ କରାଇଲା ।

## ଅନ୍ତିମ ପ୍ରଶ୍ନାବଳୀ

୧. ସହରମାନଙ୍କର ବିକାଶ ଓ ବାଣିଜ୍ୟ ବ୍ୟବସାୟର ପ୍ରସାର କିପରି ସାମନ୍ତବାଦର ପତନର କାରଣ ହେଲା ?

୨. ତୁମେ କାହିଁକି ଭାବୁଛ ଯେ, ପୁନର୍ଜାଗରଣ ପ୍ରାଚୀନ ପଦ୍ଧତିର ଚିନ୍ତା ଓ ଜୀବନ ପ୍ରଣାଳୀର ଅନ୍ତଃ ଘଟାଇଥିଲା ? ଶହେଟି ଶବ୍ଦ ମଧ୍ୟରେ ଉତ୍ତର ଦିଅ ।

୩. ପୁନର୍ଗଠନ କିପରି ଭାବରେ ଇଂଲଣ୍ଡ ଓ ପୃଥିବୀର ଅବଶିଷ୍ଟ ରାଷ୍ଟ୍ରକୁ ପ୍ରଭାବିତ କରିଥିଲା ?

୪. ନୂତନ ଅଞ୍ଚଳର ଆବିଷ୍କାର କିପରି ଭାବରେ ଆଧୁନିକ ପୃଥିବୀର ଅର୍ଥନୀତି ଓ ସମାଜକୁ ପରିବର୍ତ୍ତନ କରିଥିଲା ?

୫. ଆମେରିକାର ସ୍ୱାଧୀନତା ଘୋଷଣାରେ କେଉଁ ମୁଖ୍ୟ ଚନ୍ତାଧାରାଗୁଡ଼ିକ ରହିଥିଲା, ତାର ଏକ ତାଲିକା କର ।

୬. ଫରାସୀ ବିପ୍ଳବର କେଉଁ ଚିନ୍ତାଧାରା ବିଶ୍ୱସାମାଜିକ ଶ୍ରେଣୀକୁ ପ୍ରଭାବିତ କରିଥିଲା ?

୭. କାରଖାନା ଶ୍ରମିକମାନଙ୍କର ଅବସ୍ଥା ଯାହାକି ଋଷ ବିପ୍ଳବକୁ ପ୍ରଭାବିତ କରିଥିଲା, ତାହା ବର୍ଣ୍ଣନା କର ।

## ପାଠଗତ ପ୍ରଶ୍ନାବଳୀ ଉତ୍ତର

୩.୧ ୧. (କ) ପୁନର୍ଜାଗରଣ ପଣ୍ଡିତଗଣ

(ଖ) ସୋସାଇଟ ଅଫ୍ ଜେମସ

୨. ସାମନ୍ତବାଦ ଏକ ପ୍ରଥା ଯେଉଁଥିରେ ଲୋକମାନଙ୍କୁ ଓ ସେମାନଙ୍କର ପରିଶ୍ରମ ବିନିମୟରେ ମାଲିକମାନଙ୍କ ଦ୍ୱାରା ଜମି ଓ ସୁରକ୍ଷା ଦିଆଯାଇଥାଏ । ଏହାର ଦୁଇଟି ପ୍ରବୃତ୍ତି ହେଉଛି –

(କ) ଶ୍ରମିକମାନେ ତାଙ୍କର ମାଲିକମାନଙ୍କ ପାଇଁ କାର୍ଯ୍ୟକରନ୍ତି ଓ ଲଢ଼େଇ କରନ୍ତି ।

(ଖ) ରାଜା ହେଉଛନ୍ତି ସବୁଠାରୁ ଅଧିକ କ୍ଷମତାଶାଳୀ ।

୩. ମାନବିକତା, ହେତୁବାଦ ଓ ଅନୁସନ୍ଧିତ୍ସା ପ୍ରତି ଆଗ୍ରହ

୪. (କ) ମାର୍ଟିନ ଲୁଥର ଯୁକ୍ତି ହେଉଛି ଯୀଶୁଙ୍କ ଉପରେ ବିଶ୍ୱାସ ଦ୍ୱାରା ମୁକ୍ତି ମିଳିପାରିବ, ଚର୍ଚ୍ଚ ପ୍ରତି ଅନ୍ଧବିଶ୍ୱାସ ଦ୍ୱାରା ନୁହେଁ ।

(ଖ) ବାଇବେଲ ହେଉଛି ଏକମାତ୍ର ଧାର୍ମିକ କ୍ଷମତାର ଉତ୍ସ ।

୩.୨ ୧. (କ) ୨

(ଖ) ୩

୨. (କ) ଅନ୍ଧବିଶ୍ୱାସ ଅପେକ୍ଷା କାରଣ ଉପରେ ଅଧିକ ଗୁରୁତ୍ୱ ପ୍ରଦାନ ।

(ଖ) ବୈଜ୍ଞାନିକ ଅନୁସନ୍ଧିତ୍ସା, ଅନୁସନ୍ଧାନ ଓ ପର୍ଯ୍ୟବେକ୍ଷଣ ଉପରେ ପ୍ରତିଷ୍ଠିତ ।

୩. ଦିଗନିର୍ଣ୍ଣୟ ଯନ୍ତ୍ର, ଗ୍ରହନକ୍ଷତ୍ରମାନଙ୍କର ସ୍ଥାନ ନିରୂପଣ ଯନ୍ତ୍ର, ଖଗୋଳ ବିଜ୍ଞାନ ସମ୍ବନ୍ଧୀୟ ଟେବୁଲ ।

୪. ସମାଜ ଅସମାନ ହୋଇଗଲା ଓ ଦୁଇଟି ଗୋଷ୍ଠୀରେ ବିଭକ୍ତ ହେଲା ଯଥା – ପୁଞ୍ଜିପତି ଓ ଶ୍ରମିକ ।

୩.୩ ୧. (କ) ୧

(ଖ) ୩

(ଗ) ୩

୨. ମହତ୍ତ୍ୱପୂର୍ଣ୍ଣ ବିପ୍ଳବ ପୃଥିବୀରେ ଉତ୍ସାହର ଉତ୍ସ ଭାବରେ ପ୍ରମାଣିତ ହୋଇଥିଲା କାରଣ ବିନା ରକ୍ତପାତରେ ପାର୍ଲାମେଣ୍ଟ ୨ୟ ଜେମସଙ୍କ ଏକଛତ୍ରବାଦୀ ଶାସନର ପରିସମାପ୍ତି ଘଟାଇ ସାମ୍ବିଧାନିକ ସରକାର ପ୍ରତିଷ୍ଠା କରିଥିଲେ ।

୩. (କ) ଉଭୟ ବିପ୍ଳବ ଲୋକମାନଙ୍କର ଅଧିକାରକୁ ସମର୍ଥନ କରିବା ସହ ଶୋଷଣ ବିରୋଧରେ କହୁଥିଲେ ।

(ଖ) ଉଭୟ ଜାତୀୟତାବାଦର ଚେତନା ସାରା ବିଶ୍ୱରେ ଜନପ୍ରିୟ କରାଇଥିଲେ ।

୪. ଫରାସୀ ଓ ରେନାସାଁ ଚିନ୍ତାଧାରା ଯଥା ସମାନତା, ବାକ୍‌ସ୍ୱାଧୀନତା ଓ ଗଣତନ୍ତ୍ର ସହିତ ମାର୍କସଙ୍କ ଲେଖାଗୁଡ଼ିକ ସମାଜବାଦୀ ଚିନ୍ତାଧାରା ଦୃଢ଼ୀଭୂତ କରିବା ପାଇଁ ସାହାଯ୍ୟ କରିଥିଲା । ଉତ୍ପାଦନର ଉପାୟର ମାଲିକାନା ରାଷ୍ଟ୍ର ଅଧିନରେ ରହିବା ଉପରେ ଏହା ମତବ୍ୟକ୍ତ କରୁଥିଲା । ଯାହା ଏକ ସମତୁଲ ସମାଜର ଜନ୍ମଦେଲା । ଏହା ଲୋକମାନଙ୍କୁ ପ୍ରଭାବିତ କରିବା ସହ ଲୋକମାନଙ୍କ ଭିତରେ ରାଜନୈତିକ ଜାଗରଣ ସୃଷ୍ଟି କଲା । ମୁଖ୍ୟତଃ ଶ୍ରମିକମାନଙ୍କ ମଧ୍ୟରେ ଜାଗରଣର ଫଳସ୍ୱରୂପ ଋଷ ବିପ୍ଳବ ସଂଗଠିତ ହେଲା ।